# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୩/୨୦୨୦ (୨୦ ପୃଷ୍ଠା) | Bhubaneswar, Friday, January 3/2020 | ★★★★★★

୪୭ଶ ଭାଗ ୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପୁଣି ବାହାହେବେ କାମ୍ୟା ପଞ୍ଜାବୀ**

ବିବାହ ବିଚ୍ଛେଦର ୧୦ ବର୍ଷ ପରେ ପୁଣି ଜଣଙ୍କ ହାତ ଧରି ବେଦିରେ ବସିବାକୁ ଯାଉଛନ୍ତି ବଲିଉଡ୍ ଅଭିନେତ୍ରୀ କାମ୍ୟା ପଞ୍ଜାବୀ। ଏକ ସାକ୍ଷାତକାରରେ ସେ ଏହା କହିଛନ୍ତି।

୧୪

୧୭

**ସାଇରସ୍ ମିସ୍ତ୍ରିଙ୍କ ସପକ୍ଷରେ ରାୟକୁ ଚ୍ୟାଲେଞ୍ଜ**

ସାଇରସ୍ ମିସ୍ତ୍ରିଙ୍କ ସପକ୍ଷରେ ଏନ୍‌ସିଏଲ୍‌ଏଟି ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଟାଟା ସନ୍ସ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଛି।



# କୃଷି ଉତ୍ପାଦନ ପାଇଁ ଓଡ଼ିଶାକୁ ପ୍ରଶଂସା ପୁରସ୍କାର

**ଭୁବନେଶ୍ୱର,୨।୧(ବ୍ୟୁରୋ)**

କୃଷି କ୍ଷେତ୍ରରେ ଓଡିଶା ପୁଣି ଥରେ ଉତ୍କର୍ଷ ଲାଭ କରିଛି। ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧିକୁ ମିଳିଛି ଜାତୀୟ ସ୍ୱୀକୃତି। ୨୦୧୬-୧୭ ଆର୍ଥିକବର୍ଷରେ ସମୁଦାୟ ଅଧିକ ଶସ୍ୟ ଉତ୍ପାଦନ ପାଇଁ ରାଜ୍ୟକୁ ମିଳିଛି କେନ୍ଦ୍ର ପକ୍ଷରୁ ପ୍ରଶଂସା ପୁରସ୍କାର (କମେନ୍‌ଡେଶନ ଆୱାର୍ଡ)। ଗୁରୁବାର କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁର ତୁମକୁରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପ୍ରଶଂସା ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ଉକ୍ତ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉନ୍ନତମାନର ବିହନ ଉତ୍ପାଦନ କରିବା, ଉନ୍ନତ ବୈଷୟିକ ଜ୍ଞାନ କୌଶଳର ଉପଯୋଗ, ଜଳସେଚନ ସୁବିଧା, କୃଷି ଭିତ୍ତିଭୂମିର ବିକାଶ ଏବଂ ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ବିହନ ଯୋଗାଇବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଅନ୍ୟ ରାଜ୍ୟମାନଙ୍କ ସହ ଓଡ଼ିଶାକୁ ଏହି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ୧ କୋଟି ଟଙ୍କା, ଗୋଟିଏ ଟ୍ରଫି, ଉପଢୌକନ ପ୍ରଦାନ କରାଯାଇଛି। ମନ୍ତ୍ରୀଙ୍କ ସହିତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର ଏହି ଉତ୍ସବରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ ଯେ, ଓଡ଼ିଶା ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆଗରେ ଥିବାରୁ ୪ ଥର କୃଷି କର୍ମଣ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହାକୁ ମିଶାଇ ଓଡ଼ିଶାକୁ ଶସ୍ୟ ଉତ୍ପାଦନ ପାଇଁ ମୋଟ ୫ଥର ଜାତୀୟ ପୁରସ୍କାର ମିଳିଛି। ଶେଷ ଥର ପାଇଁ ୨୦୧୪-୧୫ ଆର୍ଥିକବର୍ଷ ପାଇଁ ୨୦୧୬ରେ ରାଜ୍ୟକୁ କୃଷି କର୍ମଣ ପୁରସ୍କାର ମିଳିଥିଲା। ପ୍ରଶଂସା ପୁରସ୍କାର କୃଷି କର୍ମଣ ପୁରସ୍କାରର ଏକ ଅଂଶବିଶେଷ।

ପୁରସ୍କାର ଗ୍ରହଣ କରିବା ପରେ କୃଷିମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର କୃଷି ଓ କୃଷକର ବିକାଶ ପାଇଁ ନୂଆ କୃଷି ନୀତି ସମୃଦ୍ଧି-୨୦୨୦ କାର୍ଯ୍ୟକାରୀ କରିଛନ୍ତି। ଏଥିରେ କୃଷିର ବିକାଶ ସହ କୃଷକଙ୍କମାନଙ୍କର ଆୟକୁ ବହୁଗୁଣିତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ସର୍ବଦା କୃଷକମାନଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି। ସେଥିପାଇଁ ସ୍ୱତନ୍ତ୍ର କୃଷି ବଜେଟ ସହ କୃଷି କ୍ୟାବିନେଟ ଗଠନ କରାଯାଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଓଡ଼ିଶା ସରକାରଙ୍କ କୃଷି ମନ୍ତ୍ରୀ ଅରୁଣ ସାହୁ ପ୍ରଶଂସା ପୁରସ୍କାର ଗ୍ରହଣ କରୁଛନ୍ତି। ନିକଟରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ଓଡ଼ିଶା କୃଷି ଉତ୍ପାଦନ କମିଶନର୍ ପ୍ରଦୀପ୍ତ ମହାପାତ୍ର ଉପସ୍ଥିତ ଅଛନ୍ତି।

## ଆମେରିକା ସେନାକୁ ଟିକ୍‌ଟକ୍ ଡର




**ୱାଶିଂଟନ,୨।୧(ଆଇଏଏନ୍‌ଏସ୍):** ଆମେରିକା ସୈନ୍ୟମାନେ ଏଣିକି ଟିକ୍‌ଟକ୍ ଆପ୍ ବ୍ୟବହାର କରିପାରିବେ ନାହିଁ। ଚାଇନା ଦ୍ୱାରା ବିକଶିତ ଏହି ଶର୍ଟ ଭିଡିଓ-ମେକିଙ୍ଗ୍ ଆପ୍ ଦ୍ୱାରା ଫୋନ୍‌ର ସୁରକ୍ଷା ବିପଦରେ ପଡୁଥିବା ଦର୍ଶାଇ ଆମେରିକା ସେନା ପକ୍ଷରୁ ଗୁରୁବାର ଏହା ଉପରେ କଟକଣା ଜାରି କରାଯାଇଛି। ଆମେରିକାର ନ୍ୟୁଜ ପୋର୍ଟାଲ ମିଲିଟାରି ଡଟ୍ କମ୍‌ରେ ସେନା ମୁଖପାତ୍ର ଲୁଟ୍‌ନାଣ୍ଟ କଲୋନେଲ ରବିନ ଓଚୋଆ କହିଛନ୍ତି, ଟିକ୍‌ଟକ୍‌କୁ ଏକ ସାଇବର ବିପଦ ବୋଲି ବିବେଚନା କରାଯାଉଛି। ସରକାରୀ ଫୋନ୍‌ଗୁଡ଼ିକରେ ଏହି ଆପ୍‌କୁ ବ୍ୟବହାର ପାଇଁ ଅନୁମତି ଦିଆଯିବ ନାହିଁ। ଏହି ଭିଡିଓ ପ୍ରସ୍ତୁତକାରୀ ଆପ୍ ଆମେରିକାର ଜାତୀୟ ସୁରକ୍ଷା ପାଇଁ ଏକ ☞ପୃଷ୍ଠା-୪

## ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ
## ପ୍ରଦୀପ୍ତଙ୍କୁ ରାଜସ୍ୱ, ନିକୁଞ୍ଜଙ୍କୁ ସ୍ୱାସ୍ଥ୍ୟ

**ଭୁବନେଶ୍ୱର,୨।୧(ବ୍ୟୁରୋ):** ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଅଦଳ ବଦଳ କରିଛନ୍ତି। ଗୁରୁବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବ ଥିବା ନିକୁଞ୍ଜ ବିହାରୀ ଧଳଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ☞ପୃଷ୍ଠା-୪

## ଚକାରେ ପମ୍ପ ଦେବାବେଳେ ଦୁର୍ଘଟଣା
## ଲୁହାପାତ ଛିଟିକି ଶ୍ରମିକ ମୃତ

**ପାରାଦୀପ, ୨।୧ (ସ୍ୱ.ପ୍ର.):** ପାରାଦୀପ ମଡେଲ ଥାନା ଅଧୀନ ବଡ଼ପଡ଼ିଆ ବସ୍‌ଷ୍ଟାଣ୍ଡ ଛକରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଟାୟାର ପଙ୍କଚର ମରାମତି କରୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ନାଟପୁର ଅଞ୍ଚଳର ମୁନା ମୁର୍ମୁ (୨୪)। ସନ୍ଧ୍ୟାରେ ସେ ଏକ ଫୋରକ୍ଲିପ୍ ଲୋଡର୍ ଟାୟାରରେ ପମ୍ପ ଦେଉଥିଲେ। ସେହି ଟାୟାର ଉପର ପାର୍ଶ୍ୱରେ ଥିବା ଏକ ଲୁହାପାତ ହଠାତ୍ ଛିଟିକି ତାଙ୍କ ଛାତିରେ ମାଡ଼ ହେବାରୁ ଘଟଣାସ୍ଥଳରେ ସେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୋର୍ଟ ହସ୍ପିଟାଲକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ସମ୍ପୃକ୍ତ ଟାୟାର ଦୋକାନ ମାଲିକ ପ୍ରଦୀପ ସାହୁ ଗାଁକୁ ଯାଇଥିବା ବେଳେ ଦୋକାନରେ ଦୁଇଜଣ ଶ୍ରମିକ କାମ କରୁଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।


**ଆଜିର ସମ୍ପାଦକୀୟ**

**ଆହ୍ୱାନର ବର୍ଷ**



Taste the difference! Vencobb FRESH CHICKEN

02.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 87 | 141 | 151 |
| DKL | 87 | 141 | 151 |
| BDK | 86 | 140 | 150 |
| BLS | 86 | 140 | 150 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply

Issued in the Interest of Consumers


**ପ୍ରଜ୍ଞାପନ ମେଢ଼କୁ ନେଇ ବିବାଦ**

# ବିରୋଧ କରିବାରୁ ବାଦ୍

**ନୂଆଦିଲ୍ଲୀ,୨।୧ (ପି.ଟି./ ଆଇଏଏନ୍‌ଏସ୍)**

ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ସ୍ଥାନ ପାଇବାକୁ ଥିବା ପ୍ରଜ୍ଞାପନ ମେଢ଼କୁ ନେଇ ବିବାଦ ଉଠିଛି। ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ସରକାର ସେମାନଙ୍କ ପ୍ରସ୍ତାବକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେଇଥିବାରୁ ଆପତ୍ତି ଉଠାଇଛନ୍ତି। ତେବେ ମୋଟ ୫୬ଟି ପ୍ରସ୍ତାବ ଆସିଥିଲା, ଯହିଁରୁ ମାତ୍ର ୨୨ଟି ଗ୍ରହଣୀୟ ବୋଲି ଗୁରୁବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ନୂଆଦିଲ୍ଲୀରେ ଜାତୀୟ ସ୍ତରରେ ସାଧାରଣତନ୍ତ୍ର ଦିବସ ପାଳନ ବେଳେ ସାମିଲ କରାଯିବା ପାଇଁ ୩୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପକ୍ଷରୁ ୫୬ଟି ପ୍ରସ୍ତାବ ଦିଆଯାଇଥିଲା। ସେହିପରି ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକ ୨୪ଟି ପ୍ରସ୍ତାବ ଦେଇଥିଲେ। ସେଥିରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୬ ଏବଂ ମନ୍ତ୍ରଣାଳୟ ତଥା ବିଭାଗଗୁଡ଼ିକର ୬ ପ୍ରଜ୍ଞାପନ ମେଢ଼ ପ୍ରସ୍ତାବକୁ ଗ୍ରହଣ କରାଯାଇଛି। ୫ ଥର ବୈଠକ କରାଯାଇ ଯାଞ୍ଚ କରିବା ପରେ ମୋଟ ୨୨ଟିକୁ ବଛାଯାଇଛି। ପ୍ୟାନେଲ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ଆସୁ ନ ଥିବା ପ୍ରସ୍ତାବଗୁଡ଼ିକୁ ପ୍ରତ୍ୟାଖ୍ୟାନ କରାଯାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀ ସ୍ପଷ୍ଟ କରିଛନ୍ତି। ସ୍ଥାନ ପାଇବାକୁ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ, ଆସାମ, ଛତିଶଗଡ଼, ଗୋଆ, ଗୁଜରାଟ, ହିମାଚଳ ପ୍ରଦେଶ, ଜମ୍ମୁ ଓ କଶ୍ମୀର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମେଘାଳୟ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡ୍ରୁ, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶ। ସେହିପରି ଶିଳ୍ପ, ପାନୀୟ ଜଳ, ଅର୍ଥ, ଏନ୍‌ଡିଆର୍‌ଏଫ୍ ଏବଂ ସିପିଡବ୍ଲ୍ୟୁଡି ଭଳି ମନ୍ତ୍ରଣାଳୟ ଓ ବିଭାଗର ମେଢ଼ ଏଥିରେ ସାମିଲ ହେବ।

ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଏଥିରେ ସ୍ଥାନ ନ ପାଇବା ପରେ ତୃଣମୂଳ କଂଗ୍ରେସ, ଏନ୍‌ସିପି ଏବଂ ଶିବସେନା କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଭାଜପା ଶାସିତ କେନ୍ଦ୍ର ସରକାର ଭେଦଭାବ କରି ଦୁଇ ରାଜ୍ୟର ଲୋକଙ୍କୁ ଅପମାନିତ କରିଛନ୍ତି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି। କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ପଶ୍ଚିମବଙ୍ଗବାସୀ ବିକ୍ଷୋଭ କରୁଥିବାରୁ ମୋଦି ସରକାର ପ୍ରତିଶୋଧପରାୟଣ ହୋଇ ଆମ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ତାପସ ରାୟ ଅଭିଯୋଗ ଆଣିଛନ୍ତି। ସେହିପରି ଏନ୍‌ସିପି ନେତା ସୁପ୍ରିୟା ସୁଲେ ମଧ୍ୟ କେନ୍ଦ୍ର ବିରୋଧରେ ଭେଦଭାବ ଅଭିଯୋଗ ଆଣିଛନ୍ତି। ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦୁଇରାଜ୍ୟର ପ୍ରଜ୍ଞାପନ ମେଢ଼କୁ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସାମିଲ କରା ନ ଯିବା ଏକ ଅପମାନ ବୋଲି ସେ କହିଛନ୍ତି। ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ ମଧ୍ୟ ଏହା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଥିବା ଆଶଙ୍କା ବ୍ୟକ୍ତ କରିଛନ୍ତି।

- ପରେଡ୍‌ରେ ସ୍ଥାନ ପାଇବ ନାହିଁ ପଶ୍ଚିମବଙ୍ଗ, ମହାରାଷ୍ଟ୍ରର ମେଢ଼
- ଭେଦଭାବ ଅଭିଯୋଗ ଆଣିଲେ ଟିଏମ୍‌ସି, ଶିବସେନା, ଏନ୍‌ସିପି
- ସାଧାରଣତନ୍ତ୍ର ଦିବସ ପାଇଁ ୫୬ରୁ ଗ୍ରହଣ ହୋଇଛି ୨୨ ପ୍ରସ୍ତାବ: କେନ୍ଦ୍ର




## ହକି ତାରକା ସୁନୀତାଙ୍କ ଅବସର

**ଭୁବନେଶ୍ୱର, ୨।୧(କ୍ରୀଡ଼ା ପ୍ରତିନିଧି)**

ବର୍ଷ ଆରମ୍ଭରୁ ଓଡ଼ିଶା ହକି ପାଇଁ ଆସିଛି ଏକ ଖରାପ ଖବର। ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ଓଡ଼ିଶାର ସୁନୀତା ଲାକ୍ରା ଗୁରୁବାର ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି। ଆଣ୍ଠୁରେ ଆଘାତ ଜନିତ ସମସ୍ୟା ଯୋଗୁ ସେ କ୍ୟାରିୟର ଅଧାରୁ ଅବସର ନେବାକୁ ବାଧ୍ୟ ହେଉଛନ୍ତି ବୋଲି ଭାବବିହ୍ୱଳ କଣ୍ଠରେ ପ୍ରକାଶ କରିଛନ୍ତି। ଆଣ୍ଠୁରେ ଅସ୍ତ୍ରୋପଚାର ଯୋଗୁ ସୁନୀତା ଦୀର୍ଘଦିନଧରି ହକିରୁ ଦୂରେଇ ରହିଥିଲେ। ଏବେ ଆଉ ଏକ ଅସ୍ତ୍ରୋପଚାରର ଆବଶ୍ୟକ ଥିବା ଡାକ୍ତରଙ୍କଠାରୁ ଜାଣିବା ପରେ ଅନ୍ତର୍ଜାତୀୟ ହକିରୁ ଅବସର ନେବାକୁ ନିଷ୍ପତ୍ତି ନେଲେ ବୋଲି କହିଛନ୍ତି ଏହି ଓଡ଼ିଆ ଡିଫେଣ୍ଡର। ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା ସୁନୀତା ୨୦୧୮ ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ☞ପୃଷ୍ଠା-୪




## ଭଲ ତରକାରି ନ ହେବାରୁ ନାବାଳିକାଙ୍କ ଆତ୍ମହତ୍ୟା

**ପାଟଣା,୨।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ସରାସ କୋଲା ପଞ୍ଚାୟତ ଖମୁଆଁ ଗ୍ରାମ ମଝିସାହିରେ ନୂଆବର୍ଷ (ବୁଧବାର) ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ରାତିରେ ଭଲ ତରକାରି ହୋଇ ନ ଥିବାରୁ ଜଣେ ନାବାଳିକା ମାତ୍ରାଧିକ ବଟିକା ଖାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପର୍ଶୁରାମ ନାଏକଙ୍କ ଝିଅ ରୁବି (୧୭)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ମିଳିଥିବା ସୂଚନା ଅନୁଯାୟୀ ନୂଆବର୍ଷରେ ସମସ୍ତଙ୍କ ଘରେ ବିଭିନ୍ନ ପ୍ରକାର ରୁଚିକର ଖାଦ୍ୟ ସହ ଭୋଜିଭାତର ଆସର ଜମିଥିଲା। ହେଲେ ରୁବିଙ୍କ ଘରେ ଭଲ ତରକାରି ହୋଇ ନ ଥିଲା। ଏହାକୁ ନେଇ ରୁବି ଅସନ୍ତୋଷ ପ୍ରକାଶ କରିବା ସହ ମା'ଙ୍କ ସହ ଝଗଡ଼ା କରିଥିଲେ। ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ବାପାଙ୍କ ରକ୍ତଚାପ ବଟିକାକୁ ଅଧିକ ଖାଇଦେଇଥିଲେ। ପରେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ଚିକିତ୍ସା କରିଥିବା ଡାକ୍ତର ଅର୍ଜୁନ ପଣ୍ଡା କହିଛନ୍ତି, ମାତ୍ରାଧିକ ବ୍ଲଡ୍‌ପ୍ରେସର ମେଡିସିନ ଖାଇ ଦେଇଥିବାରୁ ଏପରି ଘଟଣା ଘଟିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୦) ରୁଜୁ ହୋଇଛି।

## ଟ୍ରେନ୍ ଯାତ୍ରୀଙ୍କ ପାଇଁ ଗୋଟିଏ ହେଲ୍ପଲାଇନ ନମ୍ବର-୧୩୯

**ନୂଆଦିଲ୍ଲୀ,୨।୧(ଆଇଏଏନ୍‌ଏସ୍)**

ଭାରତୀୟ ରେଳପଥ ଏହାର ଯାତ୍ରୀମାନଙ୍କ ସୁବିଧା ପାଇଁ ଗୋଟିଏ ହେଲ୍ପଲାଇନ ନମ୍ବର ଆରମ୍ଭ କରିଛି। ଏହି ନମ୍ବରକୁ ଫୋନ୍ କରି ସେମାନେ ବିଭିନ୍ନ ଅଭିଯୋଗ କରିବା ସହ ସୁବିଧା ସମ୍ପର୍କରେ ଦାବି କରିପାରିବେ। ଏଣିକି ଯାତ୍ରୀମାନେ କେବଳ ୧୩୯ ନମ୍ବରକୁ କଲ୍ କରି ରେଲୱେ ସମ୍ପର୍କିତ ସବୁ ପ୍ରଶ୍ନର ଉତ୍ତର ପାଇପାରିବେ। ୧୮୨କୁ ବାଦ୍ ଦେଲେ ଅନ୍ୟ ସମସ୍ତ ହେଲ୍ପଲାଇନ ନମ୍ବରକୁ ଏକାଠି କରି ଗୋଟିଏ ନମ୍ବର ୧୩୯ ରଖାଯାଇଛି। ଚୋରି ଓ ଅନ୍ୟାନ୍ୟ ଅପରାଧ ଘଟଣାରେ ସହାୟତା ପାଇଁ ହେଲ୍ପଲାଇନ ନମ୍ବର ୧୮୨ ରଖାଯାଇଛି। ୧୨ଟି ଭାଷାରେ ଉପଲବ୍ଧ ହେବ ଇଣ୍ଟରାକ୍ଟିଭ୍ ଭଏସ ରେସ୍ପନ୍ସ ସିଷ୍ଟମ (ଆଇଭିଆର୍‌ଏସ୍) ଆଧାରିତ ହେଲ୍ପଲାଇନ ୧୩୯। ଏହି ନମ୍ବରକୁ ଡାଏଲ କରିବା ପରେ ସୁରକ୍ଷା ଓ ଚିକିତ୍ସା ସହାୟତା ପାଇଁ ୧ ଟିପିବାକୁ ହେବ। ସେହିପରି ଅନୁସନ୍ଧାନ ପାଇଁ ୨ ଟିପି ପିଏନ୍‌ଆର୍ ସ୍ଥିତି, ଟ୍ରେନ୍ ପହଞ୍ଚିବା ଓ ଛାଡ଼ିବା ସମୟ, ଟିକେଟ ବୁକିଂ, ଯାତ୍ରୀଭଡ଼ା, ସିଷ୍ଟମ ଟିକେଟ ବାତିଲ ଆଦି ସମ୍ପର୍କରେ ଜାଣିପାରିବେ। ଏଥିସହିତ ଆଲାମ୍ ସୁବିଧା, ହୁଇଲ୍‌ଚେୟାର ବୁକିଂ, ମିଲ୍ ବୁକିଂ ଆଦି କରିପାରିବେ। କ୍ୟାଟରିଂକୁ ନେଇ ଅଭିଯୋଗ କରିବାକୁ ଥିଲେ ୩ ଦବାଇବାକୁ ହେବ। ସାଧାରଣ ଅଭିଯୋଗ ପାଇଁ ୪ ଏବଂ ଭିଜିଲାନ୍ସ ସମ୍ପର୍କିତ ଅଭିଯୋଗ ପାଇଁ ୫, ଦୁର୍ଘଟଣା ସମ୍ପର୍କିତ ତଥ୍ୟ ପାଇବା ପାଇଁ ୬ ଏବଂ ଅଭିଯୋଗର ସ୍ଥିତି ସମ୍ପର୍କରେ ଜାଣିବା ନିମନ୍ତେ ବଟନ ୯ ଚାପିବାକୁ ହେବ।

# ସାଇକେଲରେ ବୁଲି ଦେଖିହେବ ବନ୍ୟଜନ୍ତୁ

**ଦୀନେଶ ଦେହୁରୀ**
**ବନ୍ତଳା,୨।୧**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଶୋଭା ବୃଦ୍ଧି କରାଯିବ। ପ୍ରତିବର୍ଷ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ ବିଭାଗ ପକ୍ଷରୁ ୫ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏ ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ଅଭୟାରଣ୍ୟର କେତେକ ସ୍ଥାନରେ ଏଥିପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ଏହା ସମ୍ପୂର୍ଣ୍ଣ ହେଲେ ଏଠାକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ବହୁ ଅଧିକ ସୁବିଧା ମିଳିପାରିବ। ଏପରି କି ସାତକୋଶିଆର ଶୋଭା ଯେପରି ସେମାନଙ୍କ ମନକୁ ମୁଗ୍ଧ କରିଦେବ ସେଥିପାଇଁ କିଛି ନିର୍ଦ୍ଦିଷ୍ଟ ଯୋଜନା ଉପରେ ଗୁରୁତ୍ୱ ଦେଇଛି ବନ ବିଭାଗ। ବିଶେଷକରି ପର୍ଯ୍ୟଟକମାନେ ଯେପରି ମହାନଦୀ ଗଣ୍ଡରେ ବୁଲି ମଗର, ଘଡ଼ିଆଳ ଓ ନାନା ପ୍ରଜାତିର ପଶୁପକ୍ଷୀ ଦେଖି ଖୁସି ହେବେ ସେଥିପାଇଁ ୬ଟି ନୂଆ ବୋଟ୍ ସହ ଗୋଟିଏ ଫ୍ଲୋଟିଂ ଜେଟି ଅଣାଯିବ। ଏଥିସହ ନେଚର କ୍ୟାମ୍ପରେ ରହୁଥିବା ପର୍ଯ୍ୟଟକଙ୍କୁ ଜଙ୍ଗଲରେ ବୁଲି ବନ୍ୟଜନ୍ତୁ ଦେଖିବାକୁ ସାଇକେଲ ଯୋଗାଇ ଦିଆଯିବ। ପିଲାଙ୍କ ପାଇଁ ପାର୍କ ଓ ନାନା ପ୍ରକାରର ଦୋଳି ବ୍ୟବସ୍ଥା କରାଯାଉଥିବା ବେଳେ ସମସ୍ତେ ଯେପରି ୩-ଡିର ମଜା ନେଇପାରିବେ ସେଥିପାଇଁ ଏକ ହଲ୍ ନିର୍ମାଣ କରାଯିବାର ଯୋଜନା ଥିବା ଡିଏଫ୍‌ଓ ରାମାସ୍ୱାମୀ ପି. ସୂଚନା ଦେଇଛନ୍ତି।



କଇଁଛଙ୍କ ପାଇଁ ନିର୍ମାଣ ହୋଇଥିବା ନୂଆ ଏନ୍‌କ୍ଲୋଜର।

ଡିଏଫ୍‌ଓ ରାମାସ୍ୱାମୀ ପି. କହିଛନ୍ତି, କେନ୍ଦ୍ରୀୟ ଅନୁଦାନ, କାମ୍ପା ଅନୁଦାନ ଓ ଇକୋଟ୍ୟୁରିଜମ ଡେଭଲପମେଣ୍ଟ ପାଣ୍ଠିରୁ ୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ସାତକୋଶିଆ ଅଭୟାରଣ୍ୟରେ ପର୍ଯ୍ୟଟନର ବିକାଶ କରାଯିବ। ମହାନଦୀ ଗଣ୍ଡରେ ଥିବା ଘଡ଼ିଆଳ ଓ ମଗର କୁମ୍ଭୀର ଦେଖିବାକୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ଆଗାମୀ ଦିନରେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ କିପରି ମହାନଦୀରେ ବୁଲି ସାତକୋଶିଆର ଶୋଭାକୁ ଅଧିକ ଉପଭୋଗ କରିପାରିବେ ସେଥିପାଇଁ ବନ ବିଭାଗ ପୂର୍ବରୁ ୫ଟି ବୋଟ୍ ଆଣିଥିବା ବେଳେ ଏବେ ୯୫.୫୦ ଲକ୍ଷ ଟଙ୍କା ବ୍ୟୟରେ ଆଉ ୬ଟି ବୋଟ୍ ଓ ଗୋଟିଏ ଫ୍ଲୋଟିଂ ଜେଟି ଆଣିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ଟେଣ୍ଡର ☞ପୃଷ୍ଠା-୪

**ସାତକୋଶିଆର ଶୋଭା ବଢ଼ିବ**

- ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ୫ କୋଟିର ଯୋଜନା
- ୯୫ ଲକ୍ଷ ଟଙ୍କାରେ ଆସିବ ୬ ବୋଟ୍, ଜେଟି
- ପିଲାଙ୍କ ପାଇଁ ଲାଗୁଛି ଭଳିକି ଭଳି ଦୋଳି
- ବଙ୍ଗଳାରେ ନିର୍ମାଣ ହେବ ୩ଡି ହଲ୍

**ଅଯୋଧ୍ୟା ପାଇଁ ସ୍ୱତନ୍ତ୍ର ଡେସ୍କ**

ଅଯୋଧ୍ୟା ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ସମ୍ପର୍କିତ ସମସ୍ତ ବିଷୟର ବୁଝାସୁଝା ପାଇଁ ସରକାର ଜଣେ ଅତିରିକ୍ତ ସଚିବ ଜିନେଶ କୁମାରଙ୍କ ଅଧକ୍ଷତାରେ ଏକ ସମର୍ପିତ ଡେସ୍କ ଗଠନ କରିଛନ୍ତି। ନଭେମ୍ବର ୯ରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ ଅଯୋଧ୍ୟାର ବିବାଦୀୟ ସ୍ଥଳୀରେ ରାମମନ୍ଦିର ନିର୍ମାଣ ପାଇଁ ଅନୁମତି ଦେଇଥିଲେ। ମନ୍ଦିର ନିର୍ମାଣ ଲାଗି ଏକ ଟ୍ରଷ୍ଟ ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

# ଶିଶୁ ମଡ଼କ: ତେଜିଲା ରାଜନୀତି

ଜୟପୁର/ନୂଆଦିଲ୍ଲୀ,୨।୧

ରାଜସ୍ଥାନର କୋଟା ହସ୍ପିଟାଲରେ ଶିଶୁ ମଡ଼କକୁ ନେଇ ରାଜନୀତି ତେଜିବାରେ ଲାଗିଛି। ଏହି ପ୍ରସଙ୍ଗରେ ରାଜ୍ୟରେ କ୍ଷମତାସୀନ ଗେହଲଟ ସରକାରଙ୍କୁ ଭାଜପା ଏବଂ ବିଏସ୍‌ପି ଟାର୍ଗେଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଶିଶୁ ମୃତ୍ୟୁକୁ ନେଇ ରାଜନୀତି ନ କରିବାକୁ ଅନୁରୋଧ କରିଛନ୍ତି। ସ୍ଥିତି ଅନୁଧ୍ୟାନ କରି ଡାକ୍ତରୀ ସୁବିଧା ଉପଲବ୍ଧ କରାଇବା ପାଇଁ ଶୁକ୍ରବାର ଏକ କେନ୍ଦ୍ରୀୟ ଟିମ୍ କୋଟା ହସ୍ପିଟାଲ ଯିବ ବୋଲି ଜଣାପଡ଼ିଛି।



ଅଶୋକ ଗେହଲଟ



ଡକ୍ଟର ହର୍ଷବର୍ଦ୍ଧନ

କୋଟା ହସ୍ପିଟାଲରେ ଶତାଧିକ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ସମାଲୋଚିତ ହୋଇଥିବା ମୁଖ୍ୟମନ୍ତ୍ରୀ ଗେହଲଟ ଗୁରୁବାର କହିଛନ୍ତି, ସରକାର ଏହି ପ୍ରସଙ୍ଗକୁ ନେଇ ସମ୍ବେଦନଶୀଳ। ତେଣୁ ଏହାକୁ ନେଇ ରାଜନୀତି କରା ନ ଯାଉ। ଏହା ପୂର୍ବରୁ ବିଏସ୍‌ପି ସୁପ୍ରିମୋ ମାୟାବତୀ ଶିଶୁ ମୃତ୍ୟୁ ଉପରେ କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଗେହଲଟ ସରକାରଙ୍କ ଅବହେଳା ଯୋଗୁ ନିଜ ପିଲାଙ୍କୁ ହରାଇଥିବା ମା'ମାନଙ୍କୁ ପ୍ରିୟଙ୍କା ଭେଟିବା ଉଚିତ ବୋଲି ମାୟାବତୀ କହିଥିଲେ। ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ପ୍ରସଙ୍ଗରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ସାଧାରଣ ସମ୍ପାଦକ ପ୍ରିୟଙ୍କାଙ୍କୁ ସମାଲୋଚନା କରିଥିଲେ। ଉଭୟେ ମହିଳା ହୋଇ ମଧ୍ୟ ପିଲାଙ୍କୁ ହରାଇଥିବା ମା'ମାନଙ୍କ ବେଦନା ବୁଝିପାରିଲେ ନାହିଁ ବୋଲି ଯୋଗୀ କହିଥିଲେ। ସୋନିଆ ରାଜସ୍ଥାନ କଂଗ୍ରେସ ପ୍ରଭାରୀ ଅବିନାଶ ପାଣ୍ଡେଙ୍କୁ ସମନ କରିବା ସହ ମୁଖ୍ୟମନ୍ତ୍ରୀ ଗେହଲଟଙ୍କଠାରୁ ଶିଶୁ ମୃତ୍ୟୁ ନେଇ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଅବିନାଶ ଗୁରୁବାର ସୋନିଆଙ୍କୁ ନୂଆଦିଲ୍ଲୀରେ ଭେଟି କୋଟା ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ପିଲାମାନେ ମରୁଥିବାବେଳେ ଏହାକୁ ରୋକିବା ପାଇଁ ପଦକ୍ଷେପ କାହିଁକି ନିଆଗଲା ନାହିଁ ବୋଲି କ୍ଷୁବ୍ଧ ସୋନିଆ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ରାଜସ୍ଥାନ ସରକାରଙ୍କୁ ଏକ ପତ୍ର ଲେଖି ଏହି ବିଷୟ ଉପରେ ଦୃଷ୍ଟିଦେବାକୁ ପରାମର୍ଶ ଦେଇଛନ୍ତି। ଏହାସହ କେନ୍ଦ୍ର ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଗେହଲଟ ହର୍ଷବର୍ଦ୍ଧନଙ୍କୁ ଫୋନ୍ କରି ହସ୍ପିଟାଲ ପରିଦର୍ଶନ ପାଇଁ ଡାକିଛନ୍ତି। ଏହି ସରକାରୀ ହସ୍ପିଟାଲରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିପରି ଉନ୍ନତ ଚିକିତ୍ସା ଯୋଗାଇଦିଆଯାଉଛି ତାହା ହର୍ଷବର୍ଦ୍ଧନ ନିଜେ ଆସି ଦେଖନ୍ତୁ ବୋଲି ସେ ଟୁଇଟ୍ କରିଛନ୍ତି। ଇତିମଧ୍ୟରେ ରାଜସ୍ଥାନ ସ୍ୱାସ୍ଥ୍ୟମନ୍ତ୍ରୀ ରଘୁ ଶର୍ମା ପୂର୍ବ ଭାଜପା ସରକାରକୁ ସମାଲୋଚନା କରିଛନ୍ତି। ଭାଜପା କ୍ଷମତାରେ ଥିବାବେଳେ ହସ୍ପିଟାଲଗୁଡ଼ିକରେ ଉପଯୁକ୍ତ ସୁବିଧା କରି ନ ଥିବାରୁ ଏପରି ହେଉଛି ବୋଲି ସେ କହିଛନ୍ତି।

- ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ହର୍ଷବର୍ଦ୍ଧନ
- ଆଜି ହସ୍ପିଟାଲ ପରିଦର୍ଶନ କରିବ କେନ୍ଦ୍ରୀୟ ଟିମ୍
- ଆଗରୁ କାହିଁକି ବ୍ୟବସ୍ଥା କଲନାହିଁ: ସୋନିଆ
- ଗେହଲଟଙ୍କୁ ଯୋଗୀ, ମାୟାବତୀଙ୍କ ଟାର୍ଗେଟ



## କୋଟା ହସ୍ପିଟାଲରେ ଶିଶୁମୃତ୍ୟୁ ସଂଖ୍ୟା ୧୦୨

ଜୟପୁର/ନୂଆଦିଲ୍ଲୀ,୨।୧(ଆଇଏଏନ୍ଏସ୍)

ରାଜସ୍ଥାନର କୋଟା ଜିଲାସ୍ଥିତ ଜେକେ ଲୋନ୍ ହସ୍ପିଟାଲରେ ନୂଆବର୍ଷରେ ୨ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଛି। ଡିସେମ୍ବର ୩୦ ଓ ୩୧ରେ ୮ ଚିକିତ୍ସାଧୀନ ଶିଶୁ ଆଖି ବୁଜି ଦେଇଥିବାବେଳେ ବୁଧବାରରୁ ଗୁରୁବାର ମଧ୍ୟରେ ଏହି ଧାରା ଜାରି ରହିଛି। ଏହାସହ ଉକ୍ତ ହସ୍ପିଟାଲରେ ଶିଶୁ ମୃତ୍ୟୁ ସଂଖ୍ୟା ୧୦୨ ଛୁଇଁଛି। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସୁରେଶ ଦୁଲାରା ଏହି ବିଷୟ ସ୍ୱୀକାର କରିଛନ୍ତି। ଏହି ଶିଶୁମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିଲା ଓ ସେମାନଙ୍କୁ ଇଣ୍ଟେନ୍‌ସିଭ କେୟାର ୟୁନିଟ (ଆଇସିୟୁ)ରେ ଭର୍ତ୍ତି କରାଯାଇଥିଲା ବୋଲି ଦୁଲାରା କହିଛନ୍ତି।

୨୦୧୯ରେ ଜେକେ ଲୋନ୍ ହସ୍ପିଟାଲରେ ୯୬୩ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ବିବାଦ ଲାଗିରହିବା ପରେ ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା। ହସ୍ପିଟାଲରେ ଅକ୍ସିଜେନ ପାଇପ୍‌ଲାଇନର ଅଭାବ ଏବଂ ଅତି ଶୀତ ଯୋଗୁ ଏତେସଂଖ୍ୟକ ମୃତ୍ୟୁ ଘଟିଥିବା ଉକ୍ତ କମିଟି ତା' ରିପୋର୍ଟରେ ଦର୍ଶାଇଥିଲା। ଇତିମଧ୍ୟରେ ଜେକେ ଲୋନ୍‌ର ଶିଶୁ ରୋଗ ବିଭାଗ ମୁଖ୍ୟ ଅମୃତଲାଲ ବୈରଓ୍ୱା କହିଛନ୍ତି, ଗତବର୍ଷର ଶେଷ ଦୁଇଦିନରେ ପ୍ରାଣ ହରାଇଥିବା ୮ ଶିଶୁ ପ୍ରିମେଚର ଡେଲିଭରିରେ ଜନ୍ମ ହୋଇଥିଲେ। ଡାକ୍ତରଙ୍କ ଭୁଲ ଯୋଗୁ ଏମାନଙ୍କ ମୃତ୍ୟୁ ଘଟିନାହିଁ। ନବଜାତକଙ୍କ ଓଜନ କମ୍ ଥିଲା ଏବଂ ସେମାନଙ୍କ ସମ୍ପର୍କୀୟମାନେ ପ୍ରସବ ସମୟରେ ପରାମର୍ଶ ମାନି ନ ଥିଲେ। ଏଥିଯୋଗୁ ପ୍ରସୂତି ମା'ମାନେ ଅତି ଗମ୍ଭୀର ସ୍ଥିତିରେ ହସ୍ପିଟାଲକୁ ଆସିଥିଲେ। ତେବେ ଅନ୍ୟ ସରକାରୀ ହସ୍ପିଟାଲଗୁଡ଼ିକ ତୁଳନାରେ ଏଠାରେ ଶିଶୁମୃତ୍ୟୁ ହାର ବହୁତ କମ୍ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କେବଳ ଜେକେ ହସ୍ପିଟାଲ ନୁହେଁ, ବରଂ ରାଜସ୍ଥାନର ଅନ୍ୟ କେତେକ ଚିକିତ୍ସାଳୟରେ ମଧ୍ୟ ଅନୁରୂପ ଅବହେଳା ସାମ୍ନାକୁ ଆସିବାରେ ଲାଗିଛି। ଅଲଓ୍ୱରସ୍ଥିତ ସରକାରୀ ଡାକ୍ତରଖାନାରେ ବୁଧବାର ଶର୍ଟସର୍କିଟ ଯୋଗୁ ପୋଡ଼ିହୋଇ ଯାଇଥିବା ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିବା ପରେ ରାଜସ୍ଥାନ ସ୍ୱାସ୍ଥ୍ୟମନ୍ତ୍ରୀ ରଘୁ ଶର୍ମା ଦାୟିତ୍ୱରେ ଥିବା ଦୁଇ ଡାକ୍ତର ଓ ୩ ନର୍ସଙ୍କୁ ନିଲମ୍ବନ କରିବା ସହ ଦୁଇଜଣ ଠିକା କର୍ମଚାରୀଙ୍କୁ ବହିଷ୍କାର କରିଛନ୍ତି। ଅଲଓ୍ୱରର ସରକାରୀ ଗୀତାନନ୍ଦ ଶିଶୁ ଡାକ୍ତରଖାନାରେ ଶ୍ୱାସଜନିତ ସମସ୍ୟା ଯୋଗୁ ଭର୍ତ୍ତି ହୋଇଥିବା ଝିଅ ଶରୀରର ୭୦% ପୋଡ଼ି ହୋଇଯିବା ପରେ ତାକୁ ଜେକେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସବୁ ଘଟଣାକୁ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ଜେକେ ହସ୍ପିଟାଲ ଆଇସିୟୁରେ ଚିକିତ୍ସାଧୀନ ଜଣେ ଶିଶୁ।

## ■ ତାଇଓ୍ୱାନ୍‌ରେ ହେଲିକପ୍ଟର ଦୁର୍ଘଟଣା
# ସେନାଧ୍ୟକ୍ଷଙ୍କ ସମେତ ୮ ମୃତ



ତାଇପେଇ,୨।୧

ତାଇଓ୍ୱାନର ତାଇପେଇଠାରେ ଏକ ସେନା ହେଲିକପ୍ଟର ପାହାଡରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ସେନାଧ୍ୟକ୍ଷ ଶେନ୍ ୟି-ମିଙ୍ଗଙ୍କ ସମେତ ୮ ସୈନ୍ୟ ପ୍ରାଣ ହରାଇଛନ୍ତି। ସେନାଧ୍ୟକ୍ଷଙ୍କ ବ୍ୟତୀତ ପ୍ରାଣ ହରାଇଥିବା ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ୩ ମେଜର୍ ଜେନେରାଲ। ବ୍ଲାକ୍ ହକ୍ ହେଲିକପ୍ଟର ଦ୍ୱାରା ଏମାନେ ଉତ୍ତର-ପୂର୍ବ ୟିଲାନ୍ କାଉଣ୍ଟି ଅଭିମୁଖେ ଯାତ୍ରା କରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ତେବେ ୫ ସେନାଧିକାରୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି।

ଦେଶରେ ନୂଆ ରାଷ୍ଟ୍ରପତି ନିର୍ବାଚନ ଲାଗି ପ୍ରସ୍ତୁତି ଜୋର୍ ଧରିଥିବାବେଳେ ଦିନକ ପୂର୍ବରୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ସମସ୍ତଙ୍କୁ ଆଚମ୍ବିତ କରିପକାଇଛି। ଏହାକୁ ନେଇ ଦେଶବାପୀ ଶୋକର ଛାୟା ଖେଳିଯାଇଛି। ସରକାରଙ୍କ ପକ୍ଷରୁ ସମସ୍ତ ସେନା ଶାଖାରେ ଜାତୀୟ ପତାକାକୁ ୩ ଦିନ ପର୍ଯ୍ୟନ୍ତ ଅର୍ଦ୍ଧନମିତ ରଖିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଗାମୀ ୩ ଦିନ ଲାଗି ପ୍ରଚାର କାର୍ଯ୍ୟ ବନ୍ଦରଖାଯିବ ବୋଲି ରାଷ୍ଟ୍ରପତି ସାଇ ଇଙ୍ଗ୍-ଓ୍ୱେନ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ଅନୁରୂପ ଭାବେ ଶାସକ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି ମଧ୍ୟ ୩ ଦିନ ପ୍ରଚାର କାର୍ଯ୍ୟ ବନ୍ଦରଖିବାକୁ ନିଷ୍ପତ୍ତି ନେଇଛି। ସାଇ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ଲାଗି ଅଣ୍ଟା ଭିଡ଼ିଛନ୍ତି।

# ଡି.ପି. ତ୍ରିପାଠୀଙ୍କ ପରଲୋକ

**ନୂଆଦିଲ୍ଲୀ,୨।୧:** ଦୀର୍ଘଦିନର ଅସୁସ୍ଥତା ପରେ ବରିଷ୍ଠ ଏନ୍‌ସିପି ନେତା ଦେବୀପ୍ରସାଦ ତ୍ରିପାଠୀ(୬୭)ଙ୍କ ଗୁରୁବାର ନୂଆଦିଲ୍ଲୀରେ ପରଲୋକ ହୋଇଯାଇଛି। ସେ କର୍କଟରୋଗରେ ପୀଡ଼ିତ ଥିଲେ। ପୂର୍ବତନ ଛାତ୍ରନେତା ଓ ଏନ୍‌ସିପିର ସାଧାରଣ ସମ୍ପାଦକ ଥିବା ତ୍ରିପାଠୀଙ୍କ ଦେହାନ୍ତ ପରେ ବିଭିନ୍ନ ରାଜନୈତିକ ଦଳ। ନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ଶୋକବ୍ୟକ୍ତ କରିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ରାଷ୍ଟ୍ରୀୟ ଲୋକ ଦଳ ନେତା ଜୟନ୍ତ ଚୌଧୁରୀ, କଂଗ୍ରେସ ନେତା ମନୀଷ୍ ତିଓ୍ୱାରୀ ଦେବୀପ୍ରସାଦଙ୍କୁ ଜଣେ ଭଲ ଦାର୍ଶନିକ ଓ ଗାଇଡ୍ ଭାବେ ବର୍ଣ୍ଣନା କରି ତାଙ୍କ ସ୍ମୃତି ଅତୁଟ ରହିବ ବୋଲି ପ୍ରକାଶ କରିଛନ୍ତି।



ଦଳକୁ ଦିଗ୍‌ଦର୍ଶନ ଦେବା ଓ ସଙ୍ଗଠନ ମଜ୍‌ଭୁତ କରିବାରେ ସେ ସିଦ୍ଧହସ୍ତ ଥିଲେ। ଛାତ୍ର ଜୀବନରେ ସେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ସଭାପତି ଭାବେ କାର୍ଯ୍ୟ କରିଥିଲେ। ପରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ପ୍ରଫେସର ଭାବେ ସେ ଶିକ୍ଷାଦାନ କରିଥିଲେ। ରାଜନୀତିରେ ପାଦଥାପି ପ୍ରଥମେ ସେ କଂଗ୍ରେସରେ ଯୋଗଦେଇଥିଲେ। ପରେ ଏନ୍‌ସିପିକୁ ଆସି ମହାରାଷ୍ଟ୍ରରୁ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଜଣେ ଟାଣୁଆ ନେତା, ଦିଗ୍‌ଦର୍ଶକ ଭାବେ ସେ ଜଣାଶୁଣା ଥିଲେ।

## ■ ବ୍ୟାଟେରି ଫ୍ୟାକ୍ଟ୍ରିରେ ବିସ୍ଫୋରଣ
# ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ, ୧୪ ଆହତ



ବିସ୍ଫୋରଣରେ ଭୁଶୁଡ଼ି ପଡିଥିବା ବିଲ୍ଡିଂ ମଧ୍ୟରୁ ଆହତ ଅଗ୍ନିଶମ କର୍ମଚାରୀଙ୍କୁ ଉଦ୍ଧାର କରାଯାଉଛି।

ନୂଆଦିଲ୍ଲୀ,୨।୧(ପି.ଟି.)

ଉତ୍ତରପଶ୍ଚିମ ଦିଲ୍ଲୀର ପୀରଗଢ଼ିଠାରେ ଥିବା ଏକ ବ୍ୟାଟେରି ଫ୍ୟାକ୍ଟ୍ରିରେ ଗୁରୁବାର ସକାଳେ ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିଲା। ଏଥିରେ ଜଣେ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ହେବା ସହ ୧୪ ଜଣ ଆହତ ହୋଇଛନ୍ତି। ବିଲ୍ଡିଂ ଭିତରୁ ଦୁଇଜଣ କେୟାର ଟେକର, ସୁରକ୍ଷା କର୍ମୀଙ୍କ ସମେତ ୧୮ ଜଣଙ୍କୁ ଉଦ୍ଧାର କରାଯାଇଛି। ଆହତ ଅଗ୍ନିଶମ କର୍ମଚାରୀ ଅମିତ୍ ବାଲ୍ୟାନ(୨୦)ଙ୍କୁ ଶ୍ରୀ ବାଲାଜୀ ଆକ୍ସନ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ଏବଂ ଉପରାଜ୍ୟପାଳ ଅନିଲ ବୈଜଲ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଥିବାବେଳେ ଦୁଇମହଲା ବିଲ୍ଡିଂର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିଥିଲା।

# ଖାତକୁ ବସ୍ ଖସି ୧୦ ମୃତ

**ଜମ୍ମୁ,୨।୧(ପି.ଟି.):** ଜମ୍ମୁ-କଶ୍ମୀରର ରାଜୌରି ଜିଲାରେ ଏକ ଯାତ୍ରୀବାହୀ ବସ୍ ଗଭୀର ଖାତକୁ ଖସିପଡ଼ିବା ଫଳରେ ୧୦ ଯାତ୍ରୀଙ୍କ ପ୍ରାଣହାନି ଘଟିଛି। ଏଥିରେ ୧୫ ଜଣ ଆହତ ମଧ୍ୟ ହୋଇଛନ୍ତି। ଆହତଙ୍କ ମଧ୍ୟରେ କେତେକ ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଆହତଙ୍କୁ ଜମ୍ମୁର ଜିଏମ୍‌ସି ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ବସ୍‌ଟି ସୁରନ୍‌କୋଟେରୁ ଜମ୍ମୁ ଅଭିମୁଖେ ଯାତ୍ରା କରୁଥିଲା। ବାଟରେ ସିଓଟ୍-ଲମ୍ବାରି ନିକଟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଅକାଳୀ ଦଳ ନେତାଙ୍କୁ ଗୁଳିକରି ହତ୍ୟା

ଅମୃତସର,୨।୧(ଆଇଏଏନ୍ଏସ୍)

**ସିବିଆଇ ତଦନ୍ତ ଦାବି**

ପଞ୍ଜାବର ପୂର୍ବତନ ମନ୍ତ୍ରୀ ବିକ୍ରମ ସିଂ ମଜିଥିଆଙ୍କ ଘନିଷ୍ଠ ଭାବେ ପରିଚିତ ଅକାଳୀ ଦଳ ନେତା ଗୁର୍‌ଦୀପ ସିଂଙ୍କୁ ବୁଧବାର ରାତିରେ ଅଜଣା ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ସେ ଗୁରୁଦ୍ୱାରରୁ ଘରକୁ ଫେରୁଥିବାବେଳେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ପୋଲିସ ଗ୍ୟାଙ୍ଗଷ୍ଟର ହରମନଜିତ୍ ସିଂ, ତାଙ୍କ ବାପା ନିର୍ମଳ ସିଂ ଓ ଅନ୍ୟ ୩ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ହତ୍ୟାକାଣ୍ଡ ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି। ଏହାର ସିବିଆଇ ତଦନ୍ତ ଲାଗି ଶିରୋମଣି ଅକାଳୀ ଦଳ ଦାବି କରିଛି। ମୃତକଙ୍କୁ ନ୍ୟାୟ ଦାବିରେ ଅକାଳୀ ଦଳ ଧାରଣାରେ ବସିବା ସହ ଅଦାଲତର ଦ୍ୱାରସ୍ଥ ହେବ ବୋଲି କହିଛି।

# ଇଣ୍ଡୋନେସିଆ ବନ୍ୟାରେ ୩୦ ମୃତ

**ଜାକର୍ତ୍ତା,୨।୧:** ଲଗାଣ ବର୍ଷା ଯୋଗୁ ଇଣ୍ଡୋନେସିଆରେ ଭୟଙ୍କର ବନ୍ୟା ଦେଖାଦେଇଛି। ବନ୍ୟା ଓ ଭୂସ୍ଖଳନ ଯୋଗୁ ଏପର୍ଯ୍ୟନ୍ତ ୩୦ ଜଣ ପ୍ରାଣ ହରାଇଥିବାବେଳେ ଅନେକ ନିଖୋଜ ଥିବା ପ୍ରକାଶ। ଜାକର୍ତ୍ତା ଓ ଏହାର ଆଖପାଖ ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ହଜାର ହଜାର ଲୋକେ ବାସହରା ହୋଇପଡ଼ିଛନ୍ତି। ସରକାରୀ ଭାବେ ସାମାଜିକ ବ୍ୟାପାର ମନ୍ତ୍ରୀ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୨୧ ବୋଲି କହିଥିଲେ ହେଁ ଏହା ଯଥେଷ୍ଟ ଅଧିକ ବୋଲି ଜଣାପଡ଼ିଛି। ଜାଭାଦ୍ୱୀପରେ ୨, ଲେବାକ୍‌ରେ ୨ଜଣ ମୃତ୍ୟୁବରଣ କରିଥିବା ପ୍ରକାଶ। ୩୧ ହଜାର ଲୋକଙ୍କୁ ଅନ୍ୟତ୍ର

**୩୧ ହଜାର ସ୍ଥାନାନ୍ତର**

ସ୍ଥାନାନ୍ତର କରାଯାଇଛି। ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାରଠାରୁ ବିଦ୍ୟୁତ ନ ରହିବା, ପାନୀୟ ଜଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ନ ମିଳିବା କାରଣରୁ ସମସ୍ୟା ଦ୍ୱିଗୁଣିତ ହୋଇପଡ଼ିଛି। ବନ୍ୟା ଯୋଗୁ ହଲିମ୍ ପର୍‌ଦାନକୁସୁମା ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ ରଖାଯାଇଛି।



# କୁଇନ୍ସ ୟୁନିଭର୍ସିଟି ଚାନ୍‌ସେଲର ହେଲେ ହିଲାରୀ

ଓ୍ୱାଶିଂଟନ/ଲଣ୍ଡନ,୨।୧(ପି.ଟି.)

ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ହିଲାରୀ ରୋଡ୍‌ହାମ୍ କ୍ଲିଣ୍ଟନଙ୍କୁ ବ୍ରିଟେନର କୁଇନ୍ସ ୟୁନିଭର୍ସିଟିର ପ୍ରଥମ ମହିଳା ଚାନ୍‌ସେଲର ଭାବେ ନିଯୁକ୍ତି ମିଳିଛି। ୨୦୧୮ରେ ଉକ୍ତ ବିଶ୍ୱବିଦ୍ୟାଳୟରୁ ହିଲାରୀ ସମ୍ମାନଜନକ ଡକ୍ଟରେଟ ଉପାଧି ଲାଭ କରିଥିଲେ। ସେ ଏହାର ୧୧ତମ ଚାନ୍‌ସେଲର ଭାବେ ୫ ବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ୧୮୪୯ରେ ବ୍ରିଟେନର ବେଲଫାଷ୍ଟରେ ସ୍ଥାପିତ ଏହି ଗବେଷଣା ଶିକ୍ଷାନୁଷ୍ଠାନ ବ୍ରିଟେନ ଓ ଆୟର୍ଲାଣ୍ଡର ଅନ୍ୟତମ ଶୀର୍ଷ ବିଶ୍ୱବିଦ୍ୟାଳୟ।



## ଇତିହାସର ଆଇନାରେ
### ଜାନୁୟାରୀ ୩ର ପ୍ରମୁଖ ଘଟଣା

୧୯୯୪ ଜାନୁୟାରୀ ୩ରେ ରୁଷିଆର ବୈକାଲ ଏୟାର୍‌ଲାଇନ୍ସର ଏକ ଘରୋଇ ବିମାନ ଇଞ୍ଜିନ୍‌ରେ ନିଆଁ ଲାଗିଯିବାରୁ ଇରିକୁସ୍କ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ୯ ବିମାନ କର୍ମଚାରୀଙ୍କୁ ମିଶାଇ ୧୨୫ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୦୪ ଜାନୁୟାରୀ ୩ରେ ଇଜିପ୍ଟର ଲୋହିତ ସାଗରରେ ଏକ ଚାର୍ଟର ବିମାନ ଦୁର୍ଘଟଣା ହେବା ଫଳରେ ସମସ୍ତ ୧୪୮ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଶର୍ମ ଏଲ୍ ଶେଖ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଯିବା ପରେ ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ସିଏଏ ନୁହେଁ, ପାକ୍‌କୁ ବିରୋଧ କର

ଟୁମାକୁରୁ,୨।୧(ପି.ଟି.)

**ବିରୋଧୀଙ୍କୁ ମୋଦିଙ୍କ ଆହ୍ୱାନ**

**ପିଏମ୍-କିଷାନ ତୃତୀୟ କିସ୍ତିରେ ପଠାଗଲା ୧୨୦୦୦ କୋଟି**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ବିରୋଧ କରୁଥିବା କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଜୋର୍‌ଦାର ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟ ବିରୋଧରେ ବିକ୍ଷୋଭ ଚଳାଇଥିବା ଲୋକେ ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କ ପ୍ରତି ୭୦ ବର୍ଷ ହେଲା ଚାଲିଥିବା ଅତ୍ୟାଚାର ବିରୋଧରେ ସ୍ୱର ଉଠାନ୍ତୁ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପଡୋଶୀ ଦେଶରେ ଅତ୍ୟାଚାରିତ ହୋଇ ଭାରତରେ ଶରଣ ନେଇଥିବା ସଂଖ୍ୟାଲଘୁମାନଙ୍କୁ ସୁରକ୍ଷା ଦେବା ଓ ସହାୟତା କରିବା ଆମର ସଂସ୍କୃତି ଓ ଜାତୀୟ କର୍ତ୍ତବ୍ୟ। ବିରୋଧୀ ଦଳର ସାହସ ଥିଲେ ସେମାନେ ପାକିସ୍ତାନର ଅତ୍ୟାଚାର ବିରୋଧରେ ବିକ୍ଷୋଭ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ସିଏଏକୁ ସମର୍ଥନ କରି ପ୍ରଧାନମନ୍ତ୍ରୀ କହିଥିଲେ, ପାର୍ଲାମେଣ୍ଟରେ ଏହି ସଂଶୋଧିତ ବିଲ୍ ଗୃହୀତ ହେବା ଏକ ଐତିହାସିକ ପଦକ୍ଷେପ। ତେବେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଉକ୍ତ ଆଇନ ବିରୋଧରେ ଆନ୍ଦୋଳନ କରିବା ସହ ହିଂସାତ୍ମକ ପରିବେଶ ସୃଷ୍ଟି କରି ପାର୍ଲାମେଣ୍ଟ ବିରୋଧରେ ଯାଉଛନ୍ତି। ପାକିସ୍ତାନରେ ଅତ୍ୟାଚାରିତ ହୋଇ ଭାଗ୍ୟକୁ ଆଦରି ଚାଲିଆସିଥିବା ହିନ୍ଦୁ, ଖ୍ରୀଷ୍ଟିୟାନ, ଶିଖ୍ ସମ୍ପ୍ରଦାୟର ଲୋକମାନଙ୍କୁ ଭାରତ ଛାଡ଼ିପାରିବ ନାହିଁ। ସେମାନଙ୍କୁ ସୁରକ୍ଷା ଦେବା ଦେଶର ଦାୟିତ୍ୱ ବୋଲି ମୋଦି କହିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା (ପିଏମ୍-କିଷାନ)ର ତୃତୀୟ କିସ୍ତି ବାବଦରେ ଚାଷୀଙ୍କୁ ବ୍ୟାଙ୍କ ଖାତାକୁ ୧୨୦୦୦ କୋଟି ଟଙ୍କା ପଠାଇଛନ୍ତି ମୋଦି। ଏହି ଯୋଜନାରେ ୬ କୋଟି ଚାଷୀ ଉପକୃତ ହେବେ। ତେବେ ଏହି ଯୋଜନାକୁ କାର୍ଯ୍ୟକାରୀ କରୁ ନ ଥିବା ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀ ସମାଲୋଚନା କରିଛନ୍ତି। ସେମାନଙ୍କର ଏହି ସଂକୀର୍ଣ୍ଣ ରାଜନୀତି ପାଇଁ କୃଷକମାନଙ୍କୁ କ୍ଷତି ସହିବାକୁ ପଡୁଛି ବୋଲି ସେ କହିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ କୃଷି କର୍ମଣ ପୁରସ୍କାର ପ୍ରଦାନ କରିବା ସହ କେତେଜଣ ଚାଷୀଙ୍କୁ ମାଛଧରା ଉପକରଣ ବଣ୍ଟନ କରିଥିଲେ।

## ଡିଆର୍‌ଡିଓ ଲାବ୍ ଉଦ୍‌ଘାଟିତ

ଅତ୍ୟାଧୁନିକ ପ୍ରଯୁକ୍ତି ଉପରେ ଗବେଷଣା ପାଇଁ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ଯୁବ ବୈଜ୍ଞାନିକମାନଙ୍କ ଲାବରେଟୋରୀକୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି। ଏହା ୩୫ ବର୍ଷରୁ କମ୍ ବୈଜ୍ଞାନିକମାନଙ୍କୁ ଅତ୍ୟାଧୁନିକ ପ୍ରଯୁକ୍ତି ଗବେଷଣାରେ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ। ଭବିଷ୍ୟତର ପ୍ରଯୁକ୍ତି ଉପରେ ଗବେଷଣା ଓ ବିକାଶର ଏହା ଆଧାର ହେବ ବୋଲି ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି।

# ରୋଡ଼୍‌ରୋମିଓଙ୍କୁ ଧରିବେ ମହିଳା ଏସ୍‌ପିଓ



ନବ ନିଯୁକ୍ତ ଏସ୍‌ପିଓଙ୍କ ସହ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ କମିଶନର ସଞ୍ଜୟ ସିଂ, ଟ୍ରାଫିକ ଡିସିପି ସାଗରିକା ନାଥ, ଅତିଥି ଓ ଅନ୍ୟ ଅଧିକାରୀମାନେ।

**ଭୁବନେଶ୍ୱର, ୨୧(ବ୍ୟୁରୋ)**

ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ଦିଗରେ ବଡ଼ ପଦକ୍ଷେପ ନେଇଛି କମିଶନରେଟ ପୋଲିସ। ଗୁରୁବାର ଦ୍ୱାଦଶ ପ୍ରତିଷ୍ଠା ଦିବସରେ ଗଠନ ହୋଇଛି ସ୍ୱତନ୍ତ୍ର ପୋଲିସ ଅଫିସର (ଏସ୍‌ପିଓ) ଟିମ୍। କମିଶନରେଟ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଉତ୍ସବରେ ୨୪୬ଜଣ ଯୁବତୀ ଓ ମହିଳାଙ୍କୁ ଏସ୍‌ପିଓ ଭାବେ ନିଯୁକ୍ତିପତ୍ର ମିଳିଛି। ଏଥିସହ ସ୍ୱତନ୍ତ୍ର ଜର୍ସିକୁ ଉଦ୍‌ଘାଟନ କରାଯାଇ ସେମାନଙ୍କୁ ପ୍ରଦାନ କରାଯାଇଛି।

ଏହିଅବସରରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଏସ୍‌ପିଓମାନେ ରାଜଧାନୀର ୩୦ ଶିକ୍ଷାନୁଷ୍ଠାନ ସମେତ ଘରୋଇ ସଂସ୍ଥା ଓ ଅନ୍ୟ କେତେକ ସ୍ଥାନରେ ୩ ମାସ ପାଇଁ ନିୟୋଜିତ ରହିବେ। ସଫଳତା ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏସ୍‌ପିଓମାନେ ପୋଲିସର ଆଖି-କାନ ଭଳି କାର୍ଯ୍ୟକରିବେ। କାହାକୁ ସୁରକ୍ଷା ଦରକାର, କେଉଁଠି ମହିଳାଙ୍କ ଉପରେ ଅତ୍ୟାଚାର ହେଉଛି ଏସବୁ ଦିଗରେ କଡ଼ା ନଜର ରଖିବେ। ପୋଲିସକୁ ତୁରନ୍ତ ସବୁପ୍ରକାର ସୂଚନା ଦେବା ସହ ସହାୟତାର ହାତ ବଢ଼ାଇବେ। ବିଶେଷକରି ଛାତ୍ରୀ, ଯୁବତୀ ଓ ମହିଳାଙ୍କୁ ହଇରାଣ କରୁଥିବା ଅସାମାଜିକ ଯୁବକ ଓ ରୋଡ୍ ରୋମିଓଙ୍କୁ ଗିରଫ

- ପ୍ରାଥମିକ ପର୍ଯ୍ୟାୟରେ ନିଯୁକ୍ତି ପାଇଲେ ୨୪୬
- କମିଶନରେଟ ପୋଲିସର ଆଖି-କାନ ହେବେ ଏସ୍‌ପିଓ
- ମିଳିବ ଗିରଫ କ୍ଷମତା

କରିବାର କ୍ଷମତା ସେମାନଙ୍କର ରହିଛି। ବାରମ୍ବାର ଛାତ୍ରୀ ବା କର୍ମଜୀବୀ ମହିଳାଙ୍କୁ କମେଣ୍ଟ କରୁଥିବା ବ୍ୟକ୍ତିଙ୍କୁ ରେଡ୍ କାର୍ଡ ଅନ୍ତର୍ଭୁକ୍ତ କରାଯାଇ ଆଇନ ଅନୁଯାୟୀ ତଡ଼ିପାର କରାଯିବ। ପ୍ରଥମେ ଉକ୍ତ ରୋଡ୍ ରୋମିଓଙ୍କୁ ରେଡ୍‌କାର୍ଡ ନୋଟିସ ଦିଆଯିବ। ସେମାନଙ୍କ ଅଭିଭାବକ ଓ ଓକିଲଙ୍କୁ ଏବାବଦରେ ଉତ୍ତର ରଖିବାକୁ ପଡ଼ିବ। ଉତ୍ତର ସନ୍ତୋଷଜନକ ନ ହେଲେ ସ୍ୱତନ୍ତ୍ର ଆଇନ ବଳରେ ଏକ ମାସରୁ ଏକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳକୁ ନ ଆସିବାକୁ ନିର୍ଦ୍ଦେଶ ଦିଆଯିବ। ଖୁବ୍‌ଶୀଘ୍ର ଏସ୍‌ପିଓମାନଙ୍କୁ ପରିଚୟ ପତ୍ର ପ୍ରଦାନ, ପ୍ରଶିକ୍ଷଣ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ। ସମସ୍ତ ଏସପିଓଙ୍କୁ ନେଇ ଏକ ହ୍ୱାଟ୍‌ସ ଆପ୍ ଗ୍ରୁପ୍ କରାଯିବ। ସେଥିରେ ସମସ୍ତ ଘଟଣାର ଠିକିନିଖି ଅପ୍‌ଡେଟ୍ କରାଯିବା ସହ ଏସ୍‌ପିଓମାନେ ପରସ୍ପର ଓ ପୋଲିସ ସହ ଯୋଗାଯୋଗରେ ରହିବେ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

ଟ୍ରାଫିକ ଡିସିପି ସାଗରିକା ନାଥ କହିଲେ, ଏହି ବ୍ୟବସ୍ଥା ଆଧାରରେ ଅଭିଯୁକ୍ତ ତୁରନ୍ତ ଦଣ୍ଡ ପାଇବା ସହ ପୀଡ଼ିତାଙ୍କୁ ନ୍ୟାୟ ମିଳିବ। ଫଳରେ ସହରରେ ଯୁବତୀ ଓ ମହିଳା ନିଜକୁ ସୁରକ୍ଷିତ ମଣିବା ସହ ସେମାନଙ୍କ ଉପରେ ହେଉଥିବା ନିର୍ଯାତନା ହ୍ରାସ ପାଇବ ବୋଲି ନାଥ କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ସଞ୍ଜୟ ସିଂ ଏସ୍‌ପିଓମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ଫିଲ୍ମ ଅଭିନେତ୍ରୀ ଅର୍ଚ୍ଚିତା ଓ ସବ୍ୟସାଚୀ ଅତିଥି ଭାବେ ଯୋଗଦେଇ ଏସ୍‌ପିଓମାନଙ୍କୁ ଉତ୍ସାହିତ କରିବା ସହ ନିର୍ଭୀକତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ରଦ୍ଦ ହେବ ନିଶାସକ୍ତ ଡ୍ରାଇଭରଙ୍କ ଲାଇସେନ୍ସ

## ଉଲ୍ଲଂଘନକାରୀଙ୍କୁ ରାଜପଥରେ ଜଗିବ ସିସିଟିଭି କ୍ୟାମେରା

**ଭୁବନେଶ୍ୱର,୨୧(ବ୍ୟୁରୋ)**

ମଦ୍ୟପାନ କରି ଗାଡ଼ି ଚଳାଇଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ଲାଇସେନ୍ସ ରଦ୍ଦ ହେବା ସହ ଚାଳକଙ୍କୁ ଜେଲ ଯିବାକୁ ପଡ଼ିବ। ନିଶାସକ୍ତ ଡ୍ରାଇଭରଙ୍କ ଲାଇସେନ୍ସକୁ ତୁରନ୍ତ ରଦ୍ଦ କରିବାକୁ ରାଜ୍ୟ ସରକାର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟିଙ୍କ ନିର୍ଦ୍ଦେଶନାମା ପରେ ରାଜ୍ୟ ପରିବହନ କମିଶନର ଏ ନେଇ ସମସ୍ତ ଆରଟିଓଙ୍କୁ ଚିଠି ଲେଖିଛନ୍ତି। ସୁପ୍ରିମକୋର୍ଟଙ୍କ କମିଟି ପ୍ରତି ୩ ମାସରେ ଥରେ ରାଜ୍ୟ ସରକାରଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ନେଇ ସମୀକ୍ଷା କରିଥାଆନ୍ତି। ଯେଉଁ ଲାଇସେନ୍ସଗୁଡ଼ିକ ରଦ୍ଦ କରିବା ଯୋଗ୍ୟ ସେଗୁଡ଼ିକୁ ତୁରନ୍ତ ଅସିଦ୍ଧ କରିବାକୁ କମିଟି ନିର୍ଦ୍ଦେଶ ଦେଇଛନ୍ତି। ମଦ୍ୟପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ପୋଲିସ ଜିମା ଦେବା ସହ ସେମାନଙ୍କ ଲାଇସେନ୍ସକୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ କମିଟି ଆରଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ପୋଲିସ ଅଧିକାରୀ ନିଶାସକ୍ତ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ ଆରଟିଓକୁ ପଠାଇଥିବେ, କିନ୍ତୁ ତାହାକୁ ଯଦି ରଦ୍ଦ କରାଯାଇ ନ ଥିବ ସମ୍ପୃକ୍ତ ଅଧିକାରୀଙ୍କୁ ଏ ନେଇ କାରଣ ଦର୍ଶାଇବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁ ୩୩୪ ଜଣଙ୍କଠାରୁ ଇ-ଚାଲାଣ କଟାଯାଇଛି।

ସାରଥି ଡାଟାବେସରୁ ଏହି କାରଣରୁ ୧୨୬ଜଣଙ୍କର ଲାଇସେନ୍ସକୁ ରଦ୍ଦ କରାଯାଇଛି। କେବଳ ମଦ୍ୟପାନ କଲେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହେବ ତାହା ନୁହେଁ, ବିନା ହେଲମେଟ କିମ୍ବା ରେଡ୍ ଲାଇଟ ଉଲ୍ଲଂଘନ କରିବା ଦ୍ୱାରା ୩ ଥର ଧରାପଡ଼ି ଜରିମାନା ଦେଲେ ମଧ୍ୟ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହେବା ପାଇଁ ସଂଶୋଧିତ ମୋଟର ଯାନ ଆଇନରେ ବ୍ୟବସ୍ଥା ରହିଛି। ଏଥିସହିତ ଗାଡ଼ି ଚାଳକଙ୍କ ଉପରେ ନଜର ରଖିବାକୁ ଜାତୀୟ ରାଜପଥରେ ସିସିଟିଭି ଲାଗିବ। ରାଜ୍ୟରେ ଟ୍ରାଫିକ ନିୟମ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଚଳିତମାସ ୧୧ ରୁ ୧୭ ତାରିଖ ଯାଏ ରାଜ୍ୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହେବ। ଏଥିପାଇଁ କେନ୍ଦ୍ର ସରକାର ପ୍ରତ୍ୟେକ ଆରଟିଓକୁ ୨ ଲକ୍ଷ ଏବଂ ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରିବାକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

# କାନାକୋଟ ପଞ୍ଚାୟତ | ୩ ସନ୍ତାନ ଥିବାରୁ ସରପଞ୍ଚ ପଦବୀ ଅସିଦ୍ଧ

**ନବରଙ୍ଗପୁର,୨୧(ବି.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ କାନାକୋଟ ପଞ୍ଚାୟତ ସରପଞ୍ଚ ଜଗ ଭତରାଙ୍କ ୩ଟି ସନ୍ତାନ ଥିବାରୁ ତାଙ୍କ ପଦବୀକୁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଅଜିତ କୁମାର ମିଶ୍ର ଅସିଦ୍ଧ ଘୋଷଣା କରିଛନ୍ତି। ଏଥିସହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମକାରୁ ଭତରାଙ୍କୁ ସରପଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ ଫେବୃୟାରୀରେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର କାନାକୋଟ ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ଜଗ ଭତରା ଓ ମକାରୁ ଭତରା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ଏଥିରେ ଜଗ ନିର୍ବାଚିତ ହୋଇ ସରପଞ୍ଚ ହୋଇଥିଲେ। ତେବେ ଜଗ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ସନପତ ଭତରା ସହ ଅନ୍ୟମାନେ ୨୦୧୭ ମାର୍ଚ୍ଚ ୧୬ ତାରିଖରେ ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗରେ ଦର୍ଶାଇଥିଲେ ଯେ, ୧୯୯୪ ପରେ ଯେଉଁ ପ୍ରାର୍ଥୀଙ୍କ ୩ଟି ସନ୍ତାନ ରହିଥିବ, ସେ ନିର୍ବାଚନ ଲଢ଼ି ପାରିବେ ନାହିଁ ବୋଲି ନିର୍ବାଚନ ଆଇନ ରହିଛି। ତେବେ ଜଗଙ୍କ ୧୯୯୪ ପରେ ୩ଟି ସନ୍ତାନ ରହିଛି। ଜଗଙ୍କ ଦୁଇଝିଅ ଜାମ୍ବବତୀ ଭତରା, ତୁଳବତୀ ଭତରା ଓ ଗୋଟିଏ ପୁଅ ଆକାଶ ଭତରା ରହିଛନ୍ତି। ସେଥିପାଇଁ ସରପଞ୍ଚ ପଦବୀ ଅସିଦ୍ଧ ଘୋଷଣା କରାଯାଉ। ଏଥିସହ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସରପଞ୍ଚ କରିବାକୁ ଜଣାଇଥିଲେ। ଏନେଇ ନିର୍ବାଚନ ପଞ୍ଚାୟତରେ ମାମଲା ରୁଜୁ ହୋଇଥିଲା। ଝରିଗାଁ ବିଡିଓ, ମେଡିକାଲ ଅଫିସର ଓ ସିଡିପିଓଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ୨୦୧୯ ଡିସେମ୍ବର ୩୧ ତାରିଖରେ ଉପରୋକ୍ତ ରାୟ ଦେଇଛନ୍ତି।




# ଦୁର୍ଘଟଣାର ଦିନ, ଚାଲିଗଲା ୧୩ ଜୀବନ

**ରାୟଗଡ଼ା, ବ୍ରହ୍ମପୁର, ଅନୁଗୋଳ ଅଫିସ୍/ ଜୟପୁର/ପାଣ୍ଡ୍ରିପାଣି/ କେନ୍ଦୁଝର/କେନ୍ଦ୍ରାପଡ଼ା/ ଲହୁଣୀପଡ଼ା, ୨୧ (ନି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)**

ନୂଆବର୍ଷ ଆରମ୍ଭରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟିଛି। କୋରାପୁଟ, ରାୟଗଡ଼ା, ମାଲକାନଗିରି, କେନ୍ଦୁଝର, କେନ୍ଦ୍ରାପଡ଼ା, ଗଞ୍ଜାମ, ଅନୁଗୋଳ, ସୁନ୍ଦରଗଡ଼ ଆଦି ଜିଲାରେ ଘଟିଥିବା ୧୦ଟି ସଡ଼କ ଦୁର୍ଘଟଣାରେ ୧୩ ଜଣଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୧୮ ଜଣ ଗୁରୁତର ଓ ଆହତ ରହିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, କୋରାପୁଟ ଜିଲା ଜୟପୁର ସଦର ଥାନା ବାଲିଆଠାରେ ବୁଧବାର ବିଳମ୍ବିତ ରାତିରେ ଅଟୋ ଓ ବାଇକ ମୁହାଁମୁହିଁ ହୋଇଥିଲା। ବାଇକ୍‌ରେ ଥିବା ବୈପାରିଗୁଡ଼ା ଥାନା ଗୌଡ଼ଗୁଡ଼ା ଗ୍ରାମର ପବିତ୍ର ପୂଜାରୀ (୨୩) ଓ ବରୁଣ ନାୟକ (୨୨)ଙ୍କ ମୃତ୍ୟୁ ହୋଇଥିବା ବେଳେ କୁମ ମାଝି ଗୁରୁତର ରହିଛନ୍ତି। ସେହିପରି ରାୟଗଡ଼ା ଜିଲା ଚାନ୍ଦିଲି ଥାନା କୁଲି ଗ୍ରାମ ନିକଟରେ ଗୁରୁବାର ଟ୍ରାକ୍ଟର ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ କାଣ୍ଡୁ କଣ୍ଡାଗରି (୨୫)ଙ୍କ ମୃତ୍ୟୁ ଘଟିଛି। ସମା ଉଲ୍ଲାକା ଆହତ ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ୩୨୬ ନମ୍ବର ଜାତୀୟ ରାଜପଥର ଗୁମ୍ମା ଘାଟିରେ ଗୁରୁବାର ଏକ ଆଲୁମିନିୟମ ପାଉଡ଼ର ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିଛି। ଏଥିରେ ଡ୍ରାଇଭର ରାଘବେନ୍ଦ୍ର ସିଂ (୨୪)ଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର ପୁଷ୍ପେନ୍ଦ୍ର ସିଂ ଗୁରୁତର ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ କୋରାପୁଟରୁ ଫୁଲବାଣୀ ଆସୁଥିବା ଏକ ବୋଲେରୋ କୁମ୍ଭିକୋଟା ନିକଟସ୍ଥ ପୋଲରୁ ଖସିପଡ଼ିଥିଲା। ଏଥିରେ ୨ ଜଣ ଗୁରୁତର ଓ ୭ ଜଣ ସାମାନ୍ୟ ଆହତ ହୋଇଛନ୍ତି। ନୂଆବର୍ଷ ପାଳିବା ପାଇଁ ମାଲକାନଗିରି ଜିଲା ପାଣ୍ଡ୍ରିପାଣିର ସୁନ୍ଦର ରାୟ ସେଡ଼ାଙ୍କ ସାନପୁଅ ପଙ୍କଜ (୨୫) ବୁଧବାର ବାଇକ୍ ନେଇ ସେମିଳିଗୁଡ଼ାସ୍ଥିତ ମାମୁଘରକୁ ଯାଉଥିଲେ। ନନ୍ଦପୁର ନିକଟରେ ତାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ସହ ଗଛରେ ପିଟିହୋଇ ପଙ୍କଜଙ୍କର ମୃତ୍ୟୁ ହୋଇଥିଲା। ସେହିପରି କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ନିକଟସ୍ଥ ରାମଚନ୍ଦ୍ରପୁର ରେଲୱେ ଓଭରବ୍ରିଜ୍ ତଳକୁ ଏକ ୧୪ଚକିଆ ଟ୍ରକ୍ ଖସିପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଏକ ଘଟଣାରେ ଶ୍ରୀକ୍ଷେତ୍ରରୁ ଫେରୁଥିବା ବେଳେ ବୁଧବାର ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ା ସହର ନିକଟ ଦୁହୁରିଆଠାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବ୍ୟବସାୟୀ ବିଜୟ ସାହୁ (୪୦) ଓ ସ୍ଥାନୀୟ ଗୌରୀଶଙ୍କର ହୋଟେଲ ମାଲିକଙ୍କ ସାନବୋହୂ ପ୍ରଣତି ପଣ୍ଡା (୩୬)ଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୩ ଜଣ ଗୁରୁତର ରହିଛନ୍ତି। ସେହିପରି ବ୍ରହ୍ମପୁରରୁ ହଳଦିଆପଦର ଓଭରବ୍ରିଜ ଦେଇ ଜାତୀୟ ରାଜପଥକୁ ଯାଉଥିବା ଏକ ବାଇକ୍‌କୁ ଆନ୍ଧ୍ରରୁ କଟକ ଯାଉଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ଗୋଳନ୍ଥରା ଥାନା ଆମ୍ବପୁରର ମହେନ୍ଦ୍ର ହୋତା ଗୁରୁତର ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ରୀତା କୁମାରୀ ହୋତା (୩୨)ଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ସହର ଗାନ୍ଧୀମାର୍ଗରେ ଗୁରୁବାର ସ୍କୁଟିରୁ ପଡ଼ି ବ୍ରାହ୍ମଣୀଦେଇପଡ଼ା ଅଗ୍ରସେନ କଲୋନୀର ବିକାଶ ଅଗ୍ରୱାଲ (୩୭)ଙ୍କ ମୃତ୍ୟୁ ହୋଇଛି। ସେହିପରି ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ଗ୍ରାମ ଛକ ନିକଟରେ ଗୁରୁବାର ସନ୍ଧ୍ୟା ୭ଟାରେ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ଟିପ୍ପର ଖାଲକୁ ଓଲଟି ପଡ଼ିବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି।






# ଏଏସ୍‌ଆଇଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

**ପୁରୀ ଅଫିସ/ବଳଙ୍ଗା (ଡି.ଏନ.ଏ.), ୨୧**

**ପୁଣି ଖାକିରେ କଳଙ୍କ**

ପୁଣି ଖାକିରେ ଲାଗିଛି କଳଙ୍କର ଦାଗ। ପୁରୀ ପୋଲିସ କ୍ୱାର୍ଟର୍ସରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା ମନରୁ ଲିଭି ନ ଥିବାବେଳେ ବଳଙ୍ଗା ଥାନାର ଏଏସ୍‌ଆଇ ଚିତ୍ତରଞ୍ଜନ ଦାସଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ଜଣେ ବିବାହିତା ମହିଳା। ଏ ନେଇ ମହିଳା ଜଣକ ଗୁରୁବାର ପିପିଲି ଏସ୍‌ଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ପିପିଲି ଓ ବଳଙ୍ଗା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ଗତ କିଛି ମାସ ତଳେ ଏକ ଅଟୋ ପୋଡ଼ି ଘଟଣାରେ ସମ୍ପୃକ୍ତା ମହିଳାଙ୍କ ସ୍ୱାମୀଙ୍କୁ ବଳଙ୍ଗା ପୋଲିସ ଗିରଫ କରି ଜେଲ ପଠାଇଥିଲା। ଏ ସମ୍ପର୍କରେ ଜାଣିବା ଲାଗି ମହିଳା ଜଣକ ଥାନାକୁ ଯାଉଥିଲେ। ଏହି ସମୟରେ ସମ୍ପୃକ୍ତ ଏଏସ୍‌ଆଇଙ୍କ ସହିତ ଦେଖା ହୋଇଥିଲା। ସେ ଏହି କେସ୍‌ର ତଦନ୍ତ ଅଧିକାରୀ ନ ଥିଲେ ମଧ୍ୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ତମ କେସ୍ ବିଷୟରେ ଆଲୋଚନା ଅଛି ବୋଲି କହି ଥାନାକୁ ଡାକିଥିଲେ। ଥାନାରେ ପହଞ୍ଚିବା ପରେ ନିକଟରେ ଥିବା ଏକ ଆମ୍ବଗଛ ମୂଳକୁ ଡାକି କାଗଜପତ୍ର ଧରି ତାଙ୍କ ରୁମ୍‌କୁ ଯିବାକୁ କହିଥିଲେ। ତାଙ୍କ ରୁମ୍‌କୁ ଯିବାରୁ ଭିତର ପଟୁ କବାଟ କିଳି ପାଟିରେ କପଡ଼ା ବାନ୍ଧି ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ମିଛ କେସ୍‌ରେ ଫସାଇ ଜେଲ ପଠାଇ ଦେବାକୁ ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଳମ୍ବିତ ରାତିରେ ଫୋନ କରି ଅଶ୍ଳୀଳ ଇଙ୍ଗିତ କରିବା ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ ବୋଲି ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି। ପୂର୍ବରୁ ବଳଙ୍ଗା ପୋଲିସକୁ ଅଭିଯୋଗ ଜଣାଇ ନିରାଶ ହୋଇଥିଲେ। ତେଣୁ ସେ ଦଳିତ ଆଦିବାସୀ ମହାସଂଘ ସହଯୋଗରେ ଏସ୍‌ଡିପିଓଙ୍କୁ ଭେଟି ଅଭିଯୋଗ କରିଥିବା କହିଛନ୍ତି। ଏ ନେଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ବଳଙ୍ଗା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କୁ ଡକାଇ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବିତ ରାତିରେ ଏଏସ୍‌ପି ଅରୁଣ କୁମାର ଜେନା ପିପିଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଘଟଣା ବିଷୟରେ ପଚାରି ବୁଝିଛନ୍ତି। ଏଥିସହ ସମ୍ପୃକ୍ତ ଏଏସ୍‌ଆଇଙ୍କୁ ପଚରାଉଚରା କରିଛନ୍ତି। ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ବଳଙ୍ଗା ଥାନାରେ ଏ ସଂକ୍ରାନ୍ତରେ କେସ୍ ନଂ. ୨/୨୦୨୦ ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଛି। ଅନ୍ୟ ପକ୍ଷରେ ଆଗାମୀ ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଚାକିରିରୁ ବହିଷ୍କୃତ କରା ନ ଗଲେ ଦଳିତ ଆଦିବାସୀ ମହାସଂଘ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।




**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ନଭେମ୍ବର ସମୟରେ ଦେଶର ସୁନା ଆମଦାନୀ ୭% ହ୍ରାସ ଘଟି ୨୦.୫୭ ବିଲିୟନ ଡଲାର ରହିଛି।
– ବାଣିଜ୍ୟ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**
କଂଗ୍ରେସ ସିଏଏ ପରିବର୍ତ୍ତେ ପାକିସ୍ତାନ ବିରୋଧରେ ବିକ୍ଷୋଭ କରିବା ଉଚିତ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**ଜନ୍ମଦିନର ଶୁଭେଚ୍ଛା**
ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................

ଦେବାଶିଷ
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ବୌଦ୍ଧକୁ ମୁଖ୍ୟମନ୍ତ୍ରୀଙ୍କ ନବବର୍ଷ ଭେଟି
# ଘୋଷଣା କଲେ ୧୧୪ କୋଟିର ପ୍ରକଳ୍ପ

**ଭୁବନେଶ୍ୱର,୨।୧(ବ୍ୟୁରୋ)**

■ ୨୭ ପ୍ରକଳ୍ପ ଶୁଭାରମ୍ଭ
■ ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ୬୦ କୋଟି



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲୋକସେବା ଭବନରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୌଦ୍ଧ ମହୋତ୍ସବର ଉଦ୍‌ଘାଟନ କରିଛନ୍ତି। ଏଥିସହ ଜିଲାର ସାମଗ୍ରିକ ଉନ୍ନତି ପାଇଁ ପ୍ରାୟ ୧୧୪ କୋଟି ଟଙ୍କା ବ୍ୟୟରେ ୨୭ ପ୍ରକଳ୍ପ ମଧ୍ୟ ଶୁଭାରମ୍ଭ କରିଛନ୍ତି। ବୌଦ୍ଧ ମହୋତ୍ସବ ଜିଲା ତଥା ରାଜ୍ୟରେ କଳାର ପ୍ରସାର କ୍ଷେତ୍ରରେ ସହାୟକ ହେବ। ଅନେକ କଳାକାରଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ନୂଆବର୍ଷ ଅବସରରେ ବୌଦ୍ଧବାସୀଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ ବୌଦ୍ଧ ସହରର ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ନିର୍ମାଣ ପାଇଁ ୬୦ କୋଟି ଟଙ୍କାର ବିନିଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ନିର୍ମାଣ କାର୍ଯ୍ୟକୁ ଧାର୍ଯ୍ୟ ସମୟରେ ସାରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି କୁହାଯାଇଛି। ସେହିଭଳି ଶୁଭାରମ୍ଭ କରାଯାଇଥିବା ଅନ୍ୟ ପ୍ରକଳ୍ପ ମଧ୍ୟରେ ରହିଛି- ସଡ଼କ ପ୍ରକଳ୍ପ, ସ୍ପୋର୍ଟସ କମ୍ପ୍ଲେକ୍ସ, ଛାତ୍ରାନିବାସ ନିର୍ମାଣ ଭଳି ଅନେକ ପ୍ରମୁଖ ଯୋଜନା। ଏହି ସମସ୍ତ ପ୍ରକଳ୍ପ ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବୌଦ୍ଧ ବିଧାୟକ ପ୍ରଦୀପ ଅମାତ, ସିଏମ୍‌ଓ ମୁଖ୍ୟ ଉପଦେଷ୍ଟା ଆର୍.ବାଲକ୍ରିଷ୍ଣନଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଏବଂ ବୌଦ୍ଧ ଜିଲାପାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବୌଦ୍ଧ ଜିଲାର କଳାକାରମାନେ ପ୍ରସ୍ତୁତ କରିଥିବା ଏକା ମାଟିର ବୁଦ୍ଧମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

# ଛାତ୍ରୀଙ୍କ ବେକ କାଟିଲେ ଟ୍ୟୁଶନ ସାର୍

**ବାଲେଶ୍ୱର ଅଫିସ, ୨।୧**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦା ଗ୍ରାମରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମର ଜଣେ ଯୁକ୍ତ ଦୁଇ ଶ୍ରେଣୀ ଛାତ୍ରୀଙ୍କ ବେକ ଓ ତାଙ୍କ ଡାହାଣ ହାତ ପାପୁଲିକୁ ତାଙ୍କ ଟ୍ୟୁଶନ ଶିକ୍ଷକ ଏକ ଧାରୁଆ ଅସ୍ତ୍ରରେ କାଟି ଦେଇ ଫେରାର ହୋଇଯାଇଛନ୍ତି। ଛାତ୍ରୀଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ପ୍ରଥମେ ପରିବାର ଲୋକେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଭୋଗରାଇ ଥାନାରେ ଏକ ମାମଲା (ନଂ.୨/୨୦) ରୁଜୁ ହୋଇଛି। ଘଟଣାସ୍ଥଳରେ ଟ୍ୟୁଶନ ଶିକ୍ଷକ ଛାଡି ଯାଇଥିବା ବାଇକ୍‌କୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି। ଛାତ୍ରୀଙ୍କୁ ଆକ୍ରମଣର କାରଣ ଜଣାପଡିନାହିଁ।

## ପ୍ରଥମ ପୃଷ୍ଠାରୁ...

### ହକି ତାରକା...

ଦଳର ସଦସ୍ୟା ରହିଥିଲେ। ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ରହିଥିଲେ ମଧ୍ୟ ଆଘାତଜନିତ ସମସ୍ୟା ଏଥିରେ ବାଧକ ସୃଷ୍ଟି କଲା ବୋଲି ୨୮ ବର୍ଷୀୟା ଏହି ରାଜଗାଙ୍ଗପୁର ଖେଳାଳି କହିଛନ୍ତି।

'ଅନ୍ତର୍ଜାତୀୟ ହକିରୁ ଅବସର ନିଷ୍ପତ୍ତି ମୋ ପାଇଁ ସହଜ ନ ଥିଲା। ୨୦୦୮ରୁ ଭାରତୀୟ ମହିଳା ହକି ଦଳ ସହ ମୁଁ ଏହି ଚମତ୍କାର ଯାତ୍ରାରେ ସାମିଲ ରହିଥିଲି। ଏହି ଯାତ୍ରା ମଧ୍ୟରେ ଆମେ ଅନେକ ସଫଳତା ଓ ବିଫଳତାର ସାମ୍ନା କରିଛୁ, କିନ୍ତୁ ଗୋଟିଏ ୟୁନିଟ୍ ରୂପେ ଏକାଠି ରହିଛୁ। ଦେଶ ପାଇଁ ସଫଳତା ଆଣିବା ଲାଗି ଏହା ଆମକୁ ମଜଭୁତ ରଖିବା ସହ ଲଢ଼େଇ କରିବାକୁ ଶକ୍ତି ଓ ପ୍ରେରଣା ଦେଇଥିଲା' ଅତ୍ୟନ୍ତ ଭାବପ୍ରବଣ ବୋଲି ସୁନୀତା ପ୍ରକାଶ କରିଛନ୍ତି। '୨୦୧୬ ରିଓ ଅଲିମ୍ପିକ୍ସ ଖେଳିଥିବାରୁ ନିଜକୁ ଭାଗ୍ୟଶାଳୀ ମନେକରୁଛି। ତିନି ଦଶନ୍ଧି ପରେ ଅଲିମ୍ପିକ୍ସରେ ଭାରତର ଏହା ପ୍ରଥମ ଅଂଶଗ୍ରହଣ ରହିଥିଲା। ଭାରତୀୟ ମହିଳା ହକି ପାଇଁ ଏହା ଐତିହାସିକ ମୁହୂର୍ତ୍ତ ଥିଲା। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଦଳର ସଦସ୍ୟା ହେବାକୁ ଲକ୍ଷ୍ୟ ରଖିଥିଲି। କିନ୍ତୁ ଆଣ୍ଠୁ ସମସ୍ୟା ମୋ ସ୍ୱପ୍ନକୁ ଛୋଟ କରିଦେଲା' ବୋଲି ସୁନୀତା ପ୍ରକାଶ କରିଛନ୍ତି। ତେବେ ଭାରତୀୟ ମହିଳା ହକି ଦଳ ଆହୁରି ଅଧିକ କିଛି ହାସଲ କରିପାରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି। ସୁନୀତା କହିଛନ୍ତି ଯେ, 'ଆଗାମୀ ଦିନରେ ଆଣ୍ଠୁରେ ଆଉ ଏକ ଅସ୍ତ୍ରୋପଚାର ଆବଶ୍ୟକତା ଥିବାରୁ ପୂରା ସୁସ୍ଥ ହେବାକୁ ମୋତେ କେତେ ସମୟ ଲାଗିବ ମୁଁ ନିଶ୍ଚିତ ନୁହେଁ। କିନ୍ତୁ ଅସ୍ତ୍ରୋପଚାର ପରେ ଘରୋଇ ହକି ଓ ମୋତେ ଚାକିରି ଦେଇ କ୍ୟାରିୟର ଗଢ଼ିତୋଳିବାରେ ସମର୍ଥନ କରିଥିବା ନାଲ୍‌କୋ ପକ୍ଷରୁ ଖେଳିବି। ଖେଳରେ ମୁଁ ବହୁତ ବାଟ ଯାତ୍ରା କରିଛି ଏବଂ ଭାରତୀୟ ଦଳ ସହ ବିତେଇଥିବା କିଛି ସ୍ମରଣୀୟ ମୁହୂର୍ତ୍ତ ସାଥିରେ ନେଇ ଯାଉଛି' ବୋଲି ସୁନୀତା କହିଛନ୍ତି।

### ସାଇକେଲରେ...

ସରିଛି। ଏହା ମାର୍ଚ୍ଚ ମଧ୍ୟରେ ମହାନଦୀକୁ ଆସିବ। ଏହାକୁ ଜିଲିଣ୍ଡା ରେଞ୍ଜ ବାଲିକିଆରିରେ ଓ ଟିକରପଡାରେ ରଖାଯିବ। ସେହିପରି ସାତକୋଶିଆ ପରିଦର୍ଶନରେ ଆସୁଥିବା ସ୍କୁଲ ପିଲାମାନେ ଯେପରି ବୁଲିବା ସହ ଖେଳିବାର ମଜା ନେଇପାରିବେ ତାହାକୁ ଲକ୍ଷ୍ୟ ରଖି ଟିକରପଡାର ଘଡ଼ିଆଳ ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ସମ୍ମୁଖରେ ପାର୍କ କାର୍ଯ୍ୟ ଚାଲିଛି। ଏଥିରେ ଦୋଳି, ଚକ୍ରିଦୋଳି, ଖସଡ଼ା, ବାଲାନ୍ସ ଚେୟାର ଆଦି ଲଗା ଯାଇଛି। ଏଥିସହିତ ମହାନଦୀ ଗଣ୍ଡ, ପାହାଡ଼ ଓ ଜଳ ରାଶିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବିଭିନ୍ନ ସ୍ଥାନରେ ଚେୟାରମାନ ପକାଯାଇଛି। ନନ୍ଦନକାନନରୁ ୫ଟି ଘଡ଼ିଆଳ ଅଣାଯାଇ ଏଠାରେ ପ୍ରଜନନ କରାଯିବାର ଯୋଜନା ରହିଛି। ସେହିସବୁ ଘଡ଼ିଆଳକୁ ପର୍ଯ୍ୟଟକମାନେ ଅତି ନିକଟରୁ ଦେଖିପାରିବା ଭଳି ବ୍ୟବସ୍ଥା କରାଯାଉଛି। ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଗୋଟିଏ ସ୍ଥାନ ବଦଳରେ ଏଥର ଏକାଧିକ ଆକର୍ଷଣୀୟ ସ୍ଥାନ ଚିହ୍ନଟ କରାଯାଉଛି। ସେମାନେ ମଝିପଡା, ବେହେରାସାହି କିମ୍ବା ହାତିବାରିରେ ବଣଭୋଜି କରିପାରିବେ। ସ୍ଥାନୀୟ ଗ୍ରାମବାସୀ ସହଯୋଗ କଲେ ଏହା ସଫଳ ହେବା ସହ ଗାଁ ଲୋକଙ୍କ ରୋଜଗାର ମଧ୍ୟ ବଢ଼ିବ। ଏ ସମ୍ପର୍କରେ ଗ୍ରାମବାସୀମାନଙ୍କ ସହିତ ଆଲୋଚନା କରି ଆଗାମୀ ଋତୁ ପୂର୍ବରୁ ସେସବୁ ପ୍ରସ୍ତୁତ କରାଯିବ। ପର୍ଯ୍ୟଟକଙ୍କୁ ସାତକୋଶିଆର ମନୋରମ ଦୃଶ୍ୟ, ବାଘ, ହାତୀ, ହରିଣ ଓ ଅନ୍ୟାନ୍ୟ ଜୀବଜନ୍ତୁ ସହିତ ସାତକୋଶିଆ ଗଣ୍ଡ, ଘଡ଼ିଆଳ ବିଚରଣ, ଅଧିବାସୀଙ୍କ ଜୀବନ ଜୀବିକା, ବନକର୍ମଚାରୀଙ୍କ କାର୍ଯ୍ୟ, ଅଧିବାସୀଙ୍କ ବିକାଶ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ପରିଚିତ କରାଇବାକୁ ଏକ ୩ଡି ଫିଲ୍ମ ହଲ ନିର୍ମାଣ କରାଯିବାର ଯୋଜନା ରଖାଯାଇଛି। ଟିକରପଡା ବନବିଭାଗ ବଙ୍ଗଳା ନିକଟରେ ଏହା କରାଯିବ। ଯେଉଁ ପର୍ଯ୍ୟଟକମାନେ ନେଚର କ୍ୟାମ୍ପରେ ରହୁଛନ୍ତି ସେମାନଙ୍କ ପାଇଁ ସାଇକେଲରେ ବୁଲିବା ବ୍ୟବସ୍ଥା କରାଯିବ। ବଫର ଜଙ୍ଗଲରେ ସେମାନେ ସାଇକେଲ ଚାଳନା ବେଳେ ତାଲିମପ୍ରାପ୍ତ ଗାଇଡ ସୁରକ୍ଷା ଦେବେ। ଏହି ବଫର ଅଞ୍ଚଳରେ ସମ୍ପୃକ୍ତ ପର୍ଯ୍ୟଟକମାନେ କିପରି ବନ୍ୟଜନ୍ତୁଙ୍କୁ ସିଧାସଳଖ ଦେଖି ପାରିବେ ସେଥିପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ବ୍ୟବସ୍ଥା କରାଯିବ। ନନ୍ଦନକାନନରୁ ବଡ଼ କଇଁଛ ଅଣାଯାଇ ପର୍ଯ୍ୟଟକଙ୍କୁ ଦେଖାଯିବ। ଘଡ଼ିଆଳ ପ୍ରଜନନ କେନ୍ଦ୍ରରେ ଏହି କଇଁଛଙ୍କ ପାଇଁ ନୂଆ ଏନକ୍ଲୋଜର ନିର୍ମାଣ ହୋଇଛି। ସେହିପରି ପର୍ଯ୍ୟଟକଙ୍କ ମନରେ ସାତକୋଶିଆର ସ୍ମୃତି ଉଜ୍ଜୀବିତ ରଖିବା ପାଇଁ ବ୍ୟାଘ୍ର ପ୍ରକଳ୍ପ ଲୋଗୋ ଥିବା ସ୍ୱତନ୍ତ୍ର ଭାବେ ଟି-ଶାର୍ଟ ଓ ଟୋପି ବିକ୍ରି କରାଯିବ। ପୁରୁଣା ହୋଇଯାଇଥିବା ଇକୋ କଟେଜ ଗୁଡ଼ିକର ମରାମତି ସହିତ ଏହାକୁ ବୃଦ୍ଧି କରାଯିବ। ଏଥିପାଇଁ ୩୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦିଆଯାଇଥିବା ଡିଏଫ୍‌ଓ ରାମାସ୍ୱାମୀ ପି. ପ୍ରକାଶ କରିଛନ୍ତି।

### ଆମେରିକା...

ଚ୍ୟାଲେଞ୍ଜ। ଦେଶର ନାଗରିକଙ୍କୁ ପ୍ରଭାବିତ କରିବା ପାଇଁ ଏହା ବ୍ୟବହାର ହୋଇପାରେ ବୋଲି ଉଦ୍‌ବେଗ ପ୍ରକାଶ ପାଇବା ପରେ ଏପରି ପଦକ୍ଷେପ ନିଆଯାଇଛି। ତେବେ କୌଣସି ସୈନ୍ୟ ନିଜ ବ୍ୟକ୍ତିଗତ ମୋବାଇଲ ଫୋନରେ ଟିକ୍‌ଟକ୍ ବ୍ୟବହାର କଲେ ଆପତ୍ତି ନାହିଁ। ହେଲେ କୌଣସି ସନ୍ଦିଗ୍ଧ ମେସେଜ ବା ଲିଙ୍କ୍ ଆସିଲେ ତାକୁ ଅଣଦେଖା କରାଯିବା ଉଚିତ ବୋଲି ସେନା ପକ୍ଷରୁ କୁହାଯାଇଛି। ଗତମାସରେ ଆମେରିକା ନୌସେନା ଓ ପ୍ରତିରକ୍ଷା ବିଭାଗ ନିଜ ନିଜ କର୍ମଚାରୀଙ୍କୁ ଏହି ଆପ୍‌ରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଯେ, ବିଶ୍ୱର ପ୍ରାୟ ୧.୫ ବିଲିୟନ ଲୋକ ଟିକ୍‌ଟକ୍ ଆପ୍ ଡାଉନ୍‌ଲୋଡ୍ କରିସାରିଲେଣି। ଭାରତ ଓ ଚାଇନା ପରେ ଆମେରିକାରେ ଏହାର ୟୁଜର୍ସ ସର୍ବାଧିକ। କେବଳ ଆମେରିକା ବଜାରରେ ୩୭.୬ ନିୟୁତ ଲୋକ ଏହାକୁ ବ୍ୟବହାର କରୁଛନ୍ତି। ଗତ ନଭେମ୍ବରରେ ପ୍ରଥମ ଚାଇନା କମ୍ପାନୀ ଭାବେ ଟିକ୍‌ଟକ୍ ଆମେରିକାର ଆପଲ୍ ଆପ୍ ଷ୍ଟୋରରେ ପହଞ୍ଚିଥିଲା। ଏହାର ସର୍ଭର ଚାଇନା ଭିତ୍ତିକ ନୁହେଁ, ବରଂ ଯେଉଁ ଦେଶରେ ଆପ୍ ଉପଲବ୍ଧ ଅଛି ସେଠାରେ ରହିଛି।

### ପ୍ରଦୀପ୍ତଙ୍କୁ...

ବାଣିଜ୍ୟ ଓ ପରିବହନ ବିଭାଗ ସଚିବ, ସେତୁ ମୁଖ୍ୟ କାର୍ଯ୍ୟ ନିର୍ବାହୀ, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ୧୯୯୬ ବ୍ୟାଚର ଆଇପିଏସ୍ ଅରୁଣ ବୋଥ୍ରାଙ୍କୁ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସଆରଟିସି) ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ, ରାଉରକେଲା ମହାନଗର ନିଗମର କମିଶନର ତଥା ରାଉରକେଲା ସ୍ମାର୍ଟସିଟି ଲିମିଟେଡର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଯେଦୁଲା ବିଜୟଙ୍କୁ ଯୋଜନା ଓ ସଂଯୋଜନ ବିଭାଗର ଡେପୁଟି ସେକ୍ରେଟାରୀ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଡେପୁଟି ସେକ୍ରେଟାରୀ ଥିବା ଦିବ୍ୟଜ୍ୟୋତି ପରିଡାଙ୍କୁ ରାଉରକେଲା ମହାନଗର ନିଗମର କମିଶନର ତଥା ରାଉରକେଲା ସ୍ମାର୍ଟସିଟି ଲିମିଟେଡର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାବେ ବଦଳି କରାଯାଇଛି। ସୂଚନାଯୋଗ୍ୟ ଯେ, ବାଣିଜ୍ୟ ଓ ପରିବହନ ସଚିବ ଜି. ଶ୍ରୀନିବାସ କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବ୍ୟୟଭାବସ୍ଥ ଚନ୍ଦ୍ର ବିଦେଶସ୍ଥ ଆତ୍ମୀୟଙ୍କ ସମସ୍ୟା ବିଷୟରେ ଚିନ୍ତିତ କରାଇ ପାରିବାରିକ ଅଶାନ୍ତି ସୃଷ୍ଟି କରିବ। ଉଚ୍ଚାରୋହୀ ଧନାଧିପତିଙ୍କ ସୁପ୍ରଭାବରେ ଅର୍ଥଲାଭ, ବ୍ୟବସାୟିକ ସଫଳତା ଓ ଆନୁଷ୍ଠାନିକ କାମରେ ନିୟୋଜିତ କରାଇପାରନ୍ତି। କର୍ମାଧିପତି ଗୁରୁକ୍ଷେତ୍ରସ୍ଥ ହୋଇ ନୂତନ ଯୋଜନାରମ୍ଭକୁ ଅଗ୍ରାଧିକାର ଦେବେ।

**ବୃଷ** ଏକାଦଶସ୍ଥ ଚନ୍ଦ୍ର ପାରିବାରିକ କ୍ଷେତ୍ରକୁ ସମସ୍ୟା ବହୁଳ କରିବ। କର୍ମାଧିପତି ଶନି ସ୍ୱଭାବକୁ ଦେଖୁଥିବାରୁ ବହୁତ ଦିନରୁ ଅଟକି ରହିଥିବା କାମଟିକୁ ପୁନଃ ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ବ୍ୟବସାୟ, ନିର୍ମାଣ, ଶିଳ୍ପ, ବାଣିଜ୍ୟ, ଏଜେନ୍ସିପ୍, ବୀମା, ଶେୟାର ବଜାର ଦିଗରୁ ସଫଳତା ହାସଲ କରିବେ।

**ମିଥୁନ** ଗ୍ରହସ୍ଥିତିର କୁପରିଣାମଜନିତ ଭୁଲ୍ ବୁଝାମଣା କାରଣରୁ ପାରିବାରିକ ସମସ୍ୟାର ସମାଧାନ ହେବା କଷ୍ଟକର ହୋଇପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇ ପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ସଙ୍ଗଠନ, ଭ୍ରମଣ, ସଭାସମିତି କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**କର୍କଟ** କର୍ମାଧିପତି ମଙ୍ଗଳ ରାଶ୍ୟାଧିପ ଚନ୍ଦ୍ରଙ୍କ ଏକାଦଶସ୍ଥ ଯୋଗୁ ଅତ୍ୟଧିକ ଭାବ ପ୍ରବଣତାଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଉଚ୍ଚଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସମାଧାନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସୁଫଳ ପାଇବେ। ବାକ୍ ଅସଂଯମତା ଯୋଗୁ ସହକର୍ମୀ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି।

**ସିଂହ** ବ୍ୟୟସ୍ଥାନକୁ ଶୁକ୍ର ଅବଲୋକନ କରୁଥିବାରୁ ଭୋଗବିଳାସ ପ୍ରତି ଆଗ୍ରହୀ ହେବେ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ପାଇଁ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ଅକାରଣ ଅଭିଯୋଗ ସକାଶେ ଅନ୍ତରଙ୍ଗ ବନ୍ଧୁଟି ଉପରେ ସନ୍ଦେହ ହୋଇପାରେ। ବାଣିଜ୍ୟ, ନିର୍ମାଣାଦି କାମରେ ଉନ୍ନତି ଘଟିବାର ସମ୍ଭାବନା ରହିଛି।

**କନ୍ୟା** ଶନି କ୍ଷେତ୍ରସ୍ଥ ଶୁକ୍ର ଏକାଦଶାଧିପତି ଯୁକ୍ତ ହୋଇ ବ୍ୟୟଭାବକୁ ଦେଖୁଥିବାରୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମଟି ଅଟକି ରହିଯିବ। ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା, କାରିଗରି କ୍ଷେତ୍ରରୁ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତି ଖରାପ ରହିଥିବା କାରଣରୁ ମନ ସ୍ଥିର ରହିବ ନାହିଁ।

**ତୁଳା** ପାପଗ୍ରହ ଦୃଷ୍ଟି ବିବର୍ଜିତ କର୍ମାଧିପତି ପ୍ରଭାବରେ ନିଜ ମନ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ସଭାସମିତିରେ ପ୍ରଶଂସିତ ହେବେ। ଯାତ୍ରା ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅସୁସ୍ଥତା କାରଣରୁ କେତେକ କାମ ଝୁଲନ୍ତା ଅବସ୍ଥାରେ ଅଟକି ରହିଯିବାର ଆଶଙ୍କା ରହିଛି।

**ବିଛା** ଆଜିର ଦିନଟି ସବୁ ଦିଗରୁ ଶୁଭଫଳ ପ୍ରଦାନ କରିବ। ଯାହା ଇଚ୍ଛା କରିବେ ତାହା ପାଇବେ ଏବଂ ନିଜ ପରିବେଶରେ ନିଜର ପ୍ରାଧାନ୍ୟ ବୃଦ୍ଧି ପାଇବ। ବିଶାଖା ନକ୍ଷତ୍ରର ସ୍ୱାଧୀନ ମନୋବୃତ୍ତି ବାଧାପ୍ରାପ୍ତ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଅଫିସିଆଲି କାମରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ** ଚତୁର୍ଥ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ କୌଣସି ଦୂର ସମ୍ପର୍କୀୟ ବନ୍ଧୁଙ୍କ ଦର୍ଶନରେ ମନ ଖୁସୀ ରହିବ। ନିଜ ପରିସରରେ ଦେଖେଇ ଶିଖେଇ କହୁଥିବା ନିକଟ ସମ୍ପର୍କୀୟଙ୍କ ପ୍ରତାରଣାପୂର୍ଣ୍ଣ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

**ମକର** ଦ୍ୱାଦଶ ଭାବରେ ଏକାଧିକ ଗ୍ରହ ଆପଣଙ୍କୁ ବିଭିନ୍ନ ଦୁଃଶ୍ଚିନ୍ତା ଜନିତ ଅସ୍ଥିରତା ଓ ଅନିଦ୍ରା ରଖିପାରେ। ବନ୍ଧୁଙ୍କ ଅନୁପସ୍ଥିତି ଓ ଅବହେଳା ଜନିତ ପରିବାରରେ ମନାନ୍ତର ସୃଷ୍ଟି ହେବ। ଅର୍ଥ ସାହାଯ୍ୟ ପାଇବେ ଓ ନୂତନ ଭାବେ ଆରମ୍ଭ ହେବାକୁ ଥିବା କାମଟି ଆଦୌ ଅଟକିବ ନାହିଁ। ନିର୍ମାଣ ଓ ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**କୁମ୍ଭ** ଆଜି ଆପଣ ଯେକୌଣସି ପରିସ୍ଥିତିର ସାମ୍ନା କଲେ ମଧ୍ୟ କେବଳ ମିଠା କଥାରେ ଅନ୍ୟମାନଙ୍କୁ ବୁଝାଇବାରେ ସମର୍ଥ ହେବେ। ପ୍ରତିଯୋଗିତା, ମାଲିମକଦ୍ଦମା ପ୍ରଭୃତିରେ ଆପଣଙ୍କ ସପକ୍ଷରେ ଯିବାର ପୂର୍ଣ୍ଣଅନୁକୂଳ ସ୍ଥିତି ରହିଛି। ସାମୟିକ ଭାବରେ ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ ବିଚଳିତ କରିପାରେ।

**ମୀନ** ଆପଣଙ୍କ ସମ୍ମୁଖରେ ମିଠା କଥା କହୁଥିବା ବ୍ୟକ୍ତିଙ୍କ ଅଭିସନ୍ଧିମୂଳକ କାର୍ଯ୍ୟକଳାପ ପ୍ରତି ସଜାଗ ରହିବା ଭଲ ହେବ। ରପ୍ତାନି ବାଣିଜ୍ୟ, ପ୍ଲଟିଙ୍ଗ କାରବାର,ଧାତୁ ଅଳଙ୍କାର, କୁଟୀରଶିଳ୍ପ ବ୍ୟବସାୟୀମାନଙ୍କ ପାଇଁ ଦିନଟି ଅନୁକୂଳ। ରାଜନୀତି, ସଂଗଠନ, କଳା, ସାହିତ୍ୟ, ଚଳଚ୍ଚିତ୍ର ପ୍ରଭୃତିରେ ଉଚ୍ଚମାନର ଫଳ ପାଇବେ।

ଆଜି ଜାନୁୟାରୀ ୩ ତାରିଖ, ପୌଷ ଶୁକ୍ଳ ଅଷ୍ଟମୀ ଶୁକ୍ରବାର, ରାଶି ନକ୍ଷତ୍ର- ରେବତୀ/ମୀନ, ଧନୁରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୫୨ମି. ଗତେ ଘ୧୦।୦୨ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୦ମି. ଗତେ ଘ୯।୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୨୯ମି. ଗତେ ଘ୧୧।୫୧ମି. ମଧ୍ୟେ ରାହୁକାଳ।

classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

ଭୁବନେଶ୍ୱର ତମାଣ୍ଡୋ ବଜାର ପାଖରେ ଘରବାରି, Boundary, Bank, Finance ଥାଇ plot କିଣନ୍ତୁ sqft.- 1800/-, 8480281029. D-68459

Residential plots available in canal road Laxmi Sagar, Bhubaneswar, Contact: 7978751719. D-67525

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

ଭୁବନେଶ୍ୱର କଟଣ।ଗେଟ୍‌ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

Installment available developed gharabari boundary housing plot Ranga Bazar- 650/-, 9348012510. D-68460

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3K.m well developed demarcated plot sqft. 650/-, 9348063060. D-68464

Commercial plot 10000sqft. available for sale at Raghunathpur, Bhubaneswar main road Contact: 7978751719. D-67526

New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014. D-16001

Book a 3BHK Duplex having land area 1400sqft. and construction area 2100sqft. at Nandan Vihar, Patia, Bhubaneswar. Price- 77 lakhs, 9861234908. D-68951

1500Sqft. Gharabari plots developed with 40ft. mainroad 30ft. Internal Road Entrance gate with Security room Connected with Electricity 8 Km. from Bhubaneswar Airport on Sundarapada-Jatni Road for sale Rs.850/- 9937162220. D-16018




Construct your building as per your terms and condition. Contact: 9937064680. D-27284

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Space for commercial Bank/ Corporate/ Companies/ Institution, Damana square near Max Show room per sqft. Rs.50 for 1st, 2nd and 3rd floor welfurnished, lift, Power back up available. 8249083968, 7978414100. D-15593




Rejuvenate and ayurvedic full body massage by smart therapist. 9114402304. D-68946

Newly open full body massage with gents and ladies, 9090377418. D-59942

Refresh your mind and soul with best therapy at Orchid Salon/Spa. 9937287222. D-68739

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68742

Completely stress management therapy, visit us our clinic. Contact: 7852986810. D-68532

Ayurvedic full body massage ladies and gents. Contact: 9861064981. D-68743

Full body herbal massage with refreshment expert therapist. 7381239385, 06742540855. D-68947

Experience full body massage with us (expert). Call: 7377048581, 06742597822. D-68948

Herbal full body massage by smart / expert therapist. Contact: 8338067247. D-68949

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68950

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861




3000 ଟଙ୍କାରେ ନିଜର LED Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-15939

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ବିଦ୍ୟୁତ୍ ଆଘାତରେ ଆଖି ବୁଜିଲେ ଦମ୍ପତି

କୋରାପୁଟ ଜିଲା ସୁନାବେଡ଼ା ମ୍ୟୁନିସିପାଲିଟି ଅଧୀନ ପୋଲିସ କ୍ୟାମ୍ପରେ ରହୁଥିବା ସୁଧାକର ବିଶ୍ୱାଳ (୫୬) ଓ ତାଙ୍କର ସ୍ତ୍ରୀ ଚଞ୍ଚଳା ବିଶ୍ୱାଳ (୫୦) ବିଦ୍ୟୁତ ସଂସ୍ପର୍ଶରେ ଆସି ଉଭୟଙ୍କର ଦୁଃଖଦ ମୃତ୍ୟୁ ହୋଇଛି। ଗୁରୁବାର ସୁଧାକର ଓଦାଲୁଗାକୁ ତାରରେ ଶୁଖାଇବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସ୍ତ୍ରୀ ଚଞ୍ଚଳା ମଧ୍ୟ ବିଦ୍ୟୁତ୍ ଆଘାତ ପାଇଥିଲେ। ସେହିଠାରେ ହିଁ ଉଭୟଙ୍କର ମୃତ୍ୟୁ ହୋଇଥିଲା। ଏନେଇ ସୁନାବେଡ଼ା ଥାନାରେ କେସ୍ ନମ୍ବର ୧/୨୦ରେ ମାମଲା ରୁଜୁ କରାଯାଇଛି।

### ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଅବ୍ୟବସ୍ଥା ଘଟଣା

# ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ


ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣାରତ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

**ଭୁବନେଶ୍ୱର,୨।୧(ବ୍ୟୁରୋ)**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ବୁଧବାର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା ସମ୍ପର୍କରେ ଅସନ୍ତୋଷ ପ୍ରକାଶ କରି ଧାରଣାରେ ବସିଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ। ଆଲୋଚନା ପରେ ଏ ବିଷୟରେ ତଦନ୍ତ କରିବା ପାଇଁ ମନ୍ତ୍ରୀ ଦାସ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଅଧିକାରୀ କମିଟି ଗଠନ କରି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ସହ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୩ ଦିନ ମଧ୍ୟରେ ଏହାର ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାକୁ ମନ୍ତ୍ରୀ କହିଛନ୍ତି। ରିପୋର୍ଟ ମିଳିବା ପରେ ନିଜେ ସ୍ୱାସ୍ଥ୍ୟମନ୍ତ୍ରୀ ବାଲେଶ୍ୱର ଗସ୍ତ କରି ସମସ୍ୟାର ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

# ପିଲାସାଲୁଙ୍କି ଡ୍ୟାମ୍‌ରେ ବୁଡ଼ିଲା ଡଙ୍ଗା

**ଫୁଲବାଣୀ ଅଫିସ/ବଲସକୁମ୍ପା, ୨।୧**


ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି।

ନୂଆବର୍ଷ ଭୋଜି କରିବା ଯୁବତୀ ଯୁବକଙ୍କ ପାଇଁ କାଳ ହୋଇଛି। ଗୁରୁବାର କନ୍ଧମାଳ ଜିଲା ପିଲାସାଲୁଙ୍କି ଡ୍ୟାମ ପାଖରେ ଭୋଜି କରିବା ବେଳେ ଦୁର୍ଘଟଣା ଘଟିଛି। ଡ୍ୟାମ ଭିତରେ ଯୁବତୀ ଓ ଯୁବକମାନେ ଡଙ୍ଗା ନେଇ ବୁଲିବା ବେଳେ ତାହା ବୁଡି ଯାଇଛି। ମୋଟ ୬ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ଯୁବତୀ ନିଖୋଜ ଅଛନ୍ତି। ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନିଖୋଜ ଯୁବତୀ ହେଲେ ଖଜୁରିପଡା ବ୍ଲକ ଦୂତିମେଣ୍ଡି ପଞ୍ଚାୟତ ବନ୍ଧସାହି ଗ୍ରାମର ସୁନୀତା ଝାଙ୍କର(୨୯)।

ଗ୍ରାମର ପ୍ରାୟ ୧୦/୧୨ ଜଣ ପିଲାସାଲୁଙ୍କି ଡ୍ୟାମ ପାଖ ଗଞ୍ଜୁପଦରକୁ ଭୋଜି କରିବାକୁ ଯାଇଥିଲେ। ସେଠାରୁ ୪ ଯୁବତୀ ଏବଂ ୨ଜଣ ଯୁବକ ଡ୍ୟାମ ପାଖକୁ ଆସି ବୁଲାବୁଲି କରୁଥିଲେ। ସେଠାରେ ଥିବା ଡଙ୍ଗାରେ ବୁଲିବେ ବୋଲି ଚଢ଼ିଥିଲେ କିନ୍ତୁ ନାଉରୀ ନ ଥିଲେ। ସେମାନେ ନିଜେ ଆହୁଲା ମାରି ଡ୍ୟାମ ଭିତରେ ବୁଲୁଥିବା ବେଳେ କୌଣସି କାରଣରୁ ତାହା ହଠାତ ଓଲଟି ପଡିଥିଲା। ଡଙ୍ଗା ବୁଡିବା ଦେଖି କୂଳରେ ଥିବା ଯୁବକମାନେ ୫ ଜଣଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାରମାନେ ହେଲେ ଇତିଶ୍ରୀ ଦଣ୍ଡିଆ, ତ୍ରିବେଣୀ କହଁର, ଯସ୍ମା ଦଣ୍ଡିଆ, ସାଗର ସାହୁ ଓ ସଲିଲ ସାଗର ଝାଙ୍କର। କିନ୍ତୁ ସେଥିରେ ଯାଇଥିବା ଅନ୍ୟଜଣେ ଯୁବତୀ ସୁନୀତାଙ୍କୁ ପାଇ ନ ଥିଲେ। ସମୀର ଝାଙ୍କର ଏବଂ ତାପସ ଝାଙ୍କର ଅନ୍ୟ ଯୁବତୀମାନଙ୍କୁ ଉଦ୍ଧାର କରିଥିଲେ। ତାପସ ଉଦ୍ଧାର କାର୍ଯ୍ୟରେ ଥିଲେ ହେଁ ଭଉଣୀ ସୁନୀତାଙ୍କୁ ଠାବ କରି ପାରି ନ ଥିଲେ।

- ଜଣେ ନିଖୋଜ, ୫ ଉଦ୍ଧାର
- ଉଦ୍ଧାରରେ ଭାଇ, ପାଇଲେନି ଭଉଣୀ ପତ୍ତା

ଏହି ଡଙ୍ଗା ମତ୍ସ୍ୟ ବିଭାଗ ପକ୍ଷରୁ ଗଞ୍ଜୁପଦରରେ ଥିବା ପ୍ରାଥମିକ ମତ୍ସ୍ୟ ଉତ୍ପାଦନ ସୋସାଇଟିର ବନ୍ଧୁ କହଁରଙ୍କୁ ଦିଆଯାଇଥିଲା। ଡଙ୍ଗାଟି ଡ୍ୟାମ କୂଳରେ ବନ୍ଧା ହୋଇ ରହିଥିଲା। ସେଥିରେ ଆହୁଲା ବି ନ ଥିଲା। ଯେଉଁମାନେ ଭୋଜି କରିବାକୁ ଯାଇଥିଲେ, ସେମାନଙ୍କ ମଧ୍ୟରୁ ୨ ଜଣ ଯୁବକ ଯାଇ ଡଙ୍ଗା ଆଣିଥିଲେ। ସେଥିରେ ୨ ଜଣ ଯୁବକଙ୍କ ସହ ୪ ଜଣ ଯୁବତୀ ହାତରେ ଆହୁଲା ମାରି ଡ୍ୟାମ ଭିତରେ ବୁଲୁଥିଲେ। ଅସାବଧାନତା ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଡଙ୍ଗାଟି ବୁଡି ଯାଇଛି ବୋଲି ସହକାରୀ ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ କହିଛନ୍ତି। ରାତି ହୋଇଯିବାରୁ ନିଖୋଜ ଯୁବତୀଙ୍କ ସନ୍ଧାନ ମିଳିନାହିଁ। ଅଗ୍ନିଶମ ବିଭାଗ ଓ ଅନ୍ୟମାନେ ସକାଳେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବେ ବୋଲି ଜଣାପଡିଛି।

# ସ୍ମିତାରାଣୀ ମୃତ୍ୟୁ ଘଟଣାକୁ ନେଇ ବର୍ଷିଲା ଭାଜପା

**ଭୁବନେଶ୍ୱର,୨।୧(ବ୍ୟୁରୋ)**

- ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ ପାଇଁ ଚାଲିଛି ଷଡ଼ଯନ୍ତ୍ର: ଲେଖାଶ୍ରୀ
- ବିଜେଡି ଟିକେଟ ନ ମିଳିବାରୁ ଈର୍ଷାନ୍ୱିତ ଅଛନ୍ତି: ସସ୍ମିତ

ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ଅଢ଼େଇ ମାସ ବିତିଥିଲେ ମଧ୍ୟ ଏହି ଘଟଣାର ରହସ୍ୟ ପର୍ଦ୍ଦାଫାଶ ହୋଇନାହିଁ। ପୂର୍ବରୁ ଏହି ହତ୍ୟା ଘଟଣାରେ ଯାଜପୁର ଏସ୍‌ପି ସ୍ମିତାରାଣୀଙ୍କୁ ଚରିତ୍ରହୀନ ଦର୍ଶାଇ ଘଟଣାକୁ ଏକ ନୂଆମୋଡ ଦେଇଥିଲେ। ଏବେ ଯାଜପୁର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ହେପାଜତକୁ ନେବା ପରିବର୍ତ୍ତେ ଜାଣିଶୁଣି ଦୁର୍ବଳ ଚାର୍ଜଶିଟ କରି ଜାମିନ ଦେବାକୁ ଷଡ଼ଯନ୍ତ୍ର କରୁଥିବା ଭାଜପା ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ଏହି ଘଟଣାରେ ପୋଲିସ ରୂପେଶ ଭଦ୍ରଙ୍କୁ ଗିରଫ କରିଛି କିନ୍ତୁ ତାଙ୍କୁ ହେପାଜତକୁ ନେଇନାହିଁ। କେଉଁ ଆଧାରରେ ପୋଲିସ ୨ ହଜାର ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛି। ମୁଖ୍ୟ ଅପରାଧୀଙ୍କୁ ପୋଲିସ ହେପାଜତକୁ ନିଆ ନ ଯାଇ ଚାର୍ଜଶିଟ କିପରି ତିଆରି କଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ମୃତା ସ୍ମିତାରାଣୀଙ୍କ ପୋଷ୍ଟମର୍ଟମ ରିପୋର୍ଟ ଅନୁଯାୟୀ ସେ ଆତ୍ମହତ୍ୟା କରିନାହାନ୍ତି। କିନ୍ତୁ ପୋଲିସ ଘଟଣାର ୩ଦିନ ପରେ ଏହାକୁ ଆତ୍ମହତ୍ୟାର ରୂପ ଦେଇ ଘଟଣାକୁ ଦିଗହରା କରିବାକୁ ବସିଥିଲା। ମୃତ୍ୟୁ ସମୟରେ ଉପସ୍ଥିତ ଅନ୍ୟ ୪ଜଣଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କଲାନାହିଁ। ଉକ୍ତ ଘଟଣାରେ ସ୍ମିତାରାଣୀଙ୍କ ମୃତ୍ୟୁ ସମୟରେ ଉପସ୍ଥିତ ୪ଜଣଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଘଟଣାରେ ସମ୍ପୃକ୍ତ ଅଛନ୍ତି ଏବଂ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରିଆସିଛନ୍ତି। ଏଣୁ କେବଳ ସିବିଆଇ ତଦନ୍ତ ହେଲେ ହିଁ ସମସ୍ତ ଘଟଣାର ପର୍ଦ୍ଦାଫାଶ ହେବ, ଏହାସହ ସ୍ମିତାରାଣୀ ଏବଂ ଓଡ଼ିଶାର ସମସ୍ତ ମହିଳାଙ୍କୁ ନ୍ୟାୟ ମିଳିପାରିବ ବୋଲି ଲେଖାଶ୍ରୀ କହିଛନ୍ତି। ଲେଖାଶ୍ରୀଙ୍କ ଖବରଦାତା ସମ୍ମିଳନୀର ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଏଭଳି ସ୍ପର୍ଶକାତର ବିଷୟ ଉପରେ ମନ୍ତବ୍ୟ ଦେବା ସମୟରେ ନମ୍ରତା ଅବଲମ୍ବନ କରିବା ଦରକାର। ଏମିତି ନିମ୍ନମାନର ବକ୍ତବ୍ୟ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ୨୦୧୪ ଏବଂ ୨୦୧୯ ନିର୍ବାଚନ ପୂର୍ବରୁ ଲେଖାଶ୍ରୀ ବିଜେଡିରୁ ଟିକେଟ ନେବା ଲାଗି ଆଶା ରଖିଥିଲେ। କିନ୍ତୁ ଦଳ ତାଙ୍କୁ ମନା କରିଦେବାରୁ ସେ ଈର୍ଷାନ୍ୱିତ ହୋଇ ଏଭଳି ମନ୍ତବ୍ୟ ରଖୁଛନ୍ତି ବୋଲି ସସ୍ମିତ କହିଛନ୍ତି।

# ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ହେଲେ ନିରଞ୍ଜନ ସେଠୀ

**ଭୁବନେଶ୍ୱର,୨।୧(ବ୍ୟୁରୋ)**



ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିବା ନିରଞ୍ଜନ ସେଠୀଙ୍କୁ ପଦୋନ୍ନତି ମିଳିଛି। ନିରଞ୍ଜନ ୩୦ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଅନେକ ସମୟରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଲୋକ ସମ୍ପର୍କ ଅଧିକାରୀ, ବିଭିନ୍ନ ଜିଲାରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଉତ୍ତରାଞ୍ଚଳ ଉପ ନିର୍ଦ୍ଦେଶକ(ସମ୍ବଲପୁର) ରହିଛନ୍ତି। ଏହାସହ ବିଭାଗର ପ୍ରାୟତଃ ଅଧିକାଂଶ ବ୍ରାଞ୍ଚରେ ଅଫିସରଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ତେବେ ଗୁରୁବାର ନିରଞ୍ଜନଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ପଦବୀକୁ ପଦୋନ୍ନତି ମିଳିଛି। ତେବେ ୨୦୧୯ ସାଧାରଣ ନିର୍ବାଚନରେ ନିର୍ବାଚନ ଆୟୋଗଙ୍କ ସୁପାରିସରେ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସେଠୀ ଗଣମାଧ୍ୟମ ପରିଚାଳନା ଏବଂ ସୋସିଆଲ ମିଡିଆର ନୋଡାଲ ଅଫିସର ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ସରକାରଙ୍କ ୫-ଟି ଆଧାରରେ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଯୋଗୁ ଦୀର୍ଘଦିନର ଅଭିଜ୍ଞତା ଓ ବିଭାଗୀୟ କାର୍ଯ୍ୟରେ ବୈଷୟିକ ଦକ୍ଷତାକୁ ଉପଲବ୍ଧି କରି ତାଙ୍କୁ ବିଭାଗର ନିର୍ଦ୍ଦେଶକ କରାଯାଇଥିବା ସେ କହିଛନ୍ତି।




## ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ କେନ୍ଦ୍ରମନ୍ତ୍ରୀ

- ଲାଞ୍ଚ ମାଗୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ: ଜିଲାପାଳ

**ବାଲେଶ୍ୱର ଅଫିସ, ୨।୧**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ରହୁଥିବା ରୋଗୀମାନଙ୍କୁ ଅପରିଷ୍କାର ବେଡ୍‌ଶିଟ୍ ଯୋଗାଇ ଦିଆଯିବା ସହ ରୋଗୀଙ୍କୁ ଚିକିତ୍ସା ପାଇଁ ଟଙ୍କା ଲାଞ୍ଚ ମଗାଯାଉଥିବା ଅଭିଯୋଗକରି ବୁଧବାର ରାତି ସାଢେ ୯ଟାରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଚିକିତ୍ସାଳୟ ପରିସରରେ ଧାରଣାରେ ବସିଥିଲେ। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଘଟଣାସ୍ଥଳରେ ଜିଲାପାଳ ପହଞ୍ଚି ସମସ୍ତ ଘଟଣାର ତଦାରଖ କରି ୫୦୦ ନୂଆ ବେଡ୍‌ଶିଟ୍ ଆଣି ରୋଗୀଙ୍କୁ ବଣ୍ଟନ କରିବା ସହ ଲାଞ୍ଚ ମାଗୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ରାତି ୧୨ଟା ପରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଧାରଣାରୁ ଉଠିଥିଲେ। ଏଥିସହ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ଅସୁବିଧା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଫକୀରମୋହନ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧୀର ଘୋଷ ଏବଂ ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନାକରି ସମସ୍ତ ବିଷୟକୁ ସମାଧାନ କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ବସନ୍ତ କୁମାର ନାୟକ


ଈଶାନ୍ତ କୁମାର ଦାସ


ମଧୁସ୍ମିତା ପାତ୍ର



ଦେବୀଦତ୍ତ ଆଚାର୍ଯ୍ୟ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର



# ଆହ୍ୱାନର ବର୍ଷ

ମାନ୍ଦାବସ୍ଥା ଓ ନୈରାଶ୍ୟ ଦେଇ ୨୦୧୯ ବିତିଲା। ବିଗତବର୍ଷରେ ଅର୍ଥନୀତି କ୍ଷେତ୍ରରେ ଯେଉଁସବୁ ସମସ୍ୟା ଦେଖିବାକୁ ମିଳିଲା, ସେଗୁଡ଼ିକ ଭିତରେ ଅଛି: ଜିଡିପିରେ ରେକର୍ଡ ପରିମାଣ ହ୍ରାସ, ଟିକସ ଆଦାୟରେ ହ୍ରାସ, ସଂକୁଚିତ ଖାଉଟି ଚାହିଦା, ଅଟୋମୋବାଇଲ ପ୍ରମୁଖ ଶିଳ୍ପରେ ଅବନତି, ରପ୍ତାନି ହ୍ରାସ, ଘରୋଇ ପୁଞ୍ଜିନିବେଶର ଅଭାବ, ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ନିଯୁକ୍ତି ହ୍ରାସ ତଥା ବେରୋଜଗାରି ବୃଦ୍ଧି। ୨୦୧୯ର ଅଧିକାଂଶ ଭାଗ ଏନ୍‌ଡିଏ ସରକାର ନିଜର ରାଜନୈତିକ କାର୍ଯ୍ୟସୂଚୀ ନେଇ ବ୍ୟସ୍ତ ରହିଲେ। ବର୍ତ୍ତମାନ କିଛି ତତ୍କାଳ ରାଜନୈତିକ ଲକ୍ଷ୍ୟ ହାସଲ କରିବାର ନ ଥିବାବେଳେ ସରକାର ଅର୍ଥନୀତିକୁ ସଜାଡ଼ିବା ଉପରେ ଧ୍ୟାନ ଦେବେ ବୋଲି ବିଶ୍ୱାସ କରାଯାଉଛି। ସେଥିପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏକ ଜାତୀୟ ଭିତ୍ତିଭୂମି ପାଇପ୍‌ଲାଇନ (ଏନ୍‌ଆଇପି) ଅଧୀନରେ ୧୦୨ ଲକ୍ଷ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି, ଯାହାଦ୍ୱାରା ଅର୍ଥନୀତିରେ ଉନ୍ନତି ଘଟିବ ଏବଂ ୨୦୨୫ ସୁଦ୍ଧା ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିର ଦେଶରେ ପରିଣତ ହେବା ଦିଗରେ ଅଗ୍ରସର ହେବ। ଏନ୍‌ଆଇପି ଅଧୀନରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୨୩ଟି କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ଚିହ୍ନଟ କରାଯାଇଛି, ଯାହାକୁ ଆସନ୍ତା ୫ ବର୍ଷ ଭିତରେ କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟ ସରକାର ତଥା ବିଭିନ୍ନ ଘରୋଇ ସଂସ୍ଥା ପାଣ୍ଠି ଯୋଗାଇବେ।

ତେବେ ୨୦୨୦ ସରକାରଙ୍କ ପାଇଁ ବିଭିନ୍ନ ଆହ୍ୱାନର ବର୍ଷ ହେବ। ୨୦୨୦ ଜୁନ୍ ପରେ ସରକାରୀ ଏୟାରଲାଇନ୍‌ର ଅସ୍ତିତ୍ୱ ନ ରହିପାରେ। ସରକାର ଏହାକୁ ଏକ ଘରୋଇ ଏୟାରଲାଇନ୍‌କୁ ବିକ୍ରି କରିଦେବା କଥା ଚିନ୍ତା କରୁଛନ୍ତି। କିନ୍ତୁ ଏହାକୁ କିଣିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି, ଯାହା ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଏୟାର ଇଣ୍ଡିଆ ବନ୍ଦ ହୋଇଯିବା ଭାରତର ବେସାମରିକ ବିମାନ ଚଳାଚଳ ଇତିହାସରେ ଏକ ଅତୀବ ମହତ୍ତ୍ୱପୂର୍ଣ୍ଣ ଘଟଣା ହେବ। ଆଉ ମାସକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତାଙ୍କର ଦ୍ୱିତୀୟ କେନ୍ଦ୍ର ବଜେଟ ଉପସ୍ଥାପନ କରିବେ। ଆର୍ଥିକ ମାନ୍ଦାବସ୍ଥାର ମୁକାବିଲା କରିବା ପାଇଁ ସରକାର କି ପଦକ୍ଷେପ ନେବାକୁ ଯାଉଛନ୍ତି, ତାହା ଏହି ବଜେଟରୁ ହିଁ ଜଣାପଡ଼ିବ। ଏଥିପାଇଁ ସୀତାରାମନ୍ ଚଳିତ ସପ୍ତାହରେ ସୂଚନା ଦେଇଥିବା ପରି ଖର୍ଚ୍ଚ ବୃଦ୍ଧି କରିବେ କି ବିତ୍ତୀୟ ସୁଦୃଢ଼ୀକରଣ ପାଇଁ ଟିକସ ହ୍ରାସ କରିବେ, ତାହା ବଜେଟ ଉପସ୍ଥାପନ ପରେ ହିଁ ଜଣାପଡ଼ିବ। ସରକାରଙ୍କ ବାସ୍ତବ ଆଭିମୁଖ୍ୟ ଓ ଆର୍ଥିକ ସ୍ଥିତି ଜାଣିବା ପାଇଁ ଆମକୁ ସେଯାଏ ଅପେକ୍ଷା କରିବାକୁ ପଡ଼ିବ। ଆଗକୁ ଜିଏସ୍‌ଟି କାଉନ୍‌ସିଲ ବୈଠକ ବିତର୍କମୂଳକ ହେବ। ଭାଜପା ଆଉ ଦୁଇଟି ରାଜ୍ୟ

## ଆଜିର ଅର୍ଥନୀତି

ମହାରାଷ୍ଟ୍ର ଓ ଝାଡ଼ଖଣ୍ଡକୁ ହରାଇଥିବାରୁ ଜିଏସ୍‌ଟି କାଉନ୍‌ସିଲରେ ଏହା ଜୋର କରି ନିଜର ନିଷ୍ପତ୍ତି ଲଦିଦେଇ ପାରିବ ନାହିଁ। କାଉନ୍‌ସିଲରେ କେନ୍ଦ୍ର ସରକାର ୩୩ ପ୍ରତିଶତ ମତ ଦେବାର ଅଧିକାର ଥିବାବେଳେ ଅବଶିଷ୍ଟ ଅଧିକାର ରାଜ୍ୟଗୁଡ଼ିକ ଉପରେ ନ୍ୟସ୍ତ।

ଅନେକ ତ୍ରିମାସୀ ହେଲା ଭାରତର ଅର୍ଥନୈତିକ ଅଭିବୃଦ୍ଧି ହ୍ରାସ ପାଇଚାଲିଛି ଏବଂ ନିକଟ ଭବିଷ୍ୟତରେ ଏଥିରେ କୌଣସି ସୁଧାର ଆସିବାର ସମ୍ଭାବନା ଦେଖିବାକୁ ମିଳୁନାହିଁ। ଝାଡ଼ଖଣ୍ଡ ହାତରୁ ଚାଲିଯିବା ପରେ ଭାରତୀୟ ଭୂଭାଗରେ ଭାଜପାର ପଦାଙ୍କ ୭୧ ପ୍ରତିଶତରୁ ୩୫ ପ୍ରତିଶତକୁ ହ୍ରାସ ପାଇଛି। ଗୋଟିଏ ପରେ ଗୋଟିଏ ରାଜ୍ୟ ହରାଇବା ସହ ରାଜ୍ୟଗୁଡ଼ିକରେ ଭାଜପାର ଉପସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଦେଶର ଆର୍ଥିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଲାଗି ଭୂମି ଓ ଶ୍ରମ ଆଇନ ପ୍ରଭୃତିରେ ଯେଉଁ ସଂସ୍କାରର ଆବଶ୍ୟକତା ଥିଲା, ସେ ଦିଗରେ ପଦକ୍ଷେପ ନେବାର ସୁଯୋଗ ରାଜ୍ୟଗୁଡ଼ିକ ଉପରୁ ନିୟନ୍ତ୍ରଣ ହରାଇବା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଏକପ୍ରକାର ହରାଇଦେଲେ। ଆଗକୁ ସରକାରଙ୍କ ପାଇଁ ସମୟ ଅଧିକ କଷ୍ଟକର ହେବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) କହିଛି ଯେ, ଆର୍ଥିକ ସଂସ୍କାର ମାଧ୍ୟମରେ ହିଁ ଭାରତ ଆର୍ଥିକ ଅଭିବୃଦ୍ଧିର ଅଧୋଗତିକୁ ରୋକିପାରିବ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପ୍ରଶାସନକୁ ସୁଦୃଢ଼ କରିବା ସହ ଅଣ-ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀଗୁଡ଼ିକର ଯଥାଯଥ ନିୟନ୍ତ୍ରଣ କରିବା ଭିତରଦେଇ ବ୍ୟାଙ୍କଗୁଡ଼ିକର ବାଲାନ୍ସ ଶୀଟ୍‌କୁ ପରିଷ୍କାର କରାଯାଇପାରିବ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ କିଛି ପୁଞ୍ଜି ଦେଇ ସରକାର ସଚଳ ରଖିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ପ୍ରଶାସନିକ ସଂସ୍କାର ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ଆର୍ଥିକ ସୁଦୃଢ଼ୀକରଣକୁ ଆର୍ଥିକ ଉତ୍ତରଦାୟିତ୍ୱ ଓ ବଜେଟ ପରିଚାଳନା ଅଧିନିୟମ ସହ ଯୋଡ଼ିବା ଦରକାର। ସରକାର ଋଣ ପରିମାଣ ଅନ୍ତତଃ ଜିଡିପିର ୬୦ ପ୍ରତିଶତକୁ ହ୍ରାସ କରିବା ଉଚିତ, ଯାହା ଏବେ ପାଖାପାଖି ୭୦ ପ୍ରତିଶତ ରହିଛି। ସରକାରୀ ଉଧାର ପରିମାଣ ଯେତେ ଅଧିକ ରହିବ ତାହା ଟଙ୍କାର ମୂଲ୍ୟକୁ ସେତେ ବଢ଼ାଇବ। ଯୁକ୍ତିସଙ୍ଗତ ସବ୍‌ସିଡି ପ୍ରଦାନ ତଥା ଟିକସ ଆଦାୟ ବଢ଼ାଇ ରାଜସ୍ୱ ବୃଦ୍ଧି ମାଧ୍ୟମରେ ସଞ୍ଚୟ ବଢ଼ାଇବା ହେଉଛି ସରକାରଙ୍କ ପାଇଁ ଏକ ବଡ଼ କାମ। ତା'ଛଡ଼ା ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ପାଇଁ ଶ୍ରମ ଓ ଭୂ-ସଂସ୍କାରର ବିକଳ୍ପ ନାହିଁ। ଏସବୁଗୁଡ଼ିକୁ ଦେଖିଲେ ଜଣାପଡ଼େ ଚଳିତବର୍ଷ ସରକାରଙ୍କ ପାଇଁ ଏକ ଆହ୍ୱାନର ବର୍ଷ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

**୩ ଜାନୁୟାରୀ ୧୯୯୫**

- ବୟନଶିଳ୍ପ କ୍ଷେତ୍ରରେ ଭାରତ ଆମେରିକା ଓ ୟୁରୋପୀୟ ସମୁଦାୟ (ଇ.ସି.) ସହ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ କରିଛି।
- ଫର୍ନାଡୋ ହେନରିକ୍ କାର୍ଡୋସୋ ବ୍ରାଜିଲର ୩୮ ତମ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିଛନ୍ତି।
- ବାଲେଶ୍ୱର ସୁବର୍ଣ୍ଣରେଖା ନଦୀରେ ଏକ ଲଞ୍ଚ ବୁଡିଯାଇ ୨୦ ଜଣ ବ୍ୟକ୍ତିଙ୍କର ପ୍ରାଣହାନି।
- ଉପରାଷ୍ଟ୍ରପତି କେ.ଆର. ନାରାୟଣନ ୬ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | A | 1 | | | | | | 9 | |
| 1 | | 2 | E | 6 | | | B | | | 8 | | | 7 | 0 |
| B | 7 | 5 | 3 | | 9 | 4 | | 8 | | | | | | |
| A | | | C | | 7 | | | | | | | | | |
| | 3 | | | 0 | D | 2 | | | | 9 | 6 | | | |
| 7 | | | 9 | E | | B | D | 1 | | | | | 2 | |
| 4 | | A | | D | 6 | | | | | 7 | 9 | | | |
| | 8 | 3 | | | | 6 | 4 | | | 0 | 1 | | | |
| 9 | | | | B | | | | | | | | 3 | C | |
| 6 | | | 0 | | C | E | | 5 | | B | | 8 | | 1 |
| | | | | 3 | | | E | | A | | | C | | |
| | | | B | | | 0 | | | | | | 7 | 6 | 8 |
| C | | | | | | | | 4 | | | | | 0 | 9 |
| 3 | 0 | | 8 | A | | | 5 | | | 6 | 2 | B | | 4 |
| | | | | | 0 | 8 | | | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 2 | E | 4 | C | A | 0 | 1 | B | 7 | 8 | 3 | 6 | 5 |
| E | 0 | C | B | A | 7 | 8 | 4 | 6 | 3 | 5 | D | 1 | 9 | 2 |
| B | 4 | 6 | 8 | 2 | 5 | 7 | 3 | D | E | 9 | 1 | C | 0 | A |
| 8 | A | 7 | 3 | 1 | 6 | B | 9 | 5 | 0 | 2 | C | E | D | 4 |
| 1 | 3 | 5 | D | 0 | 9 | C | 2 | E | 6 | A | 4 | 7 | 8 | B |
| 5 | 6 | 4 | 2 | 9 | 3 | 0 | 7 | A | 1 | E | B | 8 | C | D |
| 9 | 2 | D | 7 | 6 | 0 | 1 | E | 8 | 4 | C | A | 5 | B | 3 |
| 0 | 8 | 3 | A | B | E | 2 | C | 4 | 5 | D | 9 | 6 | 7 | 1 |
| 7 | 1 | B | 4 | C | D | 6 | 5 | 9 | 8 | 0 | 3 | A | 2 | E |
| C | E | A | 1 | 5 | 8 | 3 | D | B | 7 | 6 | 2 | 0 | 4 | 9 |
| 3 | C | E | 6 | 7 | B | 9 | 8 | 2 | A | 4 | 5 | D | 1 | 0 |
| 2 | D | 0 | 5 | 8 | A | E | B | C | 9 | 1 | 7 | 4 | 3 | 6 |
| A | 5 | 8 | 9 | D | 1 | 4 | 6 | 3 | C | B | 0 | 2 | E | 7 |
| 6 | B | 1 | 0 | 3 | 4 | D | A | 7 | 2 | 8 | E | 9 | 5 | C |
| 4 | 7 | 9 | C | E | 2 | 5 | 1 | 0 | D | 3 | 6 | B | A | 8 |

ଗତକାଲିର ଉତ୍ତର

# ଅନ୍ଧବିଶ୍ୱାସ ଅନ୍ତରାଳେ



ଅନ୍ନପୂର୍ଣ୍ଣା ପାଣ୍ଡେ

ଆପଣମାନେ ପ୍ରତିଦିନ ଖବରକାଗଜରେ ଡାହାଣୀ ପ୍ରଥା ଉପରେ ପଢୁଥିବେ। ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, ଅନୁଗୋଳ, ଢେଙ୍କାନାଳ ଆଦି ଅଞ୍ଚଳରେ କେତେ ଯେ ଡାହାଣୀ ନାଁରେ ହତ୍ୟା ଚାଲିଛି ତା'ର କଳନା ନାହିଁ। ଓଡ଼ିଶାରେ ଡାହାଣୀ ପ୍ରଥାକୁ ନେଇ ଅତ୍ୟାଚାର ବେଶି। ଗୋଟିଏ ଆଇନ ମଧ୍ୟ ୨୦୧୩ ମସିହାରୁ ଚାଲୁହୋଇଛି କିନ୍ତୁ ଡାହାଣୀ କହି ସ୍ତ୍ରୀଲୋକଙ୍କ ଉପରେ ଅକପଥନୀୟ ଅତ୍ୟାଚାର ବନ୍ଦ ହୋଇନାହିଁ। ଏବେ ଗଞ୍ଜାମ ଜିଲାପାଳ ଭୂତପ୍ରେତ ଓ ଗୁଣିଗାରେଡିକୁ ସାବ୍ୟସ୍ତ କରିପାରିଲେ ୧୦,୦୦୦ ଟଙ୍କା ପୁରସ୍କାର ଦେବେ ବୋଲି ଘୋଷଣା କରିଛନ୍ତି।

ଅଳ୍ପଦିନ ତଳେ ରାୟଗଡ଼ା ଜିଲାର ଏକ ଛୋଟିଆ ଗାଁର ଜଣେ ସହରିଆ ଶିକ୍ଷିତ ବ୍ୟକ୍ତି ବଡ଼ ବ୍ୟସ୍ତ ହୋଇ କହିଲେ, ''ଜାଣିଛନ୍ତି ଏଇ ଗାଁର ଲୋକମାନେ ବଡ଼ ଅନ୍ଧବିଶ୍ୱାସୀ। ସାପକାମୁଡ଼ାରେ ଡାକ୍ତରଖାନା ଯାଆନ୍ତି ନାହିଁ। ଗାଁର ବିଜୁଣୀ ପାଖକୁ ଯାଇ ଝଡ଼ାଫୁଙ୍କା କରନ୍ତି। ଦେଶୀ ଚିକିତ୍ସାକୁ ବେଶି ଆଦରନ୍ତି।'' ମୁଁ ଗାଁର କିଛି ଲୋକଙ୍କୁ ପଚାରିଲି, ''ଆପଣ କ'ଣ ସତରେ ଡାକ୍ତର ପାଖକୁ ଯାଆନ୍ତି ନାହିଁ?'' ମୋତେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି କହିଲେ, ''ଆଜ୍ଞା, ଆମ ଦୁଃଖ କହିଲେ ସରିବ ନାହିଁ। ଡାକ୍ତରଖାନା ପାଖରେ ନାହିଁ। ଚାଲି ଚାଲି କିମ୍ବା ସାଇକେଲରେ ପାହାଡ଼ ଓହ୍ଲେଇ ଆମେ ଅତି କଷ୍ଟରେ ସରକାରୀ ଡାକ୍ତରଖାନାରେ ପହଞ୍ଚିଲେ ବି ଆମ କଥା କେହି ଶୁଣନ୍ତି ନାହିଁ। ଘଣ୍ଟା ଘଣ୍ଟା ଅପେକ୍ଷା କରି ଡାକ୍ତର ଆସିଲା ବେଳକୁ ରୋଗୀର ପ୍ରାଣ ଚାଲିଯାଇଥାଏ। ଯଦିବା ଡାକ୍ତର ଦେଖିଲେ, ଆମ ଲୋକ ସେଠାରୁ ପ୍ରାଣ ଥାଇ ଫେରନ୍ତି ନାହିଁ। ଆମର ସେଥିପାଇଁ ଡାକ୍ତରଖାନାକୁ ବଡ଼ ଡର। ଆମେ ଗାଁରେ ବିଜୁଣୀ ପାଖକୁ ଗଲେ ସେ କୁକୁଡା ବଳି ଦେଇ ରୋଗୀ ଭଲ ହେବା ପାଇଁ ଉପାୟ ବତାଏ। ତା'ପରେ ପ୍ରାଣ ରହିବ ବା ଯିବ, ତାହା ଦେବତା ହାତରେ। ବୁଝିଲି ଯେ ସେମାନେ ଡାକ୍ତର ବା ଡାକ୍ତରଖାନାକୁ ସନ୍ଦେହ କରନ୍ତି ନାହିଁ କିନ୍ତୁ ତାଙ୍କ ନିଜ ଅନୁଭୂତିକୁ ନେଇ ଡାକ୍ତର ଉପରେ ଆସ୍ଥା ରଖନ୍ତି ନାହିଁ। ଅନ୍ୟ ସୂତ୍ରରୁ ଶୁଣିଲି ସେମାନେ ଗାଁ ଗହଳିରେ ଥିବା ଡାକ୍ତରମାନଙ୍କଠାରୁ ପଥି ଖାଆନ୍ତି। ତାଙ୍କ ନିଜର ଜଡିବୁଟି ସହିତ ବିଦେଶୀ ଔଷଧ ମଧ୍ୟ ଖାଆନ୍ତି। ଏମାନଙ୍କୁ ଅନ୍ଧବିଶ୍ୱାସୀ କହି ଏଡେଇଦେବା କ'ଣ ଠିକ୍ କଥା ?

ମୁଁ ଜଣେ ବିଜୁଣୀକୁ ଭେଟିଲି। ଗାଁରେ ବିଜୁଣୀ (ସ୍ତ୍ରୀ ଗୁଣିଆ) ଏବଂ ବିଜୋ (ପୁରୁଷ ଗୁଣିଆ) ବଡ଼ ସାଧାରଣ ଲୋକ। ସେମାନଙ୍କୁ ଗୁଣିଆ କୁହାଯାଇପାରେ। ତାଙ୍କ ଘର ଅନ୍ୟମାନଙ୍କ ଘରଠାରୁ ନିଆରା ନୁହେଁ। ଦିନ ଗୋଟାଏ ବେଳେ ବିଜୁଣୀ ଜଣକ ଜଙ୍ଗଲରୁ ଚାଷ କାମ ସାରି ଜାଳ ନେଇ ଫେରିଥାନ୍ତି। ଗାଧୋଇ ସାରି ଗୋଟିଏ ଧଳା ସୂତା ଶାଢ଼ି ପିନ୍ଧିଥାନ୍ତି। ମୋତେ ଆଦରରେ ପାଖରେ ବସେଇଲେ। ପଚାରିଲି ଆପଣ କ'ଣ କରନ୍ତି? ''ଲୋକମାନେ ଡାକିଲେ ଯାଏ। ଦେହ ଖରାପ ହେଲେ ପଥି ଦିଏ। ଫସଲ ଚାଷ ପୂର୍ବରୁ କ୍ଷେତରେ ପୂଜା କରାଏ। ଆମ ଯାନିଯାତ୍ରାରେ ପୂଜାରୀ ହୁଏ।'' ଜଣେ ସାଧାରଣ ଭଦ୍ର ମହିଳା, କିନ୍ତୁ ମୁହଁଟି ତେଜୋଦୀପ୍ତ। ମୋ ମୁଣ୍ଡ ନଇଁଗଲା। ଜଣେ ବିଜୋଙ୍କ ସାଙ୍ଗରେ ମଧ୍ୟ ଭେଟ ହେଲି। ସେମାନେ ତାଙ୍କର ଦେବତାଙ୍କୁ ଲୋକଙ୍କ ଗୁହାରି ଶୁଣାନ୍ତି। ଲୋକଙ୍କ ହିତ ପାଇଁ ନିଜର ସମୟ ଦିଅନ୍ତି, କିନ୍ତୁ ବଡ଼ ସାଧାରଣ ଭାବରେ ରୁହନ୍ତି। ମୋତେ ସେମାନଙ୍କୁ ମାରାତ୍ମକ ବୋଲି ବିଶ୍ୱାସ ହେଲାନାହିଁ ଏବଂ ମୁଁ ବାହାର ଲୋକ, ତାଙ୍କୁ ସମାଲୋଚନା କରିବାର ଅଧିକାର ମୋର ନାହିଁ।

ମୁନିଗୁଡ଼ା ପାଖରେ ଗୋଟିଏ ଡଙ୍ଗରିଆ କନ୍ଧ ଗାଁରେ ଲୋକଙ୍କୁ ପଚାରିଲି। ଆପଣମାନେ କ'ଣ ଗୁଣିଗାରେଡିରେ ବିଶ୍ୱାସ କରନ୍ତି? ଡାକ୍ତରଙ୍କ ପାଖକୁ ଦେହ ଖରାପ ହେଲେ ଯାଆନ୍ତି ନାହିଁ? ଜଣେ ଭେଣ୍ଡିଆ ଲୋକ ମୁହଁ ଖୋଲିଲେ। ଆଜ୍ଞା, ଆମେ ଆମ ବାପା, ଜେଜେବାପାଙ୍କ ଅମଳରୁ ଜଡିବୁଟି ଉପରେ ବିଶ୍ୱାସ କରିଆସୁଛୁ। ପାହାଡ଼ ପର୍ବତରୁ ଚେରମୂଳି ଖାଇ ଆମ ଦେହ ଭଲ ହୁଏ। ବର୍ତ୍ତମାନ ଆଉ ଏ ଚେରମୂଳି, ବିଜୁଣୀ ଚିକିତ୍ସାରେ ଆମ ଦେହ ଭଲ ହେଉନାହିଁ। ସାଧାରଣ ଲୋକଙ୍କୁ ବଣ୍ଟାଯାଉଥିବା ଚାଉଳ ମିଳୁଛି। କିଲୋ ଟଙ୍କାଟେ। ରାସାୟନିକ ସାର ଓ କୀଟନାଶକ ଦେଇ ଚାଷ ହେଉଥିବା ଧାନର ଚାଉଳ ଏବଂ କୀଟନାଶକ, କେମିକାଲଯୁକ୍ତ ପରିବା ଖାଇ ଆମ ଦେହ ଖରାପ ହେଉଛି। ଆମକୁ ଡାକ୍ତରୀ ଚିକିତ୍ସା ମିଳେ ନାହିଁ। ଜଡିବୁଟି ଔଷଧ ଖାଇଲେ ମଧ୍ୟ ଆଗଭଳି ଫଳ ମିଳୁନାହିଁ। ଭାଗ୍ୟକୁ ଆଦରି ଆମେ ରହିଛୁ। ତା' ଉପରେ ଆମେ ଅନ୍ଧବିଶ୍ୱାସୀ ବୋଲି ସମାଲୋଚନା ଚାଲିଛି।

ଗୋଟିଏ କନ୍ଧ ଗାଁରେ ଜଣେ ବିଜୋକୁ ଭେଟିବାକୁ ଯାଇଥାଏ। ବଡ଼ ସାଧାରଣ ଲୋକ, ଜଙ୍ଗଲକୁ ଯିବା ପାଇଁ ବାହାରିଥାନ୍ତି। ସେ ଗାଁର ସମସ୍ତଙ୍କ ଦେହପା' କଥା ବୁଝନ୍ତି। ଗାଁ ପାଖରେ ଏକ ପ୍ରତ୍ୟକ୍ଷ ଠାକୁରାଣୀଙ୍କ ମନ୍ଦିର ଅଛି। ସେହି ମନ୍ଦିରରେ ସେ ପୂଜାପାଠ ମଧ୍ୟ କରନ୍ତି। ତାଙ୍କ ଘର ସାମ୍ନାରେ ଜଣେ ସ୍ତ୍ରୀଲୋକର ଦେହ ବହୁତ ଖରାପ। ୫୦ ବର୍ଷର ଡେଙ୍ଗା ସ୍ତ୍ରୀଲୋକଟିଏ। ମୁହଁଟି ବଡ ସୁନ୍ଦର। କାଶୁଥାନ୍ତି। କହିଲେ, ଦେହ ଭଲ ନାହିଁ। ଯିଶୁ (ଖ୍ରୀଷ୍ଟିଆନଙ୍କ ଦ୍ୱାରା ପରିଚାଳିତ ଘରୋଇ) ଡାକ୍ତରଖାନାରେ ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ଦେଖିବେ ନାହିଁ। ସରକାରୀ ଡାକ୍ତରଖାନାରେ ଔଷଧ ନାହିଁ। ଯାହା ପାଣି ଔଷଧ ଦେଉଛନ୍ତି, ସେଥିରେ ଦେହ ଭଲ ହେଉନାହିଁ। ବଡ଼ କାମିକା ଲୋକ। ବର୍ତ୍ତମାନ ବସି ବସି ଦେହଟା ଦୁର୍ବଳ ହୋଇଗଲାଣି। ମୋର ଟଙ୍କିକିଆ ଚାଉଳ ଏବଂ ସାରଦିଆ ପରିବା କଥା ମନେପଡ଼ିଲା।

ଏଇଠି ମୁଁ ଆପଣମାନଙ୍କୁ ମଙ୍ଗ୍ (Hmong) ଆଦିବାସୀ ଲୋକମାନଙ୍କ ବିଷୟରେ ଦୁଇଧାଡି କହିବି। ସେମାନଙ୍କର ରାଜ୍ୟ ହେଲା ଲାଓସ, ଭିଏତ୍‌ନାମ୍ ଏବଂ ଥାଇଲାଣ୍ଡ ମଝିରେ ଛୋଟିଆ ଦେଶଟିଏ। ସେମାନେ ଗୁଣିଆ ଉପରେ ବିଶ୍ୱାସ କରନ୍ତି। ୧୯୭୦ ମସିହାରୁ ବହୁତ ମଙ୍ଗ୍ ଲୋକ ଆମେରିକାରେ ବସବାସ କରିଛନ୍ତି। ସେଠି ମଧ୍ୟ ସେମାନେ ତାଙ୍କ ଗୁଣିଆଙ୍କଠାରୁ ଔଷଧ ନିଅନ୍ତି। କୁକୁଡା ବଳି, ଗାଈବଳି ଦେଇ ଦେହ ଭଲ ପାଇଁ ପୂଜାବିଧି କରନ୍ତି। ତାଙ୍କ ଉପରେ ବହୁତ ଗବେଷଣା ହୋଇଛି। ସେମାନେ ଡାକ୍ତରଙ୍କ ଔଷଧ ଖାଆନ୍ତି କିନ୍ତୁ ଅନେକେ ତାଙ୍କ ନିଜ ପାରମ୍ପରିକ ଔଷଧ ଉପରେ ବିଶ୍ୱାସ କରନ୍ତି। ବର୍ତ୍ତମାନ ଆମେରିକାରେ ମଙ୍ଗ୍ ଗୁଣିଆମାନେ ଡାକ୍ତରଖାନାରେ ଯାଇ ତାଙ୍କ ଲୋକଙ୍କ ପାଇଁ ପୂଜାପାଠ କରିବେ ବୋଲି ଅନୁମୋଦିତ ହୋଇଛି।

ଗତ ନଭେମ୍ବରରେ ଲଣ୍ଡନର କ୍ରୋୟଡନ୍ ସହରରେ ଗୋଟିଏ ବଡ଼ ଡାହାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେଥିରେ ଏକାଧିକ କର୍ମଶାଳା ରହିଥିଲା। ନାନା ଦେଶରୁ ଭାଗନେବା ପାଇଁ ଲୋକମାନେ ଆସି ପ୍ରକୃତି ପୂଜା, ନାରୀଶକ୍ତି ଇତ୍ୟାଦି ଉପରେ ଚର୍ଚ୍ଚା କରିଥିଲେ। ଆୟୋଜକଙ୍କ କହିବା ଅନୁସାରେ, ଏଇଟା ସାରା ପୃଥିବୀରେ ସବୁଠାରୁ ବଡ଼ ଡାହାଣୀ ଉତ୍ସବ ଥିଲା।

୧୭୦୦ ଶତାବ୍ଦୀରୁ ଡାହାଣୀ ପ୍ରଥାକୁ ନେଇ ଆମେରିକାରେ ଡାହାଣୀମାନଙ୍କୁ ବହୁ ପରିମାଣରେ ନିର୍ଯାତନା ସହିବାକୁ ପଡିଛି। ସେଲମ୍ ଟ୍ରାଏଲ୍ ୧୬୯୨ରେ ଅନେକ ସ୍ତ୍ରୀଲୋକଙ୍କୁ ଡାହାଣୀ ନାଁରେ ଦଣ୍ଡ ମିଳୁଥିଲା ଏବଂ ୧୯ ଜଣ ଲୋକଙ୍କୁ ସେଥିପାଇଁ ପ୍ରାଣଦଣ୍ଡ ମିଳିଥିଲା। କିନ୍ତୁ ଏହି ଦଣ୍ଡ ପ୍ରଥା ଆମେରିକାରେ ଅନେକ ଦିନରୁ ବନ୍ଦ ହୋଇଛି।

ବିଂଶ ଶତାବ୍ଦୀରୁ ଡାହାଣୀମାନଙ୍କ ଉପରେ ଚର୍ଚ୍ଚା ଗୋଟିଏ ଆନ୍ଦୋଳନରେ ପରିଣତ ହୋଇଛି। ମୋ ବିଶ୍ୱବିଦ୍ୟାଳୟରେ କେତେକ ଝିଅ ବଡ଼ ଗର୍ବର ସହିତ କହନ୍ତି, ମୁଁ ଗୋଟିଏ ଡାହାଣୀ ଏବଂ ମୁଁ ପ୍ରକୃତି ପୂଜା କରେ। ପ୍ରକୃତିର ଶକ୍ତି ଉପରେ ବିଶ୍ୱାସ ରଖେ। ପାଠକେ, ଆମେ ଯଦି ଆମର ସ୍ତ୍ରୀମାନଙ୍କୁ ଯଥାଯୋଗ୍ୟ ସମ୍ମାନ ଦେବା ଏବଂ ଆଦିବାସୀମାନଙ୍କୁ ତଳୁଆ ନ ଭାବି ତାଙ୍କ ଜ୍ଞାନର ଉପଯୋଗ କରିବା, ତେବେ ଆମେ ମଧ୍ୟ ସେମାନଙ୍କଠାରୁ ଅନେକ କିଛି ଶିଖିପାରିବା।

ଡାହାଣୀ ନାଁରେ ଯେଉଁ ହତ୍ୟା ଚାଲିଛି ତାହା ନାରୀମାନଙ୍କୁ ଚୁପ୍ କରାଇବାର ଗୋଟିଏ ଉପାୟ। ଗୋଟିଏ ଜଣାଶୁଣା ଖବରକାଗଜର ସମ୍ପାଦକ ମୋତେ କହିଲେ, ଶତକଡା ୯୦ ଭାଗ ଡାହାଣୀଙ୍କୁ ହତ୍ୟା ସମ୍ପତ୍ତିକୁ ନେଇ। ତେଣୁ ଖାଲି କୁସଂସ୍କାର କହି ମୂଳ କାରଣକୁ ଏଡ଼ାଇଦଲେ ହେବ ନାହିଁ।

adpandey101@gmail.com

# ପ୍ରାତଃଭ୍ରମଣ, ବ୍ୟାୟାମ ଓ ଅର୍ଥନୀତି



ଈପ୍ସିତା ମହାନ୍ତି

ସାରା ଦେଶରେ ଅର୍ଥନୀତିକୁ ନେଇ ଚର୍ଚ୍ଚା ଚାଲିଛି। ଦେଶର ଆର୍ଥିକ ମାନ୍ଦାବସ୍ଥାକୁ ନେଇ ଲୋକେ ଚିନ୍ତା ପ୍ରକଟ କରୁଛନ୍ତି। ଏଭଳି ସମୟରେ ଯଦି କୁହାଯିବ, ଲୋକେ ପାଦରେ ଚାଲିଲେ ଦେଶର ଅର୍ଥନୈତିକ ଅବସ୍ଥାରେ ସୁଧାର ଆସିବ, ଏ କଥାକୁ ସମସ୍ତେ ହସରେ ଉଡ଼େଇ ଦେବେ। ଆଉ ଯେଉଁମାନେ ବିଶ୍ୱାସ କରିବେ ସେମାନେ ଇନ୍ଧନ ବଞ୍ଚାଇବା ଦିଗ ଆଡ଼କୁ ବିଚାର କରି ଯୁକ୍ତି ରଖିବେ।

କିନ୍ତୁ ନିକଟରେ ବ୍ରିଟେନର ଏକ ସର୍ବେକ୍ଷଣ ସଂସ୍ଥା ଦାରା କରାଯାଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ, ପ୍ରତିଦିନ ୧୫ମିନିଟ୍ କିମ୍ବା ୧କିଲୋମିଟର ଚାଲିଲେ ସାରା ଦୁନିଆର ଅର୍ଥନୈତିକ ବ୍ୟବସ୍ଥାରେ ପ୍ରତିବର୍ଷ ୭ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ବିଶ୍ୱର ୭ଟି ଦେଶର ୧ଲକ୍ଷ ୨୦ହଜାର ଲୋକଙ୍କ ଉପରେ ଆକଳନ କରିବା ପରେ ଏହି ତଥ୍ୟ ପ୍ରକାଶ ପାଇଛି। ସର୍ବେକ୍ଷଣରେ ଅଂଶଗ୍ରହଣ କରିଥିବା ଅଧିକାରୀଙ୍କ କହିବା କଥା ହେଲା, ପାଦରେ ଚାଲିବା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଥାଏ। ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ଏହାର ଲାଭ ମିଳିଥାଏ। ଯଦି ଆପଣ ଶାରୀରିକ ରୂପେ ସୁସ୍ଥ ରହନ୍ତି, ତେବେ ଉଚ୍ଚ ରକ୍ତଚାପ, ଉଦ୍‌ବେଗ ଓ ଅବସାଦଜନିତ ରୋଗ ଗ୍ରାସ କରିବାର ଆଶଙ୍କା କମିଯାଇଥାଏ। ମୃତ୍ୟୁହାର ମଧ୍ୟ ହ୍ରାସ ପାଇଥାଏ। ସିଧାସଳଖ କହିଲେ, ଲୋକେ ଅଧିକ ସମୟ ଜୀବିତ ରହିବା ତଥା ଲଗାତର ଭାବେ କାମ କରିବା କାରଣରୁ ଦେଶର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇଥାଏ। ଏଣୁ ସକାଳ ବୁଲାଚଲା ଶରୀରକୁ ସୁସ୍ଥ ଓ ସୁନ୍ଦର ରଖିଥାଏ। ଯେତେ ଚାଲିବେ ଶରୀରରେ ସେତେ ରକ୍ତ ସଞ୍ଚାଳନ ହେବ। ଏହାଦ୍ୱାରା କେବଳ ହୃତ୍‌ପିଣ୍ଡକୁ ଲାଭ ମିଳି ନ ଥାଏ ବରଂ ଡାଇବେଟିସ ଭଳି ରୋଗ ହୋଇ ନ ଥାଏ ବା ତାକୁ ନିୟନ୍ତ୍ରଣ କରାଯାଇପାରେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶାବଳୀ ଅନୁସାରେ ପ୍ରତ୍ୟେକ ସଂସ୍ଥା ବା ସଂଗଠନ ନିଜ କର୍ମଚାରୀଙ୍କୁ ନିୟମିତ ବ୍ୟାୟାମ ପାଇଁ ପ୍ରୋତ୍ସାହିତ କରିବା ଆବଶ୍ୟକ। ଏହାଦ୍ୱାରା କର୍ମଚାରୀମାନେ ନୀରୋଗ ଓ ସୁସ୍ଥ ରହି କମ୍ ଛୁଟି ନେବେ। ଫଳରେ ସେମାନଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ କହୁଛି, ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସପ୍ତାହରେ ଅତିକମ୍‌ରେ ୧୫୦ମିନିଟ୍‌ର ହାଲୁକା କିମ୍ବା ୭୫ମିନିଟ୍‌ର କଠିନ ବ୍ୟାୟାମ କରିବା ଦରକାର। ସମଗ୍ର ବିଶ୍ୱ ଜନସଂଖ୍ୟାର ପ୍ରାୟ ୩୦ ପ୍ରତିଶତ ଲୋକ ଶାରୀରିକ ରୂପେ ସୁସ୍ଥ ନୁହନ୍ତି। ଏହି କାରଣରୁ ପ୍ରତିବର୍ଷ ୫୦ଲକ୍ଷ ଲୋକ ଦେହତ୍ୟାଗ କରନ୍ତି।

ଫିଟ୍‌ନେସ ଟ୍ରାକିଂ ଗେଜେଟ୍ ସଂସ୍ଥାର ତଥ୍ୟ ଅନୁଯାୟୀ ସୁସ୍ଥତା ତାଲିକାରେ ଭାରତୀୟମାନେ ବହୁ ପଛରେ। ପ୍ରତିଦିନ ଜଣେ ଭାରତୀୟ ହାରାହାରି ମାତ୍ର ୬ହଜାର ୫ଶହ ୩୩ ପାଦ ଚାଲିଥାନ୍ତି। ଏହି ତଥ୍ୟ ଅନୁଯାୟୀ ହଂକଂ ସବୁଠାରୁ ଉପରେ। ତେଣୁ ହଂକଂ ପୃଥିବୀର ଚଞ୍ଚଳତମ ଦେଶ। ଏଠାରେ ଜଣେ ବ୍ୟକ୍ତି ପ୍ରତିଦିନ ୧୦ହଜାର ୧ଶହ ୩୩ ପାଦ ଚାଲିଥାନ୍ତି। ଅଷ୍ଟ୍ରେଲିଆ, ଥାଇଲାଣ୍ଡ ଓ ଫିନ୍‌ଲାଣ୍ଡର ବିଶେଷଜ୍ଞଙ୍କ ମତାନୁସାରେ ଧୀରେ କିମ୍ବା କ୍ଷିପ୍ର ଗତିରେ ଚାଲିବା ଦ୍ୱାରା ସେଭଳି କୁପ୍ରଭାବ ଶରୀର ଉପରେ ପଡି ନ ଥାଏ। କିନ୍ତୁ ଅବିରତ ଚଳଚଞ୍ଚଳ ରହିବା ଦ୍ୱାରା ଆମ ସ୍ୱାସ୍ଥ୍ୟ ଠିକ୍ ରହିଥାଏ ଏବଂ କାମ କରିବାର କ୍ଷମତା ବୃଦ୍ଧି ପାଇଥାଏ।

ଏକ ଆମେରିକୀୟ ସ୍ୱାସ୍ଥ୍ୟ ପତ୍ରିକାର ତଥ୍ୟ ଅନୁସାରେ ଭାରତୀୟଙ୍କ ଉଚ୍ଚ ଉତ୍ପାଦନ କ୍ଷମତା ହେଉଛି ସାଢେ ୬ବର୍ଷ। ଅର୍ଥାତ୍ ଜଣେ ଭାରତୀୟ ନିଜ ଜୀବନକାଳ ମଧ୍ୟରେ ମାତ୍ର ସାଢେ ୬ବର୍ଷ ପର୍ଯ୍ୟନ୍ତ ହିଁ ନିଜର କାର୍ଯ୍ୟଦକ୍ଷତାକୁ ଖୁବ୍ ଭଲରେ ଉପଯୋଗ କରିଥାନ୍ତି। ଚାଇନାରେ ଏହା ୨୦ବର୍ଷ, ବ୍ରାଜିଲରେ ୧୬ବର୍ଷ ଓ ଶ୍ରୀଲଙ୍କା ପରି ଦେଶରେ ଲୋକଙ୍କ ଏହି କ୍ଷମତା ୧୩ବର୍ଷ। ମାନବପୁଞ୍ଜିର ତାଲିକା ଅନୁସାରେ ଭାରତ ୧୯୫ଟି ଦେଶ ମଧ୍ୟରେ ୧୮୫ତମ ସ୍ଥାନରେ ରହିଛି। ଏଠାରେ ମାନବପୁଞ୍ଜିର ଅର୍ଥ ଜୀବନକାଳ ମଧ୍ୟରେ ଯେଉଁ ସମୟରେ ଯୁକ୍ତିଟି ଅଧିକ କାମ କରିଥାଏ ସେହି ସମୟକୁ ଏହା ବୁଝାଇଥାଏ। ଏହାର ଗଣନା ପ୍ରାୟତଃ ୨୦ରୁ ୬୪ବର୍ଷ ବୟସ ମଧ୍ୟରେ କରାଯାଇଥିଏ। ଆର୍ଥିକ ପ୍ରଗତି ଉପରେ ଆଧାରିତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହି ଦୃଷ୍ଟିରୁ ଭାରତୀୟଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଲେ, ସେମାନେ ଶାରୀରିକ ରୂପେ ଚଞ୍ଚଳତା ଦେଖାଇବେ, ଯାହାଦ୍ୱାରା ଭାରତର ଅର୍ଥନୀତି କ୍ଷିପ୍ର ଗତିରେ ଆଗକୁ ବଢ଼ି ଚାଲିବ। ପୁଣି ଅନ୍ୟ ଏକ ତଥ୍ୟ କହୁଛି ଏପରି ହେଲେ ଭାରତର ଜିଡିପିରେ ୧.୪ପ୍ରତିଶତ ଅଭିବୃଦ୍ଧି ଘଟିବ।

ପ୍ରତ୍ୟେକ ବ୍ୟକ୍ତିର ଭଲ ସ୍ୱାସ୍ଥ୍ୟର ପ୍ରଭାବ ତା'ର ଆୟ ଉପରେ ମଧ୍ୟ ପଡ଼ିଥାଏ। ଏପରି ଆକଳନ ଅନୁଯାୟୀ ସ୍ୱେନ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଠାରେ ପ୍ରତି ବ୍ୟକ୍ତିଙ୍କ ଆୟ ବାର୍ଷିକ ୪ଲକ୍ଷ ୭୧ହଜାର ଟଙ୍କା ଥିବାବେଳେ ଭାରତୀୟଙ୍କ ଆୟ ମାତ୍ର ୧ଲକ୍ଷ ୨୬ହଜାର ଟଙ୍କା। ଆହୁରି ଜଣାପଡ଼ିଛି ଉତ୍ତମ ସ୍ୱାସ୍ଥ୍ୟଧାରୀ ଲୋକଙ୍କ ଦେଶ ତୁଳନାରେ ସ୍ୱାସ୍ଥ୍ୟହାନି ଲୋକଙ୍କ ଦେଶରେ ପ୍ରତି ଘଣ୍ଟାରେ ମୁଣ୍ଡପିଛା ଆୟ ଯଥେଷ୍ଟ କମ୍ ହୋଇଥାଏ। ନରୱେରେ ପ୍ରତି ବ୍ୟକ୍ତି ଘଣ୍ଟାକରେ ୭୫ ଡଲାର ଆୟ କରୁଥିବା ବେଳେ ଭାରତର ଲୋକେ ପ୍ରତି ଘଣ୍ଟାରେ ମାତ୍ର ସାଢ଼େ ୩ ଡଲାର ଅର୍ଥ ଉପାର୍ଜନ କରିଥାନ୍ତି। ସ୍ୱାସ୍ଥ୍ୟବାନ୍ ନାଗରିକ ନିଜ ଦେଶର ଅର୍ଥ ବ୍ୟବସ୍ଥାକୁ ବେମାରରୁ ମୁକ୍ତ ରଖିଥାନ୍ତି। ସରକାରୀ ତଥ୍ୟ କହୁଛି ଭାରତର ୩୪ ପ୍ରତିଶତ ଲୋକ ଅସୁସ୍ଥତା ପାଇଁ ଅଧିକ ଆର୍ଥିକ ବୋଝ ଉଠେଇଥାନ୍ତି। ତେଣୁ ସୁସ୍ଥ ରହି ବିଭିନ୍ନ ରୋଗରୁ ନିଜକୁ ମୁକ୍ତ ରଖିପାରିଲେ, ଔଷଧ ଓ ଡାକ୍ତରଙ୍କ ପରାମର୍ଶ ପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହୁଏ ସେଥିରୁ ମୁକ୍ତି ମିଳିବ।

ଏହି ପରିପ୍ରେକ୍ଷୀରେ ସୁସ୍ଥ ରହିବାକୁ ହେଲେ ପ୍ରତିଦିନ ଅଧଘଣ୍ଟା ବ୍ୟାୟାମ କରିବାକୁ ହେବ। ସୂର୍ଯ୍ୟ ନମସ୍କାର କରିବା ମଧ୍ୟ ଏକ ଭଲ ଅଭ୍ୟାସ। ପ୍ରତିଦିନ ୧୦ହଜାର ପାଦ ଚାଲିବା ଅଭ୍ୟାସ କରିବା ହିତକର। ଏହାଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିବ। ସନ୍ତରଣ ଓ ସାଇକେଲ ଚାଳନା ମଧ୍ୟ ସୁସ୍ଥ ଶରୀର ପାଇଁ ଉପାଦେୟ। ଏଥିସହ ସର୍ବଦା ସନ୍ତୁଳିତ ଆହାର ଗ୍ରହଣ କରିବା ଜରୁରୀ। ଶୋଇବାର ୩ଘଣ୍ଟା ପୂର୍ବରୁ ରାତ୍ରିଭୋଜନ ଗ୍ରହଣୀୟ। ବିଳମ୍ବିତ ରାତ୍ରି ଭୋଜନ ବର୍ଜନୀୟ। ସୁସ୍ଥ ରହିବା ପାଇଁ ନିଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୈନିକ ୭ରୁ ୮ଘଣ୍ଟା ଶୋଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ସୁସ୍ଥ ଶରୀର ପାଇଁ ମାନସିକ ସୁସ୍ଥତା ମଧ୍ୟ ଅପରିହାର୍ଯ୍ୟ। ଏଥିପାଇଁ ଯୋଗ ସହ ସକାରାତ୍ମକ ଗ୍ରନ୍ଥ ଅଧ୍ୟୟନ ଜରୁରୀ। ବିପଦ ସମୟରେ ଅଧୀର ନ ହୋଇ ସାହସର ସହ ଏହାର ମୁକାବିଲା କରିବା ଉଚିତ।


ବୈପାରୀଗୁଡ଼ା, କୋରାପୁଟ,
ମୋ– ୬୩୭୦୬୭୯୪୦୫


## ଏଇ ଭାରତରେ

ଶିକ୍ଷାର ବିକାଶ ଲାଗି ସମଗ୍ର ଦେଶରେ ବିଭିନ୍ନ ଯୋଜନା କରାଯାଉଛି। ଏହି ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ତା'ର ବାସ୍ତବତାକୁ ପଦାକୁ ଆଣିଛି ହିମାଚଳ ପ୍ରଦେଶର ଏକ ସ୍କୁଲ୍। କେଉଁଠି ଅନେକ ଶ୍ରେଣୀ ଲାଗି ଜଣେ ଶିକ୍ଷକ ରହୁଥିବାବେଳେ ଏହି ସ୍କୁଲ୍‌ରେ ସବୁ ଶ୍ରେଣୀ ପାଇଁ ଗୋଟିଏ ମାତ୍ର କୋଠରି ରହିଛି। ବରୋଟ ଜିଲା ଚୌହର ଘାଟିର ତରସ୍ୱାନ ପଞ୍ଚାୟତସ୍ଥିତ ରାଜକୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବେ ଗୋଟିଏ ଛୋଟ କୋଠରିରେ ଚାଲିଛି। ଏଥିରେ ସ୍କୁଲ୍‌ର ସବୁକାର୍ଯ୍ୟ ଚାଲୁଛି। ଏହା ଭିତରେ ପିଲାଙ୍କ ରୋଷେଇ ହେଉଛି। ଶିକ୍ଷକମାନେ ବସୁଛନ୍ତି ଓ ୪୫ ଜଣ ପିଲା ବି ପଢୁଛନ୍ତି। ୨୦୧୩ରେ ଏହି ସ୍କୁଲ୍ ଖୋଲାଯାଇଥିଲା। ସବୁ ଶ୍ରେଣୀ ଲାଗି ଶିକ୍ଷକ ନିଯୁକ୍ତି କରାଯାଇଥିଲେ ମଧ୍ୟ ଏଯାବତ୍ ଏକ ବଖୁରିଆ ସ୍କୁଲ ହୋଇରହିଛି। କେବଳ ଏହି ସ୍କୁଲ୍ ନୁହେଁ, ରାଜ୍ୟରେ ମୋଟ ୧୯୬୯ଟି ମିଡ୍‌ଲ ସ୍କୁଲ୍ ମଧ୍ୟରୁ ୨୬୩ଟି ସ୍କୁଲ୍ ଗୋଟିଏ କୋଠରିରେ ଚାଲିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ୪ଟି ସ୍କୁଲ୍ ବିନା କ୍ଲାସ୍ ରୁମ୍‌ରେ ଚାଲିଛି। ସ୍କୁଲ୍ ପରିଚାଳନା କମିଟିର ସଦସ୍ୟମାନେ ସ୍ଥାନୀୟ ବିଧାୟକ ଓ ଶିକ୍ଷା ବିଭାଗ ନିକଟରେ ପିଲାଙ୍କ ସୁବିଧା ପାଇଁ ଅଧିକ କଠୋରି ନିର୍ମାଣ କରିବାକୁ ଦାବି କରିଛନ୍ତି।

## ଚିରନ୍ତନୀ

ତୁମରି ଲାଗି ବାଇଛି ବୀଣା
ସଞ୍ଜ ସକାଳ ଦିବସ ମିଶି
ଗୋଧୂଳି କେବେ ମିଳାଏ ଧୀରେ
ପାହାନ୍ତି ବାଆ ସହିତେ ମିଶି !
ବିକଳ ମୋର ଅନ୍ତର ବନ୍ଧୁ!
ତୁମରି ଲାଗି କାନ୍ଦିଛି କେତେ
ହତାଶା ପରେ ହତାଶା ଘେନି
ନୂତନ ଆଶା ବାନ୍ଧିଛି କେତେ।
ନ ଆସ ତହିଁ ନ ଦିଅ ଦେଖା
ବ୍ୟଥିତ ମୁହିଁ ଫେରଇଁ ଘରେ
ଅଭିମାନର ଲୋତକ ରାଶି
ନ ପଡେ ତଳେ ନୟନେ ମରେ।
ନ ଭୁଲି ପଥ କେସନ ପୁଣି
ଅଜଣା ଦେଶେ ଆସିଲ ଚାଲି
ଶୀତ ବରଷା ନ ମାନି ତୁମେ
ଏ କି ମଉନ ବେଶରେ ଖାଲି।
(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିକ୍ଷୋଭ ଶାନ୍ତିପୂର୍ଣ୍ଣ ହେବା ଉଚିତ

ମହାଶୟ,

ଜାତୀୟ ନାଗରିକ ପଞ୍ଜିକାକୁ ନେଇ ଦେଶରେ ଯେଉଁ ପ୍ରକାର ହିଂସାକାଣ୍ଡ ଘଟି କୋଟି କୋଟି ଟଙ୍କାର ଜାତୀୟ ସମ୍ପତ୍ତି ନଷ୍ଟ ହେଉଛି ତାହା ନିଶ୍ଚିତ ଭାବରେ ନିନ୍ଦନୀୟ। ଆନ୍ତର୍ଜାତିକ ସ୍ତରରେ ଏହାଦ୍ୱାରା ଭାରତର ସମ୍ମାନ ନଷ୍ଟ ହେଉଛି। ଆଇନକୁ ହାତକୁ ନେଇ ଦେଶର ସମ୍ପତ୍ତିକୁ ଧ୍ୱଂସ କରୁଥିବା ବ୍ୟକ୍ତିମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରିବା ନଷ୍ଟ ସମ୍ପତ୍ତିର ମୂଲ୍ୟ ସେମାନଙ୍କଠାରୁ ଆଦାୟ କରାଯିବା ଉଚିତ। ବିକ୍ଷୋଭ ଯଦି କରିବାର ଅଛି ତେବେ ତାହା ଶାନ୍ତିପୂର୍ଣ୍ଣ ଉପାୟରେ କରାଯାଉ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ନଈରେ ଗୃହପାଳିତ ପ୍ରାଣୀଙ୍କ ଶବ

ଆମ ରାଜ୍ୟର ବିଭିନ୍ନ ନଦୀ କୂଳେ କୂଳେ ପ୍ରମୁଖ ସହର ଗଢିଉଠିଛି। ସହର ତଳି ଅଞ୍ଚଳରେ ବସବାସ କରୁଥିବା ଲୋକେ ଗାଉଁଲି ଓ ସହରୀ ଭଳି ଦୁଇ ପ୍ରକାର ଜୀବନ ଅତିବାହିତ କରୁଛନ୍ତି ଏବଂ ବିପିଏଲ୍ ପରିବାର ସଂଖ୍ୟା ଅଧିକ। ଗୃହପାଳିତ ପ୍ରାଣୀ ଗାଈ, ଛେଳି, ଘୁଷୁରି, କୁକୁର ଆଦି ମରିଯିବା ପରେ ଆଗପଛ ନ ବିଚାରି ସ୍ଥାନୀୟ ନଈକୁ ଫିଙ୍ଗି ଦଉଛନ୍ତି। ଏହାଦ୍ୱାରା ରୋଗ ସଂକ୍ରମଣ ହେବ। ଲୋକେ ନଦୀଜଳ ବ୍ୟବହାର କରିବାକୁ ଭୟ କରୁଛନ୍ତି। ଏଭଳି ଭୁଲ ନ କରି ପ୍ରାଣୀଙ୍କ ଶବକୁ ମାଟି ଖୋଳି ପୋତିଦେଲେ ପରେ ତାହା ସାରର କାମ କରନ୍ତା। ସରକାର ମାଲିକଙ୍କୁ ଗୋଟିଏ ମଜୁରି ଖର୍ଚ୍ଚ ଦେଇଦେଲେ ଭଲ ହୁଅନ୍ତା। ସ୍ଥାନୀୟ ପୋଲିସ ମଧ୍ୟ ଠୋସ ପଦକ୍ଷେପ ନେବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କାଳିଆ ଯୋଜନାରେ ଠକେଇ
# ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖିଲେ ଅକ୍ଷୟ

**ଅନଶନ ପ୍ରତ୍ୟାହାର କରିବାକୁ ଦୁଇ ବିଧାୟକଙ୍କ ଅନୁରୋଧ**

**ଭୁବନେଶ୍ୱର,୨।୧(ବ୍ୟୁରୋ):** ଚାଷୀଙ୍କ ଜୀବିକା ସୁରକ୍ଷା ସକାଶେ ରବି ଏବଂ ଖରିଫ ଋତୁରେ ସରକାର ବର୍ଷକୁ ୧୦ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାର ଏହି ପ୍ରତିଶ୍ରୁତି ପୂରଣରେ ଖିଲାପ କରିଥିବା ଦର୍ଶାଇ ନବ ନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ତାଙ୍କ ଜଟଣୀ କାର୍ଯ୍ୟାଳୟରେ ୮ ଦିନ ହେଲା ଅନଶନରେ ବସିଛନ୍ତି। ଏନେଇ ଗୁରୁବାର ସେ ହାଇକୋର୍ଟର ମୁଖ୍ୟ ବିଚାରପତି କେ.ଏସ୍. ଜାଭେରିଙ୍କୁ ପତ୍ର ଲେଖି ଜଣାଇଛନ୍ତି। ତାଙ୍କ କହିବା ହେଲା, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସରକାର ୭୦ଲକ୍ଷ ଚାଷୀ କାଳିଆ ଯୋଜନାରେ ସାମିଲ ହେବେ ଏବଂ ସମସ୍ତେ ସହାୟତା ପାଇବେ, କେହି ବଞ୍ଚିତ ହେବେନାହିଁ ବୋଲି କହିଥିଲେ। କାଳିଆ ଯୋଜନା ବନ୍ଦ ହେବ ନାହିଁ, ନିର୍ବାଚନ ଜିତିବାର ୨୪ଘଣ୍ଟା ମଧ୍ୟରେ ସମସ୍ତଙ୍କ ଆକାଉଣ୍ଟକୁ ଟଙ୍କା ଆସିବ ବୋଲି କହିଥିଲେ। ମାତ୍ର ଏହି ଯୋଜନାରେ ଲାଭ ପାଇବାରୁ ଅନେକ ଚାଷୀ ବଞ୍ଚିତ ହୋଇଥିବା ସେ କହିଛନ୍ତି। ଏନେଇ ସବୁ ଜିଲାରେ ଏସ୍‌ପିଙ୍କ ନିକଟରେ ଏତଲା ଦିଆଯିବା ସହିତ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର ହୋଇଛି ବୋଲି କହିଛନ୍ତି। ଅପରପକ୍ଷରେ ଅକ୍ଷୟଙ୍କ ଅନଶନ ଭଙ୍ଗ କରିବା ପାଇଁ ଶାସକ ଦଳର ଦୁଇ ବିଧାୟକ ସୁଶାନ୍ତ ରାଉତ ଏବଂ ଅନନ୍ତ ନାରାୟଣ ଜେନା ଗୁରୁବାର ତାଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଅନଶନ ବନ୍ଦ କରିବା ଲାଗି ଉଭୟ ବିଧାୟକ ନିବେଦନ କରିଥିବା ଜଣାପଡିଛି। ହେଲେ କାଳିଆ ଯୋଜନାରୁ ବାଦ୍ ଦିଆଯାଇଥିବା ଚାଷୀଙ୍କୁ ଅର୍ଥ ମିଳିବ ବୋଲି ରାଜ୍ୟ ସରକାର ଘୋଷଣା କରିବା ପରେ ସେ ଅନଶନରୁ ଉଠିବେ ବୋଲି ଅକ୍ଷୟ କହିଛନ୍ତି।

# ଗୋପରେ ନନ୍ଦୋତ୍ସବ, ଦୈବବାଣୀ ଶୁଣି କଂସ ବିବ୍ରତ

**ବରଗଡ଼ ଧନୁଯାତ୍ରା**

**ମଥୁରାନଗରୀ/ଗୋପପୁର,୨।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଉପଲକ୍ଷେ ଗୁରୁବାର ଗୋପପୁରର ନନ୍ଦ ଦରବାର ଉଦ୍‌ଘାଟିତ ହୋଇଛି। ଧନୁଯାତ୍ରା ମହୋତ୍ସବ ସମିତିର କାର୍ଯ୍ୟକାରୀ ସଭାପତି ତଥା ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ନନ୍ଦ ଭବନରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନନ୍ଦରାଜା ଓ ନନ୍ଦରାଣୀ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁର ପରିକ୍ରମା କରିଥିଲେ। ଗୋପପୁର ପରିକ୍ରମା ସାରି ଶ୍ରୀକୃଷ୍ଣଙ୍କୁ ଧରି ନନ୍ଦରାଜା, ନନ୍ଦରାଣୀ ଘୋଡ଼ାଗାଡ଼ିରେ ଜିରା ନଦୀ କୂଳ ନନ୍ଦ ଦରବାରକୁ ପହଞ୍ଚିଥିଲେ। ସେଠାରେ ଏସ୍‌ପି ସାହୁ ନନ୍ଦ ଦରବାରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଗୋପପୁର କମିଟି ଆବାହକ ତଥା ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନା, ବରଗଡ଼ ପୌର ନିର୍ବାହୀ ଅଧିକାରୀ ରାଜେଶ ସାହୁ, ଦୟାନିଧି ପ୍ରଧାନ, ପଦ୍ମଲୋଚନ ମଲ୍ଲିକ, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ ମହାରାଜା କଂସ ରାଜମହଲରୁ ବାହାରି ନିଜ ପାତ୍ରମନ୍ତ୍ରୀଙ୍କ ଗହଣରେ ମଥୁରା ପରିକ୍ରମା କରିଥିଲେ ଏବଂ ବାଟରେ ଶ୍ୟାମେଶ୍ୱର ମହାଦେବ ଦର୍ଶନ କରିଥିଲେ। ସେଠାରୁ ଲୋକମଣ୍ଡପ ପଡ଼ିଆସ୍ଥିତ ରଙ୍ଗମହଲକୁ ପହଞ୍ଚି ନାଚଗୀତରେ ମସଗୁଲ ହେବା ପରେ ହାଟପଦାସ୍ଥିତ ରାଜ ଦରବାର ମଞ୍ଚକୁ ଯାଇଥିଲେ। କଂସ ଦେବକୀଙ୍କ ଅଷ୍ଟମ ସନ୍ତାନ ଜାତ ହେବା ଶୁଣି ବ୍ୟସ୍ତବିବ୍ରତ ହୋଇ କାରାଗାରକୁ ଯାଇଥିଲେ। ତେବେ ସେ ଯେ ପୁତ୍ର ନୁହେଁ ଏକ କନ୍ୟା ସନ୍ତାନ ଜାଣିପାରି ଦୈବବାଣୀ ମିଛ ବୋଲି ମଥୁରାଧିପତି ଆଶ୍ୱସ୍ତି ଲାଭ କରିଥିଲେ। କିନ୍ତୁ ଅଷ୍ଟମ ଗର୍ଭର ସନ୍ତାନକୁ ପ୍ରଶ୍ରୟ ଦେବେ ନାହିଁ ବୋଲି ବିଚାରକରି ଦେବକୀଙ୍କ କୋଳରୁ ତାକୁ ଛଡାଇଆଣି କାରଗାର ଶିଳାଖଣ୍ଡରେ ତାକୁ କଚାଡ଼ି ଦେଇଥିଲେ। ମାତ୍ର ସେହି କନ୍ୟା ବିଜୁଳି ପରି ହାତରୁ ଖସିଯାଇ ଅଟ୍ଟହାସ୍ୟ କରିଥିଲେ। ଆଉ ଥରେ ଶୂନ୍ୟବାଣୀ ହୋଇଥିଲା ଏବଂ ତାହା ମହାରାଜାଙ୍କୁ ବିବ୍ରତ କରିଥିଲା। ମନକୁ ଶାନ୍ତ କରିବା ପାଇଁ ମଥୁରାଧିପତି ପୁଣି ନୃତ୍ୟଗୀତରେ ମସଗୁଲ୍ ରହିଥିଲେ।


ନନ୍ଦରାଜା, ନନ୍ଦରାଣୀ ଶ୍ରୀକୃଷ୍ଣଙ୍କୁ ଧରି ଗୋପ ନଗର ପରିକ୍ରମା କରୁଛନ୍ତି।

# ମହତାବଙ୍କ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୧(ବ୍ୟୁରୋ)**

ବିଧାନସଭା ଆନୁକୂଲ୍ୟରେ ଗୁରୁବାର ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଧାନସଭା ପରିସରରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପରିସରରେ ଥିବା ମହତାବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବାଚସ୍ପତି, ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ସମେତ ବିଧାନସଭା ସଦସ୍ୟ, ପୂର୍ବତନ ସଦସ୍ୟ, ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶାଶ୍ୱତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ମହତାବଙ୍କ ସ୍ମୃତିରେ ସଙ୍ଗୀତ ପରିବେଷଣ କରିଥିଲେ।



## ଜିଲା ଚିଠି
## କୋରାପୁଟ

# ଦୁରୁଆଙ୍କୁ ଆଦିବାସୀ ମାନ୍ୟତା

କୋରାପୁଟ ଜିଲାରେ ବସବାସ କରୁଥିବା ଦୁରୁଆ ସମ୍ପ୍ରଦାୟର ଲୋକେ ଆଦିବାସୀ ମାନ୍ୟତା ପାଇଁ ଦୀର୍ଘ ୨୦ ବର୍ଷ ହେବ ସଂଘର୍ଷ ଜାରି ରଖିଛନ୍ତି। ଜିଲାର ବୈପାରିଗୁଡ଼ା ଓ କୁନ୍ଦୁରା ବ୍ଲକରେ ଦୁରୁଆ ସମ୍ପ୍ରଦାୟ ଅଧିକ ସଂଖ୍ୟାରେ ରହୁଛନ୍ତି। କିନ୍ତୁ ମାନ୍ୟତା ବଦଳରେ ସେମାନଙ୍କୁ ବାରମ୍ବାର କେବଳ ପ୍ରତିଶ୍ରୁତି ହିଁ ମିଳିଚାଲିଛି। ଭାଷାଭିତ୍ତିକ ମତଭେଦ ପାଇଁ ଏହି ମାନ୍ୟତା ପାଇବାରୁ ବଞ୍ଚିତ ହେଉଛନ୍ତି ଦୁରୁଆ ଜନସାଧାରଣ। ଗତ ସାଧାରଣ ନିର୍ବାଚନ ସମୟରେ ତତ୍କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କୁନ୍ଦୁରା ଗସ୍ତରେ ଆସି ଏହି ଦାବି ଉଠାଇଥିଲେ। ତାହାର କେବଳ ଦୁଇଦିନ ପରେ ରାଜ୍ୟ ସରକାର ସୂଚନା ଦେଇଥିଲେ ଯେ, ଦୁରୁଆ ଜନଜାତିଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ୨୦୧୮ ଡିସେମ୍ବରରେ ନିଷ୍ପତ୍ତି ହୋଇଛି ଓ ଏନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି। ସେହି ଡିସେମ୍ବର ୧୯ରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ସଚିବସ୍ତରୀୟ ଏକ କମିଟି ଧୁରଭା, ଧୁରୁଆ ଓ ଦୁରୁଆଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ବିଚାରକୁ ନେଇଥିଲେ। ଏନେଇ ରାଜ୍ୟ ସରକାର ଅନୁମୋଦନ ଦେଇଥିବା ଓ କେନ୍ଦ୍ର ସରକାରଙ୍କୁ ଏହା ଅବଗତ କରାଯାଇଥିବା କଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଥିଲେ। ରାଜସ୍ୱ ବିଭାଗ ଅତିରିକ୍ତ ସଚିବଙ୍କ ସ୍ୱାକ୍ଷର ଥାଇ ସେହି ମାନ୍ୟତା ପତ୍ରର ନକଲ କୁନ୍ଦୁରାରେ ଆୟୋଜିତ ଏକ ସଭାରେ ଦୁରୁଆ ଆଦିବାସୀ ନେତାଙ୍କୁ ଦିଆଯାଇଥିଲା। ସେତେବେଳେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରତିଶ୍ରୁତି ଦେଇ କହିଥିଲେ, କେନ୍ଦ୍ର ସରକାର ଯେତେଦିନ ପର୍ଯ୍ୟନ୍ତ ଏହାକୁ ମାନ୍ୟତା ଦେଇନାହାନ୍ତି, ରାଜ୍ୟ ସରକାର ନିଜ ଉଦ୍ୟମରେ ଦୁରୁଆଙ୍କୁ ଆଦିବାସୀଙ୍କ ଭଳି ମୌଳିକ ସୁବିଧା, ସୁଯୋଗ ଯୋଗାଇଦେବେ। କିନ୍ତୁ ଏଯାଏ ମାନ୍ୟତା ମିଳି ନ ଥିବାରୁ ଦୁରୁଆ ସମ୍ପ୍ରଦାୟର ଛାତ୍ରୀଛାତ୍ର, ଯୁବତୀଯୁବକ ଜାତି ପ୍ରମାଣପତ୍ର ପାଇପାରୁ ନାହାନ୍ତି ଏବଂ ଆଦିବାସୀଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ମିଳୁଥିବା ସୁବିଧାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ତହସିଲଦାରଙ୍କ ପାଖରେ ଆବେଦନ ପରେ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ମଧ୍ୟ ଜାତିଗତ ପ୍ରମାଣପତ୍ର ମିଳୁନାହିଁ। ଗତ ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳର ଯେଉଁ ନେତାମାନେ ଦୁରୁଆଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ବର୍ଷା କରିଥିଲେ, ସେମାନେ ଏବେ ସେ ପ୍ରସଙ୍ଗ ଓ ଦୁରୁଆଙ୍କୁ ଭୁଲିଗଲେଣି। ଦୀର୍ଘ ୨୦ ବର୍ଷର ଚାଲିଥିବା ସଂଘର୍ଷ ପରେ ଦୁରୁଆମାନେ ଆଉ ପ୍ରତିଶ୍ରୁତି ଚାହୁଁନାହାନ୍ତି। ସେମାନେ ତୁରନ୍ତ ଆଦିବାସୀ ମାନ୍ୟତା ଦାବି କରୁଛନ୍ତି।

– ପବନ ପାଣିଗ୍ରାହୀ

# ମହିଳାଙ୍କ ଆତ୍ମହତ୍ୟା

**ପାତ୍ରପଡା,୨।୧(ଡି.ଏନ.ଏ.):** ଖଣ୍ଡଗିରି ଥାନା ଅଧୀନ ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳରେ ଗୁରୁବାରରାତିରେ ଜଣେ ନବ ବିବାହିତା ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୋଲିସ ସୂଚନା ଅନୁଯାୟୀ ଜଗନ୍ନାଥବିହାର ଲେନ୍ -୨ ଅଞ୍ଚଳରେ ଦମ୍ପତି ଦ୍ୱୟ ଭଡା ଘରେ ରହୁଥିଲେ। ମହିଳାଙ୍କ ସ୍ୱାମୀ ଗୁରୁବାର ଘରୁ କୌଣସି କାମରେ ବାହାରକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରି ଭିତରପଟୁ କବାଟ ବନ୍ଦ ଥିବା ଦେଖିଥିଲେ। କବାଟ ଖୋଲିବା ପରେ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଜାଣି ସେ ପୋଲିସକୁ ଖବର ଦେଇଥିଲେ।

# ଓଡ଼ିଶାରେ ଅଲ୍ ଇଣ୍ଡିଆ ଫରେଷ୍ଟ ସ୍ପୋର୍ଟ୍ସ


ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକ।

- ମାର୍ଚ୍ଚ ୩ରେ ଆରମ୍ଭ, ୭ରେ ଶେଷ
- ଭାଗନେବେ ୨୬୦୦ ପ୍ରତିଯୋଗୀ
- ଆସିବେ ୪୫ ଦଳ

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ଓଡ଼ିଶାରେ ଅଲ୍ ଇଣ୍ଡିଆ ଫରେଷ୍ଟ ସ୍ପୋର୍ଟ୍ସ-୨୦୨୦ ଆୟୋଜନ କରାଯିବ। ଏନେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱରକୁ ଦେଶର କ୍ରୀଡ଼ା ରାଜଧାନୀ କରିବାରେ ଏହି ପ୍ରତିଯୋଗିତା ସହାୟକ ହେବ ବୋଲି କୁହାଯାଇଛି। ତେଣୁ ଏହି ପ୍ରତିଯୋଗିତାକୁ ଗୁଣାତ୍ମକ ଦୃଷ୍ଟିକୋଣରୁ ଅଧିକ ସଫଳତାର ସହ ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଏହି କ୍ରୀଡ଼ା ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗକୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ସହ ମିଳିତଭାବେ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ରୀଡ଼ାବିତ୍, ସହାୟକ, ସେମାନଙ୍କ ପରିବାର ରହିବା ବ୍ୟବସ୍ଥା ସହ ସେହି ସମୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ୩ରେ ରାଜଧାନୀରେ ଥିବା କଳିଙ୍ଗ ଷ୍ଟାଡିୟମରେ ଏହାର ଶୁଭାରମ୍ଭ କରାଯିବ। ୫ ଦିନ ଧରି ଏହି କ୍ରୀଡ଼ା ପ୍ରତିଯୋଗିତା ଚାଲିବ। ମାର୍ଚ୍ଚ ୭ରେ ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ପିସିସିଏଫ୍ ସନ୍ଦୀପ ତ୍ରିପାଠୀ କହିଛନ୍ତି ଯେ, ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୪୫ଟି ଦଳ ପ୍ରତିଯୋଗିତାରେ ଭାଗନେବେ। ପ୍ରାୟ ୨୬୦୦ ପ୍ରତିଯୋଗୀ ନିଜର କ୍ରୀଡ଼ା ଦକ୍ଷତା ପ୍ରତିପାଦନ କରିବାର ସୁଯୋଗ ପାଇବେ। ୫୦୦ ସ୍ଥାନୀୟ ସହାୟକ କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିବେ ବୋଲି ତ୍ରିପାଠୀ କହିଛନ୍ତି। ୨୩ କ୍ରୀଡ଼ାରେ ୨୩୦ଟି ଇଭେଣ୍ଟର ଆୟୋଜନ କରାଯିବ। ଏହି କ୍ରୀଡାକୁ ପରିଚାଳନା କରିବାକୁ ଥିବା ରେଫରି କଳିଙ୍ଗ ଷ୍ଟାଡିୟମ୍, କ୍ରୀଡ଼ା ନିର୍ଦ୍ଦେଶାଳୟ ଏବଂ ରାଜ୍ୟର ପ୍ରମୁଖ ମାନ୍ୟତାପ୍ରାପ୍ତ କ୍ରୀଡ଼ା ସଂଘରୁ ମନୋନୀତ ହେବେ। କ୍ଷେତ୍ରସ୍ତରୀୟ କ୍ରୀଡ଼ା, ଭଲିବଲ, ବାସ୍କେଟବଲ, ସ୍କ୍ୱାଶ, ଟେବୁଲ ଟେନିସ୍ , ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ, ଲନ୍ ଟେନିସ, ତୀରଚାଳନା, ଭାରୋତ୍ତୋଳନ, ଗଲ୍ଫ, କ୍ୟାରମ୍, ଚେସ୍, ବିଲିୟାର୍ଡ୍ସ ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯିବ। କଳିଙ୍ଗ ଷ୍ଟାଡିୟମ ସମେତ କଳିଙ୍ଗ କିଟ୍, ସାଇ ଇଣ୍ଟରନ୍ୟାଶନାଲ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଗଲ୍ଫ କୋର୍ସରେ ଖେଳାଯିବ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ମୋନା ଶର୍ମା, ଅର୍ଥ ପ୍ରମୁଖ ସଚିବ ଅଶୋକ ମୀନା, ଗୃହ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ଏବଂ କ୍ରୀଡ଼ା ସଚିବ ବିଶାଳ ଦେବ ଉପସ୍ଥିତ ରହିଥିଲେ।


## ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା,** ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

## ଦଖଲ ନୋଟିସ୍
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

***ଏତଦ୍ ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
| --- | --- | --- | --- | --- |
| **ଋଣଗ୍ରହୀତାମାନେ: ଶ୍ରୀ ନିରୋଦ କୁମାର ନନ୍ଦ,** ପିତା: ହରିହର ନନ୍ଦ, ଏବଂ **ଜ୍ୟୋସ୍ନାରାଣୀ ପଣ୍ଡା,** ସ୍ୱା: ନିରୋଦ କୁମାର ନନ୍ଦ, ଉଭୟଙ୍କ ଠିକଣା: ସା-ଲିଙ୍ଗିପୁର, ପୋ-ଶିଶୁପାଳଗଡ, ଜିଲ୍ଲା-ଖୋର୍ଦ୍ଧା, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ: ଶ୍ରୀ ନିରୋଦ କୁମାର ନନ୍ଦ।** | ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୧୨୯୪, ପ୍ଲଟ ନଂ.- ୧୫୨୬/୩୧୬୪, ଏରିଆ- ଏକର୦.୦୨୮ ଡିସିମିଲି, ଏବଂ ଖାତା ନଂ.- ୭୩୧/୧୨୯୨, ପ୍ଲଟ ନଂ.- ୧୫୨୭/୩୧୬୨, ଏରିଆ- ୦.୦୧୧ ଡିସିମିଲି, ସମୁଦାୟ ଏରିଆ- ଏକର୦.୦୩୯ ଡିସିମିଲି, ୮୩.ମୌଜା- ଲିଙ୍ଗିପୁର, ଡିଏସ୍‌ଆରଓ / ଥାନା- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଚଉହଦି: ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୧୫୨୮, ଉତର- ସୁଧୀର କୁମାର ନନ୍ଦ-ଏଲ୧୮୪୧, ଦକ୍ଷିଣ- କ୍ଷିରୋଦ କୁମାର ନନ୍ଦ। | ୨୮.୧୦.୨୦୧୯ | ୦୨.୦୧.୨୦୨୦ | ତା.୨୭.୧୦.୨୦୧୯ ସୁଦ୍ଧା **ଟ.୨୯,୦୦,୪୫୪.୩୯** + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୨.୦୧.୨୦୨୦** — **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**



## ଭାରତ ସରକାର
## ବୟନଶିଳ୍ପ ମନ୍ତ୍ରଣାଳୟ
## ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ କାର୍ଯ୍ୟାଳୟ
### ସନ୍ଥ କବୀର ପୁରସ୍କାର, ଜାତୀୟ ପୁରସ୍କାର ଏବଂ ଜାତୀୟ ମେଧା ପ୍ରମାଣପତ୍ର ୨୦୧୮

ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବର୍ଷ ୨୦୧୮ ନିମନ୍ତେ ନିମ୍ନଲିଖିତ ବର୍ଗ ଲାଗି ପୁରସ୍କାର ନିମନ୍ତେ ଭାରତର ବାସିନ୍ଦାମାନଙ୍କଠାରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଆମନ୍ତ୍ରଣ କରାଯାଉଛି:-

| କ୍ର. ସଂ. | ପୁରସ୍କାରର ନାମ | ବର୍ଗ | ପୁରସ୍କାରର ସର୍ବାଧିକ ସଂଖ୍ୟା: ସାଧାରଣ | ମହିଳା ହସ୍ତତନ୍ତ ବୁଣାକାରଙ୍କ ପାଇଁ ବିଶେଷ "କମଳାଦେବୀ ଚଟ୍ଟୋପାଧ୍ୟାୟ ପୁରସ୍କାର" | ମୋଟ | ସର୍ବମୋଟ |
| --- | --- | --- | --- | --- | --- | --- |
| ୦୧ | ସନ୍ଥ କବୀର ପୁରସ୍କାର (ଏସ୍‌କେଏ) | ବୟନ | ୧୦ | ୦୨ | ୧୨ | ୧୨ |
| ୦୨ | ଜାତୀୟ ପୁରସ୍କାର (ଏନ୍‌ଏ) | ବୟନ | ୨୦ | ୦୪ | ୨୪ | ୩୨ |
| | | ହସ୍ତତନ୍ତ ଉତ୍ପାଦର ପ୍ରଚାର ପାଇଁ ଡିଜାଇନ୍ ବିକାଶ | ୦୩ | - | ୦୩ | |
| | | ହସ୍ତତନ୍ତ ଉତ୍ପାଦଗୁଡ଼ିକର ବିପଣନ | ୦୫ | - | ୦୫ | |
| ୦୩ | ଜାତୀୟ ମେଧା ପ୍ରମାଣପତ୍ର (ଏନ୍‌ଏମ୍‌ସି) | ବୟନ | ୨୦ | ୦୪ | ୨୪ | ୪୦ |
| | | ହସ୍ତତନ୍ତ ଉତ୍ପାଦର ପ୍ରଚାର ପାଇଁ ଡିଜାଇନ୍ ବିକାଶ | ୦୬ | - | ୦୬ | |
| | | ହସ୍ତତନ୍ତ ଉତ୍ପାଦଗୁଡ଼ିକର ବିପଣନ | ୧୦ | - | ୧୦ | |
| **ମୋଟ** | | | ୭୪ | ୧୦ | ୮୪ | ୮୪ |

୨. ଯୋଗ୍ୟତା ମାନଦଣ୍ଡ, ବୟସ, ଅଭିଜ୍ଞତା ଇତ୍ୟାଦି ସମ୍ପର୍କିତ ସୂଚନା ଓ ବିବରଣୀ ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ କାର୍ଯ୍ୟାଳୟ ୱେବ୍‌ସାଇଟ୍ (www.handlooms.nic.in)ରୁ ଡାଉନ୍‌ଲୋଡ୍ କରାଯାଇପାରିବ। କୌଣସି ସୂଚନା/ସହାୟତା ପାଇଁ ଆପଣ ନିକଟତମ ବୁଣାକାର ସେବା କେନ୍ଦ୍ର ସହ ଯୋଗାଯୋଗ କରିପାରନ୍ତି।
୩. ଦରଖାସ୍ତ ଫର୍ମ ନିକଟତମ ବୁଣାକାର ସେବା କେନ୍ଦ୍ରରୁ ହାସଲ କରାଯାଇପାରିବ କିମ୍ବା ଏହାକୁ ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ କାର୍ଯ୍ୟାଳୟ ୱେବ୍‌ସାଇଟ୍ (www.handlooms.nic.in)ରୁ ଡାଉନ୍‌ଲୋଡ୍ କରାଯାଇପାରିବ।
୪. ସବୁ ଦୃଷ୍ଟିରୁ ପୂରଣ ହୋଇଥିବା ଦରଖାସ୍ତ ସହିତ ହାତ-ବୁଣା ନମୁନା/ଆବଶ୍ୟକ ଦସ୍ତାବିଜ ନିକଟତମ ବୁଣାକାର ସେବା କେନ୍ଦ୍ରରେ ସର୍ବଶେଷ **୨୦ ଫେବୃୟାରୀ, ୨୦୨୦** ସୁଦ୍ଧା ଦାଖଲ କରାଯାଇପାରିବ।

**ବିକାଶ ଆୟୁକ୍ତ (ହସ୍ତତନ୍ତ), ଉଦ୍ୟୋଗ ଭବନ, ନୂଆଦିଲ୍ଲୀ**

davp 41102/11/0049/1920



## ପୂର୍ବ ତଟ ରେଳପଥ
## ଇଞ୍ଜିନିୟରିଂ କାର୍ଯ୍ୟ
ଫାଇଲ୍ ସଂ. DRM/Engg/KUR/19-20/E-Tender/47, ତା: 27.12.2019

**(1) ଟେଣ୍ଡର ସଂ. e-Tender-HQKUR-318-2019, ତା: 19.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼ - ମୋଟରି ଷ୍ଟେସନ ମଧ୍ୟରେ କି.ମି. 460/31-37 ସ୍ଥିତ ବ୍ରିଜ୍ ସଂ. 13 ଅପ୍ ଏବଂ ଡ଼ାଉନ୍ (ଦୟା ନଦୀ) ର ବିବିଧ ମରାମତି ଯଥା ପଥର ବନ୍ଧ (PIERS) ଗୁଡ଼ିକର ମରାମତି ଓ ସୁରକ୍ଷା, ଷ୍ଟୋନ୍ ପିଚିଙ୍ଗ୍ ସହିତ କର୍ଟନ ୱାଲ ଓ ଡ୍ରପ୍ ୱାଲ୍ ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 123.25 ଲକ୍ଷ , EMD : ₹ 2,11,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

**(2) ଟେଣ୍ଡର ସଂ. e-Tender-NorthKUR-319-2019, ତା: 20.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର, କେନ୍ଦୁଝରଗଡ଼ ଙ୍କ ଅଧିକାର କ୍ଷେତ୍ର ଅଧିନସ୍ଥ କେନ୍ଦୁଝରଗଡ଼-ସୀତାବଞ୍ଜ ମଧ୍ୟରେ 17.30 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 204.97 ଲକ୍ଷ , EMD : ₹ 2,52,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 08 (ଆଠ) ମାସ।

**(3) ଟେଣ୍ଡର ସଂ. e-Tender-SouthKUR-320-2019, ତା: 20.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ଡ଼ିଭିଜନାଲ୍ ଇଞ୍ଜିନିୟର (ଦକ୍ଷିଣ) ଙ୍କ ଅଧିକାର କ୍ଷେତ୍ର ଅଧିନସ୍ଥ ଖୋର୍ଦ୍ଧା ରୋଡ଼ ଓ ପଲାସା ସେକ୍ସନ ମଧ୍ୟରେ ବିଭିନ୍ନ ପ୍ୟାଚ୍‌ରେ 53.493 ଟ୍ରାକ୍ କିଲୋମିଟର ନିମନ୍ତେ ଥ୍ରୁ ରେଲ ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 339.45 ଲକ୍ଷ , EMD : ₹ 3,19,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(4) ଟେଣ୍ଡର ସଂ. e-Tender-SouthKUR-321-2019, ତା: 20.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ଡ଼ିଭିଜନାଲ୍ ଇଞ୍ଜିନିୟର (ଦକ୍ଷିଣ) ଙ୍କ ଅଧିକାର କ୍ଷେତ୍ର ଅଧିନସ୍ଥ ଖୋର୍ଦ୍ଧା ରୋଡ଼ ଓ ପଲାସା ସେକ୍ସନ ମଧ୍ୟରେ ଅପ୍ ଓ ଡ଼ାଉନ୍ ଲାଇନ୍ ରେ କି.ମି. 480.00 - 509.00 ପର୍ଯ୍ୟନ୍ତ ପ୍ୟାଚ୍‌ରେ 19.00 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 206.08 ଲକ୍ଷ , EMD : ₹ 2,53,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(5) ଟେଣ୍ଡର ସଂ. e-Tender-SouthKUR-322-2019, ତା: 20.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର, ବ୍ରହ୍ମପୁରଙ୍କ ଅଧିକାର କ୍ଷେତ୍ର ଅଧିନସ୍ଥ ଛତ୍ରପୁର - ବ୍ରହ୍ମପୁର ସେକ୍ସନ ମଧ୍ୟରେ ବ୍ରିଜ୍ ସଂ. 950 (ଅପ୍) ରେ 700 ସଂଖ୍ୟକ ଷ୍ଟିଲ୍ ଚ୍ୟାନେଲ୍ ସ୍ଲିପର ଗୁଡ଼ିକ ନିମନ୍ତେ ଥ୍ରୁ ବ୍ରିଜ୍ ଚ୍ୟାନେଲ୍ ସ୍ଲିପର ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 158.21 ଲକ୍ଷ , EMD : ₹ 2,29,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(6) ଟେଣ୍ଡର ସଂ. e-Tender-EstateKUR-323-2019, ତା: 23.12.2019**
**ବିବରଣୀ :** ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥର ମୁଖ୍ୟାଳୟ ବିଲ୍ଡିଂ ଏବଂ ଏହାର ପରିସରରେ ଯାନ୍ତ୍ରୀକ ସଫେଇ ଓ ସ୍ୱଚ୍ଛତା (ବଜାୟ ରଖିବାପାଇଁ) ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 140.13 ଲକ୍ଷ , EMD : ₹ 2,20,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 24 (ଚବିଶି) ମାସ।

**(7) ଟେଣ୍ଡର ସଂ. e-Tender-HQKUR-324-2019, ତା: 20.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼ ସ୍ଥିତ ମଲ୍ଟି ଡିସିପ୍ଲିନାରୀ ମଣ୍ଡଳ ପ୍ରଶିକ୍ଷଣ କେନ୍ଦ୍ରର ପ୍ରସ୍ତାବିତ ବୃଦ୍ଧିକରଣ (Augmentation)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 137.82 ଲକ୍ଷ , EMD : ₹ 2,18,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(8) ଟେଣ୍ଡର ସଂ.e-Tender-CENTKUR-325-2019. ତା: 23.12.2019**
**ବିବରଣୀ :** ଡ଼ିପୋଜିଟ୍ ସ୍କିମ୍ ଅଧିନରେ NTPC ଏକ୍ସଚେଞ୍ଜ୍ ୟାର୍ଡ ସ୍ଥିତ ଲାଇନ୍ ଗୁଡ଼ିକର ସେଣ୍ଟ୍ରାଲ ସିକ୍ ଲାଇନ୍ (CSL) ରେ ବୃଦ୍ଧି ନିମନ୍ତେ ପ୍ରସ୍ତାବିତ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 104.74 ଲକ୍ଷ , EMD : ₹ 2,02,400.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 03 (ତିନି) ମାସ।

**(9) ଟେଣ୍ଡର ସଂ. e-Tender-SouthKUR-326-2019 ତା: 23.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ଷ୍ଟେସନ ସ୍ଥିତ ଷ୍ଟେସନ ପରିକ୍ଷେତ୍ରର ଉନ୍ନତିକରଣ ସମ୍ବନ୍ଧୀୟ ଷ୍ଟେସନ ବିଲ୍ଡିଂ ର ସମ୍ମୁଖରେ କଭର୍ ସେଡ୍ ଏବଂ ଚିକିତ୍ସାଳୟ ବିଲ୍ଡିଂ, ଟାଇପ୍- IV କ୍ୱାର୍ଟର, PAY ଏବଂ USE ଟଏଲେଟ୍ ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 143.35 ଲକ୍ଷ , EMD : ₹ 2,21,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(10) ଟେଣ୍ଡର ସଂ. e-Tender-EastKUR-327-2019, ତା: 24.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର, ଗୋରଖନାଥଙ୍କ ଅଧିକାର କ୍ଷେତ୍ର ଅଧିନସ୍ଥ କଟକ - ପାରାଦୀପ ସେକ୍ସନରେ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଟ୍ୟାମ୍ପିଂ, ସ୍ୟାଲୋ ସ୍କ୍ରିନିଂ, ଲିଫ୍ଟିଂ ଓ ପ୍ୟାକିଂ, ପଏଣ୍ଟ ଓ କ୍ରସିଙ୍ଗ୍ ଗୁଡ଼ିକର ଡ଼ିପ୍ ସ୍କ୍ରିନିଂ, PSC ସ୍ଲିପର ଗୁଡ଼ିକର ନବୀକରଣ ଇତ୍ୟାଦି ଭଳି ବିବିଧ P.WAY କାର୍ଯ୍ୟ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹49.82 ଲକ୍ଷ , EMD : ₹99,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹3,540.00, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

**(11) ଟେଣ୍ଡର ସଂ. e-Tender-EastKUR-328-2019, ତା: 24.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର, କନ୍ଦରପୁର ଅଧିକାର କ୍ଷେତ୍ର ଅଧିନସ୍ଥ କଟକ - ପାରାଦୀପ ସେକ୍ସନରେ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଟ୍ୟାମ୍ପିଂ, ସ୍ୟାଲୋ ସ୍କ୍ରିନିଂ, ଲିଫ୍ଟିଂ ଓ ପ୍ୟାକିଂ, ପଏଣ୍ଟ ଓ କ୍ରସିଙ୍ଗ୍ ଗୁଡ଼ିକର ଡ଼ିପ୍ ସ୍କ୍ରିନିଂ, PSC ସ୍ଲିପର ଗୁଡ଼ିକର ନବୀକରଣ ଇତ୍ୟାଦି ଭଳି ବିବିଧ P.WAY କାର୍ଯ୍ୟ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 58.34 ଲକ୍ଷ , EMD : ₹ 1,16,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

**(12) ଟେଣ୍ଡର ସଂ. e-Tender-SouthKUR-329-2019, ତା: 24.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.WAY) / ସୋମପେଟାଙ୍କ ଅଧିନରେ ଇଚ୍ଛାପୁରମ୍ - ପଲାସା ଷ୍ଟେସନ ମଧ୍ୟରେ କି.ମି. 631.20 ରୁ 678.33 ମଧ୍ୟରେ 30/9/2020 ସମୟାବଧି ପର୍ଯ୍ୟନ୍ତ P.WAY ଜୋନାଲ୍ କାର୍ଯ୍ୟ ଗୁଡ଼ିକର ସମସ୍ତ ମରାମତି ଓ ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 96.67 ଲକ୍ଷ , EMD : ₹ 1,93,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(13) ଟେଣ୍ଡର ସଂ.e-Tender-SouthKUR-330-2019, ତା: 26.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଚିହ୍ନିତ ମାର୍ଗ / ସେକ୍ସନ ଗୁଡ଼ିକରେ ବହିଃସ୍ରୋତ ମାଧ୍ୟମରେ ଡ଼ିଜିଟାଲ୍ ଅଲ୍‌ଟ୍ରାସୋନିକ୍ ଫ୍ଲ ଡ଼ିଟେକ୍ଟର (USFD) ଦ୍ୱାରା ରେଳ ଗୁଡ଼ିକର ରେଳ ଏବଂ ୱେଲ୍ଡ (ସଂଶୋଧିତ-2012)ର ଅଲ୍‌ଟ୍ରାସୋନିକ୍ ପରୀକ୍ଷଣ ନିମନ୍ତେ ଭାରତୀୟ ରେଲ୍‌ୱେ ଷ୍ଟାଣ୍ଡାର୍ଡ ବିନିର୍ଦ୍ଦେଶନ ଏବଂ ମାନୁଆଲ୍ ତଥା ନିର୍ଦ୍ଧାରିତ ନବୀନତମ ସଂଶୋଧିତ ସ୍ଲିପ୍ ଗୁଡ଼ିକ ଅନୁଯାୟୀ ଅଲ୍‌ଟ୍ରାସୋନିକ୍ ପରୀକ୍ଷଣ ଏବଂ ସୂଚନା ଦେବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 422.12 ଲକ୍ଷ , EMD : ₹ 3,61,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(14) ଟେଣ୍ଡର ସଂ.e-Tender-SouthKUR-331-2019, ତା: 26.12.2019**
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଚିହ୍ନିତ ମାର୍ଗ / ସେକ୍ସନ ଗୁଡ଼ିକରେ ବହିଃସ୍ରୋତ ମାଧ୍ୟମରେ ଡ଼ିଜିଟାଲ୍ ଅଲ୍‌ଟ୍ରାସୋନିକ୍ ଫ୍ଲ ଡ଼ିଟେକ୍ଟର (USFD) ଦ୍ୱାରା AT ୱେଲ୍ଡ ଗୁଡ଼ିକର ରେଳ ଏବଂ ୱେଲ୍ଡ (ସଂଶୋଧିତ-2012)ର ଅଲ୍‌ଟ୍ରାସୋନିକ୍ ପରୀକ୍ଷଣ ନିମନ୍ତେ ଭାରତୀୟ ରେଲ୍‌ୱେ ଷ୍ଟାଣ୍ଡାର୍ଡ ବିନିର୍ଦ୍ଦେଶନ ଏବଂ ମାନୁଆଲ୍ ତଥା ନିର୍ଦ୍ଧାରିତ ନବୀନତମ ସଂଶୋଧିତ ସ୍ଲିପ୍ ଗୁଡ଼ିକ ଅନୁଯାୟୀ ଅଲ୍‌ଟ୍ରାସୋନିକ୍ ପରୀକ୍ଷଣ ଏବଂ ସୂଚନା ଦେବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 127.14 ଲକ୍ଷ , EMD : ₹ 2,13,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି: 24 (ଚବିଶି) ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା 16.01.2020 ର 1500 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-624/K/19-20



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମାଗାନ୍ଧୀ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ ପାଳନ ଅବସରରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ପରିସର, ପ୍ଲଟ୍ ନଂ.୧୭୮, ୟୁନିଟ୍-୯, ସକାଳ ୯ଟା। ନାମ ଜପ, ପୂର୍ବାହ୍ନ ୧୧ଟା।
- ସାଇନିଂ ରକର୍ସ ଏକାଡେମୀ ରାଉରକେଲା ପକ୍ଷରୁ ଓଡ଼ିଶା ସାଇନିଂ ଆଇକନ୍ ସିଜିନ୍-୨ର ଅଡିଶନ, ଡ୍ରାନ୍ ଷ୍ଟେପ୍ ଏକାଡେମୀ, ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା।
- ପୂଣ୍ୟପ୍ରଜ୍ଞା ଗୀତିମଞ୍ଚ ପକ୍ଷରୁ ସାହିତ୍ୟ ଓ ସଙ୍ଗୀତର ମିଳନ ମଞ୍ଚ, ସୂଚନା ଭବନ, ଅପରାହ୍ନ ୫ଟା।

## ଆଶାନୁରୂପ ହେଉନି ଜିଏସ୍‌ଟି ଆଦାୟ

**ଭୁବନେଶ୍ୱର,୨।୧(ବ୍ୟୁରୋ):** ରାଜ୍ୟରେ ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ଆଶାନୁରୂପ ହେଉନାହିଁ ୨୦୧୯ ଡିସେମ୍ବରରେ ଜିଏସ୍‌ଟି ଆଦାୟରେ ମାତ୍ର ୨ ପ୍ରତିଶତ ଅଭିବୃଦ୍ଧି ହୋଇଛି। ଏହି ମାସରେ ରାଜ୍ୟରେ ୨୩୮୩ କୋଟି ଟଙ୍କା ଆଦାୟ କରାଯାଇଥିବା ବେଳେ ୨୦୧୮ରେ ୨୩୪୭ କୋଟି ଟଙ୍କା ଆଦାୟ ହୋଇଥିଲା। ଏହି ମାସରେ କେନ୍ଦ୍ର ଜିଏସ୍‌ଟି ରାଜସ୍ୱ ଆଦାୟ ବାବଦରେ ୧୬ ପ୍ରତିଶତ ବୃଦ୍ଧି ହୋଇଛି। ଓଡିଶାରେ ଜିଏସ୍‌ଟି ରାଜସ୍ୱ ଆଦାୟ ଆଦୌ ସନ୍ତୋଷଜନକ ନୁହେଁ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଜିଏସ୍‌ଟି ଆଦାୟରେ ପଶ୍ଚିମ ବଙ୍ଗରେ ୧୬ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ ଆସାମ ୩୩ ପ୍ରତିଶତି, ଛତିଶଗଡ ୧୫ ଏବଂ ଆନ୍ଧ୍ର ପ୍ରଦେଶ ୧୧ ପ୍ରତିଶତ ଅଭିବୃଦ୍ଧି କରିଛି। ଡିସେମ୍ବର ମାସରେ ଜିଏସ୍‌ଟି ଆଦାୟ ୧,୦୩,୧୮୪ କୋଟି ଟଙ୍କା ହୋଇଥିବା ବେଳେ ୧୯,୯୬୨ କୋଟି ସିଜିଏସ୍‌ଟି; ୨୬,୭୯୨ କୋଟି ଏସଜିଏସଟି; ଆଇଜିଏସ୍‌ଟି ୪୮,୦୯୯ କୋଟି ଏବଂ ସେସ୍ ବାବଦରେ ୮,୩୩୧ କୋଟି ଆଦାୟ ହୋଇଛି।

## ମହିଳାଙ୍କୁ ଦୁର୍ବ୍ୟବହାର: ଫଟୋ ଖବରଦାତା ଅଟକ

**ଭୁବନେଶ୍ୱର,୨।୧(ବ୍ୟୁରୋ):** କ୍ୟାପିଟାଲ ହସ୍ପିଟାଲରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗୁରୁବାର କ୍ୟାପିଟାଲ ଥାନା ପୋଲିସ ଜଣେ ଫଟୋ ଖବରଦାତାଙ୍କୁ ଅଟକ ରଖିଛି। ବୁଧବାର ରାତି ପ୍ରାୟ ସାଢେ ୧୨ଟାରେ ମହିଳାଙ୍କ ସ୍ୱାମୀଙ୍କ ଦେହ ଅସୁସ୍ଥ ହେବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସମ୍ପୃକ୍ତ ମହିଳା ସ୍ୱାମୀଙ୍କୁ ଡାକ୍ତର ଦେଖାଇବା ପରେ ୮୨ନଂ. ରୁମ୍‌ରେ ବସିଥିଲେ। ଏହି ସମୟରେ ଜଣେ ଫଟୋ ଖବରଦାତା ରୁମ୍ ଭିତରେ ପଶି ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲେ। ସମ୍ପୃକ୍ତ ମହିଳା ଚିତ୍କାର କରିବାରୁ ସୁରକ୍ଷା କର୍ମୀ ଏବଂ ହସ୍ପିଟାଲରେ ଥିବା ପୋଲିସ ପହଞ୍ଚିଥିଲେ। ଏହା ପରେ ପୋଲିସ ଫଟୋ ଖବରଦାତାଙ୍କୁ ଥାନାକୁ ନେଇଥିଲେ। ଏ ସମ୍ପର୍କରେ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତି କୁହନ୍ତି, ମହିଳାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି।। ସମ୍ପୃକ୍ତ ମହିଳାଙ୍କ କଥାରେ କେତେ ସତ ତଦନ୍ତରେ ଜଣାପଡିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଓସ୍କାର ଦୌଡ଼ରେ ଆଉ ଜଣେ ଓଡ଼ିଆଙ୍କ ଚଳଚ୍ଚିତ୍ର

# ବିଶ୍ୱ ଦରବାରରେ ଓଡ଼ିଶାକୁ ସଫଳତା

ଭୁବନେଶ୍ୱର,୨।୧(ବ୍ୟୁରୋ)

ନକଲ ତଥା କପି ପେଷ୍ଟର ଟ୍ରେଣ୍ଡକୁ ନେଇ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ବିଭିନ୍ନ ସମୟରେ ସମାଲୋଚିତ ହେଉଥିବାବେଳେ ମୌଳିକଧର୍ମୀ ଫିଲ୍ମ ଦେଖିବାକୁ ପାଉ ନ ଥିବାରୁ ଦର୍ଶକ ଧୀରେ ଧୀରେ ଓଡ଼ିଆ ଫିଲ୍ମରୁ ମୁହଁ ଫେରାଇ ନେଉଛନ୍ତି। କ୍ରମାଗତଭାବେ ସିନେମା ହଲ୍‌ରେ ଦର୍ଶକଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ପେସାଦାର ପ୍ରଯୋଜକଙ୍କ ସଂଖ୍ୟା ମଧ୍ୟ କମୁଛି। ହେଲେ ଏଭଳିସ୍ଥଳେ କେତେକ ଏଭଳି ଓଡ଼ିଆ ଫିଲ୍ମ ନିର୍ମାତା ଏବଂ ନିର୍ଦ୍ଦେଶକ ଅଛନ୍ତି, ଯେଉଁମାନେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରୁଛନ୍ତି। ନିକଟରେ ଏକାଡେମୀ ଅଫ୍ ମୋଶନ ପିକ୍‌ଚର୍ ଆର୍ଟସ ଆଣ୍ଡ୍ ସାଇନ୍ସେସ୍ ଦ୍ୱାରା ବିଶ୍ୱର ସର୍ବବୃହତ୍ ଚଳଚ୍ଚିତ୍ର ପୁରସ୍କାର 'ଓସ୍କାର' ୨୦୧୯ରେ ଓଡ଼ିଆ ଫିଲ୍ମ ନିର୍ମାତାଙ୍କ ଚଳଚ୍ଚିତ୍ର 'ଜୋଶେଫ୍' ସାମିଲ ହୋଇଥିବାବେଳେ ଏବେ ଆଉ ଜଣେ ଓଡ଼ିଆ ପ୍ରତିଭାଙ୍କୁ ଏହି ଦିଗରେ ସଫଳତା ମିଳିଛି। ଅନ୍ତର୍ଜାତୀୟସ୍ତରରେ ଖ୍ୟାତନାମା ଓଡ଼ିଶା ଜନ୍ମିତ ଫିଲ୍ମ ପ୍ରଡ୍ୟୁସର ଓ ପ୍ରମୋଟର ଜିତେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ ଫିଲ୍ମ 'ଦି ଲାଷ୍ଟ୍ କଲର୍' ଓସ୍କାର ଦୌଡ଼ରେ ସାମିଲ ହୋଇଥିବା ୩୪୪ ଫିଲ୍ମ ମଧ୍ୟରେ ସ୍ଥାନ ପାଇଛି।






ଜିତେନ୍ଦ୍ର ମିଶ୍ର

୨୦୧୯ରେ ମୋଟ ୩୪ ଓଡ଼ିଆ ଫିଲ୍ମ ନିର୍ମିତ ହୋଇଥିବାବେଳେ ତନ୍ମଧ୍ୟରୁ ଅଧିକାଂଶ ଚିରାଚରିତ ପ୍ରେମକାହାଣୀ ଉପରେ ଆଧାରିତ। ଏପରି କି, ଏକାଧିକ ନକଲ ଫିଲ୍ମ ମଧ୍ୟ ରହିଛି। ଯେଉଁଥିପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଗଠିତ ଜୁରି କମିଟି ଚଳିତବର୍ଷ ଓଡ଼ିଆ ଫିଲ୍ମର ମୌଳିକତା ନେଇ ପ୍ରଶ୍ନ ଉଠାଇଥିବାବେଳେ ଶ୍ରେଷ୍ଠ ଚଳଚ୍ଚିତ୍ର, ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଡାଏଲଗ୍ ଓ ଶ୍ରେଷ୍ଠ କାହାଣୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନକଲ ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣଭାବେ ବାଦ୍ ଦେଇଥିଲେ। ତେବେ ଗୋଟିଏପଟେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ଦର୍ଶକଙ୍କୁ ଏଭଳି ନିରାଶ କରୁଥିବାବେଳେ ଅନ୍ୟପଟେ କିନ୍ତୁ ଓଡ଼ିଆ ପ୍ରତିଭାମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରୁଛନ୍ତି। ନିକଟରେ ଓଡ଼ିଶାର ଯୁବ ଚଳଚ୍ଚିତ୍ର ନିର୍ମାତା ଅମୃତେନ୍ଦୁ ବରାଳ ନିଜ ଡକୁମେଣ୍ଟାରି ଫିଲ୍ମ 'ମିଶନ୍ ଗଙ୍ଗେ' ପାଇଁ ସୋସାଇଟି ଫର୍ ଆକ୍ନୋଲେଜ୍‌ମେଣ୍ଟ ଫର୍ ୱାର୍କ ଏକ୍ସିଲେନ୍ସ ଦ୍ୱାରା ଇଣ୍ଟରନ୍ୟାଶନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ ହୋଇଥିଲେ। ପ୍ରଥମ ଓଡ଼ିଆ ଭାବେ ସେ ଏହି ସମ୍ମାନ ପାଇଥିବାବେଳେ ତାଙ୍କ ଫିଲ୍ମ 'ମିଶନ୍ ଗଙ୍ଗେ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମଧ୍ୟ ପ୍ରଶଂସିତ ହୋଇଥିଲା। ପରିବେଶ ସଚେତନତାର ବାର୍ତ୍ତା ଦେଇଥିବା ଏହି ଫିଲ୍ମ ଗଙ୍ଗା ନଦୀ ତଟରୁ ୫୦ ଟନ୍ ଅବର୍ଜନା ସଫା କରିବାରେ ମଧ୍ୟ ସଫଳ ହୋଇପାରିଥିଲା। ସେହିଭଳି ଅଶୋକ ମହାପାତ୍ରଙ୍କ ପ୍ରଯୋଜିତ ଏବଂ ସୁଶାନ୍ତ ମିଶ୍ରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଜୋସେଫ୍-ବର୍ନ ଇନ୍ ଗ୍ରେସ୍' ବିଶ୍ୱର ସର୍ବବୃହତ୍ ଚଳଚ୍ଚିତ୍ର ପୁରସ୍କାର 'ଓସ୍କାର'ରେ ସାମିଲ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିଲା। ଏକ ଭିନ୍ନ ସ୍ୱାଦର କାହାଣୀ ଉପରେ ଆଧାରିତ ଏହି ଫିଲ୍ମର ପ୍ରଯୋଜନା, ନିର୍ଦ୍ଦେଶନା ଏବଂ କାହାଣୀ ପଛରେ ଓଡ଼ିଆ ପ୍ରତିଭାମାନେ ରହିଥିଲେ। ଆଉ ଏବେ ସେଲିବ୍ରିଟି ସେଫ୍ ବିକାଶ ଖନ୍ନାଙ୍କ ନିର୍ଦ୍ଦେଶିତ ଏବଂ ଜିତେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ ଫିଲ୍ମ 'ଦି ଲାଷ୍ଟ୍ କଲର୍' ଓସ୍କାର ଦୌଡ଼ରେ ରହିଥିବା ସୂଚନା ମିଳିଛି। ୯୨ତମ ଏକାଡେମୀ ଆୱାର୍ଡର ଶ୍ରେଷ୍ଠ ଚଳଚ୍ଚିତ୍ର ବିଭାଗରେ ଏହି ଫିଚର୍ ଫିଲ୍ମ ସାମିଲ ହୋଇଛି। ବିକାଶ ଖାନ୍ନାଙ୍କ ନିର୍ଦ୍ଦେଶିତ ଏହା ପ୍ରଥମ ଫିଲ୍ମ ହୋଇଥିବାବେଳେ ତାଙ୍କ ରଚିତ ପୁସ୍ତକ 'ଦି ଲାଷ୍ଟ୍ କଲର୍' ଉପରେ ଏହା ଆଧାରିତ। କେବଳ ଏହି ଫିଲ୍ମ ନୁହେଁ, ଜିତେନ୍ଦ୍ର ନିଜର ଫିଲ୍ମ ପ୍ରଯୋଜନା ସଂସ୍ଥା ମାଧ୍ୟମରେ ଏକାଧିକ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ ସହ ଯୋଡ଼ିହୋଇ ଉଚ୍ଚକୋଟୀର ଫିଲ୍ମ ନିର୍ମାଣ କରିବା ସହ ତାହାକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ସ୍ୱଳ୍ପ ବଜେଟ୍‌ରେ ଭଲ ଫିଲ୍ମ ନିର୍ମାଣ କରିବାକୁ ସର୍ବଦା ପ୍ରଚେଷ୍ଟା କରୁଥିବା ଏହି ଯୁବ ଉଦ୍ୟୋଗୀ ୨୦୧୫ରେ ପ୍ରଥମ ଫିଲ୍ମ 'ମଣ୍ଟୋସ୍ତାନ' ନିର୍ମାଣ କରିଥିଲେ, ଯାହା ୨୦୧୬ରେ କାନ୍‌ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଥମଥର ପାଇଁ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଥିଲା। ସେହିଭଳି ତାଙ୍କର 'ସାଇଡ୍ ଏ ସାଇଡ୍ ବି' ଫିଲ୍ମର ପ୍ରିମିୟର ଶୋ ୨୦୧୭ କାନ୍‌ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିଲା।

## ଯାଁଳାରୁ ଗାଡ଼ଭାଲୁ ଉଦ୍ଧାର

ଯାଁଳା,୨।୧(ଡି.ଏନ.ଏ.)

ରାଜଧାନୀ ଉପକଣ୍ଠ ଜଟଣୀ ବ୍ଲକ ୧୬ ନଂ. ଜାତୀୟ ରାଜପଥ କଡ ଯାଁଳା ଗାଁର ଶ୍ରୀରାଧାମାଧବ କ୍ଲବ ଖେଳପଡିଆରୁ କ୍ଲବର ପିଲାମାନଙ୍କ ଦ୍ୱାରା ଏକ ଗାଡ ଭାଲୁ ଗୁରୁବାର ରାତିରେ ଉଦ୍ଧାର ହୋଇଛି। ରାତି ୮ଟାରେ କ୍ଲବର ଖେଳପଡିଆ ନିକଟସ୍ଥ ନଳକୂପକୁ ପାଣି ଆଣିବାକୁ କ୍ଲବର ଜଣେ ପିଲା ଯାଇଥିଲେ। ସେଠାରେ ଜମା ହୋଇଥିବା ପାଣିକୁ ୨ଟି ଜୀବ ପିଉଥିବା ଦେଖି କ୍ଲବର ପିଲାକୁ ଡାକିଥିଲେ। ପିଲାମାନେ ପହଞ୍ଚି ପାଟି କରିବାରୁ ଜୀବଟି ପଳାଇ ଯାଉଥିଲା। ଛୁଆଟିକୁ କ୍ଲବର ପିଲାମାନେ ପିନ୍ଧିଥିବା ଜ୍ୟାକେଟ ସାହାର୍ଯ୍ୟରେ ଧରିଥିଲେ। ପରେ ଖୋର୍ଦ୍ଧା ବନ ବିଭାଗ କର୍ମଚାରୀଙ୍କୁ ଡାକି ହସ୍ତାନ୍ତର କରିଥିଲେ। ଖୋର୍ଦ୍ଧା ବନ ବିଭାଗ ରେଞ୍ଜର ଉତ୍ତମ ଗଡନାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏହା ଏକ ଗାଡ ଭାଲୁ (ହନି ବାଡଜର) ବୋଲି କହିଥିଲେ। ଉଦ୍ଧାର ଗାଡ ଭାଲୁର ଓଜନ ପ୍ରାୟ ୫ କିଲୋ ହୋଇଥିବା ବେଳେ ଲମ୍ବା ୨.୫ ଫୁଟ ଓ ଉଚ୍ଚତା ୧ ଫୁଟରୁ ଉର୍ଦ୍ଧ୍ୱ ବୋଲି ଅନୁମାନ କରାଯାଉଛି।



## ଆକ୍ରମଣ: ଯୁବକ ଗିରଫ

ବାଲକାଟୀ,୨।୧(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ଘଟଣାରେ ବାଲକାଟୀ ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରଙ୍ଗଣିସାହିର ମୁଷନ ପରିଡ଼ା। ଏ ସମ୍ପର୍କରେ ବାଲିଅନ୍ତା ପୋଲିସ ମାମଲା (ନଂ.୩/୨୦) ରୁଜୁକରି ଗୁରୁବାର ମୁଷନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଏକ ଜାଗାକୁ କେନ୍ଦ୍ରକରି ବାଲକାଟୀ ମହାଲ ସାହିର ନିବାସ ସାହୁ ଓ ମୁଷନଙ୍କ ମଧ୍ୟରେ ଶତ୍ରୁତା ଥିଲା। ବୁଧବାର ଅପରାହ୍ନରେ ନିବାସଙ୍କ ବାପା ସୁରେନ୍ଦ୍ର ବଜାରକୁ ଯାଇଥିଲେ। ଏହି ସମୟରେ ମୁଷନ ତାଙ୍କୁ ଗାଳିଗୁଲଜ କରିଥିଲେ। ସୁରେନ୍ଦ୍ର ଘରକୁ ଯାଇ ଏ ବିଷୟରେ କହିଥିଲେ। ନିବାସ ବଜାରରେ ପହଞ୍ଚି ମୁଷନଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମୁଷନ ଏକ ଧାରୁଆ ଅସ୍ତ୍ରରେ ନିବାସଙ୍କୁ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ବାଲକାଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ବାଲକାଟୀ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ମୁଷନଙ୍କୁ ଗିରଫ କରିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



ଅବଦୁଲ୍



ବିକାଶ



ଅସରଫ୍



ମକରଧ୍ୱଜ



ପ୍ରଶାନ୍ତ



ମାମାଲି

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ

www.dharitri.com/category/selfie/

# ସ୍ୱାବଲମ୍ବୀର ରାସ୍ତା ଦେଖାଉଛନ୍ତି ପ୍ରଭାତ

**କିଛିମାସ ତଳେ ଆମେରିକାର ହ୍ୟୁଷ୍ଟନ ସିଟିରେ ଆୟୋଜିତ ହାଓଡ଼ି ମୋଦି କାର୍ଯ୍ୟକ୍ରମରେ ଡାଟା(ତଥ୍ୟ)କୁ ନବ ଭାରତର 'ସୁନା' ଓ 'ତୈଳ' ସହ ତୁଳନା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ପରିପ୍ରେକ୍ଷୀରେ ଶିଳ୍ପ ବିପ୍ଳବ ସ୍ତରରେ ଭାରତ ବିଶ୍ୱରେ ଅଗ୍ରଣୀ ଭୂମିକା ନେବାର ଦକ୍ଷତା ରଖିଛି ବୋଲି ମୋଦି କହିଥିଲେ। ସମ୍ପ୍ରତି ଯୁଗରେ ଡାଟାର ମହତ୍ତ୍ୱ ବଢ଼ିବାରେ ଲାଗିଛି। ଏବେ ଡାଟା ସାଇନ୍ସ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ସହ ବିଶ୍ୱସ୍ତରରେ ପରିଚୟ ପାଇଛନ୍ତି ଜଣେ ଓଡ଼ିଆ ଯୁବକ। ସେ ହେଲେ କଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ କଣ୍ଟିଶାଳ ଗ୍ରାମର ପ୍ରଭାତ ରଞ୍ଜନ ଜେନା। ଡାଟା ସାଇଣ୍ଟିଷ୍ଟ ପ୍ରଭାତଙ୍କଠାରୁ ଶିକ୍ଷା ହାସଲ କରି ଓଡ଼ିଶାର ଶତାଧିକ ଯୁବତୀଯୁବକ ଏବେ ଅନ୍ତର୍ଜାତୀୟସ୍ତରର କମ୍ପାନୀରେ କାର୍ଯ୍ୟ କରୁଛନ୍ତି। କୌଣସି କମ୍ପାନୀରେ ଚାକିରି କରିବାକୁ ଅପେକ୍ଷା କରନାହିଁ। ବରଂ ଯୋଗ୍ୟତା ଅନୁସାରେ ନିଜକୁ ସ୍ୱାବଲମ୍ବୀ କର ବୋଲି ପ୍ରଭାତ କହିଛନ୍ତି।**

କଟକ ଅଫିସ,୨।୧

ନିପଟ ମଫସଲ ଗାଁ କଣ୍ଟିଶାଳ। କାଦୁଅ ପଚପଚ କଚା ସଡ଼କ ଦେଇ ସ୍କୁଲ ଯିବାକୁ ପଡୁଥିଲା। ୧୦ମ ଶ୍ରେଣୀ ପାଠ ପଢିବା ପର୍ଯ୍ୟନ୍ତ ଟିଭି କ'ଣ ଆମେ ଦେଖି ନ ଥିଲୁ। ତଥାପି ଇଚ୍ଛା ଥିଲା ଗାଁ ପିଲା ଓ ଓଡ଼ିଆ ପିଲାଙ୍କ ପାଇଁ କିଛି ଭଲ କାମ କରିବି। ପରବର୍ତ୍ତୀ ସମୟରେ ଏହି ଲକ୍ଷ୍ୟ ନେଇ ସେ ଉଚ୍ଚଶିକ୍ଷା ଲାଭ କରି ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ତେବେ ଦୃଢ ଇଚ୍ଛାଶକ୍ତି ସହିତ ଜ୍ଞାନକୌଶଳର ସଦୁପଯୋଗ ଫଳରେ ସଫଳତା ମିଳିଛି ବୋଲି କହିଛନ୍ତି ଡାଟା ସାଇଣ୍ଟିଷ୍ଟ ପ୍ରଭାତ। ସେ ବେଙ୍ଗାଲୁରୁର ଏକ ପ୍ରତିଷ୍ଠିତ କମ୍ପାନୀରେ କାର୍ଯ୍ୟ କରନ୍ତି। ଚାକିରି ବ୍ୟତୀତ ବଳକା ସମୟରୁ ସେ ଡାଟା ସାଇନ୍ସ ଶିକ୍ଷା ଦିଅନ୍ତି। 'ଡାଟା ଗ୍ୟାନ' ନାମରେ ତାଙ୍କର ଏକ ଅନୁଷ୍ଠାନ ରହିଛି। ଯେଉଁଠାରେ ବିଶ୍ୱର ଅନେକ ରାଷ୍ଟ୍ରରୁ ମେଧାବୀ ବିଦ୍ୟାର୍ଥୀ ଆସି ଡାଟା ସାଇନ୍ସ ଉପରେ ଶିକ୍ଷା ନେଇଥାନ୍ତି ବୋଲି ସେ କହିଛନ୍ତି।

ବିପିନ ବିହାରୀ ଜେନା ଓ ବାସନ୍ତୀ ମଞ୍ଜରୀ ଜେନାଙ୍କ ସାନପୁଅ ପ୍ରଭାତ। ସେ ଆଇଟିଆର୍ କଲେଜରୁ କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମରେ ଇଞ୍ଜିନିୟରିଂ ପାଠପଢା ସାରିବା ପରେ ବେଙ୍ଗାଲୁରୁର ଏକ କମ୍ପାନୀରେ କାର୍ଯ୍ୟ ଆରମ୍ଭ କରିଥିଲେ। କେବଳ ଚାକିରି ଜୀବନରୁ ଅର୍ଥ ରୋଜଗାର କରି ପରିବାର ପ୍ରତିପୋଷଣ କରିବା ପ୍ରଭାତଙ୍କର ଲକ୍ଷ୍ୟ ନ ଥିଲା। ନିଜର ପରିଶ୍ରମ ବଳରେ କମ୍ପାନୀର ଯେତେ ଉଚ୍ଚପଦବୀକୁ ଯାଇଥିଲେ ସମାଜ ପାଇଁ କାର୍ଯ୍ୟ କରିବାର ଇଚ୍ଛା ସେତେ ବଢ଼ିଥିଲା। ଆଜିକାଲି କୌଣସି ଘରୋଇ କମ୍ପାନୀ, ସରକାର କିମ୍ବା କୌଣସି ରାଜନୈତିକ ଦଳ, ସମସ୍ତେ ଡାଟା ଉପରେ



ଅଧିକ ନିର୍ଭରଶୀଳ ହେଉଛନ୍ତି। ଏପରି କି କମ୍ପାନୀ କୌଣସି ସ୍କିମ୍ ଆରମ୍ଭ କରିବା ପୂର୍ବରୁ କିମ୍ବା ସରକାର କୌଣସି ବୈଠକ ଡାକିବା ପୂର୍ବରୁ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କ ମତ କ'ଣ ରହୁଛି ସେ ସମ୍ପର୍କରେ ଜାଣିବାକୁ ଚାହୁଁଛନ୍ତି। ଏଭଳି ତଥ୍ୟ ଯୋଗାଇବା କାର୍ଯ୍ୟ କରନ୍ତି ପ୍ରଭାତଙ୍କ ଭଳି ଡାଟା ବୈଜ୍ଞାନିକମାନେ। ଏପରି ଏକ ନିଆରା ଶିକ୍ଷା ହାସଲ କରିବା ଓଡ଼ିଆ ବିଦ୍ୟାର୍ଥୀଙ୍କ ପାଇଁ କଷ୍ଟ ଥିଲେ ମଧ୍ୟ ଏଥିରେ ପାରଙ୍ଗମ ହୋଇ ସାରିଲେଣି ପ୍ରଭାତ। ପ୍ରତିଦିନ ଅପରାହ୍ନ ୨ଟାରେ ପ୍ରଭାତଙ୍କ ଅଫିସ। ଏଣୁ ସକାଳୁ ବିଭିନ୍ନ ରାଜ୍ୟର ବିଦ୍ୟାର୍ଥୀଙ୍କୁ ସେ ଡାଟା ସାଇନ୍ସ ଶିକ୍ଷା ଦେଉଛନ୍ତି। ୫୦୦ରୁ ଅଧିକ ଓଡ଼ିଆ ବିଦ୍ୟାର୍ଥୀ ତାଙ୍କ ନିକଟରେ ଶିକ୍ଷା ହାସଲ କରି ଅନେକ ଅନ୍ତର୍ଜାତୀୟ ସ୍ତରର

**ଓଡ଼ିଆ ଡାଟା ସାଇଣ୍ଟିଷ୍ଟ**

କମ୍ପାନୀରେ ଏବେ କାର୍ଯ୍ୟ କରୁଛନ୍ତି। ଏବେ ଆଇଆଇଟି ଖଡଗପୁର ସମେତ ଭାରତର କିଛି ପ୍ରମୁଖ ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରଭାତଙ୍କୁ ଯୋଗାଯୋଗ କରାଯାଇଛି। ଏହି ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପ୍ରଭାତଙ୍କ ନିକଟକୁ ଇଣ୍ଟର୍ନଶିପ କରିବାକୁ ଆସିବେ। ଲଣ୍ଡନ, ମାଲେସିଆ, ଦୁବାଇ, ଜାପାନର ବିଦ୍ୟାର୍ଥୀ ମଧ୍ୟ ପ୍ରଭାତଙ୍କ ଛାତ୍ର ଅଟନ୍ତି। ତେବେ ଆଗାମୀ ଦିନରେ ଓଡ଼ିଶାରେ ନିଜର ସଂସ୍ଥାକୁ ସବୁଦିନ ପାଇଁ କାର୍ଯ୍ୟକ୍ଷମ କରିବେ ବୋଲି ପ୍ରଭାତ କହିଛନ୍ତି। ବିଶ୍ୱରେ ଯେତେ ନାଁ କମାଇଲେ ବି ନିଜ ଗାଁ ଲୋକଙ୍କ ପାଇଁ କାମ ନ କଲେ ଖୁସି ପରିପୂର୍ଣ୍ଣ ହୁଏନି ବୋଲି ପ୍ରଭାତ କହିଛନ୍ତି।



କମିଶନରେଟ୍ ପୋଲିସ ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ପରେଡ୍।

# ଦ୍ୱୈତନଗରୀରେ ପ୍ରତିଷ୍ଠା ହେବ ୟୁନିଫାଏଡ୍ କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର, ୨୧୧(ବ୍ୟୁରୋ)**

ଦ୍ରୁତ ଓ ସମନ୍ୱିତ ସେବା ଯୋଗାଇବା ସହରାଞ୍ଚଳ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏଥିପାଇଁ କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀରେ ପ୍ରତିଷ୍ଠା ହେବ ୟୁନିଫାଏଡ୍ କଣ୍ଟ୍ରୋଲ ରୁମ୍। ଏହା ଲୋକଙ୍କୁ ଉତ୍ତମ ପୋଲିସ ସେବା ଯୋଗାଇବାରେ ସହାୟକ ହେବ ବୋଲି ପୋଲିସ ଡିଜି ଅଭୟ କହିଛନ୍ତି।

ଗୁରୁବାର ସପ୍ତମ ବାଟାଲିଅନ ପଡ଼ିଆରେ ଅନୁଷ୍ଠିତ କମିଶନରେଟ୍ ପୋଲିସର ଦ୍ୱାଦଶ ପ୍ରତିଷ୍ଠା ଦିବସରେ ଯୋଗଦେଇ ଡିଜିପି ଅଭୟ କହିଛନ୍ତି, ପୋଲିସ ଲୋକଙ୍କ ନିକଟତର ହୋଇ କାର୍ଯ୍ୟ କରିବା ଦରକାର। ଏଥିପାଇଁ 'ମୋ ସରକାର' ଯୋଜନାର କାର୍ଯ୍ୟକାରିତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଲୋକଙ୍କ ମତାମତ ଆଧାରରେ ସେବାକୁ ତ୍ୱରାନ୍ୱିତ କରାଯାଉଛି। ଏହାଦ୍ୱାରା ପୋଲିସକୁ ଭଲ ଫିଡ୍‌ବ୍ୟାକ୍ ମିଳୁଛି। ବିଶେଷକରି ଭୁବନେଶ୍ୱର ଓ କଟକରେ କମିଶନରେଟ୍ ପୋଲିସକୁ ଆଗାମୀ ଦିନରେ ଅଧିକ ପିସିଆର୍ ଭ୍ୟାନ୍ ଯୋଗାଇ ଦିଆଯିବ। ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ପୋଲିସ କର୍ମଚାରୀମାନେ ଏହା ଉପରେ ଅଧିକ ଗୁରୁତ୍ୱ ଦେଇ ନିଜର ବୈଷୟିକ ଦକ୍ଷତା ବଢ଼ାଇବାକୁ ଅଧିକ ଧ୍ୟାନ ଦିଅନ୍ତୁ ବୋଲି ଡିଜିପି ପରାମର୍ଶ ଦେଇଥିଲେ।


ପୋଲିସ ଡିଜି ଅଭୟ ଓ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି।

- କମିଶନରେଟ୍ ପୋଲିସ ମୁଖ୍ୟାଳୟ ହେଲା 'ପୋଲିସ ସେବା ଭବନ'
- ୨୦ ପୋଲିସ ଅଫିସର ଓ କର୍ମଚାରୀ ପୁରସ୍କୃତ

ଏହି ଅବସରରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କମିଶନରେଟ୍ ପୋଲିସ ମୁଖ୍ୟାଳୟ ନାମ ପରିବର୍ତ୍ତନ କରାଯାଇ 'ପୋଲିସ ସେବା ଭବନ' ହେଲା ବୋଲି ଘୋଷଣା କରିଥିଲେ। କମିଶନର କହିଲେ, ଆମେ 'ଉଇ କେୟାର ଉଇ ଡେୟାର'ରେ ସୀମିତ ନ ରହି ଆହୁରି ଦୁଇ ପାଦ ଆଗକୁ ବଢ଼ିବୁ। 'ଆମ ପୋଲିସ ଆମ ସୁରକ୍ଷା' ଦିଗରେ ଗୁରୁତ୍ୱ ଦେବୁ। ସମବେଦନା, ସହାନୁଭୂତି ଓ ବୃତ୍ତିଗତ ଦକ୍ଷତାକୁ ପାଥେୟକରି କମିଶନରେଟ୍ ପୋଲିସ ଆଗକୁ ବଢ଼ିବ। ଆଗରେ ରହିଥିବା ବିଭିନ୍ନ ଚ୍ୟାଲେଞ୍ଜକୁ ଆମେ କିପରି ସଫଳତାର ସହ ମୁକାବିଲା କରିବୁ ତାହାର ରଣନୀତି ପ୍ରସ୍ତୁତି ଉପରେ ପ୍ରାଥମିକତା ଦିଆଯିବ। ସହରରେ ଆଗକୁ ଅଧିକ ସିସିଟିଭି କ୍ୟାମେରା ଲଗାଯିବା ବ୍ୟବସ୍ଥା ହେବ ବୋଲି କମିଶନର କହିଛନ୍ତି।

କାର୍ଯ୍ୟକ୍ରମରେ କମିଶନରେଟ ପୋଲିସ ପକ୍ଷରୁ ଚିତ୍ତାକର୍ଷକ ପରେଡ ପ୍ରଦର୍ଶନ କରାଯାଇଥିଲା। ଡିଜିପି ଅଭୟ ଓ ପୋଲିସ କମିଶନର ଷଡ଼ଙ୍ଗୀ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୋଲିସ ଅଫିସର ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଏସିପିଭାବେ ପ୍ରାଣକୃଷ୍ଣ ରାଉତ, ଶ୍ରେଷ୍ଠ ଆଇଆଇସି ସୁରେନ୍ଦ୍ର କୁମାର ବଳ(ଭୁବନେଶ୍ୱର), ରବିନାରାୟଣ ଭଞ୍ଜ(କଟକ), ଶ୍ରେଷ୍ଠ ଏଏସ୍‌ଆଇ ଷ୍ଟାଲିନ୍ କୁମାର ବିଶ୍ୱାଳ(ଭୁବନେଶ୍ୱର), ଅବିନାଶ ରାଉତ(କଟକ), ଶ୍ରେଷ୍ଠ ଟ୍ରାଫିକ କନ୍‌ଷ୍ଟେବଲ ଭାବେ ଭରତ ଚନ୍ଦ୍ର ଦାଶ (ଭୁବନେଶ୍ୱର), ସନ୍ଧ୍ୟାରାଣୀ ସ୍ୱାଇଁ(କଟକ)ଙ୍କ ସମେତ ଅନ୍ୟ କେତେଜଣ ପୋଲିସ କର୍ମଚାରୀ ପୁରସ୍କୃତ ହୋଇଥିଲେ।

### ୟୁନିଫାଏଡ୍ କଣ୍ଟ୍ରୋଲ ରୁମ୍ କ'ଣ?

ୟୁନିଫାଏଡ୍ କଣ୍ଟ୍ରୋଲ ରୁମ୍ ହେଉଛି ଏକ ଅତ୍ୟାଧୁନିକ ବ୍ୟବସ୍ଥା, ଯେଉଁଠାରେ ଅପରାଧୀଙ୍କର ଏକ ଡାଟାବେସ୍ ରହିବ। ଏଥିସହ ସ୍ୱତନ୍ତ୍ର ସିସି କ୍ୟାମେରା ସଂଯୋଗ କରାଯିବ। ଉକ୍ତ କ୍ୟାମେରା ମୁହଁ ଓ ଶରୀରରୁ ଅପରାଧୀଙ୍କୁ ଚିହ୍ନଟ କରିବା ସହ ତୁରନ୍ତ କଣ୍ଟ୍ରୋଲ ରୁମ୍‌କୁ ୱାର୍ନିଂ ଦେବ। ଏହି ଅନୁସାରେ ପୋଲିସ ଟିମ୍ ସହଜରେ ଅପରାଧୀଙ୍କୁ ଧରିବା ସହ ଅପରାଧକୁ ମଧ୍ୟ ଏଡ଼ାଇଦେଇପାରିବ। ଏହି ବ୍ୟବସ୍ଥା ଏବେ ମୁମ୍ବାଇ, ହାଇଦ୍ରାବାଦ ଆଦି କେତେକ ସହରରେ କାର୍ଯ୍ୟକାରୀ ହୋଇଛି।

## ସଂକ୍ଷେପରେ

### ଅଭିମାନ କଲେ ପୂର୍ବତନ ପୋଲିସ ଡିଜି

**ଭୁବନେଶ୍ୱର, ୨୧୧(ବ୍ୟୁରୋ):** କମିଶନରେଟ ପୋଲିସର ଦ୍ୱାଦଶ ପ୍ରତିଷ୍ଠା ଦିବସ ଗୁରୁବାର ୭ମ ବାଟାଲିୟନ ପଡିଆରେ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ କେତେଜଣ ପୂର୍ବତନ ପୋଲିସ ଡିଜି ଓ ଅନ୍ୟ ଅବସରପ୍ରାପ୍ତ ପୋଲିସ ଅଫିସରଙ୍କୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ରଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ଏହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଅଭିମାନ କରିବା ସହ ଟୁଇଟ୍ କରି ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଲେଖିଛନ୍ତି ଯେ, ଅନେକ ଅବସରପ୍ରାପ୍ତ ଅଫିସରଙ୍କୁ ନିମନ୍ତ୍ରଣ କରାଯାଇଥିବା ଶୁଣିଲି। କିନ୍ତୁ ମୋତେ କୌଣସି ନିମନ୍ତ୍ରଣ ମିଳିନାହିଁ ଜାଣି ଖୁସି ଲାଗିଲା ଯେ, ସେମାନେ ଏକ ନୂଆ ପରମ୍ପରା ଆରମ୍ଭ କରିଛନ୍ତି।

### ଏଟିଏମ୍ କାର୍ଡ ଠକେଇ ଅଭିଯୋଗରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ, ୨୧୧:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଜଣେ ମହିଳାଙ୍କ ଏଟିଏମ୍ କାର୍ଡ ଠକେଇ କରିଥିବା ଅଭିଯୋଗରେ ଗୁରୁବାର ସ୍ଥାନୀୟ ହଳଦିଆ ଗାଁର ସଞ୍ଜୟ ମହାପାତ୍ର (୨୪) ଗିରଫ କରିଛି। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଭୁବନେଶ୍ୱର ସୁନ୍ଦରପଦାର ସୁକାନ୍ତି ମିଶ୍ର ଗୁରୁବାର ଏକ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଣ ସମୟରେ ହଳଦିଆର ସଞ୍ଜୟଙ୍କ ସହାୟତା ନେଇଥିଲେ। ଏହି ସମୟରେ ସଞ୍ଜୟ ସୁକାନ୍ତିଙ୍କଠାରୁ ଚତୁରତାର ସହ ଏଟିଏମ୍ କାର୍ଡଟି ନେଇ ଯାଇଥିଲେ। ଏଟିଏମ୍ କାର୍ଡ ଠକେଇ ସମ୍ପର୍କରେ ଜାଣି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଦଫା ୩୭୯, ୪୨୦ ନଂ. ୩/୨୦ରେ ମାମଲା ରୁଜୁ କରିଥିଲା।

### ରାମଲୀଳା ନିର୍ଦ୍ଦେଶକଙ୍କ ପରଲୋକ

**ବାଲୁଗାଁ,୨୧୧(ଡି.ଏନ.ଏ.):** ବାଲୁଗାଁ ଏନ୍‌ଏସି ଅଧୀନ ସରଳାପଦର ଗ୍ରାମର ରାମଲୀଳା ନାଟ୍ୟସଂସଦ ନିର୍ଦ୍ଦେଶକ ବୈଦ୍ୟନାଥ ପଲାଇ (୮୮)ଙ୍କ ପରଲୋକ ଘଟିଛି। ସେ ଦୀର୍ଘ ୫୦ ବର୍ଷ ଧରି ଉକ୍ତ ରାମଲୀଳା ନାଟ୍ୟ ସଂସଦର ନିର୍ଦ୍ଦେଶକ ଥିଲେ। ରାମଲୀଳାର ପ୍ରତ୍ୟେକ ବିଷୟବସ୍ତୁ ଉପରେ ଅନୁଧ୍ୟାନ କରି ପ୍ରତ୍ୟେକ ଅଭିନୟ ପ୍ରତି ଧ୍ୟାନ ଦେବା ସହ କଳାକାରମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇ ଯାତ୍ରା ପରିବେଷଣ କରୁଥିଲେ। ପ୍ରଭୁ ଶ୍ରୀରାମ ଠାକୁରଙ୍କ ପ୍ରତି ଅନୁପ୍ରାଣିତ ହୋଇ ରାମଲୀଳା ନାଟକକୁ ସରଳ ଭାବରେ ନାଟ୍ୟ ରୂପାନ୍ତର ଦେଇଥିଲେ। କିଛିବର୍ଷ ହେବ ବାର୍ଦ୍ଧକ୍ୟ ଜନିତ ରୋଗ ଯୋଗୁ ସେ ଅସୁସ୍ଥ ହୋଇପଡ଼ିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ପରଲୋକ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ବାଲୁଗାଁ ଏନ୍‌ଏସିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସରଳାପଦର ଗ୍ରାମବାସୀ ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ସଂକୀର୍ତ୍ତନ ମାଧ୍ୟମରେ ନଗର ପରିକ୍ରମା କରି ଗ୍ରାମ ଶ୍ମଶାନରେ ମୃତଦେହକୁ ସଂସ୍କାର କରାଯାଇଥିଲା।

# ପ୍ରେମ ପାଇଁ ଜୀବନ ହାରିଲେ ଛାତ୍ରୀ

**ଭୁବନେଶ୍ୱର, ୨୧୧(ବ୍ୟୁରୋ)**

- ବେକରେ ଓଢ଼ଣି ବାନ୍ଧି ଝୁଲି ପଡ଼ିଲେ
- ହଷ୍ଟେଲରୁ ମୃତଦେହ ଜବତ କଲା ପୋଲିସ
- ପୁରୁଷ ବନ୍ଧୁଙ୍କୁ ଅଟକ ରଖି ପଚରାଉଚରା

ପ୍ରେମ ପାଇଁ ଜୀବନ ହାରିଛନ୍ତି ଜଣେ ଇଞ୍ଜିନିୟରିଂ ଛାତ୍ରୀ। ହଷ୍ଟେଲ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ଛାତ୍ରୀ ଜଣକ ହେଲେ ପଶ୍ଚିମବଙ୍ଗର ଝୁମ୍ପା ଦେବନାଥ (୨୭)। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ଛକସ୍ଥିତ କ୍ରିଷ୍ଣା ଏନ୍‌କ୍ଲେଭ୍‌ରେ ଥିବା ଘରୋଇ ହଷ୍ଟେଲ କୋଠରିରୁ ପୋଲିସ ତାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ଏନେଇ ଗୁରୁବାର ଏକ ଅପମୃତ୍ୟୁ ମାମଲା ନଂ.୨/୨୦୨୦ ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

ପୋଲିସ ସୂଚନା ଅନୁଯାୟୀ, ଝୁମ୍ପା ସ୍ଥାନୀୟ ଏକ ଇଞ୍ଜିନିୟରିଂ କଲେଜରେ କମ୍ପ୍ୟୁଟର ଇଞ୍ଜିନିୟରିଂ ପଢ଼ୁଥିଲେ। କ୍ରିଷ୍ଣା ଏନ୍‌କ୍ଲେଭସ୍ଥିତ ହଷ୍ଟେଲର ଏକ ରୁମ୍‌ରେ ଅନ୍ୟଜଣେ ସହପାଠୀଙ୍କ ସହ ରହୁଥିଲେ। ନୂଆବର୍ଷ ପାଇଁ ସହପାଠୀ ଜଣକ ଘରକୁ ଚାଲିଯାଇଥିଲେ। ଝୁମ୍ପା ରୁମ୍‌ରେ ଏକୁଟିଆ ଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଛାତ୍ରୀ ଜଣକ ବେକରେ ଓଢ଼ଣି ଲଗାଇ ଫ୍ୟାନ୍‌ରେ ଆତ୍ମହତ୍ୟା କରିଥିଲେ। ତାଙ୍କ ପୁରୁଷ ବନ୍ଧୁ ତାଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଉତ୍ତର ଦେଇ ନ ଥିଲେ। କିଛି ଘଟଣା ଘଟିଥିବା ଆଶଙ୍କା କରି ସେ ଛାତ୍ରୀଙ୍କ ହଷ୍ଟେଲ ଆଗକୁ ଆସି ବଡ଼ ପାଟିକରି ଝୁମ୍ପାକୁ ଡାକିବା ସହ ହୋହାଲ୍ଲା କରିଥିଲେ। ଏହାଶୁଣି ଉକ୍ତ ହଷ୍ଟେଲରେ ରହୁଥିବା ଅନ୍ୟ ଛାତ୍ରୀମାନେ ଝୁମ୍ପାଙ୍କ ରୁମ୍‌କୁ ଯାଇ କବାଟ ବାଡେଇ ଡାକିଥିଲେ ମଧ୍ୟ ସେ ଖୋଲି ନ ଥିଲେ। ସନ୍ଦେହ ହେବାରୁ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଝୁଲନ୍ତା ଅବସ୍ଥାରେ ଝୁମ୍ପାଙ୍କ ମୃତଦେହ ଉଦ୍ଧାର କରିଥିଲା। ପୁରୁଷ ବନ୍ଧୁଙ୍କ ସହ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଝଗଡ଼ାକୁ ନେଇ ଯୁବତୀ ଏଭଳି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ପୋଲିସ ଏନେଇ ପୁରୁଷ ବନ୍ଧୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ପୋଲିସ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ସେମାନେ ଆସିବା ପରେ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ଅପହୃତା ନାବାଳିକା ଉଦ୍ଧାର, ଅପହର୍ତ୍ତା ଗିରଫ

**ଭୁବନେଶ୍ୱର, ୨୧୧(ବ୍ୟୁରୋ)**

ଖାରବେଳନଗର ଥାନା ଅଞ୍ଚଳରୁ ଅପହୃତା ନାବାଳିକାକୁ ପୋଲିସ ଉଦ୍ଧାର କରିବା ସହ ଜଣେ ଅପହର୍ତ୍ତାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କନ୍ୟାଶ୍ରମ ବସ୍ତିର ସିଲୁ ଜେନା (୨୩)। ସୂଚନା ମୁତାବକ, ଖାରବେଳନଗର ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ସହ ସିଲୁ ବନ୍ଧୁତା ସ୍ଥାପନ କରିଥିଲେ। ଗତ ୫ ତାରିଖରେ ନାବାଳିକା ଜଣକ ସାଙ୍ଗଙ୍କ ସହ ବୁଲିବାକୁ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୩୩୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକ୍ କରି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଠାବ କରିବା ସହ ନାବଳିକାଙ୍କୁ ଉଦ୍ଧାର କରିଥିଲା। ଉଭୟଙ୍କର ଡାକ୍ତରୀ ମାଇନା ପରେ ନାବଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ଅଭିଯୁକ୍ତ ସିଲୁଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବୋଉର ବିକଳ୍ପ ନାହିଁ

**ଭୁବନେଶ୍ୱର,୨୧୧(ବ୍ୟୁରୋ)**

ସବୁ ପରିସ୍ଥିତିରେ ପରିବାରକୁ ବାନ୍ଧି ରଖୁଥିବା ମଣିଷ ହେଉଛି ବୋଉ। ଶିଶୁର ନିଃଶ୍ୱାସ ଓ ବିଶ୍ୱାସ ହେଉଛି ବୋଉ। 'ବୋଉ'ର ବିକଳ୍ପ ନାହିଁ। ସେ ପରିବାରର ଭିତ୍ତିଭୂମି। ହେଲେ ବର୍ତ୍ତମାନର ଯୁବପିଢ଼ି ଆଉ ଏହି ଶବ୍ଦର ଅର୍ଥ ବୁଝୁନାହାନ୍ତି। ପାଠପଢ଼ି ବିଦେଶମୁହାଁ ହୋଇଯିବା ପରେ ତାଙ୍କ ପାଇଁ ମା' ବାପା ବୃଦ୍ଧା ବୟସରେ ଅଲୋଡ଼ା ହୋଇପଡୁଛନ୍ତି।



ବୋଉ ଦିବସ ପାଳନ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥି।

ଯୌଥ ପରିବାର ଲୋପ ପାଇଯିବା ସହ ବୋଉ ଶବ୍ଦ ମଧ୍ୟ ଧୀରେ ଧୀରେ ଲୋପ ପାଇଯାଉଛି ବୋଲି ଏଠାରେ ମତପ୍ରକାଶ ପାଇଛି। 'ବୋଉ' ଫାଉଣ୍ଡେଶନ୍ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ 'ବୋଉ ଦିବସ'କୁ ଉଦ୍‌ଘାଟନ କରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହା କହିଥିଲେ। ଏହି ଅବସରରେ ସେ ମା' ବାପାଙ୍କୁ ବୃଦ୍ଧାବସ୍ଥାରେ ସହାୟ ହେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।

ଅନ୍ୟତମ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ମା'ର ଭୂମିକା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ଅତୀଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଫାଉଣ୍ଡେଶନ୍ ପକ୍ଷରୁ ବୟସ୍କଙ୍କ ଉଦ୍ଦେଶ୍ୟରେ ସମର୍ପିତ 'ପ୍ରୋଜେକ୍ଟ ପ୍ୟାରେଣ୍ଟିଂ' ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ 'ବିଉଟି ଅଫ୍ ୟୁନିଭର୍ସ (ବୋଉ)-ମାଇଁ ମଦର' ଶୀର୍ଷକ ଅନୁଚ୍ଛେଦ ଲିଖନ ପ୍ରତିଯୋଗିତାରେ ୧୦୦ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଉପଦେଷ୍ଟା କସ୍ତୁରୀ ମହାପାତ୍ର, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଫିଲ୍ମ ସେନସର୍ ବୋର୍ଡ ଆଞ୍ଚଳିକ ନିର୍ଦ୍ଦେଶକ ଗୋପାଳ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ଭାସ୍ୱତୀ ପଟ୍ଟନାୟକ, ଅର୍ଥନୀତି ବିଭାଗ ମୁଖ୍ୟ ଡ. ମିତାଲୀ ଚିନାରା, କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ଅଦ୍ୟାଶା ଦାସ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅସିତ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଅଟୋ ମହାସଂଘର ବାର୍ଷିକ ଉତ୍ସବ: ୱେବ୍‌ସାଇଟ୍ ଉନ୍ମୋଚିତ

# ଶୃଙ୍ଖଳିତ ଭାବେ ଅଟୋ ଚଳାଇବାକୁ ମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୨୧୧(ବ୍ୟୁରୋ)**

ଅଟୋ ମହାସଂଘର ୧୧ତମ ବାର୍ଷିକ ଉତ୍ସବ ଗୁରୁବାର ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ଅଟୋ ଚାଳକମାନେ ସମସ୍ତ କାଗଜପତ୍ର ଠିକ ରଖି ଶୃଙ୍ଖଳିତଭାବେ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ଅଟୋ ଚାଳକମାନେ ନିୟମ ମାନିବା ସହିତ ଠିକ ରାସ୍ତାରେ ଗାଡି ଚଳାନ୍ତୁ ବୋଲି କହିଥିଲେ। ଏହି ଅବସରରେ ଅଟୋ ମହାସଂଘ ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଥିଲା। ଖୁବ୍‌ଶୀଘ୍ର ସ୍ମାର୍ଟ ଅଟୋ ସେବା ଆରମ୍ଭ ହେବା ସହ ଏଥିପାଇଁ ସ୍ୱତନ୍ତ୍ର ଆପ୍ କାର୍ଯ୍ୟ କରିବ ବୋଲି ମହାସଂଘର ସାଧାରଣ ସମ୍ପାଦକ ପଦ୍ମନ କୁମାର ସାମଲ ସୂଚନା ଦେଇଥିଲେ। ରାଜ୍ୟର ସମସ୍ତ ଅଟୋଚାଳକ ଯୋଗଦେଇ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଓ ସ୍ୱାସ୍ଥ୍ୟ ସେବା ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଟୋ ମହାସଂଘ ସଭାପତି ସୁବାସ ସିଂ, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପରିବହନ ଅଧିକାରୀ ସଞ୍ଜୟ ବେହେରା, ଟ୍ରାଫିକ ଡିସିପି ସାଗରିକା ନାଥ ପ୍ରମୁଖ ଉପସ୍ଥିତ ରହିଥିଲେ।



ଅଟୋ ମହାସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅନ୍ୟମାନେ।

# ହୋଟେଲରେ ଯୁବତୀଙ୍କୁ ମାଡ଼, ୨ କର୍ମଚାରୀ ଗିରଫ

**ପାତ୍ରପଡା,୨୧୧(ଡି.ଏନ.ଏ.)**

ଖଣ୍ଡଗିରି ଥାନା ଅଧୀନ ଜଗମୋହନନଗର ଅଞ୍ଚଳରେ ଥିବା ଏକ ହୋଟେଲରେ ଜଣେ ଯୁବତୀଙ୍କୁ ହୋଟେଲ କର୍ମଚାରୀମାନେ ମାଡ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ୨ ଜଣ କର୍ମଚାରୀଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେମାନେ ହେଲେ ସମ୍ପୃକ୍ତ ହୋଟେଲ କର୍ମଚାରୀ ବିଷ୍ଣୁ ପ୍ରସାଦ ମିଶ୍ର(୨୩) ଓ ଜିତେନ୍ଦ୍ର ସାହୁ(୨୫)। ପୋଲିସ ସୂଚନା ଅନୁଯାୟୀ, ପୁରୀ ଜିଲା କୁମ୍ଭାରପଡା ଅଞ୍ଚଳର ଜଣେ ଯୁବତୀ ଜଗମୋହନନଗର ଅଞ୍ଚଳରେ ଥିବା ଏକ ହୋଟେଲର ରୁମ ବୁକ୍ କରିଥିଲେ। ଯୁବତୀ ଜଣକ ସମ୍ପୃକ୍ତ ହୋଟେଲକୁ ଅନ୍ୟଜଣେ ପୁରୁଷ ବନ୍ଧୁଙ୍କ ସହ ବିଳମ୍ବିତ ରାତିରେ ଆସିଥିଲେ। ହୋଟେଲର କର୍ମଚାରୀ ସମ୍ପୃକ୍ତ ଯୁବତୀଙ୍କୁ ହୋଟେଲର ରୁମ୍ ଚାବି ଦେବାକୁ ବାରଣ କରିଥିଲେ। ଏହାକୁ ନେଇ କର୍ମଚାରୀଙ୍କ ସହ ସମ୍ପୃକ୍ତ ଯୁବତୀଙ୍କ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କର୍ମଚାରୀ ଦ୍ୱୟ ତାଙ୍କୁ ମାଡ ମାରିଥିଲେ। ଏ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

# ପୋଖରୀରେ ବୁଡ଼ି ଯୁବକ ମୃତ

**ଖୋର୍ଦ୍ଧା ଅଫିସ, ୨୧୧:** ଖୋର୍ଦ୍ଧା ସଦର ଥାନାର ଅଣ୍ଟାବନମାଳିପୁର ଗାଁରେ ପ୍ରଶାନ୍ତ ସାହୁ (୩୮) ବୁଧବାର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ପ୍ରଶାନ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ କୌଣସି କାରଣବଶତଃ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ଖୋଜା ଖୋଜି ପରେ ପ୍ରଶାନ୍ତଙ୍କ ମୃତଦେହକୁ ପୋଖରୀରୁ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ (୧/୨୦)ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଗୁରୁବାର ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କ ହସ୍ତାନ୍ତର କରିଛି।

## ନାଁ ପଛରେ କାହାଣୀ

# ଚାଉଳ ବ୍ୟବସାୟରୁ ଚାଉଳିଆଗଞ୍ଜ

**କଟକ ଅଫିସ, ୨୧୧**

ବାଉନବଜାର ତେପନଗଳିର ସହର କଟକ। ଯଦିଓ ଏବେ ବାଉନ ବଦଳରେ ଶହେ ବଜାର ହଜାରେ ଗଳି ସୃଷ୍ଟି ହେଲାଣି ତଥାପି କଟକ ସହିତ ଏହି ଢଗଟି ଚିରକାଳଧରି ଅମର ରହିଛି। ପ୍ରାଚୀନ ଏହି ସହରର ପ୍ରତ୍ୟେକ ଗଳି ଓ କନ୍ଦି ପଛରେ ରହିଛି ଇତିହାସ ଓ ଅନେକ କାହାଣୀ। ଏହି କାହାଣୀଗୁଡ଼ିକ ଯେତିକି ରୋଚକ ସେତିକି ଶିକ୍ଷଣୀୟ ମଧ୍ୟ। ତେବେ କଟକର ସାହି, ବସ୍ତି ଓ ବଜାର ସହିତ ଯୋଡି ହୋଇ ରହିଥିବା କାହାଣୀକୁ ଲୋକଲୋଚନକୁ ଆଣିବା ନିମନ୍ତେ ଆମର ଏହି ପ୍ରୟାଶ। ଅନେକ ନଥିପତ୍ର କଟକ ଉପରେ ଚମତ୍କାର ତଥ୍ୟ ପ୍ରଦାନ କରୁଛି। ଏହି କ୍ରମରେ କଟକର ଚାଉଳିଆଗଞ୍ଜ ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା।

ଚାଉଳିଆଗଞ୍ଜ ନାଁ ପଛରେ ଅନେକ ଲୋକକଥା ରହିଛି। ଗଞ୍ଜ ଏକ ଯାବନିକ ଶବ୍ଦ। ଏହାର ଅର୍ଥ ବାଣିଜ୍ୟସ୍ଥଳୀ। ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ମତାନୁସାରେ ଚାଉଳିଆଗଞ୍ଜଟି ଚାଉଳିଆଗଣ୍ଡ ନାମର ରୂପାନ୍ତରିତ। ପୂର୍ବରୁ କଟକରେ ଚାଉଳ ବ୍ୟବସାୟ କରାଯାଏ। ବିଭିନ୍ନ ସ୍ଥାନରୁ ଏଠାକୁ ଚାଉଳ ଆସୁଥିଲା। ତେଣୁ ଚାଉଳ ବ୍ୟବସାୟର ବାଣିଜ୍ୟସ୍ଥଳୀ ହୋଇଥିବାରୁ ଏହି ସ୍ଥାନର ନାମ ଚାଉଳିଆଗଞ୍ଜ ହୋଇଛି।

**ରିପୋର୍ଟ: ଅଶୋକ କୁମାର ବାରିକ**



### ୱାର୍ଡ ଓ ଲୋକସଂଖ୍ୟା

କଟକ ମହାନଗର ନିଗମ ଅନ୍ତର୍ଗତ ୪୨, ୪୩ ଓ ୪୭ ନମ୍ବର ୱାର୍ଡକୁ ନେଇ ଚାଉଳିଆଗଞ୍ଜ ଅଞ୍ଚଳ ପରିବ୍ୟାପ୍ତ। ଏଠାରେ ୧୫ହଜାର ଊର୍ଦ୍ଧ୍ୱ ଲୋକ ବାସ କରନ୍ତି।

### ଏଠାରେ କ'ଣ ରହିଛି

ଏହି ଅଞ୍ଚଳରେ ଚାଉଳିଆଗଞ୍ଜ ବାଳିକା ଉଚ୍ଚ ବିଦ୍ୟାଳୟ, କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟ ଓ ଜାତୀୟ କବି ବୀରକିଶୋର(ଜେକେବିକେ) ମହାବିଦ୍ୟାଳୟ ରହିଛି। ଏଥିସହ ଚାଉଳିଆଗଞ୍ଜ ପୋଲିସ ଷ୍ଟେଶନ, କାମେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ସୁନାଦେଈ ମନ୍ଦିର, ମଙ୍ଗଳା ମନ୍ଦିର, ବଉଳେଇ ମନ୍ଦିର, ଦୁର୍ଗା ମନ୍ଦିର, ଅପର୍ଣ୍ଣା ମନ୍ଦିର, ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ଅର୍ତ୍ତତ୍ରାଣ ମନ୍ଦିର, କୁଞ୍ଜବିହାରୀ ମଠ ଓ ମଦନମୋହନ ମଠ ରହିଛି। ଏଠାରେ ଶାରଦୀୟ ପୂଜା ପାଳନ କରାଯାଇଥାଏ। ଜଷ୍ଟିସ ସଙ୍ଗମ କୁମାର ସାହୁ, ଲେଖକ ବୈଷ୍ଣବ ଚରଣ ସାମଲ, ଡ. ଟହଲି ଚରଣ ମହାନ୍ତି, ସ୍ୱରାଜ ମହାନ୍ତି, ଅର୍ଜୁନ ସେନାପତି ଏହ ଅଞ୍ଚଳରେ ବାସିନ୍ଦା ଅଟନ୍ତି।

### ଏଠାକାର ସମସ୍ୟା

ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ରାସ୍ତା ଖୋଳି ଦିଆଯାଇଛି। ଯାହାଦ୍ୱାରା ରାତି ହେଲେ ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଅନେକ ଲୋକ ଏହି ଖାଲରେ ପଡି ଆହତ ହେବା ନଜିର ରହିଛି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନି। ସେହିପରି ଡ୍ରେନ୍‌ଗୁଡିକ ଠିକ୍ ଭାବେ ସଫା କରା ନ ଯିବା ଦ୍ୱାରା ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏଥିଯୋଗୁ ମଶାଙ୍କ ଉପଦ୍ରବ ବୃଦ୍ଧି ପାଇଥିବାବେଳେ ଆଲୋକ ସମସ୍ୟା ମଧ୍ୟ ରହିଛି।



ଆମ ଅଞ୍ଚଳ ଦେଇ କଟକରୁ ପାରଦୀପକୁ ଜାତୀୟ ରାଜପଥ ଯାଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଠାରେ ସ୍ପିଡ ବ୍ରେକର ଲଗାଇବା ସହ ଟ୍ରାଫିକ ପୋଲିସ ନିୟୋଜିତ କରିବା ସମ୍ପର୍କରେ ଜିଲାପାଳଙ୍କୁ ଅନେକ ଥର ଅବଗତ କରାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇପାରିନାହିଁ।
**-ଦେବେନ୍ଦ୍ର ପାତ୍ର, ସାହି କମିଟି ସଭାପତି**



ସବୁବେଳେ ଏହି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରହିଥାଏ। ସାହିରେ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଭାଇଚାରା ରହିଥାଏ। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସାହି ମୁରବିମାନେ ଏହାର ସମାଧାନ କରିଥାନ୍ତି।
**ନିରଞ୍ଜନ ସାହୁ, ସାହି କମିଟି ସମ୍ପାଦକ**



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି
ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଦୋକାନକୁ ବୋମା ମାଡ଼

କଣାସ, ୨୧ା୧(ସ୍ୱ.ପ୍ର.): କଣାସ ଥାନା ଅଧୀନ ତ୍ରିଲୋଚନପୁର ବସ୍‌ଷ୍ଟାଣ୍ଡରେ ଥିବା ପ୍ରଭାତ କୁମାର ଦାଶଙ୍କ ଦୋକାନ ଉପରକୁ ବୁଧବାର ମଧ୍ୟରାତ୍ରରେ ବୋମା ମାଡ଼ କରାଯାଇଛି। ତାଙ୍କ ଦୋକାନ ଶଟରରେ ବୋମାଟି ବାଜିଥିଲା। ବୋମାମାଡ଼ର କାରଣ ଜଣାପଡ଼ିନାହିଁ। ଖବର ପାଇ ପୋଲିସ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ୨ଦିନ ତଳେ କଣାସ ବଜାର ନିକଟରେ ବୋମା ଫୁଟିଥିଲା। ସେହିପରି ଗାଣ୍ଡପଡ଼ାସ୍ଥିତ ନାରାୟଣ ପ୍ରଧାନଙ୍କ ଷ୍ଟେଶନାରି କ୍ୟାବିନକୁ ଦୁର୍ବୃତ୍ତ ଜାଳିଦେଇଥିଲେ। ଏଥିଯୋଗୁ ବ୍ୟବସାୟୀଙ୍କ ସମେତ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ରାତ୍ର ପାଟ୍ରୋଲିଂ କୋହଳ ଯୋଗୁ ଆପରାଧିକ କାର୍ଯ୍ୟକଳାପ ବଢୁଥିବା ଜନସାଧାରଣରେ ଆଲୋଚନା ହେଉଛି।

### ୪ରୁ ଜିଲାସ୍ତରୀୟ ଜେଆର୍‌ଏସ୍ ଶିବିର

ପୁରୀ ଅଫିସ, ୨୧ା୧: ପୁରୀ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆସନ୍ତା ୪ରୁ ୬ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ଜୁନିୟର ରେଡକ୍ରସ (ଜେଆର୍‌ଏସ୍) ଶିବିର ଅନୁଷ୍ଠିତ ହେବ। ଏଥିରେ ଜିଲାର ୧୧ଟି ବ୍ଲକରୁ ପ୍ରାୟ ୮ଶହରୁ ୧ହଜାର ଛାତ୍ରୀଛାତ୍ର ଏବଂ ବ୍ଲକ ଶିକ୍ଷାଧିକାରୀମାନେ ଅଂଶଗ୍ରହଣ କରିବେ। ଏଥିରେ ପ୍ରାୟ ୩୦ଜଣ ଅଫିସିଆଲ ଯୋଗଦେବେ। ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ ବୋଲି ଡିଇଓ ବିଶ୍ୱଜିତ ଘୋଷ କହିଛନ୍ତି। ଏହି ପ୍ରଶିକ୍ଷଣ ଶିବିର ଜିଲା ସ୍କୁଲରେ ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ଓ ପ୍ରଧାନଶିକ୍ଷକମାନଙ୍କ ସହ ଆଲୋଚନା କରାଯାଇଛି। ଦୁର୍ଘଟଣାସ୍ଥଳରେ ଆହତ ବ୍ୟକ୍ତିଙ୍କୁ କିପରି ପ୍ରାଥମିକ ଚିକିତ୍ସା ଦିଆଯିବ, ସାପ କାମୁଡ଼ାର ଉପଚାର ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ ବୋଲି ଡିଇଓ ଘୋଷ କହିଛନ୍ତି।

### ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

ପୁରୀ ଅଫିସ,୨୧ା୧:ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଗୁରୁବାର ପୁରୀ ବସ୍‌ଷ୍ଟାଣ୍ଡ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାମକୃଷ୍ଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ ହୃଷୀକେଶ ପାଣି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ସୌରୀବନ୍ଧୁ କର ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନ ଫଳରେ ଶ୍ରମିକମାନଙ୍କ ଅଧିକାରକୁ ଛଡ଼ାଇ ନେବାର ଉଦ୍ୟମ ଜାରି ରଖିଥିବା କହିଥିଲେ। ଏଆଇଟିୟୁସି ଜାତୀୟ ସମ୍ପାଦକ ତଥା ସଂଘ ସଭାପତି ପଣ୍ଡା କହିଥିଲେ, ମୋଦି ସରକାର ବହୁଦେଶୀୟ ପୁଞ୍ଜିପତିଙ୍କର ସ୍ୱାର୍ଥ ରକ୍ଷା ପାଇଁ ଶ୍ରମ ଆଇନ ସଂଶୋଧନ କରିଛନ୍ତି। ଏହି ନୂଆ ଆଇନ ବଳରେ ଶ୍ରମିକମାନେ କର୍ମନିଯୁକ୍ତି ଓ ୟୁନିୟନ କରିବାର ଅଧିକାର ହରାଇବେ। ଦେଶ ବର୍ତ୍ତମାନ ଆର୍ଥିକ ଦେବାଳିଆ ଅବସ୍ଥାକୁ ଯାଉଛି। ଅହେତୁକ ଭାବେ ଦରଦାମ୍‌ର ବୃଦ୍ଧି ଘଟୁଛି। ଜନ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଭାଜପା ସରକାର ଚେଷ୍ଟା ଚଳାଇଛି। ଆସନ୍ତା ୮ ତାରିଖ ଶ୍ରମିକ ଧର୍ମଘଟକୁ ସଫଳ କରିବା ପାଇଁ ପଣ୍ଡା ଆହ୍ୱାନ ଦେଇଥିଲେ। ଏଥିରେ ବହୁ ଶ୍ରମିକ ନେତା ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ କଡ଼ା ସମାଲୋଚନା କରିଥିଲେ। ଏଥିସହ ଆସନ୍ତା ୮ ତାରିଖ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ନିବେଦନ କରିଥିଲେ। ସଂଘ ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ କିଶୋର ବଳବନ୍ତରାୟ ଓ ଗଙ୍ଗାଧର ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା।

■ ଟ୍ରକ୍ ଧକ୍କାରେ ଶ୍ରମିକ ମୃତ

# କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତାରୋକୋ

ଗୋପ,୨୧ା୧(ଡ଼ି.ଏନ୍.ଏ.):

ଟ୍ରକ୍ ଧକ୍କାରେ ଗୁରୁବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ଗୋପ ଥାନା ପଲ୍ଲି ଅଞ୍ଚଳର ପ୍ରଫୁଲ୍ଲ କୁମାର ସାହୁ(୪୨)। ଆହତ ନିରଞ୍ଜନ ବେହେରାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରଫୁଲ୍ଲଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ବାଲିଦଣ୍ଡା ଛକ ନିକଟରେ ପ୍ରାୟ ୪ ଘଣ୍ଟା ରାସ୍ତାରୋକା କରିଥିଲେ।

ସୂଚନା ଅନୁଯାୟୀ, କଣ୍ଟି ଗ୍ରାମର ନିରଞ୍ଜନଙ୍କ ବାଇକ୍‌ରେ ପ୍ରଫୁଲ ଷ୍ଟୋଭ କିଣିବାକୁ ନୟାହାଟ ଯାଉଥିଲେ। ବାଲିଦଣ୍ଡା ଛକ ନିକଟରେ ପଛରୁ ଆସୁଥିବା ଏକ ବାଲି ବୋଝେଇ ଟ୍ରକ୍ (ଓଡ଼ି୦୫ ଏପି ୪୫୯୪) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ



ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି।

ପଛରେ ବସିଥିବା ପ୍ରଫୁଲ୍ଲ ରାସ୍ତାରେ ପଡ଼ିଯିବା ପରେ ଟ୍ରକ୍‌ର ପଛ ଚକା ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ପ୍ରଫୁଲ୍ଲଙ୍କର ମୃତ୍ୟୁ ହୋଇଥିବାବେଳେ ବାଇକ୍ ଚାଳକ ନିରଞ୍ଜନ ବିଲରେ ପଡ଼ି ଆହତ ହୋଇଥିଲେ। ଏହା ପରେ ଟ୍ରକ୍ ଡ୍ରାଇଭର ଗାଡ଼ି ରଖି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ପ୍ରଫୁଲଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସନ୍ଧ୍ୟା ୬ଟା ରେ ନାଗପୁର-ନୟାହାଟ ରାସ୍ତାର ବାଲିଦଣ୍ଡା ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୧୦ଟା ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରଫୁଲଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ବଉଲାଙ୍ଗ ପଞ୍ଚାୟତ ସରପଞ୍ଚ କମଳାକାନ୍ତ କୁଅଁର ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ମୁଖ୍ୟ ଚିକିତ୍ସାଳୟ ପରିସରରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ପୁରୀ ଅଫିସ, ୨୧ା୧:

ବିଭିନ୍ନ କ୍ଷେତ୍ରରେ ବାଳିକା ଓ ଯୁବତୀମାନେ ସଫଳତା ହାସଲ କରୁଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାର ମଧ୍ୟ ବେଟି ବଚାଅ ଓ ବେଟି ପଢାଅ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେହିପରି କନ୍ୟା ସନ୍ତାନଙ୍କ ଉପରେ ଗୁରୁତ୍ୱ ଦିଆଯାଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ କନ୍ୟା ସନ୍ତାନଙ୍କ ପ୍ରତି ଅବହେଳା ହେଉଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଗୁରୁବାର ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଡିଜିଟାଲ ଓ କମ୍ପ୍ୟୁଟର ଯୁଗରେ ବି କନ୍ୟାସନ୍ତାନଙ୍କୁ ନେଇ ଲୋକଙ୍କ ମଧ୍ୟରେ ରହିଥିବା ଭ୍ରାନ୍ତ ଧାରଣା ଦୂର ହୋଇ ପାରି ନ ଥିବା ଏଥିରୁ ସ୍ପଷ୍ଟ ବୁଝାପଡୁଛି।

ସୂଚନା ଅନୁଯାୟୀ, ରକ୍ତଭଣ୍ଡାର ସମ୍ମୁଖରେ ଏକ ନବଜାତ ଶିଶୁକନ୍ୟାକୁ କପଡ଼ା ଗୁଡ଼ାଇ ରଖାଯାଇଥିବା ଗୁରୁବାର ଅପରାହ୍ନରେ ଦେଖିବାକୁ ମିଳିଥିଲା। ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ 'ମେ ଆଇ କ୍ୟାନ୍ ହେଲ୍ପ ୟୁ' ଅନୁଷ୍ଠାନର କର୍ମକର୍ତ୍ତା ଏହା ଦେଖି ଚିକିତ୍ସାଳୟ ପରିସରସ୍ଥ ଫାଣ୍ଡିକୁ ଜଣାଇଥିଲେ। ପୋଲିସ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନ ଟିମ୍‌କୁ ହସ୍ତାନ୍ତର କରିଥିଲେ। ଏହାପରେ ଶିଶୁଟିର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଅଧିକ ଚିକିତ୍ସା ଲାଗି ତାକୁ ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର (ଏମ୍‌ସିଏଚ୍)ର ଶିଶୁ ୱାର୍ଡରେ ଭର୍ତ୍ତି କରାଯାଇଛି। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି, ମାସକର ଏହି ଶିଶୁଟି ସମ୍ପର୍କରେ କିଛି ଜଣାପଡ଼ି ନାହିଁ। ଉଦ୍ଧାର ପରେ ପ୍ରଥମେ ତାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଆବର୍ଜନାବୁହା ଗାଡ଼ିରେ ଶ୍ରୀମନ୍ଦିର ଫଟୋ

ପୁରୀ ଅଫିସ,୨୧ା୧:

ପୁରୀ ସହରକୁ ସ୍ୱଚ୍ଛ ରଖିବା ଲାଗି ପୌରସଂସ୍ଥା ପକ୍ଷରୁ ଆବର୍ଜନା ବୁହା ଗାଡ଼ି (ସ୍ୱଚ୍ଛ ସବାରି) ବୁଲୁଛି। ତେବେ ଏହି ଗାଡ଼ିରେ ଶ୍ରୀମନ୍ଦିର ଫଟୋ ରହିଥିବାରୁ ଆପତ୍ତି ଉଠାଇଛି ଶ୍ରୀଜଗନ୍ନାଥ ସେନା। ତୁରନ୍ତ ମନ୍ଦିର ଫଟୋ ହଟାଇବା ନେଇ ଗୁରୁବାର ସେନା ପକ୍ଷରୁ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ୭୨ ଘଣ୍ଟା ମଧ୍ୟରେ ଫଟୋଗୁଡ଼ିକୁ ହଟାଇବାକୁ ଏଥିରେ ଦାବି କରାଯାଇଛି।

ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ପ୍ରାୟ ୩ ମାସ ହେବ ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛ ସବାରି ବିଭିନ୍ନ ୱାର୍ଡରେ ବୁଲୁଛି। ପ୍ରତ୍ୟେକ ଘରୁ ଏହି ଗାଡ଼ିରେ ଶୁଖିଲା ଏବଂ ଓଦା ଆବର୍ଜନା ପୃଥକ୍ ଭାବେ ସଂଗ୍ରହ କରାଯାଉଛି। ତେବେ ଏହି ଗାଡ଼ିରେ ଶ୍ରୀମନ୍ଦିରର ଫଟୋ ରହିଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଜଗନ୍ନାଥ ସେନା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେନାର ଆବାହକ ପଟ୍ଟନାୟକ କହିଛନ୍ତି, ପୌରସଂସ୍ଥା ପକ୍ଷରୁ ସହରକୁ ସ୍ୱଚ୍ଛ ରଖିବା ଲାଗି ଯେଉଁ ଉଦ୍ୟମ କରାଯାଉଛି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ଅଳିଆ ନେଉଥିବା ଗାଡ଼ିଗୁଡ଼ିକରେ ଶ୍ରୀମନ୍ଦିର ଫଟୋ ରହିଛି। ଏହାଦ୍ୱାରା ମହାପ୍ରଭୁଙ୍କ ସମେତ ବଡ଼ଦେଉଳକୁ ଅପମାନିତ କରାଯାଉଛି। ଏହା ସମସ୍ତଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରୁଛି। ତେଣୁ ୭୨ ଘଣ୍ଟା ମଧ୍ୟରେ ଆବର୍ଜନାବୁହା ଗାଡ଼ିରୁ ଶ୍ରୀମନ୍ଦିର ଫଟୋ ହଟାଇଦେବାକୁ ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଛୁ। ନଚେତ ସେନା ନିଜେ ଏହି ଫଟୋଗୁଡ଼ିକ ହଟାଇବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

## ଯୁବ ଅଧିକାରୀଙ୍କ ହାତରେ ଶାସନ ମଙ୍ଗ

ନିମାପଡ଼ା,୨୧ା୧(ଡି.ଏନ୍.ଏ.):

ନିମାପଡ଼ାର ବିଭିନ୍ନ ସରକାରୀ ବିଭାଗରେ ଯୁବ ଅଧିକାରୀମାନଙ୍କୁ ଅବସ୍ଥାପିତ କରାଯାଇଛି। ତହସିଲଦାର ଭାବେ ଗୁରୁବାର ଚନ୍ଦ୍ରକାନ୍ତ ମଲ୍ଲିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ନିମାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ନୂତନ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଅଶୋକ କୁମାର ତ୍ରିପାଠୀ, ନିମାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ମନୋଜ କୁମାର ବେହେରା, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଶାରଦା ପ୍ରସନ୍ନ ଦାସ, ନିମାପଡ଼ା ଏସ୍‌ଡିପିଓ ଭାବେ ପ୍ରଦୀପ କୁମାର ଦଳେଇ ଯୋଗଦେଇଛନ୍ତି। ଦୀର୍ଘଦିନର ବ୍ୟବଧାନ ପରେ ନିମାପଡ଼ାରେ ପ୍ରାୟତଃ ସବୁ ବିଭାଗର ଉଚ୍ଚପଦରେ ଯୁବ ଅଧିକାରୀମାନେ ନିଯୁକ୍ତି ପାଇଛନ୍ତି। ଯୁବ ଅଧିକାରୀଙ୍କ ଯୋଗଦାନ ଯୋଗୁ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା, ନିରପେକ୍ଷତା ଆସିବ ସହ ଅଞ୍ଚଳବାସୀ ତ୍ୱରିତ ସେବା ପାଇବେ ବୋଲି ଆଲୋଚନା ହେଉଛି।

# ଟ୍ରେଡ ୟୁନିୟନ ସଙ୍ଗଠନର ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ବିଭିନ୍ନ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତାମାନେ।

ପୁରୀ ଅଫିସ, ୨୧ା୧:

କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଅନ୍ତର୍ଭୁକ୍ତ ସଙ୍ଗଠନଗୁଡ଼ିକର ମିଳିତ ସମ୍ମିଳନୀ ଗୁରୁବାର ଅବକାଶ ଲେନ୍‌ସ୍ଥିତ ମଙ୍ଗଳା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ୧୨ ଦଫା ଦାବି ନେଇ ଜାନୁୟାରୀ ୮ତାରିଖରେ ଦିଆଯାଇଥିବା ବନ୍ଦ ଡାକରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦରଦାମ ବୃଦ୍ଧି, ବେରୋଜଗାର, ଶ୍ରମିକଙ୍କ ସାମାଜିକ ସୁରକ୍ଷା, କେନ୍ଦ୍ରୀୟ ଶ୍ରମ ଆଇନ ସଂଶୋଧନ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବନ୍ଦ ଡାକରାକୁ ସଫଳ କରିବା ଲାଗି ଆହ୍ୱାନ ଦିଆଯାଇଥିଲା। ସମ୍ମିଳନୀରେ ଶ୍ରମିକ ନେତା ଜଗନ୍ନାଥ ଦେଓ, ଶରତ ଚନ୍ଦ୍ର ରାୟଗୁରୁ, ଶ୍ରୀକାନ୍ତ ପରିଜା, ପ୍ରଦୀପ ମହାନ୍ତି, ଅଶୋକ ପ୍ରଧାନ, କିଷନ ପଟ୍ଟନାୟକ, ମୋହନ ନାଇଡୁ ଏବଂ ଟୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହରମୋହନଙ୍କ ହୃଦୟ ଗାଥା ଉନ୍ମୋଚିତ



ଅତିଥିମାନେ 'ହରମୋହନଙ୍କ ହୃଦୟ ଗାଥା' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ,୨୧ା୧:

ସ୍ଥାନୀୟ ସୁନ୍ଦରା ଜାଗା କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଜାତୀୟବାଦୀ ବ୍ୟକ୍ତିତ୍ୱ ହରମୋହନ ସେନାପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ହରମୋହନଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଗୁଡ଼ିକ ସଂକଳନ ହୋଇ 'ହରମୋହନଙ୍କ ହୃଦୟ ଗାଥା' ଶୀର୍ଷକ ପୁସ୍ତକ ଏଥିରେ ଉନ୍ମୋଚିତ ହୋଇଥିଲା। ରବୀନ୍ଦ୍ରନାଥ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁରୀର ପୂର୍ବତନ ଜିଲା ଦୌରା ଜଜ୍ ଅମ୍ବୁଜ ମୋହନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହରମୋହନଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ଐତିହ୍ୟ ପରିଷଦର ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ ଓ ପୁରୀର ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱଜିତ ସେନାପତି ସଭା ପରିଚାଳନା କରିଥିଲେ।

## ୩ ମଦ ବ୍ୟବସାୟୀ ଗିରଫ

ବ୍ରହ୍ମଗିରି,୨୧ା୧(ଡି.ଏନ୍.ଏ.):

ଚୋରା ମଦ ବିକ୍ରି କରିବା ଅଭିଯୋଗରେ ବ୍ରହ୍ମଗିରି ପୋଲିସ ୩ ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କପିଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଗେଣ୍ଡାପଡ଼ା ଭୋଇସାହିର ବିଜୁ ଭୋଇ ଓ ତାଙ୍କ ସ୍ତ୍ରୀ ତମା ଭୋଇ ଏବଂ ରେବଣା ନୂଆଗାଁର କବିତା ବେହେରା। ଏମାନଙ୍କ ନିକଟରୁ ୫ଲିଟର ହାତରନ୍ଧା ମଦ ଓ ୮ଶହ ମି.ଲି. ବିଦେଶୀ ମଦ ଜବତ ହୋଇଛି। ଏ ନେଇ ବ୍ରହ୍ମଗିରି ଥାନାରେ(ନଂ. ୨/୨୦)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରେବଣା ନୂଆଗାଁରେ ଚୋରାମଦ ବିକ୍ରି କରୁଥିବା ଏକ ଦମ୍ପତିଙ୍କୁ ବୁଧବାର ସ୍ଥାନୀୟ ମହିଳାମାନେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା।

## ଗଛକଟାକୁ କେନ୍ଦ୍ରକରି ଗଣ୍ଡଗୋଳ: ୪ ଅଟକ

ଡେଲାଙ୍ଗ,୨୧ା୧(ଡି.ଏନ୍.ଏ.):

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସେବତିପୁର ପଶ୍ଚିମପାରି ଗ୍ରାମରେ ଗଛ କଟାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଲିଳାବତୀ ସ୍ୱାଇଁଙ୍କ ବଗାୟତରୁ ତାଙ୍କ ପଡ଼ିଶାଘର ଲୋକେ ଗଛ କାଟୁଥିଲେ। ଲିଳାବତୀ ଏହାକୁ ବିରୋଧ କରିବାରୁ ପଡିଶା ଘର ଲୋକ ଏକତ୍ରିତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ନେଇ ଲିଳାବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧/୨୦)ରୁଜୁ କରିବା ସହ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଚାରାରୋପଣ କାର୍ଯ୍ୟକ୍ରମ

କୋଣାର୍କ,୨୧ା୧(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ଭାଣପୁର ଗ୍ରାମର ମହାବୀର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଶଙ୍କଟ ମୋଚନ ଯୁବକ ସଂଘ, ଭାଣପୁର ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ଯୁବକ ସଂଘର ସଭାପତି ଶଶାଙ୍କ ଶେଖର ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ରାମଚଣ୍ଡି ଅଗ୍ନିଶମ ଅଧିକାରୀ ବିଚିତ୍ରାନନ୍ଦ ଚୌଧୁରୀ, ଭାରତୀୟ ଗୋଷ୍ଠୀ ବେତାର ମହାସଂଘର ଜାତୀୟ ସଭାପତି ଏନ୍.ଏ.ଶାହା ଅନସାରୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ ଅମେରଶ୍ୱର ନାୟକ ପ୍ରମୁଖ ଯୋଗଦେଇ ବୃକ୍ଷର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ



୫୦୦ ଚାରାରୋପଣ କରାଯାଇଥିଲା। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଯୁବକ ସଂଘର ଉପସଭାପତି ବିଭୂତି ଭୂଷଣ ଦାଶ, ଦୀପକ ଦାଶ, ପବିତ୍ର ଦାଶ, ଅଜୟ ଦାଶ, ଜ୍ୟୋତିରାଜ ତ୍ରିପାଠୀ, ସାହିଲ ପଣ୍ଡା, ରାଜେଶ ମଲ୍ଲିକ ପ୍ରମୁଖ ସହଯୋଗ କରଥିଲେ।

# ପୁରୀ ରେଳଷ୍ଟେଶନର ଭିତ୍ତିଭୂମି ବିକାଶ ଦାବି

ପୁରୀ ଅଫିସ,୨୧ା୧:

ପୁରୀ ରେଳଷ୍ଟେଶନର ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା କରିବା ଲାଗି ଦାବି କରିଛି ପୁରୀ ସାମ୍ବାଦିକ ସଂଘ। ଏ ନେଇ ସଂଘ ପକ୍ଷରୁ ଗୁରୁବାର ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ନିକଟକୁ ଦାବିପତ୍ର ପଠାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ପୁରୀ ଭାରତର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର। ପ୍ରତ୍ୟହ ୩୫,୦୦୦ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଏହି ଷ୍ଟେଶନ ଦେଇ ଯାତାୟାତ କରିଥାନ୍ତି। ପୁରୀ ଏହି କାଟେଗୋରି ଷ୍ଟେଶନ ହୋଇଥିବା ବେଳେ ବାର୍ଷିକ ଏଠାରୁ ପ୍ରାୟ ୪୧ କୋଟି ଟଙ୍କା ରାଜସ୍ୱ ଆୟ ହେଉଛି। କିନ୍ତୁ ଯାତ୍ରୀଙ୍କ ପାଇଁ ସେମିତି ପର୍ଯ୍ୟାପ୍ତ ସୁବିଧା ନ ଥିବା ବେଳେ ଷ୍ଟେଶନର ଭିତ୍ତିଭୂମିରେ ବିକାଶ କରାଯିବା ଦରକାର ବୋଲି ସଂଘ ଦାବି କରିଛି। ସରକାରୀ ରେଲୱେ ଥାନା ପ୍ରତିଷ୍ଠା, ରେଳଯାତ୍ରୀ ନିବାସ ନିର୍ମାଣ, ଷ୍ଟେଶନରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସର ଉନ୍ନତି ସାଙ୍ଗକୁ ପ୍ଲାଟଫର୍ମ, ଷ୍ଟେଶନ ନିକଟ ଆଖାପାଖ ରାସ୍ତା ମରାମତି ଓ ସୌନ୍ଦର୍ଯ୍ୟକରଣ ଆଦି ନିମନ୍ତେ ସଂଘ ଦାବି କରିଛି।

■ ଗୃହରକ୍ଷୀଙ୍କ ହାତରେ ଟ୍ରାଫିକ୍ ଦାୟିତ୍ୱ

# ଭିଡ଼ରେ ଫସିଲା ଆମ୍ବୁଲାନ୍ସ

ଗୋପ,୨୧ା୧(ଡି.ଏନ୍.ଏ.):

ଗୋପ ବଜାରରେ ଟ୍ରାଫିକ ସମସ୍ୟା ଯୋଗୁ ଗୁରୁବାର ରୋଗୀ ନେଇ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ପ୍ରାୟ ୨୫ମିନିଟ୍ ଫସି ରହିଥିବା ଦେଖିବାକୁ ମିଳିଥିଲା। ନୂଆବର୍ଷ ପାଇଁ ପୁରୀ, କୋଣାର୍କକୁ ହଜାର ହଜାର ପର୍ଯ୍ୟଟକ ବୁଲିବାକୁ ଆସିବାରୁ ଗୋପରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୋପ ବଜାରରେ ଟ୍ରାଫିକ୍ ସମସ୍ୟା ଲାଗି ରହୁଥିବା ବେଳେ ପୋଲିସ ପକ୍ଷରୁ ୩ଜଣ ଗୃହରକ୍ଷୀଙ୍କୁ ମୁତୟନ କରାଯାଉଛି। ଗୃହରକ୍ଷୀମାନେ ଟ୍ରାଫିକ



ଭିଡ଼ ଭିତରେ ଗାଡ଼ିଗୁଡିକ ସହ ଆମ୍ବୁଲାନ୍ସ ଅଟକି ରହିଛି।

ପରିଚାଳନା ଦାୟିତ୍ୱରେ ଥିବାରୁ ବାରମ୍ବାର ସମସ୍ୟା ସୃଷ୍ଟି ହେଉଛି ବୋଲି ଚର୍ଚ୍ଚା ହେଉଛି। ଏଥିପ୍ରତି ପୋଲିସ ଦୃଷ୍ଟିଦେବାକୁ କୁଶଭଦ୍ରା ବ୍ୟବସାୟୀ ସଂଘ ଦାବି କରିଛି।

# ବର୍ଷା ସମ୍ଭାବନା ଯୋଗୁ ପକ୍ଷୀ ଗଣନା ଘୁଞ୍ଚିଲା

**ପୁରୀ ବନ୍ୟପ୍ରାଣୀ ଡିଭିଜନ**

ପୁରୀ ଅଫିସ, ୨୧ା୧:

ପୁରୀ ବନ୍ୟପ୍ରାଣୀ ଡିଭିଜନରେ ଶୁକ୍ରବାର ପକ୍ଷୀ ଗଣନା କରାଯିବ ଲାଗି ସ୍ଥିର ହୋଇଥିଲା। ଏଥିପାଇଁ ଗୁରୁବାର ପକ୍ଷୀ ଗଣନା ତାଲିମ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଶୁକ୍ରବାର ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଗଣନାକୁ ଗୋଟିଏ ଦିନ ଘୁଞ୍ଚାଇ ଦିଆଯାଇଛି।

ପକ୍ଷୀ ଗଣନାରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ଗୁରୁବାର ବାଲୁଖଣ୍ଡ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ତାଲିମ ଦିଆଯାଇଥିଲା। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା, ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ ସ୍ୱାଇଁ, ପରିବେଶବିତ୍ ରମାଶଙ୍କର ପାତ୍ରଙ୍କ ସମେତ ପକ୍ଷୀ ବିଶେଷଜ୍ଞମାନେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଡିଏଫ୍‌ଓ ଉଦ୍‌ଗାତା କହିଛନ୍ତି ଯେ, ବାଲୁଖଣ୍ଡ, କୋଣାର୍କ, ଅସ୍ତରଙ୍ଗ, ଗୋପ, ବ୍ରହ୍ମଗିରି ରେଞ୍ଜ ଅଫିସର, ଫରେଷ୍ଟର, ଗାର୍ଡ ଏବଂ ଅନ୍ୟ କର୍ମଚାରୀଙ୍କୁ ପକ୍ଷୀ ଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କିନ୍ତୁ ବର୍ଷା ସମ୍ଭାବନା ଯୋଗୁ ଶୁକ୍ରବାର ଗଣତିକୁ ଘୁଞ୍ଚାଇ ଦିଆଯାଇଛି। ଯଦି ପାଗ ଠିକ୍ ରୁହେ ଶନିବାର ଗଣତି କରାଯିବ। ପୁରୀ ଡିଭିଜନ ଅନ୍ତର୍ଗତ ଯେଉଁସବୁ ସ୍ଥାନରେ ଜଳାଶୟ ରହିଛି ଏବଂ ପକ୍ଷୀ ଆସିଛନ୍ତି ସେ ସବୁ ସ୍ଥାନରେ ଗଣତି କରାଯିବ। ଏଥିଲାଗି ୨୩ଟି ସ୍ଥାନ ଚିହ୍ନଟ କରାଯାଇ ୨୩ ଟିମ୍ ଗଠନ କରାଯାଇଛି। ଏରିଆ ଏବଂ ପକ୍ଷୀଙ୍କ ସମାଗମକୁ ନଜରରେ ରଖି ପ୍ରତି ଟିମ୍‌ରେ ୨ରୁ ୪ ଜଣ ଲେଖାଏ ସଦସ୍ୟ ରହିଛନ୍ତି। ରତ୍ନଚିରା ନଦୀ, ଗଙ୍ଗାଦେବୀ, କୁଶଭଦ୍ରା ନଦୀ, ପ୍ରାଚୀ ନଦୀ, କେଲୁଣୀ ମୁହାଣ, କାଦୁଆ ନଦୀ ପ୍ରଭୃତି ୨୩ଟି ସ୍ଥାନରେ ଏହି ଗଣତି ହେବ। ଏହି ଗଣତିରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବନ୍ୟପ୍ରାଣୀ ପ୍ରେମୀ ଓ ବନ୍ୟପ୍ରାଣୀ ବିଶେଷଜ୍ଞ ସାମିଲ ରହିବେ ବୋଲି ଜଣାପଡ଼ିଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ଜାନୁୟାରୀ, ୨୦୨୦



ଯିଏ ସାଧୁସନ୍ଥଙ୍କୁ ଅବମାନନା କରେ, ତା'ର ସମସ୍ତ ପୁଣ୍ୟ, ଧର୍ମ, ଧନସମ୍ପତ୍ତି, ଯଶ, ଆୟୁ, ଆଶିଷ ଓ ସମସ୍ତ ହିତକର ବିଷୟ ନଷ୍ଟ ହୋଇଯାଏ।
- ବ୍ୟାସଦେବ



## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଜଣେ ଗିରଫ

**ଚୌଦ୍ୱାର,୨।୧(ଡି.ଏନ୍.ଏ):** ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସଞ୍ଜୟ ସାହୁ। ସୂଚନା ଅନୁଯାୟୀ, ମହିଳା ଜଣକ ବୁଧବାର ରାତିରେ ଶୋଇଥିବା ବେଳେ ସଞ୍ଜୟ ତାଙ୍କ ଘରେ ପଶିବା ସହିତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ତାଙ୍କ ସ୍ୱାମୀ ଓ ସ୍ଥାନୀୟ ଲୋକେ ସଞ୍ଜୟଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏ ନେଇ ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩/୧୯) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମହତାବଙ୍କ ଅବଦାନ ଅତୁଳନୀୟ

**ଚୌଦ୍ୱାର,୨।୧(ଡି.ଏନ୍.ଏ):** ସ୍ୱାଧୀନତା ସଂଗ୍ରାମୀ, ନବ ଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହାତାବଙ୍କ ୩୩ତମ ଶ୍ରାଦ୍ଧୋତ୍ସବ ଚୌଦ୍ୱାର ପ୍ରେସ୍ କ୍ଲବରେ ପାଳିତ ହୋଇଯାଇଛି। କ୍ଲବ ସମ୍ପାଦକ ରମେଶ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଖବରଦାତା ଗଙ୍ଗାଧର ସାହୁ, ଇମ୍ଫା ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ, ପ୍ରେସ କ୍ଲବର ଉପଦେଷ୍ଟା ଏସ୍.କେ.ପଣ୍ଡା, ଉତ୍କଳ ପୂଜନ ପରିଷଦର ସଭାପତି କୈଳାସ ଚନ୍ଦ୍ର ବରାଳ ପ୍ରମୁଖ ଡ. ମହତାବଙ୍କ ଜୀବନୀ ଆଲୋଚନା କରିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଏହାର ବିକାଶରେ ମହତାବଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଆଶୁତୋଷ ଦାସ, ପ୍ରକାଶ ନାୟକ, ଜୟପ୍ରଦୀପ ଦାସ, ସୁଧାକର ସାମନ୍ତରାୟ, ଲକ୍ଷ୍ମୀଧର ଦାସ, କେ.ସି.ପ୍ରତାପସିଂହ, ସୁରେଶ ଚନ୍ଦ୍ର ପୃଷ୍ଟି, ବିଜୟ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶ୍ୱଜିତ ସାହାଣୀ ଧନ୍ୟବାଦ ଦେଇଥିଲେ।

### ସମାଜ ପାଇଁ ଚିକିତ୍ସା ସେବା, ସାହିତ୍ୟ ଆବଶ୍ୟକ

**କଣ୍ଟାପଡ଼ା,୨।୧(ଡି.ଏନ୍.ଏ.):** ମାନବ ସମାଜ ପାଇଁ ଚିକିତ୍ସା ସେବା ଓ ସାହିତ୍ୟର ଆବଶ୍ୟକତା ରହିଛି ବୋଲି ବୁଧବାର ଏକ କବିତା ଆସର କାର୍ଯ୍ୟକ୍ରମରେ ନାଟ୍ୟକାର ଚିନ୍ମୟ ଦାସ କହିଛନ୍ତି। ଏସ୍‌ଭି ନିର୍‌ତାର ଏବଂ ଉଦୟଭାନୁ ସାହିତ୍ୟ ଓ କଳାସଂସ୍କୃତି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଦାସ ଯୋଗଦେଇ ଏହା କହିଥିଲେ। ନିର୍‌ତାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିର୍‌ତାର ପ୍ରଶାସନିକ ଉପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ, ବୈଷୟିକ ଉପନିର୍ଦ୍ଦେଶକ ଡା.କିଶୋର ଚନ୍ଦ୍ର ମହାପାତ୍ର, ଉଦୟଭାନୁର ସଭାପତି ସଂଗ୍ରାମ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଡା. ଦୀପକ ସିଂ, ଅମଳେନ୍ଦୁ ମହାପାତ୍ର, ବାବାଜୀ ଭୋଇ, ଡ. ଜ୍ୟୋତିନନ୍ଦନ ଷଡ଼ଙ୍ଗୀ, ସୁଜାତା ମହାରଥୀ, ସରିତା ନାୟକ, କନକଲତା ଦେଈ, ଜ୍ୟୋତ୍ସ୍ନା ସିଂ, ଫକୀର ମୋହନ ସାହୁ, ରାଧାଶ୍ୟାମ ମହାନ୍ତି, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କବିତା ପାଠକରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ଡା. ଦାସଙ୍କ ସମେତ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ମାଧବାନନ୍ଦ ଭୋଇ ଧନ୍ୟବାଦ ଦେଇଥିଲେ।

### ଆଧାତ୍ମିକ ପ୍ରବଚନ ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୨।୧(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ଶ୍ୟାମାଶାମ ସତ୍‌ସଂଘ ପକ୍ଷରୁ ଆସନ୍ତା ୪ ତାରିଖରେ ଆଧାତ୍ମିକ ପ୍ରବଚନ, ନାମ ସଙ୍କୀର୍ତ୍ତନ ଓ ଧର୍ମୀୟ ଚେତନା ସଭା ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ପ୍ରଧାନସାହିସ୍ଥିତ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାବାଜୀ ମନମୋହନ ଦାସ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବିମାନ ସ୍ୱାଇଁ, ବିରଞ୍ଚି ନାରାୟଣ ସ୍ୱାଇଁ, ସୁରେଶ ଚନ୍ଦ୍ର ମିଶ୍ର, କେଶବ ଚନ୍ଦ୍ର ସାହୁ, ସନ୍ତୋଷ ହୋତା,କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ମତପ୍ରକାଶ କରିଥିଲେ।

## ପାଗାହାଟରେ ଅଗ୍ନିକାଣ୍ଡ

# ୪୦ରୁ ଊର୍ଦ୍ଧ୍ୱ ବଖରା ଜଳିଗଲା

**ସାଲେପୁର,୨।୧(ଡି.ଏନ୍.ଏ)**



■ବିଳମ୍ବରେ ପହଞ୍ଚିଲା ଦମକଳ ଗାଡ଼ି

■ଚିନ୍ତାରେ ହାଟ ବ୍ୟବସାୟୀ

ସାଲେପୁର ତହସିଲ୍‌ର ବହୁଗ୍ରାମ୍ ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ପାଗା ହାଟରେ ଗୁରୁବାର ସକାଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪୦ରୁ ଉର୍ଦ୍ଧ୍ୱ ବଖରା ଜଳିପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ କେଶବ ସାହୁ, ଗୁଣମଣି ଦାସ, ଲୋକନାଥ ଗିରି, ଅଭିରାମ ଭୋଇ, କ୍ଷୀର ଭୋଇ, ଲକ୍ଷ୍ମୀଧର ସାହୁ, ଶତ୍ରୁଘନ ସାହୁ, ଗଣେଶ ସାହୁ, ନୃସିଂହ ବେହେରା, କ୍ଷୀର ଜେନା, ଦୁର୍ଯ୍ୟୋଧନ ସାହୁ, ଜଳିଆ ଗୋଲା, ଅଗାଧୁ ମଣ୍ଡଳ, ଶୁକ ସାହୁ, ଚଗଲା ସାହୁ, ଜଗବନ୍ଧୁ ସାହୁ, ପୀତବାସ ସ୍ୱାଇଁ ଓ ଲକ୍ଷ୍ମୀଧର ବେହେରାଙ୍କ ସମେତ ୪୦ ଜଣ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ବିଭିନ୍ନ ସାମଗ୍ରୀ ଓ ଆସବାବପତ୍ର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ହାଟ ମଧ୍ୟରେ ଥିବା ନଳକୂପରୁ ପାଣି ନେଇ ଏହାକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏନେଇ ସାଲେପୁର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ମାତ୍ର ବିଳମ୍ବରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସବୁ ଜଳିଯାଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଖବରପାଇ ସାଲେପୁର ଯୁବ ବିଧାୟକ ତଥା ଜିଲା ବିଜୁ କୃଷକ ସେଲ୍ ସଭାପତି ପ୍ରଶାନ୍ତ କୁମାର ବେହେରା ସେଠାରେ ପହଞ୍ଚି ବ୍ୟବସାୟୀମାନଙ୍କୁ ଥଇଥାନ୍ କରିବା ପାଇଁ ପ୍ରଶାସନ ସହ ଆଲୋଚନା କରିଥିଲେ। ତାଙ୍କ ସହ ସାଲେପୁର ବ୍ଲକ୍ ଯୁବ ବିଜେଡି ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଚାଟାର୍ଜୀ, ଉପେନ୍ଦ୍ର ବେହେରା, ପ୍ରଦୀପ ସାହୁ, ଲିପକ୍ ଜେନା, ସଞ୍ଜୟ କୁମାର ବେହେରା, ଦୁର୍ଗାପ୍ରସାଦ ପ୍ରଧାନ ପ୍ରମୁଖ ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରିଥିଲେ। ବହୁଗ୍ରାମ୍ ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ମହାପାତ୍ର କ୍ଷୟକ୍ଷତି ସମ୍ପର୍କରେ ସାଲେପୁର ତହସିଲ୍‌ଦାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିବା ସହ ବ୍ୟବସାୟୀମାନଙ୍କୁ ପଲିଥିନ୍ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷେ ଶୁକ୍ରବାର ହାଟ ଥିବାରୁ ବ୍ୟବସାୟୀମାନେ ପୁନର୍ବାର କିପରି ବ୍ୟବସାୟ କରିବେ ସେନେଇ ଚିନ୍ତାରେ ପଡିଛନ୍ତି। ହାଟରୁ ଚାଳ ଘର ହଟାଇ ଛାତ ଘର କରିବା ଓ ୨ଟିରୁ ଉର୍ଦ୍ଧ୍ୱ ନଳକୂପ ସ୍ଥାପନ କରିବା ପାଇଁ ବାପୁଜୀ କୃଷକ ମଞ୍ଚର ଆବାହକ ସୁନାକର ବରାଳ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପୂର୍ବଭାରତ ବିଜ୍ଞାନମେଳା

# ଦୀପ୍ତିରଞ୍ଜନଙ୍କ ପ୍ରକଳ୍ପ ମନୋନୀତ




**କଣ୍ଟାପଡ଼ା,୨।୧(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସାଇଲୋବଡ଼ବିଲ ଲାଲବାହାଦୁରନଗରସ୍ଥିତ ଗୋପବନ୍ଧୁବିଦ୍ୟାମନ୍ଦିରର ୧୦ମ ଶ୍ରେଣୀ ଛାତ୍ର ଦୀପ୍ତିରଞ୍ଜନ ଦାସଙ୍କ ପ୍ରକଳ୍ପ ପୂର୍ବଭାରତ ବିଜ୍ଞାନମେଳାକୁ ମନୋନୀତ ହୋଇଛି। ଦୀପ୍ତି ସୁଉଚ୍ଚ ବସ୍ତୁମାପକ ଯନ୍ତ୍ର ପ୍ରସ୍ତୁତକରି ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିବା ପରେ ପୂର୍ବଭାରତ ବିଜ୍ଞାନ ମେଳାରେ କୃତିତ୍ୱ ଅର୍ଜନ ପାଇଁ ଆଶା ରଖିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଦୂରରୁ ଅତି ଉଚ୍ଚତା ବିଶିଷ୍ଟ ସ୍ଥାନଗୁଡ଼ିକର ମାପ ଲେଜର ସାହାଯ୍ୟରେ କରିହେବ। ଫଳରେ ନୂତନ ପଦ୍ଧତି ଦ୍ୱାରା ଏହା ଅତି ସହଜ ହୋଇପାରିବ ବୋଲି ଦୀପ୍ତି କହିଛନ୍ତି। କୋଲକାତାଠାରେ ହେବାକୁ ଥିବା ପୂର୍ବଭାରତ ବିଜ୍ଞାନମେଳାରେ ସେ ଯୋଗଦେଇ ଏହି ପ୍ରକଳ୍ପ ପ୍ରଦର୍ଶନ କରିବେ। ଦୀପ୍ତିଙ୍କ ଏହି ସଫଳତା ଗୋପବନ୍ଧୁ ନୋଡାଲ ବିଦ୍ୟାମନ୍ଦିର ପାଇଁ ଗୌରବର ବିଷୟ ବୋଲି ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ରସାନନ୍ଦ ଘଡ଼େଇ କହିଛନ୍ତି। ସୂଚନା ଥାଉ କି, ଗତ ଡିସେମ୍ବର ୨୧ରେ ଅନୁଗୋଳଠାରେ ଆୟୋଜିତ ୩ଦିନିଆ ୪୬ତମ ରାଜ୍ୟସ୍ତରୀୟ ବିଜ୍ଞାନମେଳାର ଆୟୋଜନ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୭୮ଜଣ ଛାତ୍ରୀଛାତ୍ର ଭାଗନେଇ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଦୀପ୍ତିରଞ୍ଜନ ସର୍ବଶ୍ରେଷ୍ଠ ପ୍ରଦର୍ଶନକରି ପୂର୍ବଭାରତ ବିଜ୍ଞାନମେଳାକୁ ମନୋନୀତ ହୋଇଥିଲେ।




ଡିମ୍ସ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ଶୋଭାଯାତ୍ରା।

### ଯୁବକଙ୍କୁ ମାଡ଼ମାରି ୫ ଗିରଫ

**କଟକ ଅଫିସ,୨।୧**

ଯୁବକଙ୍କୁ ମାଡ ମାରିବା ଅଭିଯୋଗରେ ମାଲଗୋଦାମ ପୋଲିସ ଗୁରୁବାର ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଲଗୋଦାମ ଥାନା ଅନ୍ତର୍ଗତ ପ୍ରେମନଗର ବସ୍ତିର କୃଷ୍ଣ ଦାସ, ଲୁଡୁଲା ମହାପାତ୍ର, ଶମ୍ଭୁ ଦାସ, ଜି. ଶଙ୍କର ରାଓ ଓ ନରେନ୍ଦ୍ର ମହାପାତ୍ର। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ମଦପିଇ ପ୍ରେମନଗର ଅଞ୍ଚଳର ଜଣେ ଯୁବକଙ୍କୁ ଗାଳିଗୁଲଜ କରିଥିଲେ। ସମ୍ପୃକ୍ତ ଯୁବକ ଏହାର ବିରୋଧ କରିବାରୁ ଅଭିଯୁକ୍ତମାନେ ଉତ୍ତେଜିତ ହୋଇ ତାଙ୍କୁ ମାଡ ମାରିଥିଲେ। ଏ ନେଇ ସେ ବୁଧବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧/୨୦) ରୁଜୁ କରିଥିଲା।

## ନେତାଜୀଙ୍କ ଜନ୍ମସ୍ଥାନ ଅବହେଳିତ

**କଟକ ଅଫିସ, ୨।୧**

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି**

କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ଅବହେଳିତ ଅବସ୍ଥାରେ ରହିଛି। ଫନୀ ଯୋଗୁ ଏହି ସ୍ଥାନରେ ଥିବା ବହୁ ଗଛ ଉପୁଡି ପଡିଥିଲା। ହେଲେ ଏପର୍ଯ୍ୟନ୍ତ ଉକ୍ତ ଗଛଗୁଡିକ ସେହିଭଳି ଅବସ୍ଥାରେ ପଡିରହିଛି। ସେହିପରି ଅନେକ ଜିନିଷ ମଧ୍ୟ ନଷ୍ଟ ହୋଇଥିଲା। ଏ ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଗୁରୁବାର କଟକ ମହାନଗର ସଂଖ୍ୟାଲଘୁ ନାଗରିକ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଏକ ଚିଠି ପଠାଯାଇ ତୁରନ୍ତ ଉକ୍ତ ସ୍ଥାନର ରକ୍ଷଣାବେକ୍ଷଣ ପାଇଁ ଦୃଢ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ଠାରୁ ଆରମ୍ଭ କରି କଟକ ମହାନଗର ନିଗମ(ସିଏମ୍‌ସି) ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ତତ୍ପରତା ପ୍ରକାଶ ପାଉନି ବୋଲି ପରିଷଦର ସଭାପତି ଆଫତାବ ନୁର ଓ ସମ୍ପାଦକ ସେକ ରହେମତ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

## ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମବାର୍ଷିକୀ

**କଟକ ଅଫିସ,୨।୧**

ସଂସ୍କାରକ ତଥା ଆଧୁନିକ ନର୍ସିଂର ଜନ୍ମଦାତ୍ରୀ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ୨୦୦ତମ ଜନ୍ମବାର୍ଷିକୀ ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ଗୁରୁବାର ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ କ୍ୟାମ୍ପସ ପରିସରରେ ମହମବତୀ ଶୋଭାଯାତ୍ରା କରିଥିଲେ। ଶିକ୍ଷାନୁଷ୍ଠାନର ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ଯୋଗଦେଇ ନର୍ସିଂ ଛାତ୍ରୀଛାତ୍ରମାନେ ଫ୍ଲୋରେନ୍ସ ନାଇଟିଙ୍ଗେଲ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିଲେ।

## ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ

**କଟକ ଅଫିସ, ୨।୧**

ବାଇମୁଣ୍ଡି ବରିଷ୍ଠ ନାଗରିକ ସଂଘ ଓ ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ ସ୍ଥାନୀୟ ନଳିନୀ ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ କାଞ୍ଚିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର କୃପାସିନ୍ଧୁ ପଣ୍ଡା ଯୋଗଦେଇ କହିଥିଲେ, ବର୍ତ୍ତମାନ ବରିଷ୍ଠ ନାଗରିକମାନେ ସମାଜରେ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ସେମାନଙ୍କ ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ। ଏଥିରେ ମୁଖ୍ୟବକ୍ତା ଭାବେ ସାମାଲୋଚକ ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇଥିଲେ। ଏହି ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କବି ସମ୍ମିଳନୀରେ ୪୦ରୁ ଉର୍ଦ୍ଧ୍ୱ କବି ଯୋଗଦେଇ କବିତାପାଠ କରିଥିଲେ। ସଂଘ ସଭାପତି ବସନ୍ତ ସେଠୀ, ବରିଷ୍ଠ ନାଗରିକ ସଞ୍ଜୟ ମହାନ୍ତି, ପ୍ରତାପ କିଶୋର ମହାନ୍ତି, ରବୀନ୍ଦ୍ର କୁମାର ସେଠୀ, ବିଜୟ ନାଥ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ସୁଜାତା ଜୟସ୍ୱାଲ ଧନ୍ୟବାଦ ଦେଇଥିଲେ।




ଦୀର୍ଘଦିନ ଧରି ଠିକାରେ କାର୍ଯ୍ୟରତ କର୍ମଚାରୀଙ୍କୁ କାମ କରିବାରୁ ବଞ୍ଚିତ କରାଯାଇଥିବା ପ୍ରତିବାଦରେ ଗୁରୁବାର କଟକ ବିଦ୍ୟାଧରପୁରସ୍ଥିତ ଏନ୍‌ଆରଆରଆଇ ମୁଖ୍ୟଗେଟ୍ ସମ୍ମୁଖରେ ଠିକା କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ।

## ୬ରୁ ଭାଜପାର ସିଏଏ ସମ୍ପର୍କିତ ପଦଯାତ୍ରା

**କଟକ ଅଫିସ, ୨।୧**

ବାଦାମବାଡ଼ିସ୍ଥିତ ଗ୍ରାଣ୍ଡ ରେସିଡେନ୍ସିର ସମ୍ମିଳନୀ କକ୍ଷରେ ଗୁରୁବାର ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କିତ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ସିଏଏ ସମ୍ବିଧାନର ଧାରା ୧୪କୁ ଉଲ୍ଲଂଘନ କରୁନାହିଁ। ଏହି ଆଇନ କୌଣସି ଧର୍ମକୁ ବିରୋଧ କରୁନାହିଁ। ୩ଟି ଦେଶର ନିର୍ଯାତିତ ସଂଖ୍ୟାଲଘୁମାନଙ୍କୁ ମାନବିକ ଅଧିକାର ଦେବାର ବ୍ୟବସ୍ଥା ହୋଇଛି। ବିରୋଧୀ ଦଳଗୁଡିକ ଏହି ଆଇନ ବିରୋଧରେ ଗୁଜବ ସୃଷ୍ଟି କରୁଛନ୍ତି। ଯାହାର କୌଣସି ସତ୍ୟାସତ୍ୟ ନାହିଁ। ତେଣୁ ଏହାକୁ ନେଇ କୌଣସି ନାଗରିକ ଭୟଭୀତ ହେବାର କାରଣ ନାହିଁ ବୋଲି ସେ କହିଥିଲେ। ଆସନ୍ତା ୫ ତାରିଖରୁ ସାରା ଦେଶରେ ମାସେ ବ୍ୟାପୀ ଜନସମ୍ପର୍କ ଅଭିଯାନ କରାଯିବ। ୬ ତାରିଖରେ କଟକ କଲେଜଛକଠାରୁ ପଦଯାତ୍ରା ଆରମ୍ଭ ହୋଇ ବାରବାଟୀ ଷ୍ଟାଡିୟମ ପର୍ଯ୍ୟନ୍ତ ଯିବ। ଏଥିରେ ବହୁ ଜନସାଧାରଣ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ପରେ ସମ୍ବଲପୁର, ବାଲେଶ୍ୱର, ବ୍ରହ୍ମପୁର ଓ କୋରାପୁଟ ଆଦି ସ୍ଥାନରେ ଏହି ପଦଯାତ୍ରା ଅନୁଷ୍ଠିତ ହେବ। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ, ଭାଜପାର ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ରାଜ୍ୟ ପ୍ରବକ୍ତା ଦିଲୀପ ମହାନ୍ତି, ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ, ରାଜ୍ୟ ସମ୍ପର୍କ ଅଭିଯାନ ସଂଯୋଜକ ରମାରଞ୍ଜନ ବଳିୟାରସିଂ, ଶ୍ରୀତମ ଦାସ, ସ୍ମୃତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ବୋଧନ ଦେଉଛନ୍ତି।

## ଭାରତନାଟ୍ୟମ୍‌ରେ ଦେବୀଙ୍କ ନଅରୂପ



**କଟକ ମହୋତ୍ସବ ଉଦ୍‌ଘାଟିତ**

**କଟକ ଅଫିସ, ୨।୧**



ମହୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ସାରଳା ଭବନଠାରେ ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୧ତମ କଟକ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଆକର୍ଷଣ ଥିଲେ ଅଷ୍ଟିନର କଳାକାର ବିଦ୍ୟା କାର୍ତ୍ତିକ। ସେ ଭାରତନାଟ୍ୟମ ମାଧ୍ୟମରେ ଦେବୀଙ୍କ ନଅଟି ରୂପକୁ ମଞ୍ଚରେ ଉପସ୍ଥାପନ କରିଥିଲେ। ଏହି ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ସେହିପରି ଜାପାନ କଳାକାର କାଜୁକୋ ୟାସୁନୋବୁଙ୍କ ଓଡ଼ିଶୀ ନୃତ୍ୟ ମଧ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ଏଥିସହ ମା' ତାରିଣୀ କଳାକେନ୍ଦ୍ର ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଓ କଟକର ଶିଶୁ କଣ୍ଠଶିଳ୍ପୀ ଆଦ୍ୟାଶା ସାହୁ ସଙ୍ଗୀତ ପରିବେଷଣ କରିଥିଲେ। ପୁନେର କଳାକାର ସୁନୀତା ସଚେନ ଜାମଦାଡେ ଓ ଅଦିତ୍ ସଚେନ ଜାମଦାଡେଙ୍କ କଥକ ନୃତ୍ୟ ଓ ରାଜ୍ୟ ବାହାର କଳାକାରମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ବିଧାୟକ ଇଂ. ମହମ୍ମଦ ମୋକିମ ଏହାକୁ ଉଦଘାଟନ କରି କହିଥିଲେ, ମହୋତ୍ସବ ନୃତ୍ୟ ଓ ସଙ୍ଗୀତ ବଞ୍ଚାଇବାର ଏକ ମାଧ୍ୟମ। ସମ୍ମାନିତ ଅତିଥି ଡ. ଜୟନ୍ତ କୁମାର ପଣ୍ଡା କହିଥିଲେ, କେବଳ ଔଷଧ ଦ୍ୱାରା ମଣିଷ ସୁସ୍ଥ ରହେନି। ସୁସ୍ଥ ଜୀବନଯାପନ ପାଇଁ ନୃତ୍ୟ, ସଙ୍ଗୀତର ଭୂମିକା ରହିଛି। ଡ. ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଡ. ବୈଜୟନ୍ତୀ ମିଶ୍ର, ପ୍ରଭା ପଟ୍ଟନାୟକ, ଦ୍ୱିପାୟନ ପଟ୍ଟନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶାଶ୍ୱତ ପଟ୍ଟନାୟକ, ବିଶ୍ୱମ୍ଭର ସାହୁ ଓ ବିଧାନ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁରୂପା ରଥ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ଉପସଭାପତି ଏସ୍‌କେ କଲିମୁଲା ଧନ୍ୟବାଦ ଦେଇଥିଲେ।



ଯିଏ ଗାତ ଖୋଳେ, ତାକୁ ସେହି ଗାତରେ ହିଁ ପଡ଼ିବାକୁ ହୋଇଥାଏ।

-ଯିଶୁ



# ବିରୋଧ ଯୋଗୁ ଫେରିଗଲା ଉଚ୍ଛେଦ ଟିମ୍

## ବିଧାୟକଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ବସ୍ତିବାସିନ୍ଦା

**ଭୁବନେଶ୍ୱର, ୨୧ (ବ୍ୟୁରୋ)**

ବସ୍ତିବାସିନ୍ଦାଙ୍କୁ ଥଇଥାନ ପରେ ଉଚ୍ଛେଦ କରିବାର ପ୍ରତିଶ୍ରୁତି ଦେଉଥିବା ପ୍ରଶାସନର ଗୁରୁବାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିନା ଥଇଥାନରେ ଉଚ୍ଛେଦ ପାଇଁ ଆସିଥିବା ଉଚ୍ଛେଦକାରୀ ଟିମ୍‌କୁ ଘୋର ବିରୋଧର ସାମ୍ନା କରିବାକୁ ପଡ଼ିଛି। ଏହିଭଳି ଘଟଣା ସ୍ଥାନୀୟ ଚନ୍ଦ୍ରଶେଖରପୁର ଅଞ୍ଚଳ ବିଡିଏ କଲୋନୀ ନିକଟ ନୀଳମାଧବ ବସ୍ତିରେ ଦେଖିବାକୁ ମିଳିଛି। ବସ୍ତି ଉଚ୍ଛେଦକୁ ବିରୋଧ କରି ବାସିନ୍ଦାମାନେ ଧାରଣା ଦେଇଥିବାବେଳେ ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତଙ୍କ ପ୍ରତିଶ୍ରୁତି ପରେ ଉଚ୍ଛେଦ ସ୍ଥଗିତ ରହିବା ସହ ସେମାନେ ଧାରଣାରୁ ଉଠିଥିଲେ। ଏନେଇ ଉଚ୍ଛେଦ ନ କରି ଟିମ୍‌କୁ ଫେରିବାକୁ ପଡ଼ିଥିଲା।

ସୂଚନାନୁଯାୟୀ, ଉକ୍ତ ବସ୍ତିରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରାୟ ୫ଶହ ପରିବାର ରହିଆସୁଛନ୍ତି। ବିଡିଏ ପକ୍ଷରୁ ବସ୍ତିର ରାଜୀବ ଆବାସ ଯୋଜନା (ଆରଏୱାଇ)ରେ ଅନ୍ତର୍ଭୁକ୍ତ ପରିବାରକୁ ଥଇଥାନ କରିବା ଲାଗି ୨୦୧୭ରେ ଘୋଷଣା ହୋଇଥିଲା। ସେତେବେଳେ ତତ୍‌କାଳୀନ ମେୟର ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଡିଏ ଅଧିକାରୀଙ୍କ ସହ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଏକ ଜନ ଶୁଣାଣି ହୋଇଥିଲା। ତଦନୁଯାୟୀ ୩ ମାସ ପୂର୍ବେ ବିଡିଏ ଏଠାକାର ଅର୍ଦ୍ଧାଧିକ ବାସିନ୍ଦାଙ୍କୁ ପ୍ରଥମେ ଟ୍ରାଞ୍ଜିଟ୍ ହାଉସକୁ ସ୍ଥାନାନ୍ତର କରିବା ପରେ ଉକ୍ତ ବସ୍ତିରେ ସେମାନଙ୍କ ପାଇଁ ଘର ନିର୍ମାଣ କରିବାର ନିଷ୍ପତ୍ତି କରାଯାଇଥିଲା। ହେଲେ ବସ୍ତିର ପ୍ରାୟ ୨୪୬ ଆରଏୱାଇ ଅନ୍ତର୍ଭୁକ୍ତ ପରିବାରକୁ କୌଣସି ଥଇଥାନ ନ କରି ହଠାତ୍ ଗୁରୁବାର ଉଚ୍ଛେଦ ଟିମ୍ ପହଞ୍ଚି ବାସିନ୍ଦାମାନଙ୍କୁ ତାଙ୍କ ଆସବାବପତ୍ର ସ୍ଥାନାନ୍ତର କରିବାକୁ କହିଥିଲେ। ବିନା କୌଣସି ମହଲତରେ ଉଚ୍ଛେଦ ପାଇଁ ଆସିଥିବାରୁ ବସ୍ତିବାସିନ୍ଦାମାନେ ଏନେଇ ବିରୋଧ କରିବା ସହ ଧାରଣାରେ ବସିଥିଲେ। ଖବର ପାଇ ବିଧାୟକ ରାଉତ, ଉତ୍ତର ମଣ୍ଡଳ ବିଜେଡି ଉପସଭାପତି ମନୋଜ କୁମାର ସାହୁ ଓ ଅନ୍ୟ ସାମାଜିକକର୍ମୀ ଘଟଣାସ୍ଥଳରେ ପହଞ୍ଚି ବସ୍ତିବାସିନ୍ଦାଙ୍କୁ ପ୍ରଥମେ ସୁରକ୍ଷିତ ଭାବେ ଥଇଥାନ ଓ ପରେ ଉଚ୍ଛେଦ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର କହିଛନ୍ତି, ସେମାନଙ୍କୁ ଟ୍ରାଞ୍ଜିଟ୍ ହାଉସରେ ରହିବାକୁ କୁହାଯାଇଥିଲା। କିନ୍ତୁ ସେମାନେ ସେଠାକୁ ଯିବା ପାଇଁ ମନା କରିବାରୁ ବସ୍ତିବାସିନ୍ଦାଙ୍କ ପାଇଁ ଅନ୍ୟ ଏକ ସ୍ଥାନ ସ୍ଥିର କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ସେଠାକୁ ସ୍ଥାନାନ୍ତର କରାଯିବ ଓ ଉଚ୍ଛେଦ କରାଯାଇ ରାଜୀବ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।



ନୀଳମାଧବ ବସ୍ତି ଉଚ୍ଛେଦକୁ ବିରୋଧ କରି ବାସିନ୍ଦାଙ୍କ ଧାରଣା ।

## ସଂକ୍ଷେପରେ

### ଜଳିଗଲା ଝିଅ ବାହାଘର ଲାଗି ଥିବା ସୁନାଗହଣା, ଫର୍ନିଚର



**ନିରାକାରପୁର, ୨୧ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ଅଧୀନରେ ଥିବା ବଡପୋଖରିଆ ପଞ୍ଚାୟତର ଟାଙ୍ଗୀ ଉପରସାହିରେ ବୁଧବାର ରାତି ୧୦ଟାରେ ଆକସ୍ମିକ ନିଆଁ ଲାଗି ନଗଦ ୧୦ ଜହାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଜଳିଯାଇଛି। ଖବରପାଇ ଟାଙ୍ଗୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ରାମବାସୀଙ୍କଠାରୁ ସୂଚନା ଅନୁଯାୟୀ, ରାତିରେ ୧୦ଟାରେ ଆକସ୍ମିକ ଅଗ୍ନିକାଣ୍ଡ ଶରତ ରାଉତଙ୍କ ଘରେ ଘଟିଥିଲା। ଏଥିରେ ସେ ସାନ ଝିଅ ବାହାଘର ପାଇଁ ରଖିଥିବା ସୁନାଗହଣା ଓ ଫର୍ନିଚର, ଲୁଗାପଟା, ଚାଉଳ ପୋଡିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏଭଳି ଘଟଣା ଘଟିଥିବା ସୂଚନା ମିଳିଛି। ଏ ନେଇ ଟାଙ୍ଗୀ ଦମକଳ ବାହିନୀ କର୍ମଚାରୀଙ୍କୁ ପଚାରିବାରେ କେମିତି ପୋଡିଛି ଆମେ କହିପାରିବୁନି। କିନ୍ତୁ ଆମକୁ ୧୦ ହଜାର ଟଙ୍କା ପୋଡି ଯାଇଥିବା ଦେଖାଇଥିଲେ। ବହୁତ ଟଙ୍କା, ଜିନିଷ ପୋଡିକି ପଡି ଥିବାର ଆମେ ଦେଖିଥିଲୁ ବୋଲି ସେ ସୂଚନା ଦେଇଛନ୍ତି।

### ଦ୍ୱିତୀୟ ଉଦ୍ୟୋଗ ବିକାଶ ତାଲିମ୍ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର, ୨୧ (ବ୍ୟୁରୋ):** ଓଡ଼ିଶା ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଦ୍ୱିତୀୟ ଥର ପାଇଁ ଦୁଇଟି ଉଦ୍ୟୋଗ ବିକାଶ ତାଲିମ୍ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। ଓୟୁଏଟି କୁଳପତି ପ୍ରଫେସର ପଵନ କୁମାର ଅଗ୍ରୱାଲ ଶିବିରରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱବ୍ୟାଙ୍କ ଓ ଭାରତୀୟ କୃଷି ଗବେଷଣା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ତାଲିମ୍ ଶିବିରକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମଣ କୁମାର ବାବୁ ୨୧ଦିନ ଧରି ହେବାକୁ ଥିବା ତାଲିମ୍ ଶିବିର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଓୟୁଏଟି ଆଇଡିପି ମୁଖ୍ୟ ପ୍ରଫେସର ରାମଚନ୍ଦ୍ର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସହଯୋଗୀ ଆଇଡିପି ମୁଖ୍ୟ ଡା. ପୂର୍ଣ୍ଣଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହାବିଦ୍ୟାଳୟର ନୋଡାଲ ଅଧିକାରୀ ଡା. ଜୟକୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସର

**ଭୁବନେଶ୍ୱର, ୨୧ (ବ୍ୟୁରୋ)-** ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଏଦ ମମତାଜ ଅଲ୍ଲି ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ଦାସ ଡିସେମ୍ବର ୩୧ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଭୁବନେଶ୍ୱରର ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର ତାମିଲ ସଂଗମ ପକ୍ଷରୁ ସାଧାରଣ ସମ୍ପାଦକ ଟି.ଏନ. ଅନ୍ସାରୀ, ନୂଆପଲ୍ଲୀ ସିଟି କ୍ଲବ ସଭାପତି, ଶିକ୍ଷା ଉପନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ପରିଜା ଏବଂ ସମ୍ପାଦକ ପ୍ରଦୀପ ରାଉତରାୟ, ମମତାଜ ଅଲ୍ଲୀ ହାଇସ୍କୁଲର ୧୯୮୪ ବ୍ୟାଚ ପୁରାତନ ଛାତ୍ର ସଂଘ, ସେଣ୍ଟ ଜନ ଆମ୍ବୁଲାନ୍ସ ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ତାଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ ବିଜ୍ଞାନ ଶିକ୍ଷାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ହେତୁ ତାଙ୍କୁ ରାଷ୍ଟ୍ରପତି ଭବନକୁ ନିମନ୍ତ୍ରଣ କରାଯାଇଥିଲା।

ଠିକାଦାର ସଂଘର ବାର୍ଷିକ ବୈଠକ

### ସଭାପତି, ସମ୍ପାଦକ ଚୟନ

**ବେଗୁନିଆ, ୨୧ (ଡି.ଏନ.ଏ.)-** ଗୁରୁବାର ଠିକାଦାର ସଂଘର ବାର୍ଷିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଡା ଲୋକନାଥ ଦେବଙ୍କ ପୀଠ ପରିସରରେ ଆୟୋଜିତ ବୈଠକରେ ବେଗୁନିଆ ଓ ବୋଲଗଡ ବ୍ଲକର ପ୍ରାୟ ୪୦ ଜଣ ଠିକାଦାର ଯୋଗ ଦେଇଥିଲେ। ଲାଇସେନ୍ସ ପ୍ରାପ୍ତ ବିଭିନ୍ନ ବର୍ଗର ଠିକାଦାରଙ୍କ ମଧ୍ୟରେ ନୂତନ ସଭ୍ୟପଦ ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଅଜୟ କୁମାର ପ୍ରଧାନଙ୍କୁ ସଭାପତି ଏବଂ ନାରାୟଣ ସାହୁଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା।

■ ସର୍ବଭାରତୀୟ ଶୋଭନୀୟ ଯୁବ ସମ୍ମାନ ଉଦ୍‌ଘାଟିତ

# 'ଯୁବବର୍ଗ ସମାଜ ପାଇଁ କାର୍ଯ୍ୟ କରନ୍ତୁ'

**ଭୁବନେଶ୍ୱର, ୨୧ (ବ୍ୟୁରୋ)**

ଭାରତର ଯୁବକମାନେ ଆଖିର ଲୁହରେ ନୁହେଁ, ହୃଦୟର ଶାଣିତରେ ଭାରତମାତାର ଚରଣ ବନ୍ଦନା କରନ୍ତୁ। ଏକ ଶୋଭନୀୟ, ପ୍ରଗତିଶୀଳ ସୁସ୍ଥ ଭାରତବର୍ଷ ଗଠନ ନିମନ୍ତେ ଯୁବଶକ୍ତି ଅଗ୍ରସର ହେଉ। ସମାଜ ପାଇଁ କାର୍ଯ୍ୟ କରିବାକୁ ଯୁବକମାନେ ସଂକଳ୍ପ ନିଅନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି। ଗୁରୁବାର ସୂଚନା ଭବନରେ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ସର୍ବ ଭାରତୀୟ ଯୁବସମାବେଶରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଏହା କହିଛନ୍ତି। ଏହି ଅବସରରେ ଯୁବ ସମାବେଶର ସ୍ମରଣିକା 'ଯୁବସୂର୍ଯ୍ୟ'କୁ ଉନ୍ମୋଚନ ହୋଇଥିଲା। ସମାବେଶରେ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗ ଦେଇଥିବାବେଳେ ଅତିଥିଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟବକ୍ତା ଭାବେ ଏମ୍‌ଏସ୍‌ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ ମହାପାତ୍ର, ସମ୍ମାନିତ ଅତିଥିଭାବେ ପ୍ରଫେସର ବସନ୍ତ ମଲ୍ଲିକ ଓ ଯୁବ ପ୍ରତିନିଧି ଭାବେ ସୁପ୍ରିମକୋର୍ଟର ଆଇନଜୀବୀ ସୌମ୍ୟଜିତ୍ ପାଣି ଯୋଗ ଦେଇଥିଲେ। ପ୍ରାତଃ ସମୟରେ ଶୋଭନୀୟ ଆନ୍ଦୋଳନ ପକ୍ଷରୁ 'ସୁରକ୍ଷିତ ମାତୃଶକ୍ତି ଓ ସ୍ୱଚ୍ଛ ଭାରତ' ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ଡ. ଅରୁନ୍ଧତୀ ଦେବୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ହାଉସିଂ ବୋର୍ଡ଼ ଚେୟାରମ୍ୟାନ ପ୍ରିୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ।




ଶୋଭନୀୟ ଆନ୍ଦୋଳନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

# ପରିବାର ଫାଟ ସାମୟିକ: ସଂଗ୍ରାମ

## ଜଟଣୀ ବିଧାୟକଙ୍କ ଅଭିଯୋଗ ପ୍ରକୋଷ୍ଠ ଉଦ୍‌ଘାଟିତ

**ଜଟଣୀ, ୨୧ (ଡି.ଏନ.ଏ.)**

ଜଟଣୀସ୍ଥିତ ଶ୍ରୀବତ୍ସ ପାଠାଗାର ପରିସରରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଭିଯୋଗ ପ୍ରକୋଷ୍ଠ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏଥିରେ ବିଧାୟକଙ୍କ ସମେତ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ମ୍ୟୁନିସିପାଲିଟିର ଅନେକ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ସପ୍ତାହକୁ ଦୁଇଥର ବିଧାୟକ ଏଠାରେ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିବା ସହ ଏହାର ସମାଧାନ କରିବେ। ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ଲକ୍ଷ୍ମୀଧର ବିଶ୍ୱାଳ, ବୃନ୍ଦାବନ ସାହୁ, କଳିଙ୍ଗ ସାହୁ, ସମ୍ମିତ ମଙ୍ଗରାଜଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏଥିରେ ସୁରଙ୍କ ପରିବାର ସଦସ୍ୟ ଏକ ଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ପ୍ରକୋଷ୍ଠ ଉଦ୍‌ଘାଟନ ପରିପ୍ରେକ୍ଷୀରେ ବିଧାୟକ ରାଉତରାୟଙ୍କ ଦୁଇପୁଅ ସିଦ୍ଧାର୍ଥ ଓ ମନ୍ମଥଙ୍କ ସମେତ ପୁତୁରା ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ, ସରପଞ୍ଚ ସୁନୀଲ ଓ ସୁଜିତଙ୍କୁ ଏକାଠି ଏଠାରେ ଦେଖାଯିବା ସହ ସମସ୍ତେ ବକ୍ତବ୍ୟ ଦେବା ଚର୍ଚ୍ଚାର ବିଷୟ ହୋଇଛି। କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କ ଯୋଗୁ ସେମାନଙ୍କ ପରିବାର ମଧ୍ୟରେ ସାମୟିକ ଭାବେ ସୃଷ୍ଟି ହୋଇଥିବା ଫାଟ ନିର୍ବାଚନ ପୂର୍ବରୁ ସବୁ ଦୂର ହୋଇଯାଇଛି ବୋଲି ସଂଗ୍ରାମ ବକ୍ତବ୍ୟରେ କହିଥିଲେ। ସୁର ରାଉତରାୟଙ୍କ ନେତୃତ୍ୱରେ ସବୁ ଭାଇ ମିଶି ଜଟଣୀ ନିର୍ବାଚନମଣ୍ଡଳୀର ବିକାଶ କରିବା ସେମାନଙ୍କର ପ୍ରମୁଖ ଲକ୍ଷ୍ୟ ବୋଲି ସୂଚନା ଦେଇଥିଲେ।




ଅଭିଯୋଗ ପ୍ରକୋଷ୍ଠ ଉଦ୍‌ଘାଟନ ଅବସରରେ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟମାନେ ।

### ଏସ୍‌ଏଚ୍‌ଜିକୁ ଜାଗା ଫେରାଇବାକୁ ଦାବି

**ବାରଙ୍ଗ, ୨୧ (ଡି.ଏନ୍.ଏ.)**

ଅନ୍ଧାରୁଆ ପଞ୍ଚାୟତର ଅନ୍ଧାରୁଆ ଗ୍ରାମର ଏକ ସ୍ୱଂୟ ସହାୟକ ଗୋଷ୍ଠୀର ଘର ସହ ଦଖଲରେ ଥିବା ଜାଗାକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଗ୍ରାମବାସୀ ଉଚ୍ଛେଦକୁ ବିରୋଧ କରିବା ସହ ଜାଗାକୁ ପୁନଃ ଏସ୍‌ଏଚ୍‌ଜିକୁ ହସ୍ତାନ୍ତର କରିବାକୁ ଦାବି କରିଥିଲେ। ଗ୍ରାମବାସୀଙ୍କ ଦାବିକୁ ପ୍ରଶାସନ ଗୁରୁତ୍ୱ ନ ଦେଇ ଜାଗାକୁ ମାପିବା ସହ ଅନ୍ୟ ଏକ ଏକ ସଂସ୍ଥାକୁ ହସ୍ତାନ୍ତର କରିବାକୁ ଚେଷ୍ଟା କରାଯାଉଛି। ଏହି ଜାଗାକୁ ଏସ୍‌ଏଚ୍‌ଜିକୁ ଫେରାଇବା ବଦଳରେ ଅନ୍ୟ ସଂସ୍ଥାକୁ ହସ୍ତାନ୍ତର କରାଯାଏ, ତେବେ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଦିଲୀପ ତରାଇ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ଅନ୍ଧାରୁଆ ଗ୍ରାମୁଣ୍ଡରେ ଥିବା ୭୫୦ଡେସିମିଲି ଗୋଚର ଜାଗାରେ ଗତ ୧୫ବର୍ଷ ହେବ ଗୋଜାୟାଣୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ୩ବଖରା ଆଜବେଷ୍ଟସ ଘର କରିଥିଲେ। ସେଠାରେ ସଭାସମିତି ସହ ଗଛ ଲଗାଯାଇଛି। କିନ୍ତୁ ଭୁବନେଶ୍ୱର ତହସିଲ ପକ୍ଷରୁ କୌଣସି ସୂଚନା ଦିଆ ନ ଯାଇ ଏହି ଘରକୁ ଭାଙ୍ଗିବା ସହ ବନୀକରଣକୁ ନଷ୍ଟ କରାଯାଇଛି। ପ୍ରାୟ ୫ଲକ୍ଷ ଟଙ୍କାର କ୍ଷତି ହୋଇଛି ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପକ୍ଷରୁ ସରପଞ୍ଚ ମଧ୍ୟ ଏହି ଜାଗା ଗ୍ରାମବାସୀଙ୍କ ପାଇଁ ଆବଶ୍ୟକ ଥିବା ଲିଖିତଭାବେ ପ୍ରଶାସନକୁ ଜଣାଇଛନ୍ତି । ଗ୍ରାମବାସୀଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ପୁନର୍ବାର ଉଚ୍ଛେଦ ହୋଇଥିବା ଜାଗାକୁ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ମପାଯାଇ ଏକ ସଂସ୍ଥାକୁ ହସ୍ତାନ୍ତର କରିବାକୁ ଉଦ୍ୟମ କରାଯାଉଛି ବୋଲି ସରପଞ୍ଚ ତରାଇଙ୍କ ସହ ଆଇନଜୀବୀ କବିରାଜ ସାହୁ, ଗୋଜାୟାଣୀ ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ସୁଲୋଚନା ବେହେରା ଅଭିଯୋଗ କରିଛନ୍ତି।

# ଆଇନଜୀବୀ-ପୋଲିସ ଆଲୋଚନା

**ଜଟଣୀ, ୨୧ (ଡି.ଏନ.ଏ.)**

ଜଟଣୀସ୍ଥିତ କୋର୍ଟ ପରିସରରେ ଆଇନଜୀବୀ ଓ ପୋଲିସ ମଧ୍ୟରେ ଗୁରୁବାର ଜନସ୍ୱାର୍ଥ ସମ୍ବଳିତ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଉଭୟ ଆଇନଜୀବୀ ଓ ପୋଲିସ କିପରି ଲୋକଙ୍କୁ ନିରପେକ୍ଷ ଓ ଠିକ୍ ସେବା ପ୍ରଦାନ କରିବେ ସେ ନେଇ ଆଲୋଚନାରେ ମୁଖ୍ୟତଃ ସ୍ଥାନ ପାଇଥିଲା। ନିଶା କାରବାର, ଏଫ୍‌ଆଇଆର୍ କପି ତୁରନ୍ତ ପ୍ରଦାନ, ଅଭିଯୋଗ ପଞ୍ଜୀକରଣ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଥାନାରେ କିପରି ଲୋକଙ୍କୁ ଠିକ୍ ଓ ତୁରନ୍ତ ସେବା ପ୍ରଦାନ କରାଯାଉଛି ସେ ନେଇ ପୋଲିସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଥିଲା। ଏଥିରେ ଆଇନଜୀବୀ ଶୈଳେନ୍ଦ୍ର ପଟ୍ଟନାୟକ, ଅକ୍ଷୟ ସାହୁ, ଶିବପ୍ରସାଦ ରଥ, ଜିତେନ୍ଦ୍ର ଶତପଥୀ, ବାଉରୀବନ୍ଧୁ ସାହୁ, ଶଶାଙ୍କ ରାୟ, ଅକ୍ଷାଂଶୁ ନାୟକ, ଏପିପି ଅକ୍ଷୟ ଦାସ, ଦୀପକ ମହାକୁଡ, ଚିରସ୍ମିତା ସାସମଲଙ୍କ ସମେତ ଆଇନ୍‌ଜୀବୀମାନେ ଉପସ୍ଥିତ ରହିଥିଲେ। ସେହିପରି ଜଟଣୀ ଥାନା ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ମାଜିଷ୍ଟ୍ରେଟ ଧ୍ରୁବି ଶୋଲାଙ୍କି କିଛି ସମୟ ପାଇଁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।



ଜଟଣୀ କୋର୍ଟରେ ଆଇନଜୀବୀ ଓ ପୋଲିସ ଏକତ୍ରିତ ହୋଇ ଆଲୋଚନା କରୁଛନ୍ତି ।

■ ୨ଗାଁର ପାନୀୟ ଜଳ ପ୍ରକଳ୍ପ ଅଚଳ ପ୍ରସଙ୍ଗ

# ଅଭିଯୋଗ କଲେ ଶୁଣିଲେନି, କରିବେ ଆନ୍ଦୋଳନ

■ ୪ ହଜାର ଲୋକ ପାଣି ପାଇଁ ହନ୍ତସନ୍ତ

■ ୧୦ରେ ଜନ ଆନ୍ଦୋଳନ

**ବେଗୁନିଆ, ୨୧ (ଡି.ଏନ.ଏ.)**

ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଏବଂ କୋହ୍ଲୁଆପାଟଣା ଗ୍ରାମବାସୀ ଦୀର୍ଘଦିନ ହେଲା ପାନୀୟ ଜଳ ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ସରକାରୀ ଅର୍ଥ ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ହେଲେ ପ୍ରଶାସନିକ କର୍ମଚାରୀଙ୍କ ବୈମାତୃକ ମନୋଭାବ ଯୋଗୁ ଦୁଇ ଗାଁର ୪ ହଜାର ଲୋକ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି, ଜିଲା ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ବି ସୁଫଳ ମିଳିଲାନି। ପରବର୍ତ୍ତୀ ମୁହୂର୍ତ୍ତରେ ସରକାରଙ୍କ ବସୁଧା ହେଲପ୍ ଲାଇନ ଏବଂ ୫-ଟିରେ ଅଭିଯୋଗ କରି ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ଅଭିଯୋଗରୁ ମୁହଁ ଫେରାଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ଉଭୟ ଗାଁରେ ଲୋକେ କହିଛନ୍ତି। ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ପାଇଁ ନେତୃତ୍ୱ ନେଉଥିବା ପ୍ରସନ୍ନ କୁମାର ମହାପାତ୍ର ଏବଂ ବଳଭଦ୍ର ପଣ୍ଡାଙ୍କ ସୂଚନା ଅନୁସାରେ, ଏଣିକି ଅଭିଯୋଗରୁ ମୁହଁ ଫେରାଇଛୁ। ଆସନ୍ତା ୧୦ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜନ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଛୁ। ସୂଚନାଥାଉ କି ଗୋବିନ୍ଦପୁର ଗାଁରେ ଅବସ୍ଥିତ ପାନୀୟ ଜଳ ପ୍ରକଳ୍ପର ଯନ୍ତ୍ରାଂଶ ଅଚଳ ହୋଇ ପଡିଥିବାକୁ ବର୍ଷେ ହେଲା ୩ଟି ୱାର୍ଡର ୨୨ଶହ ଲୋକ ଜଳ କଷ୍ଟ ଭୋଗୁଛନ୍ତି। ସେହିପରି କୋହ୍ଲୁଆପାଟଣା ଗାଁର ୨ଟି ୱାର୍ଡର ୧୮ଶହ ଲୋକ ସମଦଶା ଭୋଗୁଛନ୍ତି।

# ନିରାକାରପୁର କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ନିରାକାରପୁର, ୨୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁରଠାରେ ଥିବା କ୍ଷେତ୍ରବାସୀ ମହାବିଦ୍ୟାଳୟର ବାର୍ଷିକ କ୍ରିଡା ଉତ୍ସବ ବୁଧବାର କଲେଜର ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆନୁଷ୍ଠାନିକ ଭାବେ ଡିଆ ପଞ୍ଚାୟତସ୍ଥିତ ମା' ଭୈରବୀଙ୍କ ପୀଠରୁ ମଶାଲ ଆସି ଖେଳପଡିଆରେ ପହଞ୍ଚି ସ୍ଥାପନ ହେବା ପରେ ଖେଳକୁ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ଅନ୍ୟତମ ଅତିଥି ଭାବେ କଲେଜ ଉପଧକ୍ଷା ଅଜିତ କୁମାର ରଥ, ଉପସଭାପତି ଜୟନ୍ତ ବାନାର୍ଜୀ, ସହ ଉପଦେଷ୍ଟା ଅଧାପକ ହରପ୍ରସନ୍ନ ତ୍ରିପାଠୀ, ଡ. ଅନୁଜା ମିଶ୍ର, ନମିତା ମହାନ୍ତି, ସୁକାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ କ୍ରୀଡାବିତ୍ ଛତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କଲେଜର କ୍ରୀଡା ଶିକ୍ଷକ ମନୋଜ ବାରିକ, ଶଙ୍କର୍ଷଣ ପ୍ରଧାନ ଓ ମାନସ ରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ବ୍ରହ୍ମପୁର ଚାମ୍ପିୟନ

**ବାଲୁଗାଁ, ୨୧ (ଡି.ଏନ.ଏ.):** ବାଲୁଗାଁ ନିକଟସ୍ଥ ବଡ଼କୁଳସ୍ଥିତ ଅମର ଜ୍ୟୋତି କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଫାଇନାଲ୍ ମ୍ୟାଚ୍‌ରେ ଗିରିଡ଼ି ରକ୍ ଷ୍ଟାର୍ ବ୍ରହ୍ମପୁର ଚାମ୍ପିୟନ ହୋଇଛି। ବ୍ରହ୍ମପୁର ଟିମ୍ ସହ ଆଇଏନ୍‌ଏସ୍ ଚିଲିକା ମଧ୍ୟରେ ଫାଇନାଲ ମ୍ୟାଚ୍ କଡ଼ା ମୁକାବିଲା ହୋଇଥିଲା। ପ୍ରଥମେ ଆଇଏନ୍‌ଏସ୍, ଚିଲିକା ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୭ ରନ୍ କରିଥିଲା। ଅପରପକ୍ଷେ ଗିରିଡ଼ି ରକ୍ ଷ୍ଟାର ବ୍ରହ୍ମପୁର ବ୍ୟାଟିଂ କରି ୯ ଓଭରରେ ୪ଟି ଉଇକେଟ୍ ହରାଇ ୧୦୮ ରନ୍ କରି ବିଜୟ ହେବା ସହ ଟ୍ରଫି ହାସଲ କରିଥିଲା।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

### ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାଲିଅନ୍ତା, ୨୧ (ଡି.ଏନ୍.ଏ.):** ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିର ପରିସରରେ ୩ଦିନ ଧରି ଚାଲିଥିବା ଶିକ୍ଷକ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରର ଉତ୍କଳ ଶିକ୍ଷା ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି ଶିବିରକୁ ପ୍ରଦୀପ୍ତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ୨୦ଟି ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଶିବିରରେ ଗଣିତ, ବିଜ୍ଞାନ, ଇଂଲିଶ, ସଂସ୍କୃତ ଓ ଆଧ୍ୟାତ୍ମିକ ଶିକ୍ଷା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପରିଷଦ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପରିଷଦ ଚେୟାରମ୍ୟାନ ମଙ୍ଗୁଳି ଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ ଡ.ପ୍ରଦୀପ କୁମାର, ସମ୍ମାନିତ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

■ ଜାତିଆଣ ଆକ୍ଷେପର ପ୍ରତିବାଦ

# ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ

**ଖୋର୍ଦ୍ଧା ଅଫିସ, ୨୧**

ଖୋର୍ଦ୍ଧା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ନାମରେ ଜାତିଆଣ ଆକ୍ଷେପ ଆଣି ସଫେଇ କର୍ମଚାରୀମାନେ ଖୋର୍ଦ୍ଧା ଆଦର୍ଶ ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ଡିସେମ୍ବର ୨୭ ପୂର୍ବାହ୍ନ ୧୧ଟାରେ ସଫେଇ କର୍ମଚାରୀମାନେ ନିର୍ବାହୀ ଅଧିକାରୀଙ୍କୁ ଭେଟି ସେମାନଙ୍କ ଅସୁବିଧା ସମ୍ପର୍କରେ ମୌଖିକ ଭାବେ ଅବଗତ କରିଥିଲେ। ତେବେ ନିର୍ବାହୀ ଅଧିକାରୀ ଘଟଣାର ସମାଧାନ ନ କରାଇ ଅଭିଯୋଗକୁ ଅଣଦେଖା କରି ସଫେଇ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ଜାତିଆଣ ଆକ୍ଷେପ କରିଥିବା ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ପ୍ରକାଶଥାଉ କି ଡିସେମ୍ବର ୩୧ରେ ନିର୍ବାହୀ ଅଧିକାରୀଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ମ୍ୟୁନିସିପାଲିଟିର ଚୁକ୍ତି ଭିତ୍ତିକ ଠିକା କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନୀରବ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ଥାନାରେ ଅଭିଯୋଗ କରିବାକୁ ଆସିଥିବା ସଫେଇ କର୍ମଚାରୀମାନେ ।



“ବାର୍ସିଲୋନା ସଙ୍ଗୀତ ମହୋତ୍ସବ ଅବସରରେ ରଣବୀର ନୃତ୍ୟ ପରିବେଷଣ କରୁଥିବାବେଳେ ତାଙ୍କ ପ୍ୟାଣ୍ଟ ଫାଟିଯାଇଥିଲା। ସେତେବେଳେ ଶୋ’ରେ ଚାରିପଟେ ଲୋକମାନେ ନାଚୁଥିବାବେଳେ ମୁଁ ତାଙ୍କ ପ୍ୟାଣ୍ଟ ସିଲେଇ କରିଥିଲି।

-ଦୀପିକା ପାଦୁକୋନ୍, ବଲିଉଡ୍ ଅଭିନେତ୍ରୀ

## ଚାଇନା ହେବ ବିଜ୍ଞାନର ପାୱାର ହାଉସ୍

# ୧୬ ହଜାର ବୈଜ୍ଞାନିକଙ୍କ ଘରବାହୁଡ଼ା



**ନ୍ୟୁୟର୍କ:** ବୈଷୟିକ ଜ୍ଞାନକୌଶଳର ସଫଳ ପ୍ରୟୋଗ ହେଉ କି ପ୍ରଯୁକ୍ତି ବିଦ୍ୟା ସବୁଥିରେ ଗୋଟିଏ ପାଦ ଆଗରେ ଚାଇନା। ବାଣିଜ୍ୟିକ କ୍ଷେତ୍ରରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାକୁ ଟକ୍କର ଦେଉଥିବା ବିଶ୍ୱର ଜନସଂଖ୍ୟା ବହୁଳ ଏହି ଦେଶ ଏବେ ଫୋକସ କରିଛି ବିଜ୍ଞାନ ଉପରେ। ଆଗାମୀ ଦିନରେ ବିଜ୍ଞାନର ପାୱାର ହାଉସ୍ ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ଯଥାସାଧ୍ୟ ଉଦ୍ୟମ ଆରମ୍ଭ କରିଛି ଏହି କମ୍ୟୁନିଷ୍ଟ ରାଷ୍ଟ୍ର। ଏହାକୁ ସାକାର ରୂପ ଦେବା ପାଇଁ ବିଦେଶରେ କାମ କରୁଥିବା ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ଘରକୁ ବାହୁଡ଼ିବା ଆରମ୍ଭ କଲେଣି। ଆମେରିକାର ଓହିୟୋ ୟୁନିଭର୍ସିଟି ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ଅଦ୍ୟାବଧି ୧୬୦୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷିତ ବୈଜ୍ଞାନିକ ଚାଇନା ବାହୁଡ଼ି ସାରିଲେଣି।

୨୦୧୭ରେ ଏହି ସଂଖ୍ୟା ୪୫୦୦ ରହିଛି, ଯାହା ୨୦୧୦ ତୁଳନାରେ ଦୁଇଗୁଣ। ବାହାରେ ରହୁଥିବା ଚାଇନା ବୈଜ୍ଞାନିକଙ୍କୁ ଦେଶକୁ ବାହୁଡ଼ାଇ ଆଣିବାକୁ ସେଠାକାର ସରକାର ଆପ୍ରାଣ ଉଦ୍ୟମ କରୁଛନ୍ତି। ଏଥିଲାଗି ଅନ୍ତର୍ଜାତୀୟ କ୍ଷେତ୍ରରେ ବୈଜ୍ଞାନିକଙ୍କ ସହଭାଗିତା ଲାଗି ସମସ୍ତ ଦ୍ୱାର ଉନ୍ମୁକ୍ତ କରିଦେଇଛନ୍ତି। ବିଦେଶରେ ପାଉଥିବା ସୁବିଧା ଭଳି ନିଜ ଦେଶରେ ମଧ୍ୟ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। କେବଳ ଏତିକି ନୁହେଁ, ରିସର୍ଚ୍ଚ ଲାଗି ବଜେଟରେ ୧୦ ଗୁଣା ଅଧିକ ଅର୍ଥ ବ୍ୟୟବରାଦ କରାଯାଇଛି। ୨୦୧୯ରେ ରିସର୍ଚ୍ଚ ବଜେଟ ୩,୭୫,୦୦୦ କୋଟି ଟଙ୍କା ଛୁଇଁଛି। ସୂଚନାଯୋଗ୍ୟ, ଏସିଆ ମହାଦେଶରୁ ଆମେରିକାରେ ଭାଗ୍ୟ ପରଖିବାକୁ ଯାଉଥିବା ବୈଜ୍ଞାନିକ ଏବଂ ଇଞ୍ଜିନିୟରଙ୍କ ମଧ୍ୟରୁ ସର୍ବାଧିକ ଭାରତୀୟ। ଆମେରିକାରେ କାର୍ଯ୍ୟରତ ଏସିଆ ମହାଦେଶର ୨୯.୬୦ ଲକ୍ଷ ବୈଜ୍ଞାନିକ ଏବଂ ଇଞ୍ଜିନିୟରଙ୍କ ମଧ୍ୟରୁ ସାଢ଼େ ୯ ଲକ୍ଷ ହେଉଛନ୍ତି ଭାରତୀୟ।

ଅନ୍ୟପଟେ ଚାଇନାର ବୈଜ୍ଞାନିକଙ୍କ ଏପରି ଘରବାହୁଡ଼ାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ଓହିୟୋ ୟୁନିଭର୍ସିଟିର ଆସୋସିଏଟ ପ୍ରଫେସର କେରୋଲିନ୍ ବେଗନର। ସେ କହିଛନ୍ତି, ଚାଇନିଜ୍ ବୈଜ୍ଞାନିକଙ୍କ ଏପରି ଗଣପଳାୟନ ରୋକିବାକୁ ଯଥାସମ୍ଭବ ଉଦ୍ୟମ କରାଯାଉଛି। ଯଦି ଏପରି ଧାରା ଜାରି ରହେ ତେବେ ଆମେରିକୀୟ ବୈଜ୍ଞାନିକ ପ୍ରଣାଳୀ ଉପରେ ଏହାର ଗମ୍ଭୀର ପ୍ରଭାବ ପଡ଼ିବ। ଏହାର କାରଣ, ଦୀର୍ଘବର୍ଷର ଗବେଷଣା ମଧ୍ୟରେ ଚାଇନାର ବୈଜ୍ଞାନିକମାନେ ବିଭିନ୍ନ କ୍ଷେତ୍ରରେ ଗଭୀର ଦକ୍ଷତା ହାସଲ କରିସାରିଲେଣି। ବିଶେଷକରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମ୍ୟାଟେରିଆଲ ସାଇନ୍ସରେ ସେମାନେ ବେଶ୍ ପରିପକ୍ୱ ହୋଇଗଲେଣି। ସେମାନେ ଚାଲିଗଲେ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବା କଷ୍ଟକର ହୋଇପଡ଼ିବ। ଆମେରିକା ତୁଳନାରେ ୟୁରୋପୀୟ ରାଷ୍ଟ୍ରରୁ ଚାଇନାର ବିଶେଷଜ୍ଞମାନେ ନିଜ ଦେଶକୁ ବାହୁଡ଼ିବାକୁ ବେଶି ପସନ୍ଦ କରୁଛନ୍ତି। ଏହାକୁ ରୋକିବାକୁ ଆମେରିକା ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛି।

## ଟ୍ରେଣ୍ଡ ପାଇଁ ଟ୍ରୋଲ୍ ହେଲେ ନବଦମ୍ପତି

**ମାଲେସିଆ:** ବାହାଘରରେ କିଛି ନୂଆ କରିବା ପାଇଁ ସମସ୍ତଙ୍କର ଇଚ୍ଛା ଥାଏ। ଡେଷ୍ଟିନେଶନ ୱେଡିଂ, ଜୁଏଲାରି, କଷ୍ଟ୍ୟୁମ୍ ଓ ଫଟୋଶୁଟ୍ ଆଦି ପ୍ରତି ଦମ୍ପତି ବିଶେଷ ଧ୍ୟାନ ଦେଇଥାନ୍ତି। ଏପରିକି ଅନେକ ଜାଗାରେ ବାହାଘରକୁ ଆସୁଥିବା ଅତିଥିମାନେ କିଭଳି ପୋଷାକ ପିନ୍ଧିବେ ସେ ନେଇ ମଧ୍ୟ ବର ଓ କନ୍ୟା ଘର ପକ୍ଷରୁ ବନ୍ଧୁବାନ୍ଧବଙ୍କୁ ପୂର୍ବରୁ ଜଣାଇ ଦିଆଯାଇଥାଏ। ଏବେ ବାହାଘର ବେଳେ କିଛି ନିଆରା କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବା ଟ୍ରେଣ୍ଡ ଚାଲିଛି। ହେଲେ ଏଭଳି କିଛି ନିଆରା କରିବାକୁ ଯାଇ ମାଲେସିଆନ୍ ନବ ଦମ୍ପତିଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ନିଜ ରିସେପସନ୍ ପାର୍ଟିରେ ଆମ୍ବୁଲାନ୍ସରେ ପହଞ୍ଚିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଟ୍ରୋଲ ହୋଇଛନ୍ତି ସମ୍ପୃକ୍ତ ଦମ୍ପତି। ଭିଡିଓଟି ମାଲେସିଆର କୁଆନ୍ତନ ସହରର ବୋଲି ଜଣାପଡ଼ିଛି। ନିଜ ବାହାଘର ପାର୍ଟିରେ ଉଭୟ ବର ଓ କନ୍ୟା ଦୁଇଟି ଆମ୍ବୁଲାନ୍ସରେ ପହଞ୍ଚିଥିଲେ। ବର ପାରାମେଡିକ୍ ୟୁନିଫର୍ମ ପିନ୍ଧି ଥିବା ବେଳେ ନବବଧୂ ଏକ ଷ୍ଟ୍ରେଚର ଉପରେ ବସିଥିବା ଏହି ୪ମିନିଟ୍ ଭିଡିଓରେ ଦେଖାଯାଉଛି।



ଭିଡିଓଟି ସୋସିଆଲ୍ ଅପ୍‌ଲୋଡ୍ ହେବାର କିଛି ସମୟ ଭିତରେ ଖୁବ୍ ଭାଇରାଲ ହୋଇଥିଲା। ଏ ପର୍ଯ୍ୟନ୍ତ ଭିଡିଓଟିକୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖିଥିବା ବେଳେ ୫ ଶହରୁ ଅଧିକ ୟୁଜର୍ସ କମେଣ୍ଟ ଦେଇଛନ୍ତି। ଆମ୍ବୁଲାନ୍ସର ଦୁରୁପଯୋଗ କରାଯାଇଥିବା ନେଇ ଅନେକ ୟୁଜର ନବଦମ୍ପତିଙ୍କୁ ଟ୍ରୋଲ କରିଛନ୍ତି। ଘଟଣାକୁ ନେଇ ମେଲାକା ହେଲ୍‌ଥ ଆଣ୍ଡ ଆଣ୍ଟି ଡ୍ରଗ୍ କମିଟି ଚେୟାରମ୍ୟାନ୍ ଲୋ ଚି ଲିୟଙ୍ଗ ଷ୍ଟାର ଖବରକାଗଜକୁ କହିଛନ୍ତି, ଭିଡିଓଟି କୁଆନ୍ତନ ସହରର ନୁହେଁ। ଭିଡିଓରେ ଦେଖାଯାଉଥିବା ଆମ୍ବୁଲାନ୍ସ ସହରସ୍ଥ କୌଣସି ହସ୍ପିଟାଲରୁ ଯାଇ ନଥିବା ଜଣାପଡ଼ିଛି। ତଥାପି ଏହାର ଯାଞ୍ଚ କରିବା ପାଇଁ ସେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଚିଠି ଲେଖି ଜଣାଇଛନ୍ତି ବୋଲି ଲିୟଙ୍ଗ କହିଛନ୍ତି।



## ମାଟି ତଳୁ ମିଳିଲା ୧୨ ଶହ ବର୍ଷର ସ୍ୱର୍ଣ୍ଣମୁଦ୍ରା

**ଜେରୁଜେଲମ୍:** ଇସ୍ରାଏଲର ୟଓ୍ୱନ ସହରରୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା କରାଯାଉଥିବା ଏକ ଖନନ ସମୟରେ ୧୨ ଶହ ବର୍ଷ ପୁରୁଣା ସ୍ୱର୍ଣ୍ଣମୁଦ୍ରା ମିଳିଛି। ଏକ ଛୋଟ ମାଟି ପାତ୍ରରେ ସ୍ୱର୍ଣ୍ଣମୁଦ୍ରା ଗୁଡ଼ିକ ଭର୍ତ୍ତିହୋଇ ରହିଥିବା ସ୍ଥାନୀୟ ଆଣ୍ଟିକ୍ୱିଜ୍ ଅଥରିଟି ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଅଧିକ ପରୀକ୍ଷା ନିରୀକ୍ଷା ଜାରିରହିଛି। ସ୍ୱର୍ଣ୍ଣମୁଦ୍ରାଗୁଡ଼ିକ ଇସଲାମିକ୍ ଯୁଗର ପ୍ରାରମ୍ଭିକ ସମୟରେ ପ୍ରଚଳିତ ହେଉଥିଲା ବୋଲି ଅନୁମାନ କରାଯାଉଛି। ଏଠାରେ ୧୨ ଶହ ବର୍ଷ ତଳେ ବ୍ୟବସାୟ ବାଣିଜ୍ୟ ହେଉଥିବା ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କୁହାଯାଇଛି। କେହି ହୁଏତ ସଞ୍ଚୟ ଉଦ୍ଦେଶ୍ୟରେ ଛୋଟ ମାଟି ପାତ୍ରରେ ସ୍ୱର୍ଣ୍ଣମୁଦ୍ରାଗୁଡ଼ିକୁ ରଖିଥିବା ଅନୁମାନ କରାଯାଉଛି।

## ସିଆଚେନ୍‌ରେ ପ୍ରବଳ ଥଣ୍ଡା

# ହାତୁଡ଼ିରେ ଫଟାଯାଉଛି ଅଣ୍ଡା

**ନୂଆଦିଲ୍ଲୀ:** ସିଆଚେନ୍‌ରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଥାଏ। ଏଠାରେ ତାପମାତ୍ରା ମାଇନସ୍ ୪୦ ଡିଗ୍ରୀ ସେଲସିୟସ୍‌ରୁ ମଧ୍ୟ କମ୍ ରହିଥାଏ। ଏଠାରେ ପ୍ରାୟ ୩ରୁ ୪ ହଜାର ଭାରତୀୟ ଯବାନଙ୍କୁ ମୁତୟନ କରାଯାଇଛି। ଏଠାରେ ଟମାଟୋ ପ୍ରବଳ ଥଣ୍ଡାଯୋଗୁ ପଥର ଭଳି ଟାଣ ହୋଇଯାଇଥାଏ। ସେହିପରି ଅଣ୍ଡାକୁ ହାତୁଡ଼ିରେ ଫଟାଇବାକୁ ପଡ଼ିଥାଏ। ସମସ୍ତ ପନିପରିବାକୁ କିଛି ସମୟ ଉଷୁମ ପାଣିରେ ପକାଇ ରଖିବା ପରେ ଏହା ସ୍ୱାଭାବିକ ହୋଇଥାଏ। ସେହିପରି ଭାରତ–ଚାଇନା ସୀମାରେ ଥିବା ୭୬.୪ କିମି ଦୀର୍ଘ ରାସ୍ତାରେ ବରଫ ପଡ଼ିଥିବା ଯୋଗୁ ସେନାବାହିନୀ ଗାଡ଼ିର ଚକା ସ୍ଲିପ୍ କରିଥାଏ। ତେଣୁ ଚକାରେ ଲୁହା ଚେନ୍ ବନ୍ଧାଯାଇଥାଏ। ଏହା ଦ୍ୱାରା ବରଫ ରାସ୍ତାରେ ଯିବା ସହଜ ହୋଇଥାଏ।



କାମ୍ୟା ପଞ୍ଜାବୀ

**ମୁମ୍ବାଇ:** ବିବାହ ବିଚ୍ଛେଦର ୧୦ ବର୍ଷ ପରେ ପୁଣି ଜଣଙ୍କ ହାତ ଧରି ବେଦିରେ ବସିବାକୁ ଯାଉଛନ୍ତି ବଲିଉଡ୍‌ର ଜଣେ ଅଭିନେତ୍ରୀ। ଏକଥା ଆମେ କହୁନାହୁଁ। ଏକ ସାକ୍ଷାତକାରରେ ଏହି କଥା ସ୍ପଷ୍ଟ କରିଛନ୍ତି ଖୋଦ୍ ଅଭିନେତ୍ରୀ ଜଣକ। ଆଉ କେହି ନୁହନ୍ତି, ସେ ହେଉଛନ୍ତି କାମ୍ୟା ପଞ୍ଜାବୀ। ସେ ଏକ ସାକ୍ଷାତକାରରେ କହିଛନ୍ତି, ଫେବୃୟାରୀରେ ସେ ବିବାହ କରିବାକୁ ଯାଉଛନ୍ତି। ସେ ତାଙ୍କ ବୟଫ୍ରେଣ୍ଡ୍ ତଥା ପ୍ରତିଷ୍ଠିତ ବ୍ୟବସାୟୀ ଶଲଭ ଡାଙ୍ଗଙ୍କ ହାତ ଧରିବେ। ଶଲଭ ଦିଲ୍ଲୀରେ ରୁହନ୍ତି।

ସ୍ମରଣଯୋଗ୍ୟ,କାମ୍ୟା ପ୍ରଥମ ସ୍ୱାମୀଙ୍କଠାରୁ ୩ ବର୍ଷ ଅଲଗା ରହିବା ପରେ ୨୦୧୩ରେ ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ବର୍ତ୍ତମାନ ୧୦ ବର୍ଷ ପରେ ପୁଣି ଥରେ ବିବାହ କରିବାକୁ ଯାଉଛନ୍ତି।

# ଆଉଥରେ ବାହାହେବେ କାମ୍ୟା



ରୋହିତ୍ ସେଟ୍ଟୀ

**ମୁମ୍ବାଇ:** ବଲିଉଡ୍‌ର ଜଣେ ଜଣାଶୁଣା ତଥା ଲୋକପ୍ରିୟ ନିର୍ଦ୍ଦେଶକ ହେଉଛନ୍ତି ରୋହିତ୍ ସେଟ୍ଟୀ। ତାଙ୍କର ଅନେକ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହୋଇଛି, ତନ୍ମଧ୍ୟରୁ ଗୋଲ୍‌ମାଲ୍ ସିରିଜ୍, ସିଂଘମ୍ ସିରିଜ୍ ଓ ଚେନ୍ନାଇ ଏକ୍ସପ୍ରେସ ଭଳି ଫିଲ୍ମ ଅନ୍ୟତମ। ତେବେ ନିକଟରେ ଏକ ଚାଟ୍–ଶୋ’ରେ ରୋହିତ୍ ଦେଇଥିବା ଏକ ମନ୍ତବ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବଲିଉଡ୍‌ର ପ୍ରାୟ ସମସ୍ତ ଇଭେଣ୍ଟରେ ତାଙ୍କୁ ଦେଖିବାକୁ ମିଳିଥାଏ। ହେଲେ ବଲିଉଡ୍‌ର ଆୱାର୍ଡ ସେରିମୋନିକୁ ଫେକ୍ ବୋଲି କହିଛନ୍ତି ରୋହିତ୍। ଆୱାର୍ଡ ଶୋ’କୁ ନେଇ ବିବାଦ ଉପୁଜିବା କିଛି ନୂଆ କଥା ନୁହେଁ। ତେବେ ଏନେଇ ବଲିଉଡ୍‌ର ଜଣେ ସୁପରିଚିତ ତଥା ପ୍ରତିଷ୍ଠିତ ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, କୌଣସି ଆୱାର୍ଡ ଶୋ’କୁ ସେ କେବଳ ଦୁଇଟି କାରଣରୁ ଯାଇଥାନ୍ତି। ତାଙ୍କୁ ହୋଷ୍ଟ ହେବା ପାଇଁ ଭଲ ଟଙ୍କା ଅଫର୍ କରାଯାଏ ସେତେବେଳେ କିମ୍ବା ଯଦି ତାଙ୍କ ଫିଲ୍ମକୁ କୌଣସି ଆୱାର୍ଡ ମିଳିବାକୁ ଥାଏ। ଏହି ଦୁଇଟି ପରିସ୍ଥିତିକୁ ଛାଡ଼ିଦେଲେ ସେ ବଲିଉଡ୍‌ର କୌଣସି ଆୱାର୍ଡ ଶୋ’କୁ ଯାଆନ୍ତି ନାହିଁ। କାରଣ ଏଗୁଡ଼ିକ ଫେକ୍ ଆଉ ଟିଭି ଶୋ’ ଭଳି ହିଁ ହୋଇଥାଏ ବୋଲି ସେ କହିଛନ୍ତି। ନିକଟରେ ନେହା ଧୂପିଆଙ୍କ ଏକ ଚାଟ୍–ଶୋ’ରେ ଯୋଗଦେଇ ସେ ଏଭଳି ମନ୍ତବ୍ୟ ରଖିଛନ୍ତି, ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ଏଠାରେ ଗୋଟିଏ ବିଷୟ ମନେପକାଇଦେବା ଉଚିତ, ନିକଟରେ ଶାହୀଦ୍ କପୁର ଏକ ଆୱାର୍ଡ ଶୋ’ରେ ପର୍‌ଫର୍ମ କରିବାକୁ ଶେଷ ମୁହୂର୍ତ୍ତରେ ମନା କରିଦେଇଥିଲେ। କାରଣ ବେଷ୍ଟ ଆକ୍ଟର ଆୱାର୍ଡ ଫିଲ୍ମ ‘କବୀର ସିଂହ’ ପାଇଁ ତାଙ୍କୁ ନୁହେଁ ବରଂ ‘ଗଲି ବୟ’ ପାଇଁ ରଣବୀର ସିଂହଙ୍କୁ ଦିଆଯିବ ବୋଲି ସେ ଜାଣିବାକୁ ପାଇଥିଲେ। ଏହାପରେ ଶାହୀଦ୍ ଶୋ ଛାଡ଼ି ପଳାଇଥିଲେ।

## ବଲିଉଡ୍ ଆୱାର୍ଡ ଶୋ’କୁ ଫେକ୍ କହିଲେ ରୋହିତ୍

ଅନ୍ୟପଟେ ରୋହିତ୍ ବର୍ତ୍ତମାନ ନିଜର ଆଗାମୀ ଫିଲ୍ମ ‘ସୂର୍ଯ୍ୟବଂଶୀ’ ତିଆରି କରୁଛନ୍ତି। ଫିଲ୍ମରେ ଅକ୍ଷୟ କୁମାର– କ୍ୟାଟ୍ରିନା କୈଫ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ମାର୍ଚ୍ଚ ୨୭ରେ ଫିଲ୍ମଟି ରିଲିଜ୍ ହେବ।

## ଶୀତରେ ଥରୁଛି ଜୀବନ

# ଚିଡ଼ିଆଖାନାରେ ଲାଗିଲା ହିଟର୍



**ନୂଆଦିଲ୍ଲୀ:** ଜାଡ଼ରେ ଥରୁଛି ଜୀବନ। ମଣିଷ ନିଜକୁ ଶୀତରୁ ରକ୍ଷା କରିବା ପାଇଁ ଅନେକ ବ୍ୟବସ୍ଥା କରୁଛି। ହେଲେ ପଶୁ, ପକ୍ଷୀ, କୀଟ ପତଙ୍ଗ ପ୍ରବଳ ଶୀତରେ ଛଟପଟ ହେଉଛନ୍ତି। କିଛିଦିନ ହେଲା ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆସାମର ଗୁଆହାଟୀସ୍ଥିତ ଚିଡ଼ିଆଖାନା ତଥା ବଟାନିକାଲ୍ ଗାର୍ଡେନ୍‌ରେ ବାଘ ଓ ସିଂହଙ୍କୁ ଶୀତଦାଉରୁ ରକ୍ଷାକରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ଚିଡ଼ିଆଖାନାରେ ହିଟର୍ ଲଗାଯାଇଥିବା ଜଣାପଡ଼ିଛି। ତେବେ ଚିଡ଼ିଆଖାନାରେ ରହୁଥିବା ହରିଣ ଏବଂ ଅନ୍ୟ ପଶୁଙ୍କ ପାଇଁ ହିଟର୍ ହାନିକାରକ ହୋଇଥିବାରୁ ସେମାନଙ୍କ ଶରୀରର ତାପମାତ୍ରା ଠିକ୍ ରଖିବାପାଇଁ ପାଳ ବିଛାଯାଇଥିବା ଦାୟିତ୍ୱରେ ଥିବା ଚିଡ଼ିଆଖାନା କର୍ତ୍ତୃପକ୍ଷ କହିଛନ୍ତି। ସେହିପରି ଗୁଜରାଟର ଅହମଦାବାଦସ୍ଥିତ କଙ୍କଡ଼ିଆ ଚିଡ଼ିଆଖାନାରେ ମଧ୍ୟ ପଶୁଙ୍କୁ ଉଷ୍ମ ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

# ଅନୁରାଧାଙ୍କୁ ମା’ କହି ଦାବିକଲେ ୫୦ କୋଟି



**ଥିରୁଭାନନ୍ତପୁରମ୍:** ଖ୍ୟାତିସମ୍ପନ୍ନ ଗାୟିକା ଅନୁରାଧା ପୋଡ଼ୱାଲଙ୍କୁ ନେଇ ଏବେ ଜୋର୍ ସୋର୍ ଚର୍ଚ୍ଚା ଆରମ୍ଭ ହୋଇଛି। କେରଳର ଥିରୁଭାନନ୍ତପୁରମ୍‌ଠାରେ ବାସ କରୁଥିବା ଜଣେ ୪୫ ବର୍ଷ ବୟସ୍କା ମହିଳା ଅନୁରାଧା ପୋଡ଼ୱାଲଙ୍କୁ ନିଜର ମା ’ ବୋଲି ଦାବି କରିଛନ୍ତି। ଏହା ସହିତ ସେ ୫୦ କୋଟି ଟଙ୍କାର କ୍ଷତିପୂରଣ ମଧ୍ୟ ଦାବି କରିଥିବା ସ୍ଥାନୀୟ ଫ୍ୟାମିଲି କୋର୍ଟ ପକ୍ଷରୁ କୁହାଯାଇଛି। ୬୭ ବର୍ଷ ବୟସ୍କା ଅନୁରାଧଙ୍କ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆଣିଥିବା ମହିଳା ଜଣକ ହେଉଛନ୍ତି କରମାଳା। ସେ ୪ ଦିନର ଥିବାବେଳେ ଅନୁରାଧା ତାଙ୍କୁ ପାଳିତ ମାତା–ପିତା ପୋନାଞ୍ଚନ ଏବଂ ଅଗନେସ୍‌ଙ୍କୁ ପ୍ରଦାନ କରିଥିଲେ। ତେବେ ପାଳିତ ମାତା–ପିତାଙ୍କଠାରୁ ଏସମ୍ପର୍କରେ ଜାଣିବା ପରେ କରମାଳା ଆଇନଜୀବୀ ଅନିଲ ପ୍ରସାଦଙ୍କ ସହିତ ଯୋଗାଯୋଗ କରିଥିଲେ। କରମାଳା ନିଜର ଡିଏନ୍‌ଏ ଟେଷ୍ଟ ପାଇଁ ମଧ୍ୟ ରାଜି ଥିବା କହିଛନ୍ତି। ଏଭଳି ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି।

**୧ କୁଇଣ୍ଟାଲ ୭ କେଜି ପଲିଥିନ୍ ଜବତ**

ନବରଙ୍ଗପୁର ଜିଲା ଉମରକୋଟଠାରେ ଗୁରୁବାର ପୌରାଞ୍ଚଳ ପ୍ରଶାସନ ତରଫରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ବ୍ୟବସାୟୀ ଏସ.ଏନ.ପାତ୍ର ଓ ମୁକେଶ ଅଗ୍ରୱାଲଙ୍କ ଠାରୁ ମୋଟ ୧ କୁଇଣ୍ଟାଲ ୭କେଜି ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜବତ ସହ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହା ସହ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ଓ ହୋଟେଲ ଗୁଡ଼ିକରେ ଚଢ଼ାଉ କରାଯାଇଥିଲେ ମଧ୍ୟ ପଲିଥିନ ବ୍ୟବହାର ଦେଖିବାକୁ ମିଳି ନ ଥିଲା । ଆଗକୁ ଏହିପରି ଚଢ଼ାଉ ଜାରି ରହିବ ବୋଲି ପୌରାଞ୍ଚଳ ପ୍ରଶାସନ ତରଫରୁ କୁହାଯାଇଛି ।

## ୩୩ତମ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ

# ‘କଥା, କାର୍ଯ୍ୟ, ଚିନ୍ତାରେ ହିଂସା ତ୍ୟାଗ କର’



ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

**ଭୁବନେଶ୍ୱର, ୨।୧ (ବ୍ୟୁରୋ)**

ଅହିଂସା ମହାତ୍ମା ଗାନ୍ଧୀଙ୍କ ବିଶ୍ୱକୁ ଶ୍ରେଷ୍ଠ ଦାନ । ଏହାରି ମାଧ୍ୟମରେ ହିଁ ବିଶ୍ୱର ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ । ନିଜ କଥା, କାର୍ଯ୍ୟ ଓ ଚିନ୍ତାରେ ହିଂସା ତ୍ୟାଗ କରି ଅହିଂସାକୁ ଜୀବନର ମୂଳମନ୍ତ୍ର ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ଅନୁଷ୍ଠିତ ୩୩ତମ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଚଳିତବର୍ଷ ସାରା ବିଶ୍ୱ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛି । ତାଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମୀମାନେ ଦେଶର ମହାସଂଗ୍ରାମରେ ଯୋଗଦେଇଥିଲେ । ଆଉ ଏବେ ସେମାନେ ବାପୁଙ୍କ ୧୫୦ତମ ଜୟନ୍ତୀ ପାଳନ କରିବାର ସୁଯୋଗ ମଧ୍ୟ ପାଇଛନ୍ତି । ସ୍ୱାଧୀନ ଭାରତ ପାଇଁ ଆମ ସଂଗ୍ରାମୀମାନଙ୍କ ତ୍ୟାଗକୁ ଏ ଜାତି କେବେ ଭୁଲିପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଗାନ୍ଧିଜୀଙ୍କ ଲକ୍ଷ୍ୟ କେବଳ ସ୍ୱାଧୀନତା ନ ଥିଲା । ସ୍ୱାଧୀନତା ସହ ଏକ ଶୋଷଣମୁକ୍ତ ସୁସ୍ଥ ସମାଜ ଓ ସ୍ୱାବଲମ୍ବୀ ଅର୍ଥନୀତି ମଧ୍ୟ ତାଙ୍କର ଲକ୍ଷ୍ୟ ଥିଲା । ଏ ଦିଗରେ ଆମେ ସମସ୍ତେ ନିଷ୍ଠାପର ଭାବେ କାର୍ଯ୍ୟ କଲେ ଜାତିର ପିତାଙ୍କ ପାଇଁ ଏହା ଏକ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ଅଶୋକ ପଣ୍ଡା, ଶହୀଦ ସ୍ୱାଧୀନତା ସଂଗ୍ରାମୀ ସଦନର ଅଧ୍ୟକ୍ଷ ତଥା ଏମ୍‌ପି ଭର୍ତ୍ତୃହରି ମହତାବ, ଏମ୍‌ପି ରମେଶଚନ୍ଦ୍ର ମାଝୀ, ବିଧାୟକ ସୁରେଶକୁମାର ରାଉତରାୟ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ସର୍ବଭାରତୀୟ ସଭାପତି କୁଲକର୍ଣ୍ଣିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ୍‌ଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ୧୨୦ତମ ଜନ୍ମ ବାର୍ଷିକୀ ଜାତୀୟ ଉତ୍ସବର ଲୋଗୋ ଓ ମହୋତ୍ସବର ସ୍ମରଣିକା ଉନ୍ମୋଚନ କରିଥିଲେ । ଏହାବ୍ୟତୀତ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡ. ମହତାବ୍‌ଙ୍କ ଶ୍ରାଦ୍ଧ ଅବସରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ ।

# ଆଜିଠୁ ପକ୍ଷୀ, ୯ରୁ କୁମ୍ଭୀର ଗଣନା

**ବନ୍ତଲା,୨।୧(ଡି.ଏନ.ଏ.)**


ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ ।

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଶୁକ୍ରବାରଠାରୁ ପକ୍ଷୀ ଗଣନା ହେବ । ଏଥିସହିତ ଆସନ୍ତା ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କରାଯିବ । ଏଥିପାଇଁ ଗୁରୁବାର ଟିକରପଡା ରେଞ୍ଜ କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ସମ୍ମିଳନୀ ଗୃହରେ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସୌମ୍ୟକ ସାମନ୍ତରା ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ । ସାତକୋଶିଆ ଏସିଏଫ ଶୁଭେନ୍ଦୁ ବେହେରା କୁମ୍ଭୀର ଗଣନା ଓ ଏସିଏଫ ସରୋଜ ପଣ୍ଡା ପକ୍ଷୀ ଗଣନା ତାଲିମ ପ୍ରଦାନ କରିଥିଲେ । ଆଠମଲ୍ଲିକ ଏସିଏଫ ରାଜେନ୍ଦ୍ର ଗୋଛାୟତ ୟୁନିଟ୍ ଗଠନ କରିଥିଲେ । ସାତକୋଶିଆ ମହାନଦୀ ଗଣ୍ଡର ୨୧ କିଲୋମିଟର, ଶିଶୁ ପଥର ଡ୍ୟାମ୍, ଆଠମଲ୍ଲିକର ବେଲପୁଞ୍ଜି ମଠ, ମାନଯୋର ପ୍ରୋଜେକ୍ଟ, କଦଳୀଖୋଲା, ରାଉତପଡା ବନ୍ଧ, ଜାମଡୋଳି ବନ୍ଧ ଆଦି ଅଞ୍ଚଳରେ ପକ୍ଷୀ ଓ କୁମ୍ଭୀର ଗଣନା କରାଯିବ । କୁମ୍ଭୀର ଗଣନା ପାଇଁ ମୋଟ ୧୩ଟି ୟୁନିଟ୍ ମଧ୍ୟରୁ ସାତକୋଶିଆରେ ୫ଟି, ମହାନଦୀରେ ୫ଟି ଓ ଆଠମଲ୍ଲିକରେ ୩ଟି ୟୁନିଟ୍ ଗଣନା କରିବେ । ସେହିପରି ପକ୍ଷୀ ଗଣନା ପାଇଁ ୧୫ଟି ୟୁନିଟ୍ ଗଠନ କରାଯାଇଛି । ଟିକରପଡାରୁ ବିନିକେଇ, ବିନିକେଇରୁ ପତାକା, ଟିକରପଡାରୁ କଟରଙ୍ଗ, କଟରଙ୍ଗରୁ ବାଲିଫୁଟ, ବାଲିଫୁଟରୁ ଚକ୍ରଗଡ଼, ଆଠମଲ୍ଲିକ ହରଭଙ୍ଗାରୁ ଅଏଡ, ଲୁଣାହାଣ୍ଡି, ବେଲପୁଞ୍ଜି ମଠ, ଶିଶୁ ପଥର ଡ୍ୟାମ ଅଞ୍ଚଳର ବିଭିନ୍ନ ଜଳାଶୟରେ ଏହି ଗଣନା କରାଯିବ । ଏଥିପାଇଁ ମୋବାଇଲ ଟ୍ରାକିଙ୍ଗ, ଜିପିଏସ, ବାଇନା କୁଲର ଓ ସ୍ୱତନ୍ତ୍ର କ୍ୟାମେରା ବ୍ୟବସ୍ଥା କରାଯାଇଛି । ୧୧ ତାରିଖ ଏହି ଗଣନା ସରିବା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆ ଅଭୟାରଣ୍ୟ ବନ୍ଦ ରଖାଯାଇଛି । ଟିକରପଡା, କମାଳାଡିହ, ଆଠମଲ୍ଲିକର ସମସ୍ତ ମତ୍ସ୍ୟଜୀବୀଙ୍କୁ ନଦୀ ଭିତରକୁ ଯିବାକୁ ବାରଣ କରାଯାଇଛି ।

## ୧୧ ତାରିଖ ଯାଏ ପର୍ଯ୍ୟଟକଙ୍କୁ ସାତକୋଶିଆ ମନା

# ୨ ଅତିରିକ୍ତ ଖଣିରୁ ଏନ୍‌ଟିପିସିକୁ କୋଇଲା ଯୋଗାଣ

**ତାଳଚେର,୨।୧(ନି.ପ୍ର.):** ଅନୁଗୋଳ ଜିଲା କଣିହାଁଠାରେ ଥିବା ଏନ୍‌ଟିପିସି ସହ କୋଲ୍ ଇଣ୍ଡିଆର ଅଂଶୀଦାର କମ୍ପାନୀ ଏମ୍‌ସିଏଲ୍ ଏବଂ ଇସିଏଲ୍ ମଧ୍ୟରେ ଦୀର୍ଘମିଆଦୀ ଫୁଏଲ ସପ୍ଲାଏ ଏଗ୍ରିମେଣ୍ଟ (ଏଫ୍‌ଏସ୍‌ଏ) କରାଯାଇଛି । କୋଇଲା ସଙ୍କଟ ଯୋଗୁ ବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି ହେଉଥିବାରୁ ଏନ୍‌ଟିପିସି ପକ୍ଷରୁ ଏଭଳି ଯୋଜନାବଦ୍ଧ ପଦକ୍ଷେପ ନିଆଯାଉଛି । ଏହି ତାପଜ କେନ୍ଦ୍ରକୁ କୋଇଲା ଯୋଗାଣ ନିମନ୍ତେ ୨ଟି ବିକଳ୍ପ ବ୍ୟବସ୍ଥା କରାଯାଇଛି । ଗତ ଡିସେମ୍ବର ୩୦ରେ ଏନ୍‌ଟିପିସି ତାଳଚେର କଣିହାଁ ବିଦ୍ୟୁତ୍ କେନ୍ଦ୍ରକୁ ଏମ୍‌ସିଏଲ୍‌ର ତାଳଚେରେ ସ୍ଥିତ ଭୁବନେଶ୍ୱରୀ ଓସିପି ଓ ସୁନ୍ଦରଗଡ଼ସ୍ଥିତ ଦୁଲଙ୍ଗ କୋଇଲା ଖଣିରୁ କୋଇଲା ଯୋଗାଣ ଆରମ୍ଭ ହୋଇଛି । ନୂତନ ଭାବେ ନିର୍ମିତ ଲିଙ୍ଗରାଜ-୩ ସାଇଡିଂ ଜରିଆରେ ଭୁବନେଶ୍ୱରୀ ଖଣିରୁ କୋଇଲା ଯୋଗାଣ ରେଳପଥରେ କରାଯିବ । ସେହିପରି ଏନ୍‌ଟିପିସିର ନିଜସ୍ୱ କୋଲ୍ ବ୍ଲକ ଦୁଲଙ୍ଗ ଖଣିରୁ କଣିହାଁକୁ ଉଭୟ ସଡ଼କପଥ ଏବଂ ରେଳପଥ ଯୋଗେ ନିୟମିତ କୋଇଲା ପରିବହନ ହେବ । ଉଭୟ କୋଇଲା ଯୋଗାଣ ଉତ୍ସ ଯୋଗୁ କଣିହାଁ କେନ୍ଦ୍ରରେ ବିଦ୍ୟୁତ୍ ଉତ୍ପାଦନରେ ଉନ୍ନତି ଘଟିବ ବୋଲି ପ୍ରେସ୍ ଇସ୍ତାହାରେ କୁହାଯାଇଛି ।

# ୪ରେ ଶ୍ରୀକ୍ଷେତ୍ର ଆସିବେ ଶତାଧିକ ପାକିସ୍ତାନୀ ହିନ୍ଦୁ

## ମହାପ୍ରଭୁଙ୍କ ଦର୍ଶନ ସହ ସମୁଦ୍ର ସ୍ନାନ କରିବେ

**ପୁରୀ ଅଫିସ, ୨।୧:** ପାକିସ୍ତାନରେ ରହୁଥିବା ପ୍ରାୟ ଶହେରୁ ଉର୍ଦ୍ଧ୍ୱ ହିନ୍ଦୁ ପୁରୀ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ । ସେମାନେ ମହୋଦଧି ସ୍ନାନ କରିବା ସହ ବିଭିନ୍ନ ତୀର୍ଥସ୍ଥଳ ମଧ୍ୟ ପରିଦର୍ଶନରେ ଯିବେ । ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର (ଓଆଇସି)ର ସଭାପତି ପରେଶ ନାୟକ ଗୁରୁବାର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଶତାଧିକ ହିନ୍ଦୁ ଗତ ୨୭ତାରିଖରେ ପୁରୀ ଅଭିମୁଖେ ପାକିସ୍ତାନରୁ ବାହାରିଛନ୍ତି । ସେମାନେ ମଥୁରା ଦେଇ ଆଗାମୀ ୪ତାରିଖରେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିବେ । ସେହି ଦିନ ଅପରାହ୍ନରେ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିବେ । ୫ତାରିଖ ପୂର୍ବାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବାର କାର୍ଯ୍ୟକ୍ରମ ରହିଛି । ଗତ କିଛିବର୍ଷ ହେଲା ଓଆଇସି ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବା ଲାଗି ପାକିସ୍ତାନରେ ବସବାସ କରୁଥିବା ହିନ୍ଦୁଙ୍କୁ ନିମନ୍ତ୍ରଣ କରାଯାଇଆସୁଛି ବୋଲି ନାୟକ ପ୍ରକାଶ କରିଛନ୍ତି ।


**FOOD CORPORATION OF INDIA REGIONAL OFFICE, BHUBANESWAR-7**

Cont.14 (15)/2019/PKD Date: -02.01.2020

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderers for appointment of regular **Handling Contractor for handling of food grains at FSD, Parlakhemundi** under **DO, Berhampur** for a period of two years. The tender documents containing detailed terms and conditions can be obtained from **https://eprocure.gov.in/eprocure/app or FCI website www.fci.gov.in.**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
**INVITATION FOR BIDS (IFB)**

File No.- C-IIM-IFB-06/2019 No. 54632, Dt.27.12.2019

**1st Corrigendum to Bid Identification No. CE-DPI & R-19/2019-20, dtd.19.12.2019**

**No. B-512:-** The following changes has been made for the work i.e. "Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan" at Sl. No. 10 invited vide Bid Identification No. CE-DPI & R-19/2019-20 are as follows:

| Sl. No. | Name of Work | Revised value of work (Rs. in lakh) | Security Amount (Rs. in lakh) (Online) |
|---|---|---|---|
| 10. | Construction of RCC retaining wall along with sand filling on the road from NH-5 to Ardalua from 10/250 km to 11/535 km in the district of Jajpur under State Plan | 19,70,80,644.00 | 19,70,900.00 |

2. The The Bid documents for the above work will be available in the website: www.tendersodisha.gov.in from 10.00 AM of 31.12.2019 to 5.00PM of 17.01.2020 for online bidding.

All other terms and conditions remain unchaged.

34117/11/0059/1920 *Sd./- Chief Engineer, DPI & Roads, Odisha*

**The Odisha State Co-operative Milk Producers Federation Limited**
www.omfed.com
D-2, Sahidnagar, Bhubaneswar-751007
Ph. No.- 0674-2546030, 2540273, 2540417, Fax No. 0674-2540974
Email ID: omfed@yahoo.com

**APPOINTMENT**

Ref: 246/HRD/RFE/19 Date: 01.01.2020

**No. CAD-761:-** Applications are invited for appointment to the post of Manager (P&I), in OMFED. The detailed terms and conditions along with prescribed Application Form is mentioned hereunder.

| Name of the Post | No. of Post | Qualification | Max. Age as on 31.12.2019 | Post Qualification Experience | Scale of Pay |
|---|---|---|---|---|---|
| Manager (P&I) | 01 | 1. Degree in Veterinary/ Animal Husbandry / Dairy Husbandry. 2. Preference will be given for higher qualification in relevant field. | 40 years | Minimum 5 years experience in Managerial Cadre preferably in procurement & input Activities in Dairy Sector | PB-3, Rs. 15,600 - 39,100, Grade Pay: Rs. 6,600/- plus other Allowances as per Federation Rules |

All other information such as Application Form, Last date of submission of Application Form, Scope of Work, Place of posting and other General Conditions for the above post can be downloaded from the OMFED website: www.omfed.com. Federation reserves the right to cancel / amend the Recruitment Notice which will be published in the website only.

06063/11/0005/1920 *General Manager (HR)*

**OFFICE OF THE ANGUL MUNICIPALITY, ANGUL**

No.: 10501 Date: 31.12.2019

**EXPRESSION OF INTEREST**

No.: C-420: Expression of Interest in sealed cover for single bid proposal invited by the Executive Officer, Angul Municipality from the consultancy firm, for preparation of "DETAILED PROJECT REPORT for construction of sewage treatment plant at Angul under Angul Municipality".

The proposal should be submitted by the bidders along with bid security of Rs.5000/- (Rupees five thousand) only in shape of Bank Draft to be drawn in favour of Executive Officer, Angul Municipality. The cost of tender schedule for Rs.1000/- (Rupees one thousand) only (Non-refundable) to be paid in shape of Cash/Demand Draft. The tender schedule shall be available from 02.01.2020 to 13.01.2020 upto 5.00 P.M. at Cash section of this office. They should quote the rate on percentage basis over the project cost, which will be paid after technical sanction and subject to available of funds. They are required to submit the Xerox copy of the registration certificate of their organization, copy of GSTIN, copy of PAN along with bid documents. They should submit the experience certificate of similar nature of job at least one number already rendered in different ULBs/Line Departments/Govt. Organization etc. from the competent authority of respective organization. The proposal along with all documents shall be received in the office of the Executive Officer, Angul Municipality on or before 14.01.2020 upto 11.00 A.M. in the box provided in the Office of the Executive Officer, Angul Municipality and the same will be opened on same day at 12 Noon in presence of the bidders or their authorized representatives. Tenders received after due date and time shall not be entertained. The authority reserves the right to accept/cancel/reject any or all the proposals without assigning any reason thereof.

**Sd./- Executive Officer**
**Angul Municipality**

13085/11/0021/1920

**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
**SANTARAPUR, BHUBANESWAR - 751002.**
**Tel - MD 0674 - 2340573, PBX - 2340170, Fax – 2340096**
**TENDER CALL NOTICE**
**No- OSSC/ Engg- 59/2019**

No.CAD-765 :- The Managing Director, Odisha State Seeds Corporation Ltd invites Percentage Rate Tenders through ONLINE MODE only for the works **"INSTALLATION OF POWER SUPPLY TO SEED** PROCESSING PLANT BARGAON, SUNDARGARH from eligible contractors as specified through e-tender site of Govt of Odisha (**www.tenderodisha.gov.in**). The details of location of work, estimated amount, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha **www.tenderodisha.gov.in.** The last date for uploading of tender to tender portal is dt. 15.01.2020

*Sd./- Sri JR Mishra OAS-S*
**01045/11/0027/1920 Managing Director**

**ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ**

No. D-245:-



ନାମ : ବିଶାଳ ଲାଖୁଆ
ବୟସ : ୧୪ ବର୍ଷ
ପିତା : ମୁନୁ ଲାଖୁଆ
ଘର : କାର୍ଗିଲ ବସ୍ତି, ଲିଙ୍ଗରାଜ ବିହାର ପାଖ, ପୋଖରୀପୁଟ
ଥାନା : ଏୟାରପୋର୍ଟ, ଭୁବନେଶ୍ୱର କମିଶନରେଟ୍
ଜିଲ୍ଲା : ଖୋର୍ଦ୍ଧା (ଓଡ଼ିଶା)
ଉଚ୍ଚତା : ୪ ଫୁଟ ୩ ଇଞ୍ଚ
ରଙ୍ଗ : କଳା, ପତଳା ଶରୀର, ଲମ୍ବା ମୁହଁ ଏବଂ ସେ ଓଡ଼ିଆ, ହିନ୍ଦୀ ଓ ସାଦ୍ରି ଭାଷାରେ କଥା କହିପାରେ ।

ଉକ୍ତ ବାଳକଟି ଗତ ତା୨୭।୧୨।୨୦୧୯ରିଖ ସନ୍ଧ୍ୟା ୬ଘଟିକା ସମୟରେ ଘରୁ କେଉଁଆଡ଼େ ପଳାଇଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ନିଖୋଜ ବାଳକ ବିଷୟରେ ଖବର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ନିମ୍ନ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ ।

**ଫୋନ୍ ନମ୍ବର: ୯୪୩୭୨୨୦୦୯୪, ୭୦୦୮୫୮୭୧୭୧, ୭୯୭୮୨୫୯୯୦୪, ୭୭୩୫୪୦୩୭୭୫**

12015/11/0021/1920

**GOVT. OF ODISHA**
**OFFICE OF THE COLLECTOR, KANDHAMAL, PHULBANI**
**(ST & SC Development Section)**
Ph/FAX: 06842-253643, e-mail: dwo.kandhamal@gmail.com
Order No. 01/SSD/ XVII-26/19, Date: 02.01.2020

**NOTICE INVITING OBJECTION**

**No. V-68:-** It is hereby informed that the applicants who have applied for the post of TGT, Odia / English / Mathematics / Physical Science / Social Science for Kalinga Model Residential Schools under ST & SC Dev. Deptt. of Kandhamal District in pursuance to Advertisement No. 3933/SSD, Dated 25.10.2019 has been enlisted. The database of applicants is available in the District Portal: www.kandhamal.nic.in as well as in the Notice Board of District Welfare Office, Kandhamal.

The applicants are requested to go through the lists and file their objections if any with justification along with supporting documents by Registered / Speed Post by 18.01.2020. Objections received after 18.01.2020 shall not be entertained.

*By Orders of Collector, Kandhamal*
***Sd./- District Welfare Officer***
***Kandhamal, Phulbani***

24041/11/0014/1920

**ODISHA LIFT IRRIGATION CORPORATION LIMITED**
**(A Government of Odisha Undertaking)**
**OFFICE OF THE EXECUTIVE ENGINEER, L. I. DIVISION, ROURKELA**
e-mail I.D.- eeolicrourkela@gmail.com.
ଜାତୀୟ ଇଲେକ୍ଟ୍ରୋନିକ ମାଧ୍ୟମ ଦ୍ୱାରା ସଂଗ୍ରହ ପ୍ରତିଯୋଗିତା ମୂଳକ ନିଲାମ
**NATIONAL COMPETITIVE BIDDING THROUGH e-Procurement**
**Identification No. EEOLICRKL- 19 /19-20 Dt. 01/01/2020**
ନିର୍ବାହୀ ଯନ୍ତ୍ରୀ ଉଠାଜଳସେଚନ ବିଭାଗ ରାଉରକେଲା ଙ୍କ ନିଲାମ ଡାକ ଚିହ୍ନଟ ବିଜ୍ଞପ୍ତି ସଂଖ୍ୟା 19 /19-20 ତାରିଖ- 01/01/2020

No. CAD-757

| | | | |
|---|---|---|---|
| 01 | Name of work | : | Installation & Energisatition of 51 nos. of new LIPs in different Blocks of Sundargarh Dist. |
| 02 | Estimated cost | : | Rs.14.34 lakhs to Rs.30.55 lakhs ( approx) |
| 03 | Period of completion | : | 120 days |
| 04 | Date & Time of availability of bid document in the portal | : | From 10.30 Hrs. of 15.01.2020 to 17.00 Hrs. of 27.01.2020 |
| 05 | Last date/time of submission of documents(hard copy) in office | : | 17.00 Hrs. of 28.01.2020 |
| 06 | Date & Time of opening of bids | : | 11.00 Hrs. of 29.01.2020 |
| 07 | Name and Address of the officer inviting bid | : | Executive Engineer, L.I. Division, Rourkela |

Further details can be seen from the web site ***www.tendersorissa.gov.in***

32332/11/0007/1920 Sd/-Executive Engineer, L.I.Division, Rourkela

**GOVERNMENT OF ORISSA**
**OFFICE OF THE EXECUTIVE ENGINEER**
**RURAL WORKS DIVISION KARANJIA (MAYURBHANJ)**
**E-mail ID: - eerwkaranjia@yahoo.com**

**No.O-736 :-** **Letter No.4966 // Date: 24.12.19**
**"e" Procurement Notice for Building Works**
**Bid Identification No – RWDKNJ – 07 / 2019-20.**

1. Name of the work : Building Works (As per Annexure)
2. Estimated Cost : **Rs. 0.89 Lakhs to Rs. 42.53 Lakhs Approximately (As per Annexure).**
3. Class of Contractor : **'D','C', 'B' & 'A' Class, (As per Annexure)**
4. Period of Completion : **1(One) to 8 (Eight) Months (As per Annexure)**
5. Tender Paper Cost : Rs. **400/- to 6000/- (As per Annexure)**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Technical Bid O/O E.E..R.W. Division, Karanjia. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | Building On-line N.C.B. No. RWDKNJ-07/2019-20. | Dt. 06.01.2020 at 11.00 A.M. | Dt. 14.01.2020 up to 3.00 P.M. | Dt. 13.01.2020 up to 3.00 P.M. | Dt.16.01.2020 at 11.00 P.M. |

Further details can be seen from the website www.tendersorissa.gov.in

**25086/11/0006/1920** **Sd- Executive Engineer R.W. Division, Karanjia**

**COMMISSIONERATE OF CT AND GST, ODISHA (AT- CUTTACK)**
**(Finance Department, Government of Odisha**

Letter No : 13194/CT&GST Date : 03.10.2019
x-13/BO/2015-Non-Gaz-CCT

**OFFICE ORDER**

**No. S-28**

WHEREAS Mr Sayed Ansar Ali, S/o Sayed Mansur Ali, At/P.O-Brahmabarada, P.S-Dharmasala, District-Jajpur, Driver, Commissionerate of CT & GST (Odisha); At-Cuttack erstwhile O/o the Commissioner of Commercial Taxes (Odisha), Cuttack was absent from duty with effect from 25.02.2008 without any prior intimation or permission of the competent Authority.

AND WHEREAS, draft charges were framed against Mr.Ali vide this office Memorandum no: 13649/CT, Date: 30.08.2008 for unauthorized absent from Govt. Duty that amounted to negligence and dereliction of Government duty.

AND WHEREAS, all opportunities as per the provision of OCS (CCA Rule, 1962) had been given to Mr.Ali by the Enquiring Officer to defend. But he did not avail any of the opportunities.

AND WHEREAS, the Enquiry Officer in his report observed that "He is an absentee from Government duties for more than 5 years who had been remaining absent from Government duty since 25.02.2008. The law deems all absentees beyond 5 years as fit case of removal from service subject to provisions of OCS (CCA Rule 1962)".

AND WHEREAS, Rule 72(2) of Odisha Service Code speaks that " where a Government servant does not resume duty after remaining on leave for a continuous period of a five years, or where a Government servant after the expiry of his leave remains absent from duty otherwise than on foreign service or on account of suspension, for any period which together with the period of the leave granted to him exceeds five years, he shall unless Government in view of the exceptional circumstances of the case otherwise determine, be removed from service after following the procedure laid down in the Odisha Civil Services (Classification, Control and Appeal) Rules, 1962.

AND WHEREAS it was decided to impose punishment on Mr Ansar Ali in pursuant to Rule 72(2) of Odisha Service Code as per the Rule-15 of the OCS(CCA) Rules, 1962 Mr Ali was called upon vide this office letter no : 14029/CT; date: 16.09.2017 to appear before the appointing authority on any state govt. working days within 15 days to show cause as to why major punishment shall not be awarded to him. But he did not appear-before the appointing authority.

AND WHEREAS it was ascertained from the postal acknowledgement the said show cause notice had been received by some Sayena Parween on 19.09.2017 and since Mr Ali did not appear before the appointing authority, another chance was given to him to submit his explanation by appearing before the appointing authority on any state govt working days within 15 days to show cause as to why major punishment shall not be awarded to him vide this office letter no; 7454/CT&GST; date: 16.05.2018. But he did not appear before the appointing authority. Since he is absconded the show cause notice was published in the leading Odia daily i.e Dharitri and Sambad on 03.01.2019. But Mr. Ali did not respond.

AND WHEREAS Mr.Ali has failed to respond to the notice published in the above Odia dailies within the stipulated time frame, the following major penalty is hereby imposed on Mr. Sayed Ansar Ali, Driver of this office U/r 13 of the OCS (CCA) rules, 1962 and Rule 72(2) of Odisha Service Code.

"Mr. Sayed Ansar Ali Is removed from the Government service which shall not be a disqualification of future employment from the date of Issue of this order.

This is issued wilh the approval of the Commissioner of CT&GST; Odisha.

**Sd./- Addl. Commissioner of CT&GST (SMNG)**

**05006/11/0006/1920**

# ଶ୍ରୀଲଙ୍କା ସିରିଜରୁ ବର୍ଷ ଆରମ୍ଭ



ନିର୍ମଳ କୁମାର ମିଶ୍ର

**ଶ୍ରୀଲଙ୍କା ବିପକ୍ଷ ଘରୋଇ ଟି୨୦ ସିରିଜରୁ ଟିମ୍ ଇଣ୍ଡିଆ ନୂଆ ବର୍ଷର ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଏହି ସିରିଜର ୩ଟି ମ୍ୟାଚ୍ ଆସନ୍ତା ୫, ୭ ଏବଂ ୧୦ ତାରିଖରେ ଯଥାକ୍ରମେ ଗୁଆହାଟୀ, ଇନ୍ଦୋର ଏବଂ ପୁଣେଠାରେ ଖେଳାଯିବ। ଚଳିତବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଦଳ ଚୟନ ଦୃଷ୍ଟିକୋଣରୁ ଭାରତ ପାଇଁ ଏହି ସିରିଜ ବିଶେଷଭାବେ ଗୁରୁତ୍ୱ ବହନ କରୁଛି...**

ବିଗତ ବର୍ଷ ଘରୋଇ ଏବଂ ବିଦେଶ ମାଟିରେ କ୍ରିକେଟ୍‌ର ସମସ୍ତ ଫର୍ମାଟରେ ବେଶ୍ ସଫଳତା ପାଇଛି ଟିମ୍ ଇଣ୍ଡିଆ। ୱେଷ୍ଟଇଣ୍ଡିଜକୁ ଟି୨୦ ଓ ଏକଦିବସୀୟ ସିରିଜରେ ୨-୧ରେ ପରାସ୍ତ କରିବା ସହିତ ଘରୋଇ ପରିବେଶରେ ରେକର୍ଡ ବିଜୟ ହାସଲ କରିଛି ବିରାଟ ବାହିନୀ। ଏହି ସିଜନ୍‌ରେ ଦଳ ଘରୋଇ ମାଟିରେ ୮ଟି ଟେଷ୍ଟ ଖେଳିଥିବା ବେଳେ ୭ଟିରେ ବିଜୟୀ ହୋଇଛି ଏବଂ ଗୋଟିଏ ମ୍ୟାଚ ବିନା ହାରଜିତରେ ସମାପ୍ତ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାକିଙ୍ଗ୍‌ରେ ୧୨୦ ପଏଣ୍ଟ ସହିତ ଭାରତ ଟେବୁଲ୍ ଶୀର୍ଷରେ ରହିଥିବା ବେଳେ ଆଇସିସି ଟେଷ୍ଟ ଚାମ୍ପିୟନଶିପରେ ମଧ୍ୟ ଶ୍ରେଷ୍ଠତା ବଜାୟ ରଖିଛି। ଶକ୍ତିଶାଳୀ ଅଷ୍ଟ୍ରେଲିଆ ସହିତ ବିଦେଶ ମାଟିରେ ସିରିଜ ବିଜୟ ଦଳ ପାଇଁ ସବୁଠାରୁ ଶ୍ରେଷ୍ଠ ସଫଳତା ଥିଲା। ଦଳଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ ବ୍ୟାଟିଂରେ ଚମକ ଆଣିଥିବା ବେଳେ ବୋଲିଂରେ ମହମ୍ମଦ ଶାମି, ଇଶାନ୍ତ ଶର୍ମା, ଉମେଶ ଯାଦବ, ଯଶପ୍ରୀତ ବୁମରା ଏବଂ ଭୁବନେଶ୍ୱର କୁମାର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘ ବର୍ଷ ବ୍ୟବଧାନରେ ପେସ୍ ବାହିନୀ ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ଟିମ୍ ଇଣ୍ଡିଆକୁ ବିଜୟୀ କରାଇବା ସବୁଠାରୁ ଉଲ୍ଲେଖନୀୟ ଥିଲା। ଇଶାନ୍ତ ଶର୍ମା ଏବଂ ମହମ୍ମଦ ସାମି ଟେଷ୍ଟରେ ୫୮ଟି ଏବଂ ଉମେଶ ଯାଦବ ୪ଟି ଟେଷ୍ଟରୁ ୨୩ଟି ଉଇକେଟ୍ ନେବା ଭାରତୀୟ ପେସ୍ ବୋଲିଂର ଆଧିପତ୍ୟକୁ ସୂଚାଇଥିଲା। ରୋହିତ ଶର୍ମା ୩ଟିଯାକ ଫର୍ମାଟରେ ଆଧିପତ୍ୟ ଜାହିର କରିଥିଲେ। ପ୍ରଥମ ଥର ପାଇଁ ହ୍ୱାଇଟ ବଲ ଅପେକ୍ଷା ରେଡ ବଲ୍ ଫର୍ମାଟରେ ରୋହିତ ଶର୍ମା ଚମକିବାର ଦେଖାଯିବା ଭାରତୀୟ କ୍ରିକେଟ ପାଇଁ ବେଶ ସ୍ମରଣୀୟ ରହିଥିଲା। କ୍ୟାପଟେନ୍ କୁଲ ମହେନ୍ଦ୍ର ସିଂ ଧୋନୀ କ୍ରିକେଟରୁ କିଛି ସମୟ ପାଇଁ ଦୂରେଇ ରହିବା ଦ୍ୱାରା ଯୁବ ଉଇକେଟ୍ କିପର ରିଷଭ ପନ୍ତଙ୍କ ପାଇଁ ଭଲ ସୁଯୋଗ ସୃଷ୍ଟି ହୋଇଥିଲା। ସ୍ପିନର ମାନଙ୍କ ମଧ୍ୟରେ କୁଲଦୀପ ଯାଦବ ଏବଂ ୟୁଜବେନ୍ଦ୍ର ଚହଲଙ୍କ ପ୍ରଦର୍ଶନ ଉତ୍ସାହଜନକ ଥିଲା। ଏକଦିବସୀୟ ମ୍ୟାଚରେ ୪ନଂ ସ୍ଥାନ ପାଇଁ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିବାବେଳେ ଶ୍ରେୟାସ ଆୟାର ପରୀକ୍ଷାର ସମ୍ମୁଖୀନ ହେବା ଏବଂ ସଫଳତା ପାଇବା ଚୟନକର୍ତ୍ତାଙ୍କୁ ବେଶ୍ ଉତ୍ସାହିତ କରିଥିଲା।

୨୦୧୯ରେ ଟିମ୍ ଇଣ୍ଡିଆ ଖେଳିଥିବା ୨୮ଟି ଏକଦିବସୀୟ ମ୍ୟାଚରୁ କେବଳ ୮ଟି ମ୍ୟାଚରେ ପରାସ୍ତ ହୋଇଥିଲା। ସେହିପରି ଆଇସିସି ଏକଦିବସୀୟ ର୍‍ୟାଙ୍କିଙ୍ଗରେ ଦଳ ୨ୟ ସ୍ଥାନରେ ରହିଥିବା ବେଳେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ବିରାଟ କୋହଲି ଏବଂ ରୋହିତ ଶର୍ମା ଶୀର୍ଷରେ ରହିବା ଭାରତୀୟ କ୍ରିକେଟ ପାଇଁ ବେଶ୍ ଶୁଭଦାୟକ ଥିଲା। ସେହିପରି ଯଶପ୍ରୀତ ବୁମରା ବୋଲର ର୍‍ୟାଙ୍କିଙ୍ଗ୍‌ର ପ୍ରଥମ ସ୍ଥାନରେ ରହିବା ମଧ୍ୟ ଭାରତୀୟ ଟିମ୍‌ର ଆଧିପତ୍ୟର ସୂଚନା ଦେଉଛି। ଆଇସିସି ଦିନିକିଆ ବିଶ୍ୱକପ୍ ସେମିଫାଇନାଲରେ ପରାସ୍ତ ହେବା ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ବିଫଳତା ଥିଲା। ଆଇସିସିର ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ୨୦୧୩ ପରଠାରୁ ଭଲ ନାହିଁ। କୌଣସି ଟ୍ରଫି ଜିତିବାକୁ ସକ୍ଷମ ହୋଇ ନ ଥିବା ବେଳେ ବିଶ୍ୱକପ୍‌ର ସ୍ୱପ୍ନ ସ୍ୱାଭାବିକଭାବେ ଅଧୁରା ରହିଛି। ତେଣୁ ୨୦୨୦ ଟି୨୦ ବିଶ୍ୱକପ୍ ଉପରେ ଭାରତୀୟ ଦଳର ନଜର ନିଶ୍ଚିତ ରହିବ। ଟିମ୍ ଇଣ୍ଡିଆ ୨୦୧୮-୧୯ରେ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଏବଂ ୱେଷ୍ଟଇଣ୍ଡିଜ ସହିତ ୧୭ଟି ଟି୨୦ ମ୍ୟାଚ ଖେଳିଥିବା ବେଳେ ମାତ୍ର ୮ଟିରେ ବିଜୟୀ ହୋଇଛି। ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆଠାରୁ ସିରିଜ ହାରିଥିବା ବେଳେ ଦକ୍ଷିଣ ଆଫ୍ରିକା ସହିତ ସିରିଜ ଡ୍ର ରଖିଛି। ତେଣୁ ଭାରତ ଆଗକୁ ଖେଳିବାକୁ ଥିବା ମ୍ୟାଚ ଗୁଡିକ ମଧ୍ୟରେ ଟି୨୦କୁ ଗୁରୁତ୍ୱ ଦେଉଛି।

ଶ୍ରୀଲଙ୍କାର ଭାରତ ଗସ୍ତରୁ ଟିମ୍ ଇଣ୍ଡିଆ ୨୦୨୦ କ୍ରିକେଟ ସିଜନ୍ ଆରମ୍ଭ କରିବାକୁ ଯାଉଛି। ୩ଟି ଟି୨୦ ମ୍ୟାଚ ଖେଳିବା ପାଇଁ ଶ୍ରୀଲଙ୍କା ଦଳ ଭାରତ ଗସ୍ତ ଆରମ୍ଭ କରୁଛି। ଜାନୁୟାରୀ ୫, ୭ ଏବଂ ୧୦ ତାରିଖରେ ଯଥାକ୍ରମେ ଗୁଆହାଟୀ, ଇନ୍ଦୋର ଏବଂ ପୁଣେଠାରେ ଏହି ମ୍ୟାଚଗୁଡିକ ଖେଳାଯିବ। ଏହି ସିରିଜ ପାଇଁ ବିରାଟ କୋହଲି ଅଧିନାୟକ ରୂପେ ମନୋନୀତ ହୋଇଥିବା ବେଳେ ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇଛି। ଆଘାତ ସମସ୍ୟା ଯୋଗୁଁ କିଛି ମାସ ପାଇଁ କ୍ରିକେଟଠାରୁ ଦୂରେଇ ରହିଥିବା ପେସ୍ ବୋଲର ଯଶପ୍ରୀତ ବୁମରା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଇସିସି ଟ୍ରଫି, ନିଦାହାସ ଟ୍ରଫି ଏବଂ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଦ୍ୱିପାକ୍ଷିକ ସିରିଜରେ ଉଭୟ ଦେଶ ପରସ୍ପର ସହିତ ୧୬ଟି ଟି୨୦ ମ୍ୟାଚ ଖେଳିଥିବା ବେଳେ ଟିମ୍ ଇଣ୍ଡିଆ ୧୧ଟି ମ୍ୟାଚରେ ବିଜୟୀ ହୋଇଛି ଏବଂ ଶ୍ରୀଲଙ୍କା ୫ଟି ମ୍ୟାଚ ଜିତିଛି।

୨୦୦୯ରେ ଉଭୟ ଦେଶ ମଧ୍ୟରେ ଟି୨୦ ଆରମ୍ଭ ହୋଇଥିବା ବେଳେ ପ୍ରଥମ ମ୍ୟାଚଟି କଲମ୍ବୋଠାରେ ଖେଳାଯାଇଥିଲା। ଏଥିରେ ଟିମ୍ ଇଣ୍ଡିଆ ୩ ଉଇକେଟ୍‌ରେ ବିଜୟୀ ହୋଇଥିଲା। ସେହିପରି ଶେଷ ଟି୨୦ ମ୍ୟାଚ ୨୦୧୮ ମାର୍ଚ୍ଚ ୧୨ରେ ସେହି କଲମ୍ବୋଠାରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଭାରତ ୬ ଉଇକେଟରେ ବିଜୟୀ ହୋଇଥିଲା। ଶ୍ରୀଲଙ୍କା ବିପକ୍ଷରେ ଟି୨୦ରେ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୨୬୦/୫ ରହିଥିବା ବେଳେ ସର୍ବନିମ୍ନ ସ୍କୋର ୧୦୧ ରନ୍। ସେହିପରି ଶ୍ରୀଲଙ୍କାର ସର୍ବାଧିକ ସ୍କୋର ୨୧୫ରନ୍ ଏବଂ ସର୍ବନିମ୍ନ ୮୨ ରନ୍। ବ୍ୟାଟିଂରେ ଭାରତ ପକ୍ଷରୁ ରୋହିତ ଶର୍ମା ୧୪ ମ୍ୟାଚରୁ ୨୮୯ ରନ୍ କରିଥିବା ବେଳେ ବିରାଟ କୋହଲି ୨୮୩, ଶିଖର ଧାୱନ ୨୦୫ ଏବଂ ଲୋକେଶ ରାହୁଲ ୧୯୬ ରନ୍ କରିଛନ୍ତି। ଶ୍ରୀଲଙ୍କା ପକ୍ଷରୁ ତୁଷାର ପେରେରା ଏବଂ ଥରଙ୍ଗା ସଫଳ ବ୍ୟାଟ୍ସମ୍ୟାନ ରହିଛନ୍ତି। ବୋଲିଂରେ ୟୁଜୁବେନ୍ଦ୍ର ଚହଲ ୫ ମ୍ୟାଚରୁ ୧୪ଟି ଉଇକେଟ ନେଇଛନ୍ତି। ଆଇସିସି ଟି୨୦ ର୍‍ୟାକିଙ୍ଗ୍‌ରେ ଭାରତ ୫ମ ସ୍ଥାନରେ ରହିଥିବା ବେଳେ ଶ୍ରୀଲଙ୍କା ୭ମରେ ସ୍ଥାନ ପାଇଛି। ମୋଟ ୧୨୬ଟି ଟି୨୦ ମ୍ୟାଚ ଖେଳିଥିବା ଟିମ୍ ଇଣ୍ଡିଆ ୭୮ଟିରେ ବିଜୟୀ ଏବଂ ୪୪ଟିରେ ପରାଜିତ ହୋଇଛି। ୩ଟି ମ୍ୟାଚରୁ କୌଣସି ଫଳାଫଳ ମିଳି ନ ଥିବା ବେଳେ ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଛି।

ଆଗାମୀ ସିରିଜରେ ଶ୍ରୀଲଙ୍କା ସହିତ ୩ଟି ଟି୨୦ ସିରିଜ ଖେଳ ଅଭିଯାନ ଆରମ୍ଭ କରିବ ବିରାଟ ବାହିନୀ। ଏହାପରେ ଅଷ୍ଟ୍ରେଲିଆ ସହିତ ୩ଟି ଏକଦିବସୀୟ ଖେଳିବାପରେ ନ୍ୟୁଜିଲାଣ୍ଡ ସହିତ ବିଦେଶରେ ଏକ ସମ୍ପୂର୍ଣ୍ଣ ସିରିଜ (୫ଟି ଟି୨୦, ୩ଟି ଦିନିକିଆ ଏବଂ ୨ଟି ଟେଷ୍ଟ) ଖେଳିବ। ପରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହିତ ୩ଟି ଏକଦିବସୀୟ ମ୍ୟାଚ ଖେଳିବ। ୨୦୧୯ ବର୍ଷ ପରି ୨୦୨୦ ସିଜନ୍ ଟିମ୍ ଇଣ୍ଡିଆ ପାଇଁ ଶୁଭଙ୍କର ଏବଂ ସ୍ମରଣୀୟ ହେବା ଆଶା ରହିଛି।

### ସିରିଜ ସୂଚୀ

ପ୍ରଥମ ଟି୨୦: ଜାନୁୟାରୀ ୫, ଗୁଆହାଟୀ
ଦ୍ୱିତୀୟ ଟି୨୦: ଜାନୁୟାରୀ ୭, ଇନ୍ଦୋର
ତୃତୀୟ ଟି୨୦: ଜାନୁୟାରୀ ୧୦, ପୁଣେ

### ଭାରତ-ଶ୍ରୀଲଙ୍କା (ଟି୨୦)

ମୋଟ ମ୍ୟାଚ: ୧୬
ଭାରତ ବିଜୟୀ: ୧୧
ଶ୍ରୀଲଙ୍କା ବିଜୟୀ: ୫

### ଭାରତୀୟ ଦଳ

ବିରାଟ କୋହଲି (ଅଧିନାୟକ), ଯଶପ୍ରୀତ ବୁମ୍‌ରା, ୟୁଜବେନ୍ଦ୍ର ଚହଲ, ଶିଖର ଧାୱନ, ଶିବମ୍ ଦୁବେ, ଶ୍ରେୟାସ ଆୟାର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମନୀଷ ପାଣ୍ଡେ, ରିଷଭ ପନ୍ତ, ଲୋକେଶ ରାହୁଲ, ନବଦୀପ ସଇନି, ସଞ୍ଜୁ ସାମସନ, ଶାର୍ଦ୍ଦୁଳ ଠାକୁର ଓ ୱାଶିଂଟନ ସୁନ୍ଦର।

### ଶ୍ରୀଲଙ୍କା ଦଳ

ଲସିଥ ମାଲିଙ୍ଗା (ଅଧିନାୟକ), ଦନୁଷ୍କା ଗୁଣତିଲକା, ଅଭିଷ୍କା ଫର୍ନାଣ୍ଡୋ, ଆଞ୍ଜେଲୋ ମାଥ୍ୟୁସ, ଦସୁନ ସନକା, କୁଶଲ ପେରେରା, ନିରୋଶାନ ଡିକ୍‌ୱେଲା, ଧନଞ୍ଜୟ ଡି ସିଲଭା, ଇସୁରୁ ଉଡାନା, ଭାନୁକା ରାଜପାକ୍‌ସା, ଓଶାଡା ଫର୍ନାଣ୍ଡୋ, ୱାନିନ୍ଦୁ ହାସରଙ୍ଗା, ଲାହିରୁ କୁମାରା, କୁଶଲ ମେଣ୍ଡିସ୍, ଲକ୍‌ସାନ ସନ୍ଦକାନା ଓ କାସୁନ ରଜିଥା।




# ଫିଟ୍‌ନେସ ଉପରେ ନଜର

**ଗତ ସେସନରେ ୨୦ଟି ଟୁର୍ନାମେଣ୍ଟରେ ଅଶ୍ୱିନୀ ପୋନାପ୍ପା- ଏନ୍ ସିକ୍କି ରେଡ୍ଡୀ ୧୩ଥର ପ୍ରଥମ ଓ ୩ଥର ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ତେଣୁ ଅଲିମ୍ପିକ୍ ଟିକେଟ ହାସଲ କରିବାକୁ ହେଲେ ଏହି ମହିଳା ଡବଲ୍ସ ଯୋଡିକୁ ଫର୍ମ ସାଙ୍ଗକୁ ଫିଟ୍‌ନେସ ଉପରେ ଆହୁରି ଅଧିକ ଧ୍ୟାନ ଦେବାକୁ ହେବ ...**

ଭାରତୀୟ ମହିଳା ଡବଲ୍ସ ସ୍ପେଶାଲିଷ୍ଟ ତଥା ତାରକା ବ୍ୟାଡମିଣ୍ଟନ ଖେଳାଳି ଅଶ୍ୱିନୀ ପୋନାପ୍ପା ଚଳିତବର୍ଷ ଟୋକିଓରେ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସ ଉପର ନଜର କେନ୍ଦ୍ରୀଭୂତ କରିଛନ୍ତି। ଅଲିମ୍ପିକ୍ସରେ ସାମିଲ ହେବାକୁ ହେଲେ ପ୍ରଥମେ ଏଥିପାଇଁ ଯୋଗ୍ୟତା ହାସଲ କରିବାକୁ ହେବ। ଆଗାମୀ ସିଜନରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ସେ ରହିଛନ୍ତି। ତେବେ ଏଥିପାଇଁ ଫର୍ମ ସାଙ୍ଗକୁ ଫିଟ୍‌ନେସ ଉପରେ ଅଧିକ ଫୋକସ କରିବେ ବୋଲି କହିଛନ୍ତି। ଅଲିମ୍ପିକ୍ ଟିକେଟ ହାସଲ କରିବାକୁ ହେଲେ ଶତପ୍ରତିଶତରୁ ଅଧିକ ଫିଟ୍ ରହିବାକୁ ହେବ। ବ୍ୟାଡମିଣ୍ଟନରେ ଅଲିମ୍ପିକ୍ କ୍ୱାଲିଫିକେଟଶନ ପିରିୟଡ ଆରମ୍ଭ ହୋଇସାରିଛି। ୨୦୧୯ ଏପ୍ରିଲ ୨୯ରୁ ଆରମ୍ଭ ହୋଇ ୨୦୨୦ ଏପ୍ରିଲ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଲିମ୍ପିକ ଯୋଗ୍ୟତା ହାସଲ କରିବାକୁ ହେଲେ ବେଶ୍ ସଂଘର୍ଷ କରିବାକୁ ହେବ। ତେଣୁ ୧୨ ମାସ ଧରି ବିଭିନ୍ନ ପ୍ରତିଯୋଗିତାରେ ସାମିଲ ରହି ସଫଳତା ହାସଲ କରିବାକୁ ହେଲେ ଫିଟ୍‌ନେସ ହାସଲ କରିବା ସହିତ ଏହାକୁ ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ହେବ ବୋଲି ସେ ହୃଦୟଙ୍ଗମ କରିଛନ୍ତି।

ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା ଆଦୌ ସହଜ ନୁହଁ। ତେଣୁ ନିଜ ମହିଳା ଡବଲ୍ସ ପାର୍ଟନର ଏନ ସିକ୍କି ରେଡ୍ଡୀ ସହ ଆଗାମୀ ଏପ୍ରିଲ ୩୦ ଡେଡ ଲାଇନ୍ ପୂର୍ବରୁ ପୋନାପ୍ପାଙ୍କୁ ଅଧିକରୁ ଅଧିକ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିବାକୁ ହେବ। ତେଣୁ ଏଥିପାଇଁ ନିଜର ଶରୀରକୁ ଦୃଢ ଓ ଫିଟ୍ ରଖିବାକୁ ହେବ। ବେସିକ୍ ଡ୍ରିଲ୍ ଉପରେ କାର୍ଯ୍ୟ କରିବା ସହିତ ଏହି ଦୃଢ଼ତା ହାସଲ କରିବାକୁ ପ୍ରୟାସ କରିବେ ବୋଲି ପୋନାପ୍ପା କହିଛନ୍ତି। ଏବେ ଅଶ୍ୱିନୀ ଓ ସିକ୍କି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୪ତମ ସ୍ଥାନରେ ରହିଛନ୍ତି। ଚଳିତ ସିଜନରେ ଏହି ଯୋଡି ନିହାତି ମାମୁଲି ପ୍ରଦର୍ଶନ କରିଛି। ଏହି ସିଜନରେ ୨୦ଟି ଟୁର୍ନାମେଣ୍ଟ ଖେଳି ଅଶ୍ୱିନୀ ଓ ସିକ୍କି ୧୩ଥର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ୩ଥର ଦ୍ୱିତୀୟ ରାଉଣ୍ଡରେ ହାରି ବାଦ୍ ପଡିଛନ୍ତି। ସିକ୍କିଙ୍କ ସହ ମୋର ପାର୍ଟନରଶିପ୍ ସବୁ ବେଳେ ଭଲ ରହିଆସିଛି। ତେବେ ବିଶ୍ୱର ଶ୍ରେଷ୍ଠ ୧୦ ଖେଳାଳିଙ୍କ ବିପକ୍ଷରେ ଆମେ କେତୋଟି ସଂଘର୍ଷପୂର୍ଣ୍ଣ ତଥା ହାଇ ଲେଭଲର ମ୍ୟାଚ୍ ଖେଳିଥିଲୁ। କଷ୍ଟସାଧ ମ୍ୟାଚ୍ ଖେଳି ଆମେ ଦୁର୍ଭାଗ୍ୟଜନକ ଭାବେ ପରାସ୍ତ ହୋଇଥିଲୁ ବୋଲି ଅଶ୍ୱିନୀ କହିଛନ୍ତି। ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଶ୍ୱିନୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ସଫଳତା ହାସଲ କରିବାକୁ ହେଲେ କିଛି ସମୟ ଆବଶ୍ୟକ। ସ୍ୱଳ୍ପ ସମୟର ଅବଧୀରେ ସଫଳତା ମିଳି ନ ଥାଏ। ଖାସ୍ କରି ଡବଲ୍ସରେ ଅଧିକ ସମୟ ଆବଶ୍ୟକ ହୋଇଥାଏ। ପୁଣି ଗତ କେତେବର୍ଷ ହେବ ଡବଲ୍ସ ଖେଳରେ ମଧ୍ୟ ବହୁତ କିଛି ପରିବର୍ତ୍ତନ ଆସିଛି। ବିଶ୍ୱର ପ୍ରାୟ ସବୁ ଯୋଡି ଆଟାକ ଓ ଡିଫେନ୍ସରେ ଭଲ ପ୍ରଦର୍ଶନ କରୁଛନ୍ତି। କିନ୍ତୁ ପୂର୍ବରୁ ଯୋଡିଗୁଡିକ ଆଟାକ କିମ୍ବା ଡିଫେନ୍ସ ଗୋଟିଏରେ ଭଲ ପ୍ରଦର୍ଶନ କରୁଥିଲେ। ଦେଶରେ ମହିଳା ଡବଲ୍ସ ବ୍ୟାଡମିଣ୍ଟନର ଉନ୍ନତି ହେବା ଆବଶ୍ୟକ। ଏଥିପାଇଁ ପ୍ରତିଭା ଚିହ୍ନଟ ଓ ବିକାଶ ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ପୋନାପ୍ପା କହିଛନ୍ତି।


ଅଶ୍ୱିନୀ ପୋନାପ୍ପା

# ଅବସର ସଙ୍କେତ

**ଦେଶର ସଫଳତମ ଟେନିସ ତାରକା ଲିଆଣ୍ଡର ପେସ୍ ଏବେ କ୍ୟାରିୟରର ଅନ୍ତିମ ବର୍ଷରେ ପଦାର୍ପଣ କରିଛନ୍ତି। ୨୦୨୦ରେ ପେସାଦାର ଟେନିସ୍‌ରୁ ଅବସର ନେବା କଥା ଘୋଷଣା କରିଛନ୍ତି ଫଳରେ ଦୀର୍ଘ ୩ ଦଶନ୍ଧିର ତାଙ୍କ ଉଜ୍ଜ୍ୱଳମୟ କ୍ୟାରିୟରର ଅନ୍ତ ହେବା ନିଶ୍ଚିତ ହୋଇଛି...**

କିମ୍ବଦନ୍ତୀ ଭାରତୀୟ ଟେନିସ ଖେଳାଳି ଲିଆଣ୍ଡର ପେସ ଏବେ କ୍ୟାରିୟରର ଅନ୍ତିମ ପର୍ଯ୍ୟାୟରେ ପଦାର୍ପଣ କରିଛନ୍ତି। ନୂଆ ବର୍ଷ ୨୦୨୦ ହେଉଛି ତାଙ୍କ କ୍ୟାରିୟରର ଅନ୍ତିମ ବର୍ଷ। ଅର୍ଥାତ ଏହି ସିଜନ ପରେ ସେ ପେସାଦାର ଟେନିସରୁ ଅନୁଷ୍ଠାନିକ ଭାବେ ଅବସର ନେବେ। ସେ ମଧ୍ୟ ଏ ନେଇ ଆନୁଷ୍ଠିନକ ଭାବେ ଘୋଷଣା କରିଛନ୍ତି। ୧୯୯୧ରୁ ପେସ୍‌ଙ୍କ ପେସାଦାର କ୍ୟାରିୟର ଆରମ୍ଭ ହୋଇଥିଲା। ଦୀର୍ଘ ୩ ଦଶନ୍ଧି ପରେ ଚଳିତ ବର୍ଷ ସେ ଟେନିସରୁ ବିଦାୟ ନେବା ସ୍ପଷ୍ଟ ହୋଇଛି। ୧୯ ବର୍ଷରେ ସେ ପ୍ରଥମଥର ପାଇଁ ଟପ୍- ୧୦୦ରୁ ବାଦ୍ ପଡିଛନ୍ତି। ଅର୍ଥାତ ଅବସର ନେବାର ଏହା ହିଁ ପ୍ରକୃତ ସମୟ ବୋଲି ସେ ହୃଦୟଙ୍ଗମ କରିଛନ୍ତି। ତେବେ ସେ ଏହି ବର୍ଷ ଟୋକିଓ ଅଲିମ୍ପିକ୍ସ ଖେଳିବା ଲକ୍ଷ୍ୟରେ ରହିଛନ୍ତି। ଫଳରେ ସେ ଏକ ମାତ୍ର ଭାରତୀୟ ଓ ବିଶ୍ୱର ଏକମାତ୍ର ଟେନିସ ଖେଳାଳିଭାବେ ରେକର୍ଡ କ୍ରମାଗତ ୭ଟି ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଏକ ବିରଳ ସଫଳତା ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି।

୪୬ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ସେ ନିଜର ଫର୍ମ ଓ ଫିଟ୍‌ନେସକୁ ବଜାୟ ରଖିପାରିଛନ୍ତି। ନିକଟରେ କାଜାଖସ୍ତାନର ନୁର-ସୁଲତାନରେ ଖେଳା ଯାଇଥିବା ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ଜିତାଇବା ସହ ସେ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏହି ଡେଭିସ୍ କପ୍ ଟାଇରେ ଭାରତ ୪-୦ରେ ବିଜୟୀ ହୋଇଥିଲା। ଏଥି ସହିତ ସେ ଡେଭିସ୍ କପ୍‌ରେ ୪୪ତମ ଡବଲ୍ସ ମ୍ୟାଚ୍ ଜିତି ରେକର୍ଡ କରିଛନ୍ତି।

୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ପେସ କ୍ୟାରିୟରରେ ୫୪ଟି ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଅବସର କଥା ଅସ୍ୱୀକାର କରିଆସୁଥିଲେ ମଧ୍ୟ ସେ ଏବେ ଏ ନେଇ ସ୍ପଷ୍ଟ କରିଛନ୍ତି। ଏବେ ଯୁବ ଖେଳାଳିଙ୍କୁ ଆଗକୁ ବଢ଼ିବାର ସମୟ ଆସି ପହଞ୍ଚିଛି। ଯୁବ ଖେଳାଳିଙ୍କୁ ସୃଷ୍ଟି କରିବାର ମଧ୍ୟ ସମୟ ଉପନୀତ ହୋଇଛି। ମୋ ସ୍ଥାନ ଏବେ କୌଣସି ଯୁବ ଖେଳାଳି ନେବା ଉଚିତ ବୋଲି ପେସ୍ ମତ ଦେଇଛନ୍ତି। ଏବେ ନିଜ ଅଭିଜ୍ଞତା ବଳରେ ବିଜୟୀ ହେଉଛି। ଦଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆଉ ଗୋଟିଏ ବର୍ଷରୁ ଅଧିକ ଖେଳିବାକୁ ଚାହୁଁ ନାହିଁ ବୋଲି ପେସ କହିଛନ୍ତି। ମିକ୍ସଡ ଡବଲ୍ସ ଓ ଡବଲ୍ସରେ ପେସ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳାଳି ବିବେଚିତ ହୁଅନ୍ତି। ଜଣେ ସଫଳ କ୍ରୀଡ଼ାବିତ୍ ଭାବେ ସେ ଭାରତର ସବୁ ପୁରସ୍କାର ଜିତି ଭାରତକୁ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠିତ କରାଇଛନ୍ତି। ଅବସର ପରେ ପରୋକ୍ଷ ଭାବେ ସେ ଟେନିସ ସହିତ ଜଡିତ ରହିବେ ଓ ଭାରତୀୟ ଟେନିସର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି।



| Dollar | Sensex | Nifty | Gold | Silver |
|---|---|---|---|---|
| $ 71.38 (16) | 320.62 41,626.64 | 99.70 12,282.20 | ₹38 39,892.00 | ₹21 47,781.00 |



“ ଏୟାର ଇଣ୍ଡିଆର ଘରୋଇକରଣ ବାଦ୍ ସରକାରଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ – **ହରଦୀପ ସିଂ ପୁରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ**



“ ଅଟୋମୋବାଇଲ ଶିଳ୍ପରେ ମାନ୍ଦାବସ୍ଥା ସତ୍ତ୍ୱେ ଅଭିବୃଦ୍ଧି ଧାରାକୁ ବଜାୟ ରଖିବା ନେଇ ପ୍ରୟାସ ଜାରି ରହିଛି – **କୋଇଚିରୁ ହିରାଓ, ସୁଜୁକି ମୋଟରସାଇକେଲ ଇଣ୍ଡିଆ ଏମ୍‌ଡି**

**ସଂକ୍ଷେପରେ**

## କମ୍ ଦାମ୍‌ରେ ଦେଖିହେବ ଅଧିକ ଟିଭି ଚ୍ୟାନେଲ

ନୂଆଦିଲ୍ଲୀ,୨-୧: ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ନୂଆ ବର୍ଷରେ ଗ୍ରାହକଙ୍କ ଲାଗି ନୂଆ ନିୟମ ଆଣିଛି। କେବଲ ଟିଭି ଗ୍ରାହକଙ୍କୁ ଆଶ୍ୱସ୍ତି ଦେବା ଲାଗି ଟ୍ରାଇ ଏଭଳି ନିଷ୍ପତ୍ତି ନେଇଛି। ଚ୍ୟାନେଲ ଲାଗି ଗ୍ରାହକମାନେ ପ୍ରଦାନ କରୁଥିବା ଅର୍ଥ ହ୍ରାସ ହୋଇଥିବାରୁ ଏହା ଦ୍ୱାରା ଗ୍ରାହକ ଲାଭବାନ ହେବେ ବୋଲି କୁହାଯାଉଛି। ୨୦୨୦ ମାର୍ଚ୍ଚ ପହିଲାରୁ ଲୋକଙ୍କୁ ଅଧିକ ଚ୍ୟାନେଲ ଦେଖିବାକୁ ଅଧିକ ଦେୟ ଦେବାକୁ ପଡିବ ନାହିଁ। ୧୩୦ ଟଙ୍କାରେ ଗ୍ରାହକ ୨୦୦ ଚ୍ୟାନେଲ ଦେଖିବାକୁ ସୁବିଧା ପାଇ ପାରିବେ। ୧୨ ଟଙ୍କାରୁ ଅଧିକ ମୂଲ୍ୟର ଚ୍ୟାନେଲ କୌଣସି ବକେଟରେ ଅଂଶ ବିଶେଷ ହେବ ନାହିଁ। ପୂର୍ବରୁ ଗ୍ରାହକ ୧୩୦ ଟଙ୍କାରେ ୧୦୦ ଫ୍ରିଟୁଏୟାର ଚ୍ୟାନେଲ ଦେଖିବାକୁ ପାଉଥିଲେ। ଉକ୍ତ ଦେୟ ସହ ଟିକସ ମିଶାଇବା ପରେ ଏହାର ଦାମ ୧୫୪ ଟଙ୍କା ହେଉଥିଲା। ୧୦୦ ମଧ୍ୟରୁ ୨୬ କେବଳ ପ୍ରସାର ଭାରତୀର ଚ୍ୟାନେଲ ରହିଥିଲା। ସରଳ ଭାବେ କହିବାକୁ ଗଲେ ଡିଟିଏଚ୍ ବ୍ୟବହାର କରୁଥିବା ଗ୍ରାହକ ସେବା ଯୋଗାଣକାରୀଙ୍କୁ ପ୍ରତି ମାସ ନେଟୱର୍କ କାପାସିଟି ଫିସ୍ (ଏନ୍‌ଏଫସି) ବାବଦ ୧୩୦ ଟଙ୍କା ଦେବାକୁ ପଡିବ। ଏହା ଦ୍ୱାରା ୧୦୦ ବାଦ ୨୦୦ ଚ୍ୟାନେଲ ଦେଖିବାକୁ ସୁବିଧା ମିଳିବ।

# ଫ୍ୟାକ୍ଟ୍ରି ଉତ୍ପାଦନରେ ଉନ୍ନତି



- ୭ ମାସର ସର୍ବୋଚ୍ଚ ସ୍ତର ଛୁଇଁଲା ଉତ୍ପାଦନ
- ବାଣିଜ୍ୟ ଆଶା ଏବେ ବି ଦୁର୍ବଳ
- ଡିସେମ୍ବର ପିଏମ୍‌ଆଇ ୫୨.୭% ସ୍ତରରେ

ନୂଆଦିଲ୍ଲୀ,୨-୧

ଦେଶ ମଧ୍ୟରେ ଲାଗି ରହିଥିବା ମାନ୍ଦାବସ୍ଥା ଯୋଗୁ ଫ୍ୟାକ୍ଟ୍ରିଗୁଡିକର କାର୍ଯ୍ୟକଳାପ ପ୍ରଭାବିତ ହେବା ସହ ଉତ୍ପାଦନ ମଧ୍ୟ କମ୍ ରହୁଥିଲା। ହେଲେ ଚଳିତ ବର୍ଷ ଡିସେମ୍ବରରେ ଫ୍ୟାକ୍ଟ୍ରି ଉତ୍ପାଦନରେ ଉନ୍ନତି ପରିଲକ୍ଷିତ ହୋଇଛି। ଏହି ସମୟ ମଧ୍ୟରେ ଉତ୍ପାଦନ ୭ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ଏହା ସତ୍ତ୍ୱେ ଦେଶରେ ବାଣିଜ୍ୟ ଆଶା ଏବେ ମଧ୍ୟ ଦୁର୍ବଳ ରହିଛି। ଅର୍ଥାତ ଭଲ ବାଣିଜ୍ୟ ହେବା ନେଇ ଶିଳ୍ପଜଗତର ଆଶା ପ୍ରଭାବିତ ସ୍ଥିତିରେ ରହିଥିବା ଏକ ରିପୋର୍ଟରେ ଉଲ୍ଲେଖ ରହିଛି। କମ୍ପାନୀଗୁଡିକ ନୂଆ ଅର୍ଡର ଲାଭ କରିବା ଯୋଗୁ ସେମାନଙ୍କ ଉତ୍ପାଦନ ବଢାଇଛନ୍ତି। ଗୁରୁବାର ଏକ ଘରୋଇ ବାଣିଜ୍ୟ ସର୍ଭେ ରିପୋର୍ଟ ଆସିଥିବା ବେଳେ ଏହି ପ୍ରସଙ୍ଗ ଉପରେ ଉଲ୍ଲେଖ ରହିଛି।

ଡିସେମ୍ବରରେ ବାଣିଜ୍ୟ ଆଶା ୩ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ବଜାରର ଚ୍ୟାଲେଞ୍ଜିଂ ସ୍ଥିତିକୁ ନେଇ କମ୍ପାନୀଗୁଡିକ ଏବେ ଚିନ୍ତିତ ଅଛନ୍ତି। ଆଇଏଚ୍‌ଏସ୍ ମାର୍କିଟ ପକ୍ଷରୁ ପ୍ରକାଶ ପାଇଥିବା ନିକେଇ ମାନୁଫାକ୍‌ଚରିଂ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ ଡିସେମ୍ବରରେ ୫୨.୭%କୁ ବୃଦ୍ଧି ଘଟିଛି। ଏହା ଚଳିତ ବର୍ଷ ନଭେମ୍ବରରେ ୫୧.୨% ରହିଥିଲା। ସୂଚକାଙ୍କରେ ଏହି ବୃଦ୍ଧି ଚଳିତବର୍ଷ ମେ ମାସପରଠାରୁ ସର୍ବୋଚ୍ଚ ସ୍ତରରେ ରହିଛି। ଏହା ୫୦% ସ୍ତର ଉଚ୍ଚରେ ରହିଥିବା ବେଳେ ଗତ କିଛି ମାସ ଧରି ଲଗାତର ଭାବେ ନିମ୍ନରେ ରହି ଆସୁଥିଲା। ସୂଚକାଙ୍କରେ ଏଭଳି ଉନ୍ନତିକୁ ନେଇ ନୀତି ନିର୍ଦ୍ଧାରକ ଏବଂ ବଜାର ବିଶେଷଜ୍ଞମାନେ ବେଶ ଆଶାବାଦୀ ରହିଥିବା ଆଇଏଚ୍‌ଏସ୍ ମାର୍କିଟର ପ୍ରମୁଖ ଅର୍ଥନୀତିଜ୍ଞ ପଲିଆନା ଡି ଲିମା କହିଛନ୍ତି।

ଦରଦାମ ବଢିବା ଯୋଗୁ ରିଜର୍ଭ ବ୍ୟାଙ୍କ ଏହାର ରେପୋ ହ୍ରାସ ଧାରାରେ ବିରାମ ଦେଇଥିଲା। ୨୦୧୭ ଫେବୃୟାରୀ ପରଠାରୁ ଫ୍ୟାକ୍ଟ୍ରିଗୁଡିକର ଉତ୍ପାଦନ ପ୍ରଭାବିତ ସ୍ଥିତିରେ ଥିବା ବେଳେ ଏଥିରେ ଉନ୍ନତି ନେଇ ଶିଳ୍ପଜଗତ ଚିନ୍ତା ପ୍ରକଟ କରିଛି। ବଜାର ସ୍ଥିତି, ନିଯୁକ୍ତି ସୃଷ୍ଟିରେ ମନ୍ଥରତା, ୨୦୨୦ର ପ୍ରାରମ୍ଭିକ ସମୟରେ ନିବେଶ ବୃଦ୍ଧି ବିଭିନ୍ନ ପ୍ରସଙ୍ଗ ବଜାର ଉପରେ ପ୍ରଭାବ ଆଣିବ ବୋଲି ଲିମା ମତ ଦେଇଛନ୍ତି।

## ବିଦ୍ୟୁତ ଯୋଗାଣ ହ୍ରାସ ଧାରା ଜାରି

ଦେଶ ମଧ୍ୟରେ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଲଗାତର ଭାବେ ଗତ ୫ ମାସ ହେବ ହ୍ରାସ ଧାରା ଦେଖିବାକୁ ମିଳିଛି। ଡିସେମ୍ବରରେ ଏଭଳି ସ୍ଥିତି ମଧ୍ୟ ଲାଗି ରହିଛି। ମାନ୍ଦାବସ୍ଥା ଯୋଗୁ ଶିଳ୍ପଜଗତର କାର୍ଯ୍ୟକଳାପ କମିବା ଯୋଗୁ ବିଦ୍ୟୁତ୍ ବ୍ୟବହାର କମିଥିବା ସରକାରଙ୍କ ଡାଟାରୁ ଏହା ସାମ୍ନାକୁ ଆସିଛି। ଡିସେମ୍ବରରେ ବିଦ୍ୟୁତ୍ ଯୋଗାଣ ୧୧୧.୯୨ ବିଲିୟନ ୟୁନିଟ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୦୩.୦୪ ବିଲିୟନ ୟୁନିଟ ରହିଥିଲା। ଚଳିତବର୍ଷ ଡିସେମ୍ବରରେ ୧.୧% ହ୍ରାସ ଘଟିଥିବା ଜଣାପଡିଛି ବୋଲି ପାୱାର ସିଷ୍ଟମ ଅପରେଶନ କର୍ପୋରେଶନ ଲିମିଟେଡ (ପୋସୋକୋ) ଡାଟାରୁ ସାମ୍ନାକୁ ଆସିଛି। ଚଳିତବର୍ଷ ନଭେମ୍ବରରେ ବିଦ୍ୟୁତ ଯୋଗାଣ ୪.୨% କମିଥିବା ବେଳେ ଅକ୍ଟୋବରରେ ୧୨.୮% କମିଥିଲା। ଅକ୍ଟୋବରର ହ୍ରାସ ୧୨ ବର୍ଷ ମଧ୍ୟରେ ସର୍ବାଧିକ। ବିଦ୍ୟୁତ୍ ଚାହିଦାକୁ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ କାରଣ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଥାନ୍ତି।

# ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ହାସଲ ହୋଇ ନ ପାରେ

- ଏୟାର ଇଣ୍ଡିଆ, ବିପିସିଏଲ୍, କନକର୍ପ ଅଂଶଧନ ବିକ୍ରି ବିଳମ୍ବ ହେବ

ନୂଆଦିଲ୍ଲୀ,୨-୧

୨୦୧୯-୨୦ ଆର୍ଥିକ ବର୍ଷ ଲାଗି ସରକାର ଧାର୍ଯ୍ୟ କରିଥିବା ୧.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟକୁ ହାସଲ କରି ନ ପାରନ୍ତି। ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍), କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆ (କନକର୍ପ) ଏବଂ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଘରୋଇକରଣ ଲାଗି ଯୋଜନା ରଖିଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଏହା ଶେଷ ହୋଇ ନ ପାରେ। ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଏ ନେଇ ଗୁରୁବାର ସୂଚନା ଦେଇଛନ୍ତି। ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା(ଦୀପମ) ବିଭାଗର ଏହି ଅଧିକାରୀ ଜଣକ କହିଛନ୍ତି ଯେ, ଏହି କମ୍ପାନୀଗୁଡିକର ଅଂଶଧନ ଉପରେ କାର୍ଯ୍ୟକ୍ରମ ଜାରି ରହିଛି। ପ୍ରକ୍ରିୟା ଆରମ୍ଭ ହେବା ପରେ କିଛି ଅସୁବିଧା ସାମ୍ନାକୁ ଆସିବା ପରେ ଏହି ଧାରାରେ ବିଳମ୍ବ ଉପୁଜୁଛି।

ସରକାର ୧.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଲକ୍ଷ୍ୟ ନେଇ ଅଗ୍ରସର ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା କେବଳ ୧୨,୩୫୯ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। ଏହି ସମୟରେ ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟ ଟପି ୧୧୫% ଛୁଇଁଛି। ଏହା ଯୋଗୁ ପୁଞ୍ଜି ପ୍ରତ୍ୟାହାର ଉପରେ ପ୍ରଭାବ ପଡିବକି ନାହିଁ ସେ ଉପରେ କୌଣସି ଉତ୍ତର ରଖିନାହାନ୍ତି।

■ ସୁପ୍ରିମକୋର୍ଟ ଗଲା ମିସ୍ତ୍ରି–ଟାଟାସନ୍ସ ମାମଲା

# ଏନ୍‌ସିଏଲ୍‌ଏଟି ରାୟକୁ ଟାଟା ସନ୍ସର ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨-୧



ଟାଟାସନ୍ସର ଅଧ୍ୟକ୍ଷ ଭାବେ ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରିଙ୍କୁ ଅବସ୍ଥାପିତ କରାଇବା ଲାଗି ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ(ଏନସିଏଲ୍‌ଏଟି) ରାୟ ଦେଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରିବା ଲାଗି ଟାଟା ଗ୍ରୁପକୁ ୧ ମାସ ସମୟ ଦିଆଯାଇଥିଲା। ଏନ୍‌ସିଏଲ୍‌ଏଟି ରାୟ ବିରୋଧରେ ଟାଟାସନ୍ସ ଗୁରୁବାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛି। ଜାନୁୟାରୀରେ ଟିସିଏସ୍‌ର ବୋର୍ଡ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଧ୍ୟାନରେ ରଖି ଏନ୍‌ସିଏଲ୍‌ଏଟିଙ୍କ ରାୟକୁ ସ୍ଥଗିତ କରିବାକୁ ଟାଟା ଗ୍ରୁପ ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ନିବେଦନ କରାଯାଇଛି। ଗତ ୩ ବର୍ଷ ତଳେ ଏକ ବିଦାଦୀୟ ସ୍ଥିତିରେ ସାଇରସ ମିସ୍ତ୍ରିଙ୍କୁ ଟାଟାଗ୍ରୁପର ଅଧ୍ୟକ୍ଷ ପଦବୀରୁ ହଟାଯାଇଥିଲା। ମାତ୍ର ଚଳିତ ବର୍ଷ ଡିସେମ୍ବରରେ ଏନ୍‌ସିଏଲ୍‌ଏଟି ମିସ୍ତ୍ରିଙ୍କୁ ଟାଟା ଗ୍ରୁପ ଅଧ୍ୟକ୍ଷ ପଦବୀରେ ପୁନଃ ଅବସ୍ଥାପିତ କରିବା ଲାଗି ରାୟ ଦେଇଥିଲେ। ଟାଟା ସନ୍ସ ଅଧ୍ୟକ୍ଷ ପଦବୀରେ ଏନ୍ .ଚନ୍ଦ୍ରଶେକରନଙ୍କ ନିଯୁକ୍ତିକୁ ଟ୍ରିବ୍ୟୁନାଲ ବେଆଇନ ବୋଲି ଦର୍ଶାଇଥିଲେ। ଏହି ମାମଲାର ତ୍ୱରିତ ଶୁଣାଣି ଲାଗି ଟାଟା ଗ୍ରୁପ ପକ୍ଷରୁ ମାମଲା ଲଢୁଥିବା ଓକିଲ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ମାତ୍ର ସୁପ୍ରିମକୋର୍ଟ ୬ ଜାନୁୟାରୀରେ ଖୋଲିବ ବୋଲି ଜଣାପଡିଛି। ଏହା ପରେ ଯାଇ ଏହି ମାମଲାର ଶୁଣାଣି ହେବ।

# ମହଙ୍ଗା ହୋଇପାରେ ଜେନେରାଲ ଇନ୍‌ସ୍ୟୁରାନ୍ସ



ନୂଆଦିଲ୍ଲୀ,୨-୧

ଜେନେରାଲ ଇନସ୍ୟୁରାନ୍ସ ବା ସାଧାରଣ ବିମା ନେଉଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ମହଙ୍ଗା ହୋଇପାରେ। ୨୦୨୦ରେ ଜେନେରାଲ ଇନସ୍ୟୁରାନ୍ସ ପ୍ରିମିୟମ ୧୦ରୁ ୧୫% ମହଙ୍ଗା ହେବ ବୋଲି କୁହାଯାଉଛି। ଏହା ହେଲେ ଗ୍ରାହକଙ୍କୁ କାର୍, ସମ୍ପତ୍ତି, କାଜୁଆଲିଟି ବୀମା ନେବା କ୍ଷେତ୍ରରେ ଅଧିକ ପ୍ରିମିୟମ ଦେବାକୁ ପଡିବ। ରି-ଇନସ୍ୟୁରାନ୍ସ ପ୍ରିମିୟମ ବଢିବା ଯୋଗୁ କମ୍ପାନୀଗୁଡିକ ପ୍ରିମିୟମ ବଢାଇବେ ବୋଲି କୁହାଯାଉଛି। ରି-ଇନସ୍ୟୁରାନ୍ସର ପୁନଃନବୀକରଣ ୧ ଜାନୁୟାରୀଠାରୁ ହୋଇଥାଏ। ରି-ଇନସ୍ୟୁରାନ୍ସ କମ୍ପାନୀଗୁଡିକ ପ୍ରିମିୟମ ଦର ବଢାଇଛନ୍ତି। ବୀମା ଦାବିରେ ଲଗାତର ହେଉଥିବା ବୃଦ୍ଧିକୁ ଧ୍ୟାନରେ ରଖି ରି-ଇନସ୍ୟୁରାନ୍ସ କମ୍ପାନୀଗୁଡିକ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି।

# ଟାପାରିଆର ନୂଆ ‘ଟି’ସକେଟ୍ ରେଞ୍ଚ

ନୂଆଦିଲ୍ଲୀ,୨-୧



ଟାପାରିଆ ଟୁଲ୍ସ ପକ୍ଷରୁ ନୂଆ ‘ଟି’ସକେଟ୍ ରେଞ୍ଚ ବଜାରକୁ ଆସିଛି। ଏହାକୁ କ୍ରୋମ ଭାନାଡିୟମ ଷ୍ଟିଲରେ ପ୍ରସ୍ତୁତ କରାଯାଇଛି। ଏହି ନୂଆ ରେଞ୍ଚଟି ଅଧିକ ଦିନ କାର୍ଯ୍ୟ କରିବାକୁ ସୁବିଧା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାବାଦ ଉନ୍ନତ ଗ୍ରିପ ଏବଂ ଲାଇଫ ଏହା ଦ୍ୱାରା ଗ୍ରାହକ ଲାଭ କରିପାରିବେ। ଅଟୋମୋବାଇଲ ରକ୍ଷାଣାବେକ୍ଷଣ, ମୋଟରସାଇକେଲ, ବାଇସାଇକେଲ, ଉଦ୍ୟୋଗ ଯନ୍ତ୍ରାଂଶ ପରିଚାଳନାରେ ଏହାର ବ୍ୟବହାର କରାଯାଇପାରିବ। ଉକ୍ତ ଟୁଲଟି ଉନ୍ନତ ଟର୍କ ଭାଲ୍ୟୁ ଦେବ ବୋଲି କୁହାଯାଇଛି। କମ୍ପାନୀ ଟୁଲ୍ସ ଯୋଗାଣ କ୍ଷେତ୍ରରେ ଏକ ବଜାର ଲିଡର ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛି। ଏହା ସାରା ଦେଶରେ ବିତରଣ ବ୍ୟବସ୍ଥାକୁ ମଧ୍ୟ ଦୃଢ କରିଛି। ଆମେରିକା, ଜର୍ମାନୀ, ସ୍ୱିଡେନ, ଡେନମାର୍କ, ନରୱେ, ଫିନଲାଣ୍ଡ, ଦୁବାଇ, କୁଏଟ୍‌ଭଳି ବିଶ୍ୱର ଅନ୍ୟ ସ୍ଥାନଗୁଡିକୁ ଏହା ଟୁଲ୍ସର ରପ୍ତାନି କରୁଥିବା ସୂଚନା ଦେଇଛି।


## ଜିଲ୍ଲାପାଳ କାର୍ଯ୍ୟାଳୟ, ସମ୍ବଲପୁର

ଇସ୍ତାହାର ସଂଖ୍ୟା: ୧ ତା୦୨।୦୧।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି କି ଏକ ଶିଶୁକନ୍ୟାକୁ ପରିତ୍ୟକ୍ତ ଅବସ୍ଥାରେ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲସ୍ଥିତ ଦକ୍ଷ ଢାବାର ପଛ ପଟରେ କେହି ଜଣେ ବ୍ୟକ୍ତି ପକାଇ ଚାଲିଯାଇଥିଲେ। ତାହାକୁ ଉଦ୍ଧାର କରାଯାଇ ଚାରମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଗଲା ଏବଂ ତା୧୬।୧୨।୨୦୧୯ରେ ଶିଶୁ କଲ୍ୟାଣ ସମିତି, ସମ୍ବଲପୁରରେ ଉପସ୍ଥାପନ କରାଯାଇ ତାଙ୍କ ନିର୍ଦ୍ଦେଶନାମା ୧୪୬୮/୧୬।୧୨।୨୦୧୯ ଅନୁସାରେ ବର୍ତ୍ତମାନ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ ସଂସ୍ଥା, ରୁକ୍ମିଣୀଲାଠ ବାଲନିକେତନ, ଛଚାନପାଲି, ସମ୍ବଲପୁର ଶିଶୁଗୃହରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତାମାତା ତଥା ଆଇନ୍‌ଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋନ୍ ନଂ.- ୦୬୬୩-୨୪୧୨୯୧୪, ଶିଶୁଗୃହ ପ୍ରବନ୍ଧକ, ରୁକ୍ମିଣୀଲାଠ ବାଲନିକେତନ, ଛଚାନପାଲି, ସମ୍ବଲପୁର, ଫୋନ୍ ନଂ.- ୮୮୪୭୮୩୨୦୫୫ ଏବଂ ୯୦୪୦୭୧୬୫୮୬ରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୭ ଅନୁଯାୟୀ ଆଇନତଃ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ଜନ୍ମ ତାରିଖ | ଉଦ୍ଧାର / ଥଇଥାନ ସ୍ଥାନ | ଫଟୋ |
|---|---|---|---|---|---|
| ୧ | ଅଜଣା ଶିଶୁ କନ୍ୟା | ଝିଅ | ୧୬।୧୨।୨୦୧୯ | ସମ୍ବଲପୁର ଜିଲ୍ଲାର ରେଢାଖୋଲ ସ୍ଥିତ ଦକ୍ଷ ଢାବାର ପଛ ପଟରେ |  |

By Order of the Collector, Sambalpur
ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର



## ବରୁଣେଶ୍ୱର ମେଳା ପାଇଁ ବିଜ୍ଞପ୍ତି

ପତ୍ର ସଂଖ୍ୟା.୬୬/୧୯ ତା-୩୧।୧୨।୨୦୧୯

ସମସ୍ତ ଜନସାଧାରଣଙ୍କୁ ଜଣାଯାଉଅଛି ଯେ, ଶ୍ରୀ ଶ୍ରୀ ବାବା ବରୁଣେଶ୍ୱର ମେଳା ଆସନ୍ତା ତା୧୫।୦୧।୨୦୨୦ରିଖ(ବୁଧବାର)ଠାରୁ ତା୨୩।୦୧।୨୦୨୦ରିଖ (ରବିବାର) ପର୍ଯ୍ୟନ୍ତ ଅରେଇସ୍ଥିତ ବରୁଣେଶ୍ୱର ମେଳା ହେବା ନିମନ୍ତେ ସ୍ଥାନ ସଂରକ୍ଷଣ ପାଇଁ ସ୍ଥାନିୟ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରେଇଙ୍କୁ ବରୁଣେଶ୍ୱର କଲ୍ୟାଣମଣ୍ଡପଠାରେ ଆସନ୍ତା ତା୦୬।୦୧।୨୦୨୦ରିଖଠାରୁ ତା୧୦।୦୧।୨୦୨୦ରିଖ ସକାଳ ୯ଘଟିକାରୁ ଅପରାହ୍ନ ୩.୩୦ଘଟିକା ମଧ୍ୟରେ ଯୋଗାଯୋଗ କରି ନିର୍ଦ୍ଧାରିତ ଦେୟ ଦେଇ ରସିଦ ଗ୍ରହଣ କରନ୍ତୁ। ଯୋଗାଯୋଗ ସମୟରେ ପୁରୁଣା ୩ ବର୍ଷର ରସିଦ୍ ଓ ଆଧାରକାର୍ଡ ଆଣିବାକୁ ଜରୁରି ଅଟେ।

ସ୍ୱା./- ସରପଞ୍ଚ, ଅରେଇ ଗ୍ରା.ପ. ସ୍ୱା./- ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅରେଇ ଗ୍ରା.ପ.



**RAMA DEVI WOMEN'S UNIVERSITY, BHUBANESWAR**

No. 0001 Dt. 02.01.2020

**Tender Notice**

Sealed two bid tenders are invited form reputed firms for printing & supply of stationeries with description and with security features of Degree certificate of merit and other certificates for passed out students of this University. The details of the tender process along with the terms and conditions may be obtained from the University Website (www.rdwuniversity.nic.in). The filled in tender paper should reach the Controller of Examinations, **Rama Devi Women's University, Bhoi nagar P.O., Bhubaneswar, Odisha 751022, by 14.01.2020 at 2.00 p.m. positively.** The Tender will be opened on **14.01.2020 at 4.00 p.m.** in the chamber of the Registrar. The University reserves the right to accept/reject any of all the tenders without assigning any reason thereof

S/d
**Controller of Examinations (I/C)**



## ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା

**DISTRICT PROJECT OFFICE, SAMAGRA SHIKSHA, KHORDHA.**

Phone No-06755-223525

No.0I / SSA, FL No-VII/10/2019 Date 01.01.2020

**TENDER CALL NOTICE**

Sealed tenders are invited for Printing and supply of question-cum- blank answer sheet for Summative Assessment-II, 2020 and Report Card pertaining to Class-I to VIII in respect of all Primary and Upper Primary schools (Government & Aided), of Khordha district from, the intending & eligible reputed firms having GST no and PAN, in prescribed Tender Papers alongwith EMD, so as to reach the office of the DPC,SSA Khordha through **Registered Post / Speed Post** only by 5PM on or before dt.24,01.2020, to be opened at 3PM on dt 27.01.2020 in the Office of DPC,SSA, Khordha.

Details available at **www.khordha.nic.in**

Sd./-
Collector Cum Chairman
SSA, Khordha.



See Career Appointment on every Wednesday & Saturday



## ORISSA STATE AIDS CONTROL SOCIETY (OSACS)

(Department of Health & Family Welfare), Government of Odisha

Letter No. IX-OSACS-ART-08/2019-20/38/OSACS Dated: 02.01.2020

**ADVERTISEMENT**

The Orissa State AIDS Control Soceity (OSACS) on behalof of the ART Plus Centre, ART Centres, Facility Integrated (FI)-ART Centres and Link Art Plus Centres invites applications from eligible candidates who are citizens of India to fill-up different category of Posts as per the place of posting mentioned below to be posted on contractual basis for implementation of HIV/AIDS Programme in the State under National AIDS Control Programme (NACP) as per the details mentioned below.

| Sl. No. | Category of Post | Place of Posting | No. of Post | Monthly Consolidated Remuneration (Rs.) |
|---|---|---|---|---|
| 1 | Senior Medical Officer | ART Plus Centre, SCB Medical College, Cuttack | 01 | 45,000/- |
| 2 | Medical Officer | ART Plus Centre, SCB Medical College, Cuttack/ART Centre, MKCG Medical College, Berhampur/Veer Surendra Sai Institute of Medical Sciences & Research (VIMSAR), Burla, Sambalpur/DHH, Angul/ Balangir/Bhadrak/Nabarangpur/Capital Hospital, Bhubaneswar/Rourkela Govt. Hospital, Rourkela/SDH, Bhanjanagar/FI-ART Centre, DHH, Nayagarh/Rayagada | 12 | 36,000/- |
| 3 | Counsellor | ART Centre, DHH, Angul/Balasore/Puri | 03 | 13,000/- |
| 4 | Lab. Technician | ART Centre, MKCG Medical College, Berhampur/DHH, Balangir/Bhadrak/Puri | 04 | 13,000/- |
| 5 | Data Manager | ART Centre, Veer Surendra Sai Institute of Medical Sciences & Research (VIMSAR), Burla, Sambalpur/DHH, Angul/Balasore, Balangir/Capital Hospital, Bhubaneswar | 05 | 13,000/- |
| 6 | Staff Nurse | ART Centre, MKCG Medical College, Berhampur/DHH, Nabarangpur/SDH, Bhanjanagar/FI-ART Centre, DHH, Rayagada/Link ART Centre Plus, CHC, Aska/Khallikote/Polasara | 07 | 13,000/- |
| 7 | Care Coordinator | SDH, Bhanjanagar | 01 | 6,000/- |

Eligible candidates for the above mentioned posts with minimum age limit of 25 years & maximum age limit of 68 years as on 01.12.2019 for the Post of SMO & MO and minimum age limit of 25 years & maximum age limit of 45 years for other category of posts may apply directly to the concerned Nodal Officer of ART Plus Centre, ART Centre & FI-ART Centre and Medical Officer I/C of Link ART Centre Plus through Registered Post/Speed Post only as per the address mentioned in the website by submitting their bio-data and other required documents in the prescribed format within 15 days of publication of advertisement in the newspapers. **The application(s) submitted to Orissa State AIDS Control Society (OSACS), Bhubaneswar office will summarily be rejected without assigning any notice thereof.**

The prescribed format for submission of application, remuneration, qualification, experience, duties & responsibilities, other terms and conditions along with the address to whom apply are available in the website of **www.osacs.nic.in** and **www.orissa.gov.in**. The authority reserves the right to accept/reject any or all application(s) without assigning any reason thereof.

**Sd./- Project Director**

2nd Floor, Oil Odisha Building, Nayapalli, Bhubaneswar, Ph.: (0674) 2395415/2393235, Fax: 2394560
E-mail: orissasacs@gmail.com, sacorissa@sify.com, sacs_orissa@nacoindia.org



## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

ଭୁବନେଶ୍ୱର ରାସ୍ତା ଓ ଗୃହ ବିଭାଜନ ନଂ–୨, ଭୁବନେଶ୍ୱର

E-mail ID: eerb2_bbsr@yahoo.com, Tel.: (0674) 2397694 (O)

**ବିଜ୍ଞପ୍ତି**

No.: - B-503: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଧଉଳି-ସୁନ୍ଦରପଦା ବାଇପାସ୍ ରାସ୍ତାର ୩.୨୦ କି.ମି.ଠାରେ ଦୟାନଦୀ ଉପରେ ନିର୍ମାଣାଧୀନ ସେତୁର ଇଟିପୁର ପାର୍ଶ୍ୱରେ ନିର୍ମାଣ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସିଧାସଳଖ କ୍ରୟ କରିବାର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି।

ଉକ୍ତ ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଭୁକ୍ତ ଗୋବର୍ଦ୍ଧନପୁର ମୌଜାର ବେସରକାରୀ ଜମିର ଆବଶ୍ୟକତା ଅଛି। ଉକ୍ତ ଜମିର ମାଲିକାନା ସ୍ୱତ୍ୱ ଭୁବନେଶ୍ୱର ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଅଛି ଏବଂ ତାହା ନିମ୍ନମତେ ଦର୍ଶାଯାଇଅଛି। ଉକ୍ତ ଜମିଗୁଡ଼ିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା – ୪୦୩୦, ତା୦୭।୦୨।୨୦୧୪, ସଂଖ୍ୟା–୧୦୨୪୧, ତା୩୧।୦୩।୨୦୧୪, ସଂଖ୍ୟା– ୨୮୪୭, ତା୨୭।୦୧।୨୦୧୬, ସଂଖ୍ୟା – ୧୦୮୧୧, ତା୦୫।୦୪।୨୦୧୬ ଏବଂ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ର ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ, ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ, ନଂ–୨, ଭୁବନେଶ୍ୱରଙ୍କ ଦ୍ୱାରା ଜମି ମାଲିକଙ୍କଠାରୁ ସିଧାସଳଖ କ୍ରୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି।

ଏହି ବିଜ୍ଞପ୍ତି ଦ୍ୱାରା ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ପତିତା ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜିତ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ବି.ଦ୍ର.: ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଠିକଣା: ନିର୍ବାହୀ ଯନ୍ତ୍ରୀ, ଭୁବନେଶ୍ୱର ରାସ୍ତା ଓ ଗୃହ ବିଭାଜନ, ନଂ.–୨, ଭୁବନେଶ୍ୱର।**

**ବେସରକାରୀ ଜମି ସମ୍ବନ୍ଧୀୟ ବିବରଣୀ:**

| ଗ୍ରାମର ନାମ | କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | ମୋଟ ଜମିର ପରିମାଣ | କ୍ରୟ କରିବାକୁ ଥିବା ଜମିର ପରିମାଣ | କିସମ | ଜମି ମାଲିକଙ୍କ ନାମ ଓ ଠିକଣା |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋବର୍ଦ୍ଧନପୁର | ୧ | ୧୬୮ | ୪୨୪ | ଏ୦.୦୫୫ | ଏ୦.୦୧୫ | ବିଆଳି/ ଦୋଫସଲି | ଶ୍ରୀ ଲକ୍ଷ୍ମୀଧର ପରିଡ଼ା, ପି. ରଙ୍ଗଣୀ ପରିଡ଼ା, ଗ୍ରାମ– ରାଧାମୋହନପୁର |
| ଗୋବର୍ଦ୍ଧନପୁର | ୨ | ୨୨୧/୩୩ | ୪୨୫ | ଏ୦.୧୫୫ | ଏ୦.୦୩୦ | ବିଆଳି/ ଦୋଫସଲି | ଶ୍ରୀ ସହଦେବ ପରିଡ଼ା, ପି.– ଭ୍ରମର ପରିଡ଼ା, ଗ୍ରାମ– ରାଧାମୋହନପୁର |
| ଗୋବର୍ଦ୍ଧନପୁର | ୩ | ୪୫ | ୪୨୬ | ଏ୦.୩୨୫ | ଏ୦.୩୧୪ | ବିଆଳି/ ଦୋଫସଲି | ଶ୍ରୀ ଜୟକୃଷ୍ଣ ପରିଡ଼ା, ପି.– ବାଞ୍ଛାନିଧି ପରିଡ଼ା, ଗ୍ରାମ– ରାଧାମୋହନପୁର |
| ଗୋବର୍ଦ୍ଧନପୁର | ୪ | ୧୫୧ | ୪୨୭ | ଏ୦.୨୬୫ | ଏ୦.୧୨୪ | ବିଆଳି/ ଦୋଫସଲି | ଶ୍ରୀ ମୁରଲିଧର ସ୍ୱାଇଁ, ପି.– ଶ୍ରୀଧର ସ୍ୱାଇଁ, ଗ୍ରାମ– ରାଧାମୋହନପୁର |
| | | | | | ଏ୦.୪୮୩ | | |

34088/11/0008/1920

ସ୍ୱା./– ଇଂ. ବି. ଜଗବନ୍ଧୁ ରାଓ, ନିର୍ବାହୀ ଯନ୍ତ୍ରୀ, ଭୁବନେଶ୍ୱର ରାସ୍ତା ଓ ଗୃହ ବିଭାଜନ ନଂ.–୨

# ଶୃଙ୍ଖଳିତ ସୈନିକ ସୁନୀତା

ଭୁବନେଶ୍ୱର, ୨।୧(କ୍ରୀଡ଼ା ପ୍ରତିନିଧି)

ଆଘାତଜନିତ ସମସ୍ୟା ଯୋଗୁ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି ଭାରତୀୟ ମହିଳା ହକି ଦଳର ତାରକା ଡିଫେଣ୍ଡର ଓଡ଼ିଶାର ସୁନୀତା ଲାକ୍ରା। ବର୍ଷ ପ୍ରାରମ୍ଭରେ ତାଙ୍କର ଏହି ନିଷ୍ପତ୍ତି ହକି ଜଗତରେ ନିରାଶା ଖେଳାଇ ଦେଇଛି। ଆଣ୍ଠୁରେ ଦ୍ୱିତୀୟ ଅସ୍ତ୍ରୋପଚାରର ଆବଶ୍ୟକତା ଏବଂ ସେଥିରୁ ସୁସ୍ଥ ହେବାନେଇ ସମୟସୀମା ସମ୍ପର୍କରେ ସନ୍ଦିହାନ ଥିବାରୁ ସେ ଅବସର ନେବାକୁ ବାଧ୍ୟ ହେଲେ ବୋଲି ଭାବବିହ୍ୱଳ କଣ୍ଠରେ ପ୍ରକାଶ କରିଛନ୍ତି ଭାରତୀୟ ଦଳର ଏହି ପୂର୍ବତନ ଅଧିନାୟିକା। ତେବେ ସୁସ୍ଥ ହେବାପରେ ସେ ଘରୋଇ ହକି ଓ ନିଯୁକ୍ତିଦାତା ନାଲ୍‌କୋ ପକ୍ଷରୁ ଖେଳିବା ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। କ୍ୟାରିୟରରେ ୧୫୬ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ ହେଁ ଜୀବନରେ କେବେହେଲେ ରେଡ୍ କାର୍ଡ ପାଇ ନ ଥିଲେ ସୁନୀତା । ତେଣୁ ସେ ଭାରତୀୟ ମହିଳା ଦଳର କ୍ୟାପ୍‌ଟେନ୍ କୁଲ୍ ଏବଂ ଶୃଙ୍ଖଳିତ ସୈନିକଭାବେ ବିଶେଷ ପରିଚିତ ଥିଲେ।

## ଓଡ଼ିଶା ପାଇଁ କିଛି କରିବାକୁ ଇଚ୍ଛା

ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇବା ସମୟରେ ସାଥୀ ଖେଳାଳି, ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ଓ ଟିମ୍‌ର ସପୋର୍ଟ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି ସୁନୀତା। ଆହତ ସମୟରେ ମୋତେ ଚିକିତ୍ସା ଯୋଗାଇ ଦେବା ସହ ମହିଳା ହକିକୁ ଅତୁଳନୀୟ ସମର୍ଥନ କରିଥିବାରୁ ହକି ଇଣ୍ଡିଆକୁ ହୃଦୟରୁ ଧନ୍ୟବାଦ। ଏଥିସହ କ୍ରୀଡ଼ା ଓ ଯୁବସେବା ବିଭାଗ (ଭାରତ ସରକାର), ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସହିତ ସର୍ବଦା ଆମକୁ ପ୍ରୋତ୍ସାହିତ କରିବା ସହ ସମର୍ଥନ ପ୍ରଦାନ କରିଥିବାରୁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ଓଡ଼ିଶାରେ ମୋ ପରିବାର, ସ୍ୱାମୀ ଓ ବନ୍ଧୁମାନେ ମୋର ସବୁଠାରୁ ଶକ୍ତିଶାଳୀ ସମର୍ଥକ। ହକିରେ ମୋର ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ସହାୟତା କରିଥିବାରୁ ସେମାନଙ୍କୁ ମଧ୍ୟ ଧନ୍ୟବାଦ ଦେବାକୁ ଚାହିଁବି। ସେମାନଙ୍କ ପ୍ରୋତ୍ସାହନ ବିନା ମୁଁ ଏତେ ବାଟ ଆସିପାରି ନ ଥାନ୍ତି ବୋଲି ଭାରତୀୟ ମହିଳା ହକିର ଏହି ଅଭିଜ୍ଞ ଖେଳାଳି କହିଛନ୍ତି। ୨୦୦୯ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ସୁନୀତା ଭାରତ ପକ୍ଷରୁ ୧୫୬ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ସହ ମିଶି ରାଜ୍ୟ ହକି ପାଇଁ କିଛି କରିବାକୁ ତାଙ୍କ ଇଚ୍ଛା ବୋଲି ପ୍ରକାଶ କରିଛନ୍ତି। ଓଡ଼ିଶା ସରକାର ହକି ପାଇଁ ଅନ୍ତର୍ଜାତୀୟ ସ୍ତରର ଭିତ୍ତିଭୂମି ଉପଲବ୍ଧ କରାଇଛନ୍ତି। ତେବେ ସେ ଓଡ଼ିଶାରେ ଗୋଟିଏ ହେଲେ ଅନ୍ତର୍ଜାତୀୟ ମ୍ୟାଚ ଖେଳିପାରି ନ ଥିବାରୁ ଅବସୋସର ସହ ବିଦାୟ ନେଉଛନ୍ତି ବୋଲି କହିଛନ୍ତି।

## ପ୍ରାରମ୍ଭିକ ଜୀବନ

୧୯୯୧ ଜୁନ ୧୧ରେ ରାଜଗାଙ୍ଗପୁର କୁକୁଡ଼ା ପଞ୍ଚାୟତର କେଶରାମାହାଲଠାରେ ସୁନୀତାଙ୍କ ଜନ୍ମ। ତାଙ୍କ ବାପା ଜଣେ କୃଷକ। ୬ ବର୍ଷର ହୋଇଥିବାବେଳେ ସୁନୀତାଙ୍କୁ ରାଉରକେଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ(ସାଇ)କୁ ହକି ଶିଖିବା ପାଇଁ ପଠାଯାଇଥିଲା। ସୁନୀତାଙ୍କ ସମ୍ପ୍ରଦାୟର ଅଧିକାଂଶ ବାଳିକା ବାଳକ କ୍ୟାରିୟର ଆରମ୍ଭରେ ପ୍ରାୟତଃ ଫୁଟବଲ ଖେଳିଥାନ୍ତି। ମାତ୍ର ସୁନୀତା ବାପାଙ୍କ ହୃଦ୍‌ବୋଧ ହୋଇଥିଲା ଯେ ଫୁଟବଲ ଏକ ବିପଜ୍ଜନକ ଖେଳ, ତେଣୁ ସେ ଝିଅକୁ ହକିରେ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୮ ଡିସେମ୍ବର ୨୯ରେ ସୁନୀତା ଓଡ଼ିଶା ପୋଲିସରେ କାର୍ଯ୍ୟରତ ଦୀପକ ଟପ୍ପୋଙ୍କୁ ବିବାହ କରିଥିଲେ।

## କ୍ୟାରିୟର

ସୁନୀତା ୨୦୦୯ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେହି ଦିନଠାରୁ ସେ ଭାରତୀୟ ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଥିଲେ। ଏସିଆନ ଗେମ୍ସ, ହକି ୱାର୍ଲ୍ଡ ଲିଗ୍ ରାଉଣ୍ଡ-୨ ଆଦି ଅନେକ ପ୍ରତିଯୋଗିତାରେ ଭାରତୀୟ ଦଳର ସଦସ୍ୟା ରହିଥିବା ସୁନୀତା ୨୦୧୫ରେ ହକ୍ସ ବେ କପ୍‌ର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ କ୍ୟାରିୟରର ୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ୨୦୧୭ରେ ସେହି ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ମ୍ୟାଚ ଖେଳି ସେ ଅନ୍ତର୍ଜାତୀୟ ମ୍ୟାଚରେ ଶତକ ପୂରଣ କରିଥିଲେ। ୫ ମ୍ୟାଚ ବିଶିଷ୍ଟ ସିରିଜର ଏହା ତୃତୀୟ ମ୍ୟାଚ ଥିଲା। ସ୍ଥିର ପ୍ରଦର୍ଶନ ଜାରି ରଖିଥିବାରୁ ୧୭ତମ ଏସିଆନ ଗେମ୍ସ ଓ ରିଓ ଅଲିମ୍ପିକ୍ସରେ ଭାରତୀୟ ଦଳପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ୨୦୧୭ ଅଗଷ୍ଟରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ବିଜେତା ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଭାରତ ଫାଇନାଲରେ ଚାଇନାକୁ ପରାସ୍ତ କରିଥିଲା। ସେହିବର୍ଷ ସେପ୍ଟେମ୍ବର ୫ରୁ ଆରମ୍ଭ ହୋଇଥିବା ୧୫ ଦିନିଆ ୟୁରୋପିଆନ ଟୁର୍ ପାଇଁ ସେ ଭାରତୀୟ ଦଳରେ ସାମିଲ ହୋଇଥିଲେ। ୨୦୧୮ରେ କୋରିଆର ଡନ୍‌ଘେ ସିଟିରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ଦଳର ନେତୃତ୍ୱ ନେଇ ଓଡ଼ିଶାକୁ ଗର୍ବିତ କରିଥିଲେ ସୁନୀତା। ଏଥିରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହା ବ୍ୟତୀତ ଲଣ୍ଡନରେ ୨୦୧୮ ଜୁଲାଇ ୨୧ରୁ ଅଗଷ୍ଟ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହକି ବିଶ୍ୱକପର ୧୪ତମ ସଂସ୍କରଣରେ ଖେଳିବାର ଗୌରବ ଲାଭ କରିଥିଲେ ଏହି ଓଡ଼ିଆ ମହିଳା ହକି ତାରକା।



### ଅଲିମ୍ପିକ୍ସ ପାଇ ଶୁଭେଚ୍ଛା

ନୂଆ ବର୍ଷ ଆରମ୍ଭରେ ମୁଁ ଦୁଃଖର ସହିତ ଅନ୍ତର୍ଜାତୀୟ ହକିରୁ ବିଦାୟ ନେଉଥିଲେ ହେଁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଉଛି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ଏକ ପଦକ ଜିତୁ ବୋଲି ମୋର ଇଚ୍ଛା। ଭାରତୀୟ ଦଳର ଏହି ଅଭିଯାନରେ ସାମିଲ ହୋଇ ପାରୁ ନ ଥିବାରୁ ମୁଁ ଅନେକ କିଛି ମିସ୍ କରିବି। ମାତ୍ର ଆଗାମୀ ମେଗା ପ୍ରତିଯୋଗିତାରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ଥିବା ସୁନୀତା କହିଛନ୍ତି।

### ସଂକ୍ଷେପରେ ସୁନୀତା

ନାମ: **ସୁନୀତା ଲାକ୍ରା**
ମା': ଶାନ୍ତିପ୍ରଭା ଲାକ୍ରା, ବାପା: ଆଲବିସ ଲାକ୍ରା
ଜନ୍ମ: ୧୧ ଜୁନ ୧୯୯୧, କେଶରାମାହାଲ, ରାଜଗାଙ୍ଗପୁର
ପୋଜିଶନ: ଡିଫେଣ୍ଡର
ଅନ୍ତର୍ଜାତୀୟ ପଦାର୍ପଣ: ୨୦୦୯
ଅବସର: ୨୦୨୦ ଜାନୁୟାରୀ ୨
ମ୍ୟାଚ୍: ୧୫୬
ନେତୃତ୍ୱ: ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫି

**ସଫଳତା**
୨୦୧୪: ଇଞ୍ଚିୟନ ଏସିଆନ ଗେମ୍ସରେ ବ୍ରୋଞ୍ଜ
୨୦୧୫: କ୍ୟାରିୟରର ୫୦ତମ ଅନ୍ତର୍ଜାତୀୟ ମ୍ୟାଚ
୨୦୧୬: ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ
୨୦୧୭: ମହିଳା ଏସିଆ କପ୍‌ରେ ସ୍ୱର୍ଣ୍ଣ, କାକାମିଗାହାରା, ଜାପାନ
୨୦୧୭: କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ
୨୦୧୮: ଭାରତୀୟ ଦଳର ଅଧିନାୟିକା ନିଯୁକ୍ତ
୨୦୧୮: ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ
୨୦୧୮: ମହିଳା ହକି ବିଶ୍ୱକପରେ ଅଂଶଗ୍ରହଣ, ଲଣ୍ଡନ
୨୦୧୮: ଜାକର୍ତ୍ତା ଏସିଆନ ଗେମ୍ସରେ ରୌପ୍ୟ
୨୦୧୯: କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ
୨୦୧୯: ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଚାମ୍ପିୟନ, ହିରୋସିମା, ଜାପାନ

# କେରଳ, ତାମିଲନାଡୁ ଚାମ୍ପିୟନ

### ଜାତୀୟ ସିନିୟର ଭଲିବଲ ଉଦ୍‌ଯାପିତ

ଭୁବନେଶ୍ୱର, ୨।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ହଲ୍‌ରେ ୬୮ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଗୁରୁବାର ଶେଷ ହୋଇଛି। ଏହାର ମହିଳା ବିଭାଗରେ କେରଳ ଓ ପୁରୁଷରେ ତାମିଲନାଡୁ ଚାମ୍ପିୟନ ହୋଇଛି। ମହିଳା ଫାଇନାଲରେ କେରଳ ୩-୦ ସେଟ୍‌ରେ ରେଲୱେକୁ ପରାସ୍ତ କରିଛି। ମହାରାଷ୍ଟ୍ର ତୃତୀୟ ଓ ପଶ୍ଚିମବଙ୍ଗ ୪ର୍ଥ ସ୍ଥାନ ଅଧିକାର କରିଛି। ପୁରୁଷ ଫାଇନାଲରେ ତାମିଲନାଡୁ ୩-୧ ସେଟ୍‌ରେ ରେଲୱେକୁ ହରାଇ ଦେଇଛି। କେରଳ ତୃତୀୟ ଓ କର୍ଣ୍ଣାଟକ ୪ର୍ଥ ସ୍ଥାନ ପାଇଛି। ଚଳିତମାସ ୭ରୁ ୧୨ ପର୍ଯ୍ୟନ୍ତ ଚାଇନାର ଜିଆଙ୍ଗମେନ୍‌ଠାରେ ହେବାକୁ ଥିବା ଏସିଆନ ପୁରୁଷ ଟୋକିଓ ଯୋଗ୍ୟତା ପର୍ଯ୍ୟାୟ ଭଲିବଲ ଟୁର୍ନାମେଣ୍ଟରେ ଭାରତୀୟ ପୁରୁଷ ଦଳ ଭାଗନେବ। ତେଣୁ ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଭାରତୀୟ ଭଲିବଲ ଦଳ ମନୋନୟନ ହୋଇଛି। ଏହି ଅବସରରେ ଭାରତୀୟ ଦଳର ଜର୍ସି ମଧ୍ୟ ଉନ୍ମୋଚନ କରାଯାଇଛି।

ସିନିୟର ମହିଳା ଭଲିବଲ୍ ଚାମ୍ପିୟନଶିପ୍ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ପୁରୁଷ ଭଲିବଲ୍ ଚାମ୍ପିୟନଶିପ୍‌ରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା, ଏମ୍‌ପି ତଥା ଆୟୋଜକ କମିଟି ସଭାପତି ଅଚ୍ୟୁତ ସାମନ୍ତ, ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସାଧାରଣ ସମ୍ପାଦକ ରାମ ଅବତାର ସିଂ ଜାଖର, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଓ କମିଶନର ବିଶାଲ କୁମାର ଦେବ, ଭିଏଫ୍‌ଆଇ କାର୍ଯ୍ୟନିର୍ବାହୀ ଉପସଭାପତି ରାଜ୍ କୁମାର, ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତଥା ଭିଏଫ୍‌ଆଇ ଉପସଭାପତି ରମନ୍ନା ରାଓ, ଭିଏଫ୍‌ଆଇ ଉପସଭାପତି ତଥା କଣ୍ଟ୍ରୋଲ କମିଟି ଚେୟାରମ୍ୟାନ ରଥିନ ରୟ ଚୌଧୁରୀ, ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ପୂର୍ବତନ ଅନ୍ତର୍ଜାତୀୟ ଭଲିବଲ୍ ଖେଳାଳି ତଥା ଅର୍ଜୁନ ପୁରସ୍କାର ବିଜେତା ଦଲେଲ୍ ସିଂ, ରେଲୱେ ସ୍ପୋର୍ଟ୍ସର ପି. ସି. ଲୋଚକ, ଆୟୋଜକ ସମ୍ପାଦକ ତଥା କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଏବଂ ଓଡ଼ିଶା ଭଲିବଲ୍ ଆସୋସିଏଶନର ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ।

### ଭାରତୀୟ ଭଲିବଲ ଦଳ ଘୋଷିତ



ଖେଳାଳିଙ୍କ ଉପସ୍ଥିତିରେ ଅତିଥିମାନେ ଭାରତୀୟ ଦଳର ଜର୍ସି ଉନ୍ମୋଚନ କରୁଛନ୍ତି।

### ଅଚ୍ୟୁତ ମୁଖ୍ୟ ପୃଷ୍ଠପୋଷକ

କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭାରତୀୟ ଭଲିବଲ ଫେଡେରେଶନର ମୁଖ୍ୟ ପୃଷ୍ଠପୋଷକ ମନୋନୀତ ହୋଇଛନ୍ତି। ଗୁରୁବାର ୬୮ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ ଉଦ୍‌ଯାପନୀ ଉତ୍ସବରେ ଫେଡେରେଶନର ମହାସଚିବ ରାମଅବତାର ସିଂହ ଜାଖର ଏହା ଘୋଷଣା କରିଛନ୍ତି। ଭାରତୀୟ ଭଲିବଲ ଫେଡେରେଶନ କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି ପରେ ଅଚ୍ୟୁତଙ୍କୁ ଫେଡେରେଶନର ମୁଖ୍ୟ ପୃଷ୍ଠପୋଷକ ଘୋଷଣା କରାଯାଇଛି। ତାଙ୍କ ପୃଷ୍ଠପୋଷକତାରେ ଭାରତୀୟ ଭଲିବଲ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ନୂତନ କୀର୍ତ୍ତିମାନ ସ୍ଥାପନ କରିବ ବୋଲି ଜାଖର କହିଛନ୍ତି। ଏଥିରେ ଖୁସି ବ୍ୟକ୍ତ କରିବା ସହ ଭାରତୀୟ ଦଳ ଅଲିମ୍ପିକ୍ସରେ କିଭଳି ସଫଳତା ହାସଲ କରିବ ସେ ଦିଗରେ ଚେଷ୍ଟା କରିବେ ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି।

# ନୂଆବର୍ଷରେ ବିଜୟରୁ ଅଭିଯାନ ଆରମ୍ଭ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

### ଇଣ୍ଡିଆନ ସୁପର ଲିଗ୍

ଭୁବନେଶ୍ୱର,୨।୧(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି ଘରୋଇ ଷ୍ଟାଡିୟମ କଳିଙ୍ଗ ଷ୍ଟାଡିୟମରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। କଳିଙ୍ଗରେ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ଜାମସେଦପୁର ଏଫ୍‌ସିକୁ ୨-୧ ଗୋଲରେ ହରାଇଥିଲା। ତେବେ ଆସନ୍ତା ୬ ତାରିଖରେ ଓଡ଼ିଶା କଳିଙ୍ଗରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସିକୁ ଭେଟି। ଫଳରେ ନୂଆବର୍ଷରେ ଦମ୍‌ଦାର ପ୍ରଦର୍ଶନ କରି ଓଡ଼ିଶା ବିଜୟରୁ ଆଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ସୋମବାର ସନ୍ଧ୍ୟା ୭.୩୦ ମିନିଟ୍‌ରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଚେନ୍ନାଇନ୍ ବିପକ୍ଷ ମ୍ୟାଚ୍ ମଧ୍ୟ ବେଶ୍ ରୋମାଞ୍ଚକ ହେବ। ଏହି ମ୍ୟାଚ୍ ଜିତି ବିଜୟଧାରକୁ ଆଗକୁ ବଢ଼ାଇବା ସହ ଅଧିକ ପଏଣ୍ଟ ହାସଲ କରବା ଲକ୍ଷ୍ୟରେ ଏହି ମ୍ୟାଚ୍‌ରେ ଓଡ଼ିଶାକୁ ଆହୁରି ଦର୍ଶକଙ୍କ ସମର୍ଥନ ମିଳିବ ବୋଲି ଆଶା କରାଯାଉଛି।

ପ୍ରଥମ ମ୍ୟାଚ୍‌ରେ ଦର୍ଶକ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ଓ ଆମେ ମଧ୍ୟ ମ୍ୟାଚ୍ ଜିତିଥିଲୁ। ପରବର୍ତ୍ତୀ ମ୍ୟାଚ୍‌ରେ ଆହୁରି ଅଧିକ ଦର୍ଶକ ଉପସ୍ଥିତ ରହିବେ ବୋଲି ବିକ୍ରମଜିତ୍ ଆଶା ପ୍ରକାଶ କରିଛନ୍ତି। ଫଳରେ ଦଳ ମଧ୍ୟ ଆହୁରି ଭଲ ପ୍ରଦର୍ଶନ କରିବ। ବିଜୟ ମଧ୍ୟ ଘରୋଇ ଦର୍ଶକଙ୍କୁ ଉତ୍ସାହିତ କରିଛି। ଚେନ୍ନାଇନ ବିପକ୍ଷରେ ସବୁ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିବେ ଓ ଓଡ଼ିଶା ବିଜୟୀ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ବିକ୍ରମଜିତ ସିଂ





ଜୋସେଫ୍ ଗୋମ୍ବାଉ

ଗତ ମ୍ୟାଚ୍‌ରେ ୯ ହଜାର ଦର୍ଶକଙ୍କ ଉପସ୍ଥିତିରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରିଥିଲା ଓ ଜାମସେଦପୁରକୁ ଚକ୍‌ମା ଦେଇଥିଲା। ଓଡ଼ିଶା ଏଫ୍‌ସି ହେଡ୍ କୋଚ୍ ଜୋସେଫ୍ ଗୋମ୍ବାଉ ଦଳର ପ୍ରଦର୍ଶନରେ ବେଶ୍ ଖୁସି ଜାହିର କରିଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ଦଳ ଏହି ପ୍ରଦର୍ଶନ ଜାରି ରଖିବାକୁ ସେ ଆଶା କରିଛନ୍ତି। ଘରୋଇ ଷ୍ଟାଡିୟମରେ ଦଳ ପ୍ରଥମ ମ୍ୟାଚ୍ ଜିତିବା ସନ୍ତୋଷଜନକ ବୋଲି ସେ କହିଛନ୍ତି। ରହିଛୁ ବୋଲି ସେ କହିଛନ୍ତି।

ଚେନ୍ନାଇରେ ଓଡ଼ିଶା ଓ ଚେନ୍ନାଇନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଦୁଇଥର ଆଇଏସ୍‌ଏଲ ଟାଇଟଲ ଜିତିଥିବା ଚେନ୍ନାଇନକୁ ହରାଇ ଓଡ଼ିଶା ତା'ର ସ୍ଥିତି ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି। ୨୦୧୭-୧୮ ସିଜନରେ ଓଡ଼ିଶା ମିଡ୍‌ଫିଲ୍ଡର ବିକ୍ରମଜିତ ସିଂ ଚେନ୍ନାଇନ ସହିତ ଟାଇଟଲ ଜିତିଥିଲେ।

# ଫାଇନାଲରେ ସହିଦ ସ୍ପୋର୍ଟିଂ

ଭୁବନେଶ୍ୱର,୨।୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଂ ପଡ଼ିଆରେ ଚାଲିଥିବା ସିଦ୍ଧାର୍ଥ ସ୍ମାରକୀ ୧୩ ବର୍ଷରୁ କମ୍ କ୍ରିକେଟ ଲିଗ୍‌ରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ୬୮ ରନ୍‌ରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ଧାର୍ଯ୍ୟ ୩୦ ଓଭରରେ ୫ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଦଳ ପାଇଁ ଶାଶ୍ୱତ ରାଉତ ୩୮ ଓ ଦିବ୍ୟଜ୍ୟୋତି ଦାସ ପଟ୍ଟନାୟକ ୩୨ ରନ୍ କରିଥିଲେ। ବୋଲିଂରେ ଦୀପ୍ତାଂଶୁ ପ୍ରିୟଦର୍ଶୀ ୨ ଉଇକେଟ ହାସଲ କରିଥିଲେ।



ସୃଜନ କ୍ରିତି ପୁରସ୍କାର ଗ୍ରହଣ କରୁଛନ୍ତି।

ଜବାବରେ ପ୍ରଗତି ସ୍ପୋର୍ଟିଂ ୨୮.୧ ଓଭରରେ ୧୧୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଅମାନ ଦାଶ ୨୭ ଓ ଆୟୁଷ ସୁତାର (୨୧)ଙ୍କ ବ୍ୟତୀତ କେହି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ମ୍ୟାଚରେ ଅମ୍ପାୟର ଦାୟିତ୍ୱରେ ଥିଲେ ଶରତ ସାହୁ ଓ ସୁଶାନ୍ତ ଦାଶ। ବିଜୟୀ ଦଳ ଲାଗି ସର୍ବାଧିକ ୩ ଉଇକେଟ ନେଇଥିବା ବୋଲର ସୃଜନ କ୍ରିତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଜନ୍ମେଞ୍ଜୟ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଛନ୍ତି। କୃଷ୍ଣଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ପୂର୍ବତନ ଏନ୍‌ବିଏ ମୁଖ୍ୟ ଷ୍ଟେରନଙ୍କ ପରଲୋକ

ନ୍ୟୁୟର୍କ, ୨।୧

ଆମେରିକା ନ୍ୟାଶନାଲ ବାସ୍କେଟବଲ ଆସୋସିଏଶନ (ଏନ୍‌ବିଏ)ର ପୂର୍ବତନ କମିଶନର ଡେଭିଡ୍ ଷ୍ଟେରନଙ୍କ ବ୍ରେନ ହାମରେଜରେ ପରଲୋକ ହୋଇଛି। ଡିସେମ୍ବର ୧୨ରେ ସେ ବ୍ରେନ ହାମ୍‌ରେଜର ଶିକାର ହୋଇଥିଲେ। ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା କରାଯାଉଥିଲା। ମୃତ୍ୟୁବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା। ଏନ୍‌ବିଏର କମିଶନର ଭାବେ ସର୍ବାଧିକ ସମୟ ଦାୟିତ୍ୱ ତୁଲାଇବାର ରେକର୍ଡ ଷ୍ଟେରନଙ୍କ ନାମରେ ରହିଛି। ସେ ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ଏହି ସମ୍ମାନଜନକ ପଦବୀରେ ରହି ଫେବୃୟାରୀ ୨୦୧୪ରେ ଅବସର ନେଇଥିଲେ।

# ଆଜିଠୁ ଜୟଦେବ ସ୍ମାରକୀ କ୍ରିକେଟ

ଭୁବନେଶ୍ୱର,୨।୧(ସ୍ପୋର୍ଟ୍ସ ବ୍ୟୁରୋ)

ଟାଉନ କ୍ଲବ ଆନୁକୂଲ୍ୟରେ ଜୟଦେବ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହେବ। ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ପ୍ରତିଯୋଗିତାରେ ୪ ଦଳ ଅଂଶଗ୍ରହଣ କରିବେ। ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲେ ଆୟୋଜକ ଦଳ ଟାଉନ କ୍ଲବ, ଗ୍ରୀନ୍ସ କ୍ରିକେଟ ଏକାଡେମୀ, ଭାରତ ଭୂଷଣ ଏକାଡେମୀ ଓ ରେଡ୍‌ଷ୍ଟାର। ପ୍ରତ୍ୟେକ ଦଳ ଥରେ ଲେଖାଏ ପରସ୍ପର ସହ ଖେଳିବେ। ଲିଗ୍ ମ୍ୟାଚ୍‌ଗୁଡ଼ିକ ୪୦ ଓଭର ବିଶିଷ୍ଟ ହେବାକୁ ଥିବାବେଳେ ଫାଇନାଲରେ ୫୦ ଓଭର ଖେଳାଯିବ। ପ୍ରଥମ ମ୍ୟାଚ୍ ଗ୍ରୀନ୍ସ ଏକାଡେମୀ ଓ ରେଡ୍‌ଷ୍ଟାର ମଧ୍ୟରେ ଖେଳାଯିବ ବୋଲି ଆୟୋଜକ ଦଳର ପ୍ରଶିକ୍ଷକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ଗୁରୁବାର ଟ୍ରଫି ଉନ୍ମୋଚନ ଅବସରରେ ୪ ଦଳର ଅଧିନାୟକ ଅଭିଲାଷ ଭରଦ୍ୱାଜ (ଗ୍ରୀନ୍ସ), ସତ୍ୟଜିତ ସାବତ (ବିବିସିଏ), ସାଗର ସ୍ୱାଇଁ (ରେଡ୍‌ଷ୍ଟାର) ଓ ଦୀପକ ମାଝି (ଟାଉନ କ୍ଲବ) ଉପସ୍ଥିତ ଥିଲେ।



ଗୁରୁବାର ଟ୍ରଫି ଉନ୍ମୋଚନ ଅବସରରେ ଖେଳାଳି ଓ କର୍ମକର୍ତ୍ତା।



> ଟେନିସରେ ଦୁଇଟି ପୁରୁଷ ଟିମ୍ ପ୍ରତିଯୋଗିତାର ଆବଶ୍ୟକତା ନାହିଁ, ବରଂ ନୂଆ ଏଟିପି କପ୍‌ର ଡେଭିସ୍ କପ୍‌ରେ ବିଲୟ ଘଟିବା ଉଚିତ୍।
>
> –ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ୍ ଷ୍ଟାର

> ଭାରତୀୟ ସ୍ୱଳ୍ପ ବୟସ୍କା ଓପନର ଶେଫାଳି ବର୍ମା ଯେଉଁଭଳି ଦୃଢ଼ ବ୍ୟାଟିଂ କରୁଛନ୍ତି, ଭବିଷ୍ୟତରେ ସେ ଅନେକଙ୍କ ନଜରରେ ରହିବେ।
>
> –ଲିଆ ପୋଲ୍‌ଟନ, ଅଷ୍ଟ୍ରେଲିଆ ମହିଳା ଏ' କ୍ରିକେଟ ଦଳର କୋଚ୍



## ସଂକ୍ଷେପରେ

### ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ତୃତୀୟ ଟେଷ୍ଟ ଆଜିଠାରୁ

ସିଡ୍‌ନୀ, ୨।୧ (ପି.ଟି.)-ସିଡ୍‌ନୀଠାରେ ଶୁକ୍ରବାରଠାରୁ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ ଅନୁଷ୍ଠିତ ହେବ। ପର୍ଥ ଓ ମେଲବୋର୍ନଠାରେ ଅନୁଷ୍ଠିତ ପ୍ରଥମ ଓ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଜିତି ଅଷ୍ଟ୍ରେଲିଆ ଆଗୁଆ ସିରିଜ କବ୍‌ଜା କରିନେଇଛି। ସମ୍ମାନ ରଖିବା ଲାଗି ନ୍ୟୁଜିଲାଣ୍ଡ ଏଠାରେ ଅନ୍ତିମ ମ୍ୟାଚ ଜିତିବାକୁ ପ୍ରାଣପଣେ ଚେଷ୍ଟା କରିବ। ନ୍ୟୁ ସାଉଥ୍‌ୱେଲ୍ସ ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁ ତାପମାତ୍ରା ଉଚ୍ଚା ଏବଂ ଧୂଆଁଳିଆ ପରିବେଶ ରହିବ। ଏହି ପରିବେଶରେ ଖେଳିବା ଏକ ପ୍ରକାର ଚ୍ୟାଲେଞ୍ଜ ହେବ। ବାୟୁମଣ୍ଡଳର ମାନକୁ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ଠାରୁ ଆରମ୍ଭ କରି ରାଜ୍ୟ ସରକାର ଏବଂ ଅଷ୍ଟ୍ରେଲିଆ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସର ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ରହିଛି। ଚଳିତ ମାସରେ ଜଙ୍ଗଲରେ ଅଗ୍ନିକାଣ୍ଡ ଜନିତ କାରଣ ଯୋଗୁ କାନ୍‌ବେରାଠାରେ ଏକ ବିଗ୍ ବାଶ୍ ମ୍ୟାଚକୁ ବାତିଲ କରାଯାଇଥିଲା।

### ସେକ୍ରେଟାରିଏଟ କପ୍ କ୍ରିକେଟ ୨୩ରୁ

ଭୁବନେଶ୍ୱର,୨।୧(ସ୍ପୋର୍ଟ୍ସ ବ୍ୟୁରୋ)-ଆସନ୍ତା ୨୩ରୁ ଫେବୃୟାରୀ ୧୯ ତାରିଖ ପର୍ଯ୍ୟନ୍ତ ଏଠାରେ ଓଡ଼ିଶା ସେକ୍ରେଟାରିଏଟ କ୍ରିକେଟ ଆସୋସିଏଶନ ପକ୍ଷରୁ ୧୯ତମ ସେକ୍ରେଟାରିଏଟ କପ୍ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ଭୁବନେଶ୍ୱରସ୍ଥିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅଫିସ, ନିଗମ, କମ୍ପାନୀ ଓ ବେସରକାରୀ ଅଫିସ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ଅଫିସମାନେ ସିଧାସଳଖ ଆସୋସିଏଶନ ସମ୍ପାଦକ ତରୁଣ ଚନ୍ଦ୍ର ପାଲଙ୍କ ସହ ଯୋଗାଯୋଗ କରିପାରିବେ। ଆସନ୍ତା ୧୩ ତାରିଖକୁ ଆବେଦନ ପାଇଁ ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଛି। ଲିଗ୍ କମ୍ ନକଆଉଟ୍ ଭିତ୍ତିରେ ୧୬ ଦଳ ଅଂଶଗ୍ରହଣ କରିବେ।

## ■ ରଣଜୀ ଟ୍ରଫି: ଓଡ଼ିଶା-ତ୍ରିପୁରା ମ୍ୟାଚ୍

# ସ୍ପିନରଙ୍କ ଉପରେ ଓଡ଼ିଶାର ଭରସା

**କଟକ ଅଫିସ,୨।୧**

ତ୍ରିପୁରାର ଅଗରତାଲାସ୍ଥିତ ମହାରାଜା ବୀରବିକ୍ରମ କଲେଜ ଷ୍ଟାଡିୟମରେ ଶୁକ୍ରବାରଠାରୁ ଚଳିତ ରଣଜୀ ସିଜନର ୪ର୍ଥ ମ୍ୟାଚ୍ ଖେଳିବ ଓଡ଼ିଶା। ଘରୋଇ ତ୍ରିପୁରା ବିପକ୍ଷରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ଜିତି ଓଡ଼ିଶା ଦଳ ସିଜନରେ ବିଜୟ ଅଭିଯାନ ଅବ୍ୟାହତ ରଖିବା ଲକ୍ଷ୍ୟରେ ରହିଛି। ଏବେ ସୁଦ୍ଧା ୩ଟି ଯାକ ମ୍ୟାଚ ବିଜୟୀ ହୋଇ ଓଡ଼ିଶା ଏଲିଟ ଗ୍ରୁପ୍-ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ବିପକ୍ଷ ତ୍ରିପୁରା ଚଳିତ ସିଜନରେ ଏବେ ସୁଦ୍ଧା ଗୋଟିଏ ବି ମ୍ୟାଚ୍ ଜିତି ନ ପାରି ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଅଗରତାଲାର ଏହି ଗ୍ରାଉଣ୍ଡରେ ସ୍ପିନ୍ ବୋଲରଙ୍କୁ ସୁହାଇବ ବୋଲି ପୂର୍ବାନୁମାନ କରାଯାଉଛି। ଏଣୁ ଦଳ ସ୍ପିନରଙ୍କ ଉପରେ ଭରସା କରି ମ୍ୟାଚ୍‌କୁ ଓହ୍ଲାଇବ।

ଗତ ୩ଟି ଯାକ ମ୍ୟାଚରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିବା ବାମହାତୀ ସ୍ପିନର ପପୁ ରାୟ ଦଳରେ ସାମିଲହେବା ସମ୍ଭାବନା ଅଧିକ। ଏହାଛଡ଼ା ଗୋବିନ୍ଦ ପୋଦ୍ଦାର, ଅଭିଷେକ ରାଉତଙ୍କ ସମେତ ଶାନ୍ତନୁ ମିଶ୍ର ଓଡ଼ିଶାର ସ୍ପିନ୍ ଆକ୍ରମଣ ସମ୍ଭାଳିବେ ବୋଲି ଆଶା କରାଯାଉଛି। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଗତ ୩ଟି ଯାକ ମ୍ୟାଚ୍‌ରେ ପେସ୍ ବୋଲରଙ୍କ ସଫଳତା ଯୋଗୁ ବିଜୟ ହାସଲ କରିବାରେ ସମର୍ଥ ହୋଇଛି। ୪ର୍ଥ ମୁକାବିଲାରେ ଦଳକୁ ସ୍ପିନରଙ୍କ ସହାୟତା ଆବଶ୍ୟକ ରହିଥିବା ଜଣାପଡ଼ିଛି। ଅନୁରାଗ ଷଡ଼ଙ୍ଗୀ ଆହତ ହୋଇ ଦଳରୁ ବାଦ୍ ପଡ଼ିବା ପରେ ତାଙ୍କ ସ୍ଥାନରେ ଦଳକୁ ଫେରିଥିବା ରଣଜିତ ସିଂଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବା ସମ୍ଭାବନା ଅଛି। ଦୁଇ ଓପନର ସନ୍ଦୀପ ପଟ୍ଟନାୟକ ଓ ଅନୁରାଗ ଆହତଜନିତ ସମସ୍ୟା ଯୋଗୁ ଦଳଠାରୁ ଦୂରେଇ ରହିଛନ୍ତି। ପୂର୍ବତନ ଅଧିନାୟକ ଗୋବିନ୍ଦ ବାଧ୍ୟହୋଇ ଗତ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଓପନିଂ ଦାୟିତ୍ୱ ସମ୍ଭାଳିଥିଲେ। ଅନ୍ୟତମ ଓପନର ଶାନ୍ତନୁ ମିଶ୍ର ଏହି ମ୍ୟାଚ୍‌ରେ ଶତକୀୟ ଇନିଂସ ଖେଳି ଦଳକୁ ଜିତାଇବା ସହ ମ୍ୟାନ୍ ଅଫ ଦି ମ୍ୟାଚ୍ ମଧ୍ୟ ହୋଇଥିଲେ। ଏଣୁ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ଓପନିଂ ଯୋଡ଼ି ଅପରିବର୍ତ୍ତିତ ରହିବ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।



**ଓଡ଼ିଶା ପଲା ଭାରି**

ଓଡ଼ିଶା ଓ ତ୍ରିପୁରା ମଧ୍ୟରେ ଖେଳାଯାଇଥିବା ଗତ ୪ଟି ଯାକ ମ୍ୟାଚ୍‌ରେ ତ୍ରିପୁରାକୁ ବିଜୟ ମିଳିପାରିନାହିଁ। ୨ଟି ମ୍ୟାଚ୍ ଅମୀମାଂସିତ ଥିବା ବେଳେ ଓଡ଼ିଶା ୨ଟିରେ ବିଜୟୀ ହୋଇଛି। ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ପାଣିପାଗ ଓ ପିଚ୍ ସ୍ପିନ୍ ବୋଲିଂକୁ ସୁହାଇବ। ଏହି ପିଚ୍‌ରେ ଅଧିକ ରନ୍ ସଂଗ୍ରହ କରିବାର ସୁଯୋଗ ମଧ୍ୟ ଅଛି। ଦଳ ଭଲ ପ୍ରଦର୍ଶନ ନିଶ୍ଚିତ ଭାବେ କରିବ ବୋଲି ଅଧିନାୟକ ସେନାପତି କହିଛନ୍ତି।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି(ଅଧିନାୟକ), ବିପ୍ଲବ ସାମନ୍ତରାୟ(ଉପ ଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଦେବାଶିଷ ସାମନ୍ତରାୟ, ରଣଜିତ ସିଂ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଅଙ୍କିତ ଯାଦବ, ପପୁ ରାୟ। ରଶ୍ମିରଞ୍ଜନ ପରିଡ଼ା କୋଚ୍, ଶୁଭକାନ୍ତ ସାହୁ ଫିଜିଓ, ମନୋଜ କୁମାର ବିଶ୍ୱାଳ ଟ୍ରେନର।

**ବାରବାଟୀ ମ୍ୟାଚ୍ ଡ୍ରିମ୍ସକୁ ସ୍ଥାନାନ୍ତର**

ଆସନ୍ତା ୨୭ ତାରିଖରେ ବାରବାଟୀରେ ଓଡ଼ିଶା–ଆସାମ ରଣଜୀ ଟ୍ରଫି ମ୍ୟାଚ ଖେଳାଯିବ ବୋଲି ନିର୍ଦ୍ଧାରଣ କରାଯାଇଥିଲା। ଏହି ମ୍ୟାଚ୍‌କୁ ଡ୍ରିମ୍ସ ଗ୍ରାଉଣ୍ଡକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି। ଜାନୁୟାରୀ ୨୬ରେ ବାରବାଟୀରେ ଜିଲା ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମ ରହିଥିବାରୁ ଗ୍ରାଉଣ୍ଡ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ମ୍ୟାଚ୍ ସ୍ଥାନାନ୍ତର ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଚେଷ୍ଟା କରୁଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସହ ଓସିଏ ପକ୍ଷରୁ ଆଲୋଚନା କରାଯାଇଛି।

# ଆଜି ବାରବାଟୀରେ ଭାରତ 'ଏ', 'ବି'ର ଅଭ୍ୟାସ

**ମହିଳା ଚ୍ୟାଲେଞ୍ଜର ଟ୍ରଫି**

**କଟକ ଅଫିସ,୨।୧**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଆସନ୍ତା ୪ରୁ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ୯ ତାରିଖ ପର୍ଯ୍ୟନ୍ତ ଭାରତ-ଏ, ଭାରତ-ବି ଓ ଭାରତ-ସି ମଧ୍ୟରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ରହିଥିବା ବେଳେ ୧୦ରେ ଫାଇନାଲ ମୁକାବିଲା ହେବ। ସମସ୍ତ ଦଳର ଖେଳାଳି ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଶୁକ୍ରବାର ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ଏ ଦଳ ଓ ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ବି ଦଳ ଅଭ୍ୟାସକୁ ଆସିବେ। ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଉଭୟ ଦଳର ଅଭ୍ୟାସ ସମୟ ଧାର୍ଯ୍ୟ କରାଯାଇଛି। ବାରବାଟୀରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଦୁଇ ଓଡ଼ିଆ ଖେଳାଳି ଦେଖିବାକୁ ମିଳିବେ। ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ଓ ମାଧୁରୀ ମେହେଟ୍ଟା ଯଥାକ୍ରମେ ଇଣ୍ଡିଆ 'ବି' ଓ 'ସି' ଦଳରେ ରହିଛନ୍ତି। ୪ରେ ଏ ଓ ବି ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯିବ। ୫ ତାରିଖରେ ଇଣ୍ଡିଆ ବି ଓ ସି ମଧ୍ୟରେ ମ୍ୟାଚ୍ ରହିଛି। ପ୍ରତ୍ୟେକ ମ୍ୟାଚ୍ ସକାଳ ୧୧ଟାରୁ ଦିନ ୧.୪୫ ପର୍ଯ୍ୟନ୍ତ ଖେଳାଯିବ।

ଭାରତ-ଏ ଦଳ: ହରମନପ୍ରୀତ କୌର(ଅଧିନାୟିକା), ତାନିଆ ଭାଟିଆ(ଉଇକେଟ କିପର), ଜେସିଆ ଅଖ୍ତାର(ଉଇକେଟ କିପର), ପ୍ରିୟା ପୁନିଆ, ଦୀପ୍ତି ଶର୍ମା, ଦେବିକା ବୈଦ୍ୟ, ସ୍ନେହ ରାଣା, ମାନସୀ ଜୋଶୀ, ମେଘନା ସିଂ, ଜେ. କୋମଲ, ମିନୁ ମାନି, ରାଧା ଯାଦବ, ଭାରତ ଫୁଲମଲି।

ଭାରତ-ବି ଦଳ: ସ୍ମୃତି ମାନ୍ଧାନା(ଅଧିନାୟିକା), ସୁଷମା ବର୍ମା(ଉଇକେଟ କିପର), ଆର୍. କଳ୍ପନା(ଉଇକେଟ କିପର), ଭି.ଆର୍. ଭନିଥା, ଜେମିହା ରୋଡ୍ରିଗୁଏଜ, ଅନୁଜା ପାଟିଲ, ପୁନମ ଯାଦବ, ପୂଜା ବସ୍ତ୍ରକାର, ଶିଖା ପାଣ୍ଡେ, ରେଣୁକା ସିଂ, ଅଞ୍ଜଳି ଶ୍ରାବଣୀ, ସୁଶ୍ରୀ ଦିବ୍ୟଦର୍ଶିନୀ, ଟି.ପି . କନୱାର, ରିଚା ଘୋଷ।

## ୩ ଫୁଟବଲ ପ୍ରଶଂସକ ଗିରଫ

**ଲଣ୍ଡନ,୨।୧(ଏପି)**

ପ୍ରିମିୟର ଲିଗ୍ ମ୍ୟାଚ୍‌ବେଳେ ଚେଲସି ଖେଳାଳିଙ୍କ ପ୍ରତି ବର୍ଣ୍ଣବୈଷମ୍ୟ ଭେଦଭାବ କରିଥିବା ଜଣେ ବ୍ରାଇଟନ ପ୍ରଶଂସକଙ୍କୁ ଗିରଫ କରାଯାଇଛି। ସମାନ ମ୍ୟାଚ୍‌ରେ ସମ୍ଲିଙ୍ଗୀ ଭେଦଭାବ କରିଥିବା ଆଉ ଦୁଇ ଜଣ ପ୍ରଶଂସକ ମଧ୍ୟ ଗିରଫ ହୋଇଛନ୍ତି। ବ୍ରାଇଟନ ମୁଖ୍ୟ କାର୍ଯ୍ୟକାରୀ ପଲ ବାରବର ଏହାର ନିନ୍ଦା କରିବା ସହ ଫୁଟବଲ ପ୍ରଶଂସକଙ୍କୁ ଷ୍ଟାଡିୟମରେ କିଛି ଭୁଲ ହେଉଥିଲେ ସୂଚନା ଦେବା ପାଇଁ କହିଛନ୍ତି। ଏମାନଙ୍କ ଯୋଗୁ ଫୁଟବଲ କ୍ରୀଡ଼ାର ସମ୍ମାନହାନି ହେଉଛି। ସେମାନଙ୍କୁ ଫୁଟବଲ ଦେଖିବାରୁ ଆଜୀବନ ବାସନ୍ଦ କରାଯାଇପାରିବ। କିନ୍ତୁ ଏହା ବଡ଼ ଦଣ୍ଡ ନୁହେଁ। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ଲାଗି ନ୍ୟାୟପାଳିକାକୁ ଅଧିକାର ଦେବା ଦରକାର କି ନାହିଁ ବୋଲି ପ୍ରଶ୍ନ ପଚାରିଛନ୍ତି।

# ଅନ୍ତର୍ଜାତୀୟ ଗ୍ରାପ୍‌ଲିଂ ପାଇଁ ଓଡ଼ିଶା ଦଳ



ଅନ୍ତର୍ଜାତୀୟ ଗ୍ରାପ୍‌ଲିଂ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର,୨।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଦିଲ୍ଲୀର ତାଲକେଟରା ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ୩ୟ ଓପନ ଅନ୍ତର୍ଜାତୀୟ ଗ୍ରାପ୍‌ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୭ ଜଣ ଭାଗନେବେ। ପ୍ରତିଯୋଗୀମାନେ ହେଲେ ଉମାମହେଶ୍ୱର ରେଡ୍ଡୀ, ମୋନାଲି ସାହୁ, ଅନୁଷ୍କା ପ୍ରିୟଦର୍ଶିନୀ, ମଧୁପ୍ରିୟା ବାଇ, ଶୁଭକାନ୍ତ ବିଶ୍ୱାଳ, ରଶ୍ମି ରଞ୍ଜନ ଓ ଅକ୍ଷୟ ମାହାଲିକ। ଏମାନଙ୍କ ସଫଳତା ପାଇଁ ଓଡ଼ିଶା ଗ୍ରାପଲିଂ ସଂଘ ଓ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତାମାନେ ଶୁଭକାମନା ଦେଇଛନ୍ତି।

## ଏନ୍‌ସିଏରେ ସୁଧାର ଯୋଜନା

**ନୂଆଦିଲ୍ଲୀ,୨।୧(ପି.ଟି.)**

ଖେଳାଳିଙ୍କ ଇଞ୍ଜୁରି ତଥା ଆଘାତ ସମସ୍ୟାର ସମାଧାନ ନେଇ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ବେଶ୍ ସମାଲୋଚିତ ହୋଇ ଆସୁଛି। ଏବେ ଏନ୍‌ସିଏର ସାମଗ୍ରିକ ସୁଧାର ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଯୋଜନା ହାତକୁ ନେଇଛି। ଏଥିପାଇଁ ବିସିସିଆଇ ମେଡିକାଲ ପ୍ୟାନେଲର ସାହାଯ୍ୟ ନେବ। କେବଳ ସେତିକି ନୁହଁ ସୋସିଆଲ ମିଡିଆର ବିଶେଷଜ୍ଞ ତଥା ଏକ୍ସପର୍ଟଙ୍କ ମଧ୍ୟ ସହାୟତା ନିଆଯିବ ବୋଲି ବୋର୍ଡ ତରଫରୁ କୁହାଯାଇଛି।

କିଛିଦିନ ତଳେ ଏନସିଏର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ସୌରଭ ଗାଙ୍ଗୁଲି, ଏନସିଏ ମୁଖ୍ୟ ରାହୁଲ ଦ୍ରାବିଡ଼ଙ୍କ ସମେତ ବିସିସିଆଇର ଅନ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ ଓ ସୁଧାର ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା। ଇଞ୍ଜୁରି ମ୍ୟାନେଜ୍‌ମେଣ୍ଟରେ ଏନ୍‌ସିଏର ଭୂମିକାକୁ ନେଇ କଡ଼ା ସମାଲୋଚନା କରାଯାଇଥିଲା। ରିଦ୍ଧିମାନ ଶାହ ଓ ଭୁବନେଶ୍ୱର କୁମାରଙ୍କ ଇଞ୍ଜୁରି ସମସ୍ୟା ଏନ୍‌ସିଏର ବିଫଳତାକୁ ପଦାରେ ପକାଇଥିଲା। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଇଞ୍ଜୁରି ପାଇଁ ଏନ୍‌ସିଏ ବଦଳରେ ବ୍ୟକ୍ତିଗତ ରିହାବିଲିଟେଶନର ବ୍ୟବସ୍ଥା କରିଥିଲେ।

ମେଡିକାଲ ପ୍ୟାନେଲ ଗଠନ ପାଇଁ ବିସିସିଆଇ ଏବେ ଲଣ୍ଡନ ସ୍ଥିତ କ୍ଲିନିକ ଫର୍ଟିୟୁସ ସହ ଯୋଗାଯୋଗ କରିବ ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ଦ୍ରୁତ ବୋଲିଂର ମୁଖ୍ୟ ପଦ ଫାଙ୍କା ପଡିଥିଲା। ଏବେ ଏହି ପଦର ନିଯୁକ୍ତି କରାଯିବ। ଏଥିସହିତ ଜଣେ ନିଉଟ୍ରିଶନ ହେଡ୍‌ଙ୍କୁ ମଧ୍ୟ ନିଯୁକ୍ତ କରାଯିବ। ଭୁଲ କାରଣ ଯୋଗୁ ଏନ୍‌ସିଏ ସବୁବେଳେ ଗଣମାଧ୍ୟମରେ ଚର୍ଚ୍ଚିତ ରହିଥାଏ। ତେଣୁ ଏଥିରେ ସୁଧାର ପାଇଁ ଜଣେ ସୋସିଆଲ ମିଡିଆ ମ୍ୟାନେଜରଙ୍କୁ ନିଯୁକ୍ତି କରାଯିବ ବୋଲି ସେ କହିଛନ୍ତି। ଅଗାମୀ ୧୮ ମାସ ମଧ୍ୟରେ ଏନ୍‌ସିଏର ସୁବିଧା ସୁଯୋଗ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବ ବୋଲି ଆଶା କରାଯାଉଛି। ଫାଙ୍କାଥିବା ଅନ୍ୟ ପଦ ପଦବୀଗୁଡ଼ିକରେ ଯୋଗ୍ୟ ବ୍ୟକ୍ତିଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। ଏନ୍‌ସିଏରେ ମଧ୍ୟ ଲିଭେଲ ୨ ଓ ଲିଭେଲ ୩ କୋଚିଂ କୋର୍ସର ବ୍ୟବସ୍ଥା କରାଯିବ।

# ଗୁଆହାଟୀରେ ପହଞ୍ଚିଲା ଶ୍ରୀଲଙ୍କା ଦଳ

**ଗୁଆହାଟୀ,୨।୧(ପି.ଟି.)**

ଅଭିଜ୍ଞ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗାଙ୍କ ନେତୃତ୍ୱରେ ଭାରତ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍ ଖେଳିବାକୁ ଶ୍ରୀଲଙ୍କା ଦଳ ଗୁଆହାଟୀରେ ପହଞ୍ଚିଛି। ଆସନ୍ତା ରବିବାର ସ୍ଥାନୀୟ ବର୍ସପାରା କ୍ରିକେଟ ଷ୍ଟାଡିୟମରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ନାଗରିକତ୍ୱ ଆଇନ୍ (ସିଏଏ) ବିରୋଧରେ ଆସାମରେ ପ୍ରଥମେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେଣୁ କଡ଼ା ନରାପତ୍ତା ବ୍ୟବସ୍ଥାରେ ଶ୍ରୀଲଙ୍କା ଦଳକୁ ଟିମ୍ ହୋଟେଲକୁ ନିଆଯାଇଛି। ଶୁକ୍ରବାର ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ପର୍ଯ୍ୟାୟକ୍ରମେ ଏଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଉଭୟ ଦଳ ଅଭ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀଲଙ୍କା ପରେ ଭାରତ ଅଭ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଆସାମ କ୍ରିକେଟ ଆସୋସିଏଶନ (ଏସିଏ) ତରଫରୁ କୁହାଯାଇଛି।

ଗତ ଡିସେମ୍ବରରେ ସିଏଏ ବିରୋଧରେ ସାରା ଆସାମରେ ବିରୋଧ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ଦ୍ୱାରା ରଣଜୀ ଓ ୧୯ ବର୍ଷରୁ କମ୍ ମ୍ୟାଚ୍ କର୍ଫ୍ୟୁ ଯୋଗୁ ପ୍ରଭାବିତ ହୋଇଥିଲା। ତେବେ ବର୍ତ୍ତମାନ ପରସ୍ଥିତି ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣାଧୀନ ହେବା ସହ ସାମାନ୍ୟ ରହିଛି। ପର୍ଯ୍ୟଟନ ବ୍ୟବସ୍ଥା ମଧ୍ୟ ପୂର୍ବାବସ୍ଥାକୁ ଫେରିଛି। ଆସନ୍ତା ୧୦ ତାରିଖରୁ ଏଠାରେ ଖେଲୋ ଇଣ୍ଡିଆ ଗେମ୍ସ ଆରମ୍ଭ ହେବ। ଏଥିରେ ୭ ହଜାର ପିଲା ଅଂଶଗ୍ରହଣ କରିବେ ବୋଲି ଏସିଏ ସମ୍ପାଦକ ଦେବଜିତ୍ ସାଇକିଆ କହିଛନ୍ତି। ଦେଶର ଅନ୍ୟ ସ୍ଥାନ ଭଳି ଏବେ ଆସାମ ସମ୍ପୂର୍ଣ୍ଣ ସୁରକ୍ଷିତ ସ୍ଥାନରେ ପରିଣତ ହୋଇଛି। ରାଜ୍ୟ ସରକାର ନିରାପତ୍ତା ବ୍ୟବସ୍ଥାର ତଦାରଖ କରୁଛନ୍ତି ବୋଲି ସେ କହିଛନ୍ତି। ୩୯,୫୦୦ ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମର ୨୭,୦୦୦ ଟିକେଟ ଏପର୍ଯ୍ୟନ୍ତ ବିକ୍ରି ହୋଇସାରିଛି। କ୍ରିସ୍‌ମାସ ଓ ନୂଆବର୍ଷ ପାଳନ କରୁଥିବାରୁ ଶେଷ ମୁହୂର୍ତ୍ତରେ ସବୁ ଟିକେଟ ବିକ୍ରି ହୋଇଯିବ ବୋଲି ସାଇକିଆ କହିଛନ୍ତି।


CLASSIFIED DISPLAY

**ST. XAVIER HIGH SCHOOL**
Kamalpur, Maindipur, Jagatsinghpur
UDISE NO.21110206173

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଶିକ୍ଷା ବର୍ଷ ୨୦୨୦-୨୧ ପାଇଁ ଆମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଚାହୁଁଥିବା ଅଭିଭାବକ ତା.୧୩।୦୧।୨୦୨୦ରିଖଠାରୁ ବିଦ୍ୟାଳୟ ସମୟ ମଧ୍ୟରେ ଆବେଦନ ପତ୍ର ନେଇ ୨୮।୦୨।୨୦୨୦ ମଧ୍ୟରେ ଆବେଦନ କରି ପାରିବେ।

ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ପ୍ରଥମ ଶ୍ରେଣୀରେ ୨୫% ମାଗଣା ନାମ ଲେଖା SC, ST, BPL ଏବଂ Job Card ଶ୍ରେଣୀୟ ଛାତ୍ର ଛାତ୍ରୀମାନଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ।

ନାମଲେଖା ଆରମ୍ଭ - ୦୫।୦୩।୨୦୨୦

ସବିଶେଷ ବିବରଣୀ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ

Principal, St. Xavier High School,
kamalpur, Maindipur, Jagatsinghpur
Contact No.: 9437506854



# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ମିନତୀ ବାରିକ୍ (ମିନା)
ସ୍ୱାମୀ: ନିତ୍ୟାନନ୍ଦ ବାରିକ୍
ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ: ୦୭।୦୫।୧୯୬୩
ତିରୋଧାନ: ୨୪।୧୨।୨୦୧୯
ତୁମର ଆକସ୍ମିକ ତିରୋଧାନରେ ଆମେ ସମସ୍ତେ ମର୍ମାହତ। ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଛାଡ଼ି ଚାଲିଗଲ। ଆମେ ସମସ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପିଙ୍କୁ, ରିଙ୍କୁ, ଫିଜି ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୯୫୫

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଭାତ କୁମାର ମିଶ୍ର (ଆଇନଜୀବୀ)
ବ୍ରହ୍ମେଶ୍ୱର ପାଟଣା, ବ୍ୟାଙ୍କ କଲୋନୀ, ଟଙ୍କପାଣି ରୋଡ଼
ଆବିର୍ଭାବ: ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ(ଜନ୍ମାଷ୍ଟମୀ)
ତିରୋଧାନ: ପୌଷ ଶୁକ୍ଳପକ୍ଷ ଅଷ୍ଟମୀ
''ତୁମେ ଚାଲିଗଲ ଆମକୁ ଏକା ଓ ନିଃସ୍ୱ କରିଦେଇ। ତୁମର ସେ ଆତ୍ମୀୟତା, ସ୍ନେହଭରା ଡ଼ାକକୁ ତୁମ ଝିଅମାନେ ଝୁରି ହେଉଛନ୍ତି। 'ନନା' ଶବ୍ଦ 'ନନା' ଡ଼ାକ ତାଙ୍କ ପାଇଁ ଶୂନ୍ୟ ହୋଇଗଲା। ତୁମ ଆଶୀର୍ବାଦ ତାଙ୍କ ଉପରେ ସବୁବେଳେ ଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଇତି:
ତୁମର ହତଭାଗିନୀ ସ୍ତ୍ରୀ, ଦୁଇଝିଅ- ରିତୁ, ଶ୍ରୁତି।
ଧ-୬୩୯୭୦

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ହେମଲତା ମହାନ୍ତି
ଆବିର୍ଭାବ: ୦୩.୧୦.୧୯୫୨
ତିରୋଧାନ: ୨୪.୧୨.୨୦୧୯
ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଓ ଅଟ୍ଟ ସୁଲକ୍ଷଣୀ ହୋଇ ବୈକୁଣ୍ଠ ପାରି ହୋଇଗଲ, ଯାହା ଶ୍ରୀଜଗନ୍ନାଥ, ସଦ୍‌ଗୁରୁ ମାନଙ୍କ ଅପାର କରୁଣାଥିଲା। ତୁମର ଅବର୍ତ୍ତମାନରେ ସେହି ଆଦର୍ଶ, ନିଷ୍ଠା, ନିଷ୍କପଟତା, ଅନାବିଳ ସ୍ନେହ, ନିଃସ୍ୱାର୍ଥଭାବ ଗୋଟିଏ ପରିବାରକୁ ବାନ୍ଧି ରଖିବାର କୌଶଳ ଶିଖାଇଲ ତାହା ଆମ୍ଭମାନଙ୍କ ପାଇଁ ଆଲୋକ ବର୍ତ୍ତିକା ଏବଂ ପଥ ପ୍ରଦର୍ଶକ ହେଉ।
ତୁମର ଆଶୀର୍ବାଦର ହାତ ବୈକୁଣ୍ଠ ପୁରୀରୁ ଆମ୍ଭମାନଙ୍କ ପାଇଁ ସଦାସର୍ବଦା ରହିଥାଉ।
ହତଭାଗ୍ୟ ସ୍ୱାମୀ ଡା. ଦୁର୍ଗାପ୍ରସାଦ ମହାନ୍ତି
ତଥା ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୬୦୦୫

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



୰ବାନାମ୍ବର ସୁବୁଦ୍ଧି
ତମାଣ୍ଡୋ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ। ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ଜଟଣୀ ଅଞ୍ଚଳବାସୀ ଓ ସୁବୁଦ୍ଧି ପରିବାରବର୍ଗ
ଧ-୬୦୯୫୬


**ରାଜ୍ୟସ୍ତରୀୟ ରାଧାମୋହନ ସ୍ମାରକୀ ଫୁଟବଲ**

## କଟକର ମଙ୍ଗଳ କ୍ଲବ ସେମିରେ

**ଖୋର୍ଦ୍ଧା ଅଫିସ, ୨।୧**

ଖୋର୍ଦ୍ଧା ଉପକଣ୍ଠ ନିଆଳ ମୁକ୍ତେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୮ମ ରାଜ୍ୟସ୍ତରୀୟ ରାଧାମୋହନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ କଟକର ମଙ୍ଗଳା କ୍ଲବ ଓ ଭୁବନେଶ୍ୱରର ୟାଜଦାନୀ କ୍ଲବ ୭୩ ମଧ୍ୟରେ ହୋଇଥିଲା। ଖେଳଟି ୧–୧ ଗୋଲରେ ଅମୀମାଂସିତ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ କଟକର ମଙ୍ଗଳା କ୍ଲବ ଦଳ ୫–୪ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ମଙ୍ଗଳା କ୍ଲବର ବବୁଲ ରାଉତ ଗୋଟିଏ ଗୋଲ କରିଥିବା ବେଳେ, ଦ୍ୱିତୀୟାର୍ଦ୍ଧରେ ୟାଜଦାନୀ କ୍ଲବ ୭୩ର ଖେଳାଳି ତୋଫାନ ନାୟକ ଗୋଟିଏ ଗୋଲ କରିଥିଲେ। ଅତିଥି ଭାବେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ଖୋର୍ଦ୍ଧା ବ୍ଲକ ଭାଇସ ଚେୟାରମ୍ୟାନ ରାମଚନ୍ଦ୍ର ସାମନ୍ତରାୟ, ସନ୍ତୋଷ ଟ୍ରଫିର ପୂର୍ବତନ ଖେଳାଳି ପ୍ରଦୀପ ବଳିୟାରସିଂ, କେରଙ୍ଗର ପୂର୍ବତନ ସରପଞ୍ଚ ମୁନିରୁଦ୍ଦିନ ଖାନ, ନିଆଳ ସରପଞ୍ଚ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ମଙ୍ଗଳା କ୍ଲବର ଶ୍ରେଷ୍ଠ ଖେଳାଳି ଅବିନାଶଙ୍କୁ ପୁରସ୍କୃତ କରିଥିଲେ। ରେଫରି ରାଜୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ, ଲାଇନ୍‌ରେ ସୁଶାନ୍ତ ମିଶ୍ର ଓ ରମେଶ ଚନ୍ଦ୍ର ପାଇକରାୟ ସହାୟତା କରିଥିଲେ। ସେହିପରି ୪ର୍ଥ ରେଫରୀ ଭାବେ ମଣିରଞ୍ଜନ ଖୁଣ୍ଟିଆ ସହଯୋଗ କରିଥିଲେ।





ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?



9650446732 9990987786

DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୩/୨୦୨୦ Bhubaneswar, Friday, January 3/2020

# ମଙ୍ଗୁମଠ ଛାତରେ ଲଗାଇଲେ ନିଶାଣ

**ସଂକ୍ଷେପରେ**

## ଭୁବନେଶ୍ୱର-ବାରାଣସୀ ବିମାନ ସେବା ଫେବୃୟାରୀ ୨୯ରୁ



ଭୁବନେଶ୍ୱର, ୨।୧(ବ୍ୟୁରୋ): ଓଡ଼ିଶାବାସୀଙ୍କ ଲାଗି ଖୁସି ଖବର। ଫେବୃୟାରୀ ୨୯ରୁ ଆରମ୍ଭ ହେଉଛି ଭୁବନେଶ୍ୱର-ବାରାଣସୀ ବିମାନ ସେବା। ଘରୋଇ ବିମାନ ଚଳାଚଳ ସଂସ୍ଥା ଇଣ୍ଡିଗୋ ଏହି ସେବା ଯୋଗାଇବ ବୋଲି ଜଣାପଡ଼ିଛି। ଭୁବନେଶ୍ୱରରୁ ଦୈନିକ ରାତି ୯ଟାରେ ଓ ବାରାଣସୀରୁ ସନ୍ଧ୍ୟା ୬ଟା ୪୫ରେ ଉଡ଼ାଣ କରିବ ଇଣ୍ଡିଗୋ। ଭୁବନେଶ୍ୱରରୁ ବାରାଣସୀ ଯାତ୍ରା ୧ ଘଣ୍ଟା ୫୫ ମିନିଟ୍ ଲାଗିବ। ତେବେ ପ୍ରଥମ ଦିନରେ ଯାତ୍ରା ଭଡ଼ା ୩ ହଜାର ୪୭୦ ଟଙ୍କା ରଖାଯାଇଥିବା ବିମାନବନ୍ଦର ସୂତ୍ରରୁ ସୂଚନା ମିଳିଛି।

## ଲେଟର ଟୁ ଦ ପ୍ରାଇମିନିଷ୍ଟର ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨।୧(ବ୍ୟୁରୋ): ପିପୁଲ୍ସ ୱେଲଫେୟାର ସଜେସନ ଫୋରମର ବାର୍ଷିକ ଅଧିବେଶନ ଭୁବନେଶ୍ୱର ରେଡକ୍ରସ ଭବନରେ ନନ୍ଦ ନନ୍ଦନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନନ୍ଦ ନନ୍ଦନଙ୍କ ଦ୍ୱାରା ରଚିତ ଲେଟର ଟୁ ଦ ପ୍ରାଇମିନିଷ୍ଟର ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା। ଏହି ପୁସ୍ତକରେ ଦାସ ପ୍ରଧାନମନ୍ତ୍ରୀଙ୍କଠାରୁ ପ୍ରେରଣା ପାଇ ଦେଶରୁ ଦାରିଦ୍ର୍ୟ, ଅପରାଧ ଦୂରୀକରଣ ସହିତ ଦେଶରେ ସମସ୍ତେ କେବଳ ପ୍ରେରଣାର ଉତ୍ସ ଓ ସମୃଦ୍ଧି କରିବାର ଉପାୟମାନର ପ୍ରସ୍ତାବ ପ୍ରାଧାନମନ୍ତ୍ରୀଙ୍କୁ ଦେଇ ଆସୁଛି। ପୁସ୍ତକରେ ଆବଶ୍ୟକ ବିଷୟ ଗ୍ରନ୍ଥ ଏବଂ ଦେଶର ଉନ୍ନତିରେ ସହାୟତାର ପଥ ପ୍ରଦର୍ଶକ ବୋଲି ଦର୍ଶାଇ ଏପରି କୃତିତ୍ୱକୁ ପ୍ରଶଂସା କରିଥିଲେ। ଏହି ସଭାରେ ଭଗବାନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସରୋଜ ପଟ୍ଟନାୟକ ଉପଦେଷ୍ଟା, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ସଚିବ ବରଦା ପ୍ରସନ୍ନ ଦାସ, କାମିନୀ ମୋହନ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

---

■ ଛାତରୁ ଡେଇଁପଡ଼ିବା ଲାଗି ଧମକ ଦେଲେ

■ ବୁଝାଇଲା ପ୍ରଶାସନ, ଭୋଗ ପାଇଁ ଲଡ୍ଡୁ ଦେଲା

ପୁରୀ ଅଫିସ,୨।୧

ପୁଣି ଚର୍ଚ୍ଚାରେ ମଙ୍ଗୁ ମଠ। ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ମଧ୍ୟରେ ଥିବା ଏହି ମଠ ଉଚ୍ଛେଦକୁ ନେଇ ଆରମ୍ଭରୁ ବିବାଦ ଉପୁଜିଥିଲା। ଏମିତି କି ହାଇକୋର୍ଟରେ ମାମଲା ରୁଜୁ ହେବା ସହିତ ପଞ୍ଜାବ ମୁଖ୍ୟମନ୍ତ୍ରୀ ମଠ ଉଚ୍ଛେଦ ନ କରିବାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ୍ କରି ଅନୁରୋଧ କରିଥିଲେ। ତେବେ ମଠ ଠାକୁରଙ୍କ ବିଜେସ୍ଥଳୀ ଓ ଗାଦିଘରକୁ ବାଦ୍ ଦିଆଯାଇ ଅନ୍ୟାନ୍ୟ ବ୍ୟବସାୟିକ କୋଠା ଉଚ୍ଛେଦ କରାଯାଇଛି। ଗୁରୁବାର ଅପରାହ୍ନରେ ପୁଣି ଏହି ମଠକୁ ନେଇ ଘଟିଛି ଏକ ଅଭାବନୀୟ ଘଟଣା। ପଞ୍ଜାବରୁ ଆସିଥିବା ଶିଖ୍ ସମ୍ପ୍ରଦାୟର ୪ଜଣ ଯୁବକ ସୁରକ୍ଷା ବଳୟକୁ ଭେଦି ମଠ ଗାଦି ଘର ଛାତ ଉପରକୁ ଚଢି ଶିଖ୍ ସମ୍ପ୍ରଦାୟର ପ୍ରତୀକ ନିଶାଣ (ଖଣ୍ଡା) ଲଗାଇଛନ୍ତି। ଏଥିରେ ପ୍ରଶାସନ ହସ୍ତକ୍ଷେପ କରିବାରୁ ସେମାନେ ତଳକୁ ଡେଇଁପଡ଼ିବା ଲାଗି ଧମକ ଦେଇଥିଲେ। ଏଥିପାଇଁ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରଶାସନିକ ଅଧିକାରୀ ଏବଂ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଶେଷରେ ସମ୍ପୃକ୍ତ ଯୁବକମାନେ ଛାତରୁ ତଳକୁ ଓହ୍ଲାଇଥିଲେ।

ନୂଆବର୍ଷ ପାଇଁ ସିଂହଦ୍ୱାର ଓ ମଙ୍ଗୁ ମଠ ସଂଲଗ୍ନ ଅଞ୍ଚଳରେ ମାଳ ମାଳ ପୋଲିସ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। କିନ୍ତୁ ଏହି ସୁରକ୍ଷା ବ୍ୟବସ୍ଥାକୁ ଚକ୍ମା ଦେଇ ଶିଖ୍ ସମ୍ପ୍ରଦାୟର ଜବରଜଙ୍ଗ୍ ସିଂ, ରମଣଦୀପ, ତେଜା ସିଂ ଏବଂ ଅନ୍ୟ ଜଣେ ଯୁବକ ସେମାନଙ୍କ ପାରମ୍ପରିକ ଅସ୍ତ୍ର ଖଣ୍ଡା, ତଲୱାର ଆଦି ଧରି ମଙ୍ଗୁମଠ ଗାଦିଘର ଛାତ ଉପରକୁ ଉଠି ଯାଇଥିଲେ। ରଙ୍ଗ ଦିଆଯିବା ପାଇଁ ବନ୍ଧାଯାଇଥିବା ଭାରା ସାହାଯ୍ୟରେ ୩ ଜଣ ଛାତ ଉପରକୁ ଯାଇଥିବାବେଳେ ଜଣେ ତଳ ମହଲାରେ ରହିଥିଲେ। ଛାତ ଉପରେ ସେମାନଙ୍କୁ ଖଣ୍ଡା, ତଲୱାର ସହ ଦେଖି ଶ୍ରଦ୍ଧାଳୁମାନେ କିଛି ବୁଝିପାରି ନ ଥିଲେ। ପରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ନଜର ପଡ଼ିଥିଲା। ସଙ୍ଗେସଙ୍ଗେ ପୋଲିସ ଗାଦିଘର ଚତୁଃପାର୍ଶ୍ୱକୁ କର୍ଡନ କରିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ସାଜ

### ସୁରକ୍ଷା ବଳୟକୁ ଭେଦିଲେ ୪ ଶିଖ୍ ଯୁବକ



ମଙ୍ଗୁ ମଠ ଛାତ ଉପରେ ଚଢ଼ିଥିବା ଶିଖ୍ ଯୁବକମାନଙ୍କୁ ପୋଲିସ କର୍ମଚାରୀ ବୁଝାଶୁଝା କରୁଛନ୍ତି।



ନିଶାଣ।

ସରଞ୍ଜାମ ସହ ପହଞ୍ଚି ଯାଇଥିଲେ। ଛାତ ଉପରେ ଥିବା ଯୁବକଙ୍କୁ ଓହ୍ଲାଇ ଆସିବାକୁ କହିଥିଲା ପୋଲିସ। କିନ୍ତୁ ସେମାନେ କିଛି ଶୁଣି ନ ଥିଲେ। ଗୁରୁ ଗ୍ରନ୍ଥ ସାହେବ ପାଠ ସହ ପୂଜାର୍ଚ୍ଚନା କରି ନିଶାଣ ଲଗାଇବା ପରେ ଓହ୍ଲାଇବେ ବୋଲି କହିଥିଲେ। ଏହି ସମୟ ମଧ୍ୟରେ ପୋଲିସ ତଳ ମହଲାରେ ଥିବା ଯୁବକଙ୍କୁ କାବୁ କରି ନେଇଥିଲା। ଉପରେ ଥିବା ଯୁବକମାନେ ଏହା ଦେଖିବା ପରେ ତାଙ୍କ ସହଯୋଗୀଙ୍କୁ ସୁରକ୍ଷିତ ଭାବେ ନ ଛାଡ଼ିଲେ ତଳକୁ ଡେଇଁ ପଡ଼ିବେ ବୋଲି ଧମକ ଦେଇଥିଲେ। ଫଳରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ହଡ଼ବଡ଼େଇ ଯାଇଥିଲେ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ସିଟି ଡିଏସ୍‌ପି କ୍ଷୀରସାଗର ନାୟକ ପ୍ରମୁଖ ସେମାନଙ୍କୁ ବୁଝାଇଥିଲେ। ଛାତ ଉପରେ ସମ୍ପୃକ୍ତ ଯୁବକମାନେ ଗୁରୁ ଗ୍ରନ୍ଥ ସାହେବ ପାଠ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପ୍ରଶାସନ ପକ୍ଷରୁ ଭୋଗ ପାଇଁ ଲଡ୍ଡୁ ଯୋଗାଇ ଦିଆଯାଇଥିଲା। ପ୍ରାୟ ୪୦ ମିନିଟ୍ ଧରି ପୂଜାର୍ଚ୍ଚନା ଓ ନିଶାଣ ଲଗାଇବା ପରେ ଅଗ୍ନିଶମ କର୍ମଚାରୀ ଶିଡ଼ି ପକାଇଥିଲେ। ଅତି ସତର୍କତାର ସହ ଜଣଙ୍କ ପରେ ଜଣଙ୍କୁ ତଳକୁ ଅଣାଯାଇଥିଲା। ସେମାନଙ୍କୁ ସିଂହଦ୍ୱାର ଥାନାକୁ ନିଆଯାଇ ଅଧିକ ପଚରା ଉଚରା କରାଯିବା ପରେ ଛଡ଼ାଯାଇଥିଲା।

ଏ ନେଇ ଜବରଜଙ୍ଗ୍ କହିଥିଲେ, ଗୁରୁ ଗୋବିନ୍ଦ ସିଂଙ୍କ ଜୟନ୍ତୀ ଥିବାରୁ ଗୁରୁ ଗ୍ରନ୍ଥ ସାହେବ ପାଠ କରିବାକୁ ମଠକୁ ଆସିଥିଲୁ। କିନ୍ତୁ ଆମ ସମ୍ପ୍ରଦାୟର ପ୍ରତୀକ ନିଶାଣ (ଖଣ୍ଡା) ସାହେବଙ୍କୁ ଏଠାରେ ଦୟନୀୟ ଅବସ୍ଥାରେ ପକାଯାଇଥିଲା। ତେଣୁ ଛାତ ଉପରେ ଚଢି ପୂଜାର୍ଚ୍ଚନା କରି ଖଣ୍ଡା ଲଗାଇଛୁ। ମଙ୍ଗୁ ମଠ ଭାଙ୍ଗି ଦିଆଯାଉଥିବାର ଏକ ଭିଡିଓ ଦେଖିଥିଲୁ, ଯାହାକି ଆମକୁ ବ୍ୟଥିତ କରିଥିଲା। ତେଣୁ ଆମେ ଓଡ଼ିଶା ଆସିଥିଲୁ। ଅନ୍ୟପକ୍ଷରେ ଉପଜିଲାପାଳ ସାହୁ କହିଛନ୍ତି, ସମ୍ପୃକ୍ତ ଯୁବକମାନେ ଏକ ଭିଡିଓ ଦେଖି ପଳାଇ ଆସିଥିଲେ। ଗାଦିଘର ଛାତକୁ ଉଠିଯିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାଶୁଝା କରାଯାଇଥିଲା। ସେମାନେ ଘଟଣା ବିଷୟରେ ଜାଣିବା ପରେ ଏବେ ଫେରି ଯାଉଛନ୍ତି।



ଭୁବନେଶ୍ୱରସ୍ଥିତ ଗୁରୁଦ୍ୱାର ସିଂ ସଭାଠାରେ ଗୁରୁବାର ଅନୁଷ୍ଠିତ ଗୁରୁ ଗୋବିନ୍ଦ ସିଂ ଜୀଙ୍କ ପ୍ରକାଶ ପର୍ବରେ ସଙ୍ଗୀତ ପରିବେଷଣ କରାଯାଉଛି।

## ଶୀତ ପାଇଁ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର, ୨।୧(ବ୍ୟୁରୋ)

ଶୀତ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ସ୍ଥାନକୁ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରାଯାଇଛି। ନିୟମିତ ଟ୍ରେନରେ ମାତ୍ରାଧିକ ଭିଡ଼ ଓ ପର୍ଯ୍ୟଟକଙ୍କୁ ସୁହାଇବା ଭଳି ଜନପ୍ରିୟ ମାର୍ଗରେ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ଯୋଜନା କରାଯାଇଛି। ହାଓଡ଼ା, କଲିକତା, ଶାଲିମାର, ସାନ୍ତ୍ରାଗାଛି, ବେଙ୍ଗାଲୁରୁ, ସିକନ୍ଦରାବାଦ, ଶ୍ରୀକାକୁଲମ, ତିରୁପତି, ଚେନ୍ନାଇ, ପଣ୍ଡିଚେରୀ, କୋଏମ୍ବାଟୁର, ବିଶାଖାପାଟଣା, ଆରକୁ ଦିଗକୁ ସ୍ୱତନ୍ତ୍ର ଟ୍ରେନ୍ କରାଯାଇଛି। ୦୮୪୦୩-୦୮୪୦୪ ପୁରୀ-ସାନ୍ତ୍ରାଗାଛି ମାର୍ଚ୍ଚ ୨୮ ପର୍ଯ୍ୟନ୍ତ, ୦୮୦୩୭-୦୮୦୩୮ ଶାଲିମାର-ପୁରୀ-ସାନ୍ତ୍ରାଗାଛି ଜାନୁୟାରୀ ୧୮ ପର୍ଯ୍ୟନ୍ତ, ୦୩୧୦୧-୦୩୧୦୨ କୋଲକାତା-ପୁରୀ-କୋଲକାତା ଜାନୁୟାରୀ ୨୬ ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି



### ଭିଡ଼ ତଥା ପର୍ଯ୍ୟଟକପ୍ରିୟ ମାର୍ଗରେ ଟ୍ରେନ ଚଳାଚଳ

ବେଙ୍ଗାଲୁରୁ ଆଡ଼କୁ ୦୮୩୦୧-୦୮୩୦୨ ସମ୍ବଲପୁର-ବନ୍‌ସୱାଡ଼ି ସ୍ପେଶାଲ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ, ୦୮୬୩୫-୦୮୬୩୬ ହାଟିଆ-ବେଙ୍ଗାଲୁରୁ ସ୍ପେଶାଲ ଫେବୃୟାରୀ ୨୮ ପର୍ଯ୍ୟନ୍ତ, ସିକନ୍ଦରାବାଦ ଆଡକୁ ୦୮୪୦୭-୦୮୪୦୮ ଭୁବନେଶ୍ୱର-ସିକନ୍ଦରାବାଦ ସ୍ପେଶାଲ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ, ୦୭୪୩୭-୦୭୪୩୮ କାଚେଗୁଡ଼ା-ଟାଟା ସ୍ପେଶାଲ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ, ୦୭୧୪୭-୦୭୧୪୮ ଶ୍ରୀକାକୁଲମ-କାଚେଗୁଡ଼ା ସ୍ପେଶାଲ ଫେବୃୟାରୀ ୨୪ ପର୍ଯ୍ୟନ୍ତ ଓ ୦୮୫୦୧-୦୮୫୦୨ ବିଶାଖାପାଟଣା-ସିକନ୍ଦରାବାଦ ସ୍ପେଶାଲ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚଳାଚଳ କରିବ। ତିରୁପତିକୁ ୦୮୫୭୩-୦୮୫୭୪ ବିଶାଖାପାଟଣା-ତିରୁପତି ସ୍ପେଶାଲ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ, ଚେନ୍ନାଇକୁ ୦୮୪୨୧-୦୮୪୨୨ ସାନ୍ତ୍ରାଗାଛି-ଚେନ୍ନାଇ ସ୍ପେଶାଲ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ, ୦୬୦୧୦-୦୬୦୦୯ ସାନ୍ତ୍ରାଗାଛି-ପଣ୍ଡିଚେରୀ ଫେବୃୟାରୀ ୨୯ ପର୍ଯ୍ୟନ୍ତ, ୮୦୮୧୩-୮୦୮୧୪ ସାନ୍ତ୍ରାଗଛି-କୋଏମ୍ବାଟୁର ଫେବୃୟାରୀ ୨୮ ପର୍ଯ୍ୟନ୍ତ ଓ ବିଶାଖାପାଟଣାକୁ ୦୮୫୧୭-୦୮୫୧୮ ବିଶାଖାପାଟଣା-ଆରକୁ ସ୍ପେଶାଲ ଜାନୁୟାରୀ ୨୬ ପର୍ଯ୍ୟନ୍ତ ଚଳାଚଳ କରିବ। ଏହିସବୁ ଟ୍ରେନ ପାଇଁ ଯାତ୍ରୀମାନେ ଆଇଆର୍‌ସିଟି ଆପ୍ ଓ କାଉଣ୍ଟରରୁ ଟିକଟ କରିପାରିବେ।

---

**ଶ୍ରୀଲିଙ୍ଗରାଜ ମନ୍ଦିର ଉଚ୍ଛେଦ ପ୍ରସଙ୍ଗ**

# ଜବରଦଖଲରେ ପାର୍ଶ୍ୱ ଦେବଦେବୀ ପୀଠ



ପୁରୁଣା ଭୁବନେଶ୍ୱର,୨।୧ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ଉଚ୍ଛେଦକୁ ସବୁ ମହଲରୁ ସ୍ୱାଗତ କରାଯାଉଛି। ହେଲେ ଶ୍ରୀଲିଙ୍ଗରାଜଙ୍କ ରୀତିନୀତି ସହ ଜଡ଼ିତ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ପୀଠ ଓ ମନ୍ଦିର ଅବ୍ୟବସ୍ଥା ନେଇ ଭକ୍ତ ଓ ପର୍ଯ୍ୟଟକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପାର୍ଶ୍ୱ ଦେବଦେବୀଙ୍କ ପୀଠଗୁଡିକ ରାଜସ୍ୱ ରେକର୍ଡ ଅନୁଯାୟୀ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଅଧୀନରେ ଥିଲେ ମଧ୍ୟ ବିଭାଗୀୟ ଅବହେଳା କାରଣରୁ ଏକାମ୍ର କ୍ଷେତ୍ରର ଐତିହ୍ୟ ଦିନକୁ ଦିନ ସତ୍ତା ହରାଇବାକୁ ବସିଛି। ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲ ଓ ପର୍ଯ୍ୟଟନ ବିଭାଗ ବେଆଇନ ନିର୍ମାଣ ଏ ପରିସ୍ଥିତି ସୃଷ୍ଟି କରିଛଇ।

ଶ୍ରୀଲିଙ୍ଗରାଜ ମନ୍ଦିର ପୂର୍ବଦିଗରେ ଅବସ୍ଥିତ ପୂର୍ବେଶ୍ୱର ମନ୍ଦିର ପରିସରରେ ଭୁବନେଶ୍ୱର ପଞ୍ଚାୟତ ସମିତି ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗ, ଦେବୋତ୍ତର ବିଭାଗ କିମ୍ବା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଅନୁମତି ନ ନେଇ ରୋଷଘର ନାମରେ ଅଧାଖଣ୍ଡିଆ ନିର୍ମାଣ କରାଯାଇଛି। ଏଗୁଡିକୁ କୌଣସି ସରକାରୀ ନିୟନ୍ତ୍ରଣାଧୀନ ନ ଥିବାରୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବେ ବ୍ୟବହାର ହେଉଛି। ସୂକ୍ଷ୍ମେଶ୍ୱର ମନ୍ଦିର ପରିସରରେ ସୂକ୍ଷ୍ମେଶ୍ୱର ମହାଦେବଙ୍କ ରୋଷଘର ରେକର୍ଡଭୁକ୍ତ ଜମି ଉପରେ ପଞ୍ଚାୟତ ସମିତି କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଇଛି। ବରୁଣେଶ୍ୱର ମନ୍ଦିର ବେଢା ପରିକ୍ରମା ନିମନ୍ତେ ରହିଥିବା ଖୋଲା ସ୍ଥାନରେ ମଣ୍ଡପ ନିର୍ମାଣ କରାଯାଇଛି।

### ମନ୍ଦିର ବେଢ଼ାରେ ବ୍ୟବସାୟ ପ୍ରତିଷ୍ଠାନ

ଶ୍ରୀଲିଙ୍ଗରାଜଙ୍କ ଲାଖବିନ୍ଧା ପଡ଼ିଆ ଭାବେ ପରିଚିତ ମା' କାଳୀକା ଦେବୀ ପୀଠ ତା'ର ସ୍ଥିତି ରକ୍ଷା କରିପାରିନାହିଁ। କେତେଜଣ ବିଲ୍ଡର ଓ ବ୍ୟକ୍ତିବିଶେଷଙ୍କ ସଲାସୁତରାରେ ମନ୍ଦିରର ମୂଳ ମାଲିକାନା ପରିସର, ପରିପାଟୀ ଓ ସୌନ୍ଦର୍ଯ୍ୟକୁ ନିଶ୍ଚିହ୍ନ କରି ଦିଆଯାଇଛି। ମୋଟ ୧୧୯ ଡିସିମିଲ୍ ପରିମିତ ଏହି ମନ୍ଦିର ବେଢାରୁ କେବଳ ୩ ରୁ ୪ ଡିସିମିଲ୍‌ରେ ଏବେ ମନ୍ଦିର ପରିସର ସୀମିତ ହୋଇରହିଛି। ଏହିପରି ଐତିହ୍ୟ ବୈତାଳେଶ୍ୱର ମନ୍ଦିର ପରିସର ଅବୈଧ ନିର୍ମାଣକୁ ଏଏସ୍‌ଆଇ ପକ୍ଷରୁ ବାରମ୍ବାର ତାଗିଦ୍ କରାଯାଇଥିଲା। ଏହା ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ମଣ୍ଡପ ନିର୍ମାଣ ଯୋଗୁ ମନ୍ଦିରର ସୌନ୍ଦର୍ଯ୍ୟ ହାନି ସହ ଏଥିପ୍ରତି ବିପଦ ସୃଷ୍ଟି ହୋଇଛି। ଏ ନେଇ ଏଏସ୍‌ଆଇ ପ୍ରତ୍ନତତ୍ତ୍ୱ ଅଧୀକ୍ଷଣ ଅଧିକାରୀ, ଭୁବନେଶ୍ୱର ଡିସିପି, ପୋଲିସ କମିଶନର, ଜିଲାପାଳଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଏହା ଉଚ୍ଛେଦ କରାଯାଇନି। ଅନୁରୂପ ଭାବେ ଅନନ୍ତ ବାସୁଦେବ, ବ୍ରହ୍ମେଶ୍ୱର, ଲକ୍ଷ୍ମଣେଶ୍ୱର, ଶତ୍ରୁଘ୍ନେଶ୍ୱର, ଶିଶିରେଶ୍ୱର ମନ୍ଦିର, ତାଳେଶ୍ୱର, ଶ୍ରୀଭାବାନୀ, ଶୁକଶାରୀ, ଶାରିଦେଉଳ, ସ୍ୱର୍ଣ୍ଣଜଳେଶ୍ୱର, ସୁବର୍ଣ୍ଣେଶ୍ୱର, ବାଘେଶ୍ୱର, ଶ୍ରୀପଞ୍ଚମୀ ପଡ଼ିଆର ଚତୁଃପାର୍ଶ୍ୱରେ ନିର୍ମାଣ ଏବଂ ଜବରଦଖଲକୁହଟାଯାଇମୁଖ୍ୟମନ୍ତ୍ରୀଙ୍କଏକାମ୍ରକ୍ଷେତ୍ରର ମେଗା ପ୍ରୋଜେକ୍ଟରେ ସାମିଲ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ନେଇ ଏଏସ୍‌ଆଇର ସଂରକ୍ଷଣ ଅଧିକାରୀ ନିର୍ମଳ ମହାପାତ୍ର କୁହନ୍ତି, ଆମେ ବିଭିନ୍ନ ମନ୍ଦିରରେ ଅବୈଧ ନିର୍ମାଣ ନେଇ କେବଳ ନୋଟିସ୍ ଏବଂ କାରଣ ଦର୍ଶାଅ ନୋଟିସ୍ ଜାରି କରିଛୁ।

### ସନ୍ଧ୍ୟାରେ ସ୍ୱତନ୍ତ୍ର ପ୍ରତିନିଧି ଦଳର କାର୍ଯ୍ୟ ତଦାରଖ



ଏକାମ୍ର କ୍ଷେତ୍ରକୁ ବିଶ୍ୱ ଐତିହ୍ୟ ମାନଚିତ୍ରରେ ସ୍ଥାନ ଦେବାକୁ ମୁଖ୍ୟମନ୍ତ୍ରଙ୍କ ଏହି ମେଗା ପ୍ରୋଜେକ୍ଟକୁ ସଫଳ ରୂପାୟନ ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ଜାରି ରହିଛି। ବୁଧବାର ପୁରୁଣା ମାର୍କେଟ କମ୍ପ୍ଲେକ୍ସ ସ୍ଥାନରେ ନୂତନ ଭାବେ ପାର୍କିଂ ପାଇଁ ନିର୍ମାଣ ସରିଥିବା ସ୍ଥାନରେ ବିଭିନ୍ନ ଫୁଲକୁଣ୍ଡ ଓ ଗଛରେ ସଜାଯିବା ପରେ ଆଲୋକୀକରଣ ପାଇଁ ବ୍ୟବସ୍ଥା ସରିଛି। ଗୁରୁବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ପ୍ରତିନିଧି ଟିମ୍ ଉକ୍ତ ସ୍ଥାନରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। କେଉଁ କାମ କେଉଁଠି ଅଟକିଛି, ବାକି ରହିଥିବା ଜବରଦଖଲ ଉଚ୍ଛେଦ ପାଇଁ ପ୍ରସ୍ତାବ ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବାରୁ ରହିଥିବା ବିଭିନ୍ନ କାର୍ଯ୍ୟ ଜୋରସୋରରେ ଆଗେଇ ନେବା ପାଇଁ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ମିଳିତ ପ୍ରତିନିଧି ଦଳରେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, କାରିଗରି ବିଜ୍ଞାନ କୌଶଳ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ମିଶ୍ର ଏବଂ ପ୍ରଭାତ ତ୍ରିପାଠୀ ପ୍ରମୁଖଙ୍କ ସହ ବିଭାଗୀୟ ପ୍ରଶାସନିକ ଅଧିକାରୀ ଏବଂ ମିଳିତ ଟିମ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ - ତଥାଗତ ସତପଥୀ



ଯିଏ ଗାତ ଖୋଳେ, ତାକୁ ସେହି ଗାତରେ ହିଁ ପଡ଼ିବାକୁ ହୋଇଥାଏ।

-ଯିଶୁ



## ସଂକ୍ଷେପରେ

### ୮ ଫୁଟର ଅଜଗର ଉଦ୍ଧାର



**ଆଠଗଡ,୨।୧(ସ୍ୱ.ପ୍ର.):** ଆଠଗଡ ସହର ସନ୍ନିକଟ ନୂଆଗଡ ମୁଣ୍ଡିଆରେ ଅବସ୍ଥିତ ମହିମା ଆଶ୍ରମରୁ ଗୁରୁବାର ୮ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ସାପଟି କୌଣସି ଜୀବଜନ୍ତୁକୁ ଗିଳିଦେଇ ଆଶ୍ରମରେ ଥିବା ଏକ ପ୍ରକୋଷ୍ଠ ଭିତରକୁ ପଶିଆସିଥିଲା। ଆଶ୍ରମର ପରିଚାଳକ ପ୍ରକୋଷ୍ଠ ମଧକୁ ଯିବା ସମୟରେ ସଁ ସଁ ଶବ୍ଦ ଶୁଣି ଆଲୁଅ ଲଗାଇଥିଲେ। ସେଠାରେ ଅଜଗରକୁ ଦେଖି ବନବିଭାଗରେ ଖବର ଦେଇଥିଲେ। ବନ ବିଭାଗ ପକ୍ଷରୁ ସାପଧରାଳି ବାବୁପ୍ରସାଦ କବି ଓ ହାଡିବନ୍ଧୁ ସାମଲ ଆଶ୍ରମରେ ପହଞ୍ଚି ତାକୁ କାବୁ କରିଥିଲେ। ସ୍ଥାନୀୟ ରଥଗଡାସ୍ଥିତ ସାରାଆକାଶ କ୍ଲବର କେତେ ଜଣ ସଭ୍ୟ ଏଥିରେ ସହଯୋଗ କରିଥିଲେ। ଅଜଗରକୁ ଏକ ବ୍ୟାଗ ଭିତରେ ଭର୍ତ୍ତି କରାଯାଇ ଆଠଗଡ ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଥିଲା। ସାପଟି କିଛି ଗିଳି ଦେଇଥିବାରୁ ନିସ୍ତେଜ ହୋଇ ପଡିରହିଥିଲା। ଅପରାହ୍ନରେ ସେ ସୁସ୍ଥ ହେବା ପରେ ବନାଞ୍ଚଳ ଅଧିକାରୀ ଆଇସା ଅଖତରୀ ନିଶାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଅଜଗରକୁ ମେଘା ସୁକାଶନ ଜଙ୍ଗଲ ମଧ୍ୟରେ ଛାଡ଼ିଦେଇଥିଲେ।

### ଖବରଦାତାଙ୍କ ବିୟୋଗରେ ଶୋକ

**ମାହାଙ୍ଗା,୨।୧(ସ୍ୱ.ପ୍ର.):** ବରିଷ୍ଠ ଖବରଦାତା ଅନିରୁଦ୍ଧ ସାମନ୍ତରାୟଙ୍କ ଅକାଳ ବିୟୋଗରେ ମାହାଙ୍ଗା ପ୍ରେସ୍ କ୍ଲବ ପକ୍ଷରୁ ଗୁରୁବାର ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। କୁଆଁପାଳ ସେମିଓଟିକ୍ସ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ ଏହି ଶୋକସଭାରେ ପ୍ରେସ୍ କ୍ଲବ ସଭାପତି ଦୀପକ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ, ଉପସଭାପତି ଅଶୋକ ଦାଶ, ଅମିୟ କୁମାର ନାୟକ, କୋଷାଧକ୍ଷ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ପି.କେ ବାରିକ, ଶଶିଭୂଷଣ ଷଡ଼ଙ୍ଗୀ, ଦୀପକ ଦାସ, ଅର୍ଜୁନୀ ସାହୁ ଓ ଶିବାନୀ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମନ୍ତରାୟଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

### ଛତୁଆ ବଣ୍ଟନ କାର୍ଯ୍ୟକ୍ରମ

**ବାଙ୍କୀ, ୨।୧(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଅନ୍ତର୍ଗତ ୭ ନଂ ସେକ୍ଟରରେ ପୃଥକ ଭାବେ ଅଙ୍ଗନୱାଡି କେନ୍ଦ୍ରମାନଙ୍କ ଛତୁଆ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ଶିଶୁବିକାଶ ଅଧିକାରିଣୀ ନିର୍ମଳା ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ପରିଦର୍ଶିକା ଛିତା ହେମ୍ବ୍ରମ୍ , ଫୁଲରାଣୀ ବେହେରା, ଆରତୀ ସାମଲ, ବନଲତା ମହାନ୍ତି, ଜ୍ୟୋତିର୍ମୟୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛତୁଆ ବଣ୍ଟନ କରିଥିଲେ। ଏହି ଅବସରରେ ୬ମାସରୁ ୩ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କର କିପରି ଯତ୍ନ ନିଆଯାଇପାରିବ ସେ ସମ୍ପର୍କରେ ତାଲିମ୍ ଦିଆଯାଇଥିଲା।

### ନବବର୍ଷ ପାଳିଲେ ମାନସିକ ଅନଗ୍ରସର ଛାତ୍ରୀଛାତ୍ର

**ବାଙ୍କୀ,୨।୧(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଡମପଡ଼ା ଅନ୍ତର୍ଗତ ରାଜୀବ ନଗରରେ ଚେତନା ମାନସିକ ଅନଗ୍ରସର ବିଦ୍ୟାଳୟର ୬୦ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁବାର ନବବର୍ଷ ପାଳନ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ଲଲାଟେନ୍ଦୁ କର ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ସେମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଶକ୍ତି କିପରି ବିକାଶ ହୋଇପାରିବ ସେସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରତାପଚନ୍ଦ୍ର ସାହୁ, ରଞ୍ଜିତା ମିଶ୍ର, ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ରଞ୍ଜନ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ଶିକ୍ଷକଙ୍କ ବଦଳି ପ୍ରତିବାଦରେ ବିଦ୍ୟାଳୟରେ ତାଲା

# ଧାରଣାରେ ବସିଲେ ଛାତ୍ରୀଛାତ୍ର, ଅଭିଭାବକ

**ଲଳିତଗିରି/ମାହାଙ୍ଗା,୨।୧(ସ୍ୱ.ପ୍ର.)**



ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

■ବିଦ୍ୟାଳୟରେ ୫ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି

■ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚେତାବନୀ

ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତ ଅନ୍ତର୍ଗତ ହରିଭକ୍ତପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ବଦଳିକୁ ନେଇ ଗୁରୁବାର ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲାପକାଇ ଧାରଣା ଦେଇଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା ବେଳେ ୭୨ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କୁ ଶିକ୍ଷାଦାନ ଦେବାପାଇଁ ବିଦ୍ୟାଳୟରେ ୫ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ସେଥିରୁ ସାହିତ୍ୟ ଓ ସାମାଜିକ ବିଷୟ ପଢାଉଥିବା ସହକାରୀ ଶିକ୍ଷକ ଉମେଶ ବେହେରାଙ୍କୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟତ୍ର ବଦଳି କରିଦିଆଯାଇଛି। ଏନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ନିକଟରେ ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷା ଥିବାବେଳେ ବେହେରାଙ୍କ ବଦଳିକୁ ସେମାନେ ବିରୋଧ କରିଛନ୍ତି। ଏହି ବଦଳି ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢା ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି ବୋଲି ଅଭିଯୋଗ କରି ଗ୍ରାମବାସୀଙ୍କ ପକ୍ଷରୁ ଏହି ଧାରଣା ଦିଆଯାଇଛି।

ଖବରପାଇ ସିଆର୍‌ସିସି ରବୀନ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ପ୍ରତ୍ୟାହୃତ ନ ହେବା ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ଉତ୍ୟକ୍ତ ଲୋକେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିଆର୍‌ସିସି ସାହୁ କହିଛନ୍ତି, ସରକାରଙ୍କ ନିୟମ ଅନୁସାରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଆବଶ୍ୟକଠାରୁ ୨ ଜଣ ଅଧିକ ଶିକ୍ଷକ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି।

## କିରୋସିନ ଢାଳି ନବବଧୂ ହତ୍ୟା ଘଟଣା

# ପୋଲିସର କୋହଳ କାର୍ଯ୍ୟାନୁଷ୍ଠାନକୁ ନେଇ ଅସନ୍ତୋଷ

**ମାହାଙ୍ଗା,୨।୧(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ସିପୁରା ଗ୍ରାମର ଦଳିତ ସାହିରେ ଯୌତୁକ ପାଇଁ ବୁଧବାର ଜଣେ ନବବଧୂଙ୍କୁ ଶାଶୁଘର ଲୋକେ କିରୋସିନ ଢ଼ାଳି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ପକ୍ଷରୁ କୋହଳ ମନୋଭାବ ଅବଲମ୍ବନ କରାଯାଇ କେବଳ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରାଯାଇଛି। ମାତ୍ର ଅଭିଯୁକ୍ତ ଶାଶୁ ,ଶ୍ୱଶୁର ଓ ନଣନ୍ଦଙ୍କୁ ଗିରଫ କରାଯାଇନାହିଁ ବୋଲି ମୃତକଙ୍କ ଭାଇ ଅମିୟ କୁମାର ସାମଲ ଗୁରୁବାର ଅଭିଯୋଗ କରିଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅମିୟଙ୍କ ଅଭିଯୋଗ ଅନୁଯାୟୀ, ୬ ମାସ ପୂର୍ବେ ସିପୁରା ଗ୍ରାମର ବିପ୍ରଚରଣ ଜେନାଙ୍କ ସାନପୁଅ ଉତ୍ତମ ଜେନାଙ୍କ ସହ ସୁଚିତ୍ରାଙ୍କ ବିବାହ ହୋଇଥିଲା। ବିବାହ ପରଠାରୁ ବିଭିନ୍ନ ଆଳରେ ଯୌତୁକ ଦାବି କରି ଶାଶୁଘର ପକ୍ଷରୁ ତାଙ୍କୁ ବାରମ୍ବାର ନିର୍ଯାତନା ଦିଆଯାଉଥିଲା। ମାତ୍ର ଦାବି ମୁତାବକ ଯୌତୁକ ଦିଆ ନ ଯିବାରୁ ସ୍ୱାମୀ,ଶାଶୁ,ନଣନ୍ଦ ଓ ଶ୍ୱଶୁର ସୁଚିତ୍ରାଙ୍କୁ ମାଡ଼ମାରି ହତ୍ୟା କରିଛନ୍ତି। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ.୨/୨୦)ରୁଜୁ କରାଯାଇ କେବଳ ସ୍ୱାମୀ ଉତ୍ତମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏ ସମ୍ପର୍କରେ ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି, ଅଭିଯୋଗର ତଦନ୍ତ ଚାଲିଛି। ପ୍ରଥମେ ସ୍ୱାମୀଙ୍କୁ ଗିରଫ କରାଯାଇଛି। ଯଦି ଅନ୍ୟମାନେ ତଦନ୍ତ ପରିସରଭୁକ୍ତ ହୁଅନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ରାମକୃଷ୍ଣ ଆଶ୍ରମ ପକ୍ଷରୁ କଳ୍ପତରୁ ଉତ୍ସବ

# ଭକ୍ତିର ମାର୍ଗ ହିଁ ଶ୍ରେଷ୍ଠ ମାର୍ଗ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଟିଗିରିଆ,୨।୧(ଡି.ଏନ୍.ଏ.)**

ସତ୍ୟକୁ ଆପଣାର କଲେ ବ୍ୟକ୍ତି ମଙ୍ଗଳମୟ ହୋଇଥାଏ। ଈଶ୍ୱର ଆଶୀର୍ବାଦ ଲାଭ କରିବାକୁ ହେଲେ ଜୀବନରେ ଗୁରୁଙ୍କୁ ଗ୍ରହଣ କରିବା ଆବଶ୍ୟକ। ଏକ୍ଷେତ୍ରରେ ଭକ୍ତିର ମାର୍ଗ ହିଁ ଶ୍ରେଷ୍ଠ ମାର୍ଗ ବୋଲି ରାମକୃଷ୍ଣ ମିଶନ-ଆଶ୍ରମର ସ୍ୱାମୀ କୃଷ୍ଣରୂପାନନ୍ଦଜୀ ମହାରାଜ କଳ୍ପତରୁ ଉତ୍ସବରେ ଯୋଗଦେଇ କହିଛନ୍ତି। ବାଙ୍କୀ ବ୍ଲକ ଅନ୍ତର୍ଗତ କନ୍ତପହଁରାସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ୱାମୀ କୃଷ୍ଣରୂପାନନ୍ଦଜୀ ଯୋଗଦେଇ ମାନବୀୟ ଧର୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ରାମକୃଷ୍ଣ ଆଶ୍ରମ କନ୍ତପହଁରା ଶାଖା ସଭାପତି ସୁଧାକର ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷୟିତ୍ରୀ ତରଙ୍ଗିଣୀ ପ୍ରଧାନ ଓ ସମ୍ମାନିତଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ରାମଚନ୍ଦ୍ର ଜେନା ଯୋଗଦେଇ ଆଶ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ସଦସ୍ୟ ପ୍ରେମାନନ୍ଦ ବରାଳ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ୫୦ଜଣ ଅସହାୟଙ୍କୁ କମ୍ବଳ ବିତରଣ କରାଯାଇଥିଲା। ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତ ଯୋଗଦେଇଥିଲେ।

# ବିରୋଧ ଯୋଗୁ ଫେରିଗଲା ଉଚ୍ଛେଦ ଟିମ୍

**ଭୁବନେଶ୍ୱର, ୨।୧ (ବ୍ୟୁରୋ)**

■ବିଧାୟକଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ବସ୍ତିବାସିନ୍ଦା

ବସ୍ତିବାସିନ୍ଦାଙ୍କୁ ଥଇଥାନ ପରେ ଉଚ୍ଛେଦ କରିବାର ପ୍ରତିଶ୍ରୁତି ଦେଉଥିବା ପ୍ରଶାସନର ଗୁରୁବାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିନା ଥଇଥାନରେ ଉଚ୍ଛେଦ ପାଇଁ ଆସିଥିବା ଉଚ୍ଛେଦକାରୀ ଟିମ୍‌କୁ ଘୋର ବିରୋଧର ସାମ୍ନା କରିବାକୁ ପଡ଼ିଛି। ଏହିଭଳି ଘଟଣା ସ୍ଥାନୀୟ ଚନ୍ଦ୍ରଶେଖରପୁର ଅଞ୍ଚଳ ବିଡିଏ କଲୋନି ନିକଟ ନୀଳମାଧବ ବସ୍ତିରେ ଦେଖିବାକୁ ମିଳିଛି। ବସ୍ତି ଉଚ୍ଛେଦକୁ ବିରୋଧ କରି ବାସିନ୍ଦାମାନେ ଧାରଣା ଦେଇଥିବାବେଳେ ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତଙ୍କ ପ୍ରତିଶ୍ରୁତି ପରେ ଉଚ୍ଛେଦ ସ୍ଥଗିତ ରହିବା ସହ ସେମାନେ ଧାରଣାରୁ ଉଠିଥିଲେ। ଏନେଇ ଉଚ୍ଛେଦ ନ କରି ଟିମ୍‌କୁ ଫେରିବାକୁ ପଡ଼ିଥିଲା।

ସୂଚନାନୁଯାୟୀ, ଉକ୍ତ ବସ୍ତିରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରାୟ ୫ଶହ ପରିବାର ରହିଆସୁଛନ୍ତି। ବିଡିଏ ପକ୍ଷରୁ ବସ୍ତିର ରାଜୀବ ଆବାସ ଯୋଜନା (ଆରଏୱାଇ)ରେ ଅନ୍ତର୍ଭୁକ୍ତ ପରିବାରକୁ ଥଇଥାନ କରିବା ଲାଗି ୨୦୧୭ରେ ଘୋଷଣା ହୋଇଥିଲା। ସେତେବେଳେ ତତ୍କାଳୀନ ମେୟର ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଡିଏ ଅଧିକାରୀଙ୍କ ସହ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଏକ ଜନ ଶୁଣାଣି ହୋଇଥିଲା। ତଦନୁଯାୟୀ ୩ ମାସ ପୂର୍ବେ ବିଡିଏ ଏଠାକାର ଅର୍ଦ୍ଧାଧିକ ବାସିନ୍ଦାଙ୍କୁ ପ୍ରଥମେ ଟ୍ରାଞ୍ଜିଟ୍ ହାଉସକୁ ସ୍ଥାନାନ୍ତର କରିବା ପରେ ଉକ୍ତ ବସ୍ତିରେ ସେମାନଙ୍କ ପାଇଁ ଘର ନିର୍ମାଣ କରିବାର ନିଷ୍ପତ୍ତି କରାଯାଇଥିଲା। ହେଲେ ବସ୍ତିର ପ୍ରାୟ ୨୪୬ ଆରଏୱାଇ ଅନ୍ତର୍ଭୁକ୍ତ ପରିବାରକୁ କୌଣସି ଥଇଥାନ ନ କରି ହଠାତ୍ ଗୁରୁବାର ଉଚ୍ଛେଦ ଟିମ୍ ପହଞ୍ଚି ବାସିନ୍ଦାମାନଙ୍କୁ ତାଙ୍କ ଆସବାବପତ୍ର ସ୍ଥାନାନ୍ତର କରିବାକୁ କହିଥିଲେ। ବିନା କୌଣସି ମହଲତରେ ଉଚ୍ଛେଦ ପାଇଁ ଆସିଥିବାରୁ ବସ୍ତିବାସିନ୍ଦାମାନେ ଏନେଇ ବିରୋଧ କରିବା ସହ ଧାରଣାରେ ବସିଥିଲେ। ଖବର ପାଇ ବିଧାୟକ ରାଉତ, ଉତ୍ତର ମଣ୍ଡଳ ବିଜେଡି ଉପସଭାପତି ମନୋଜ କୁମାର ସାହୁ ଓ ଅନ୍ୟ ସାମାଜିକକର୍ମୀ ଘଟଣାସ୍ଥଳରେ ପହଞ୍ଚି ବସ୍ତିବାସିନ୍ଦାଙ୍କୁ ପ୍ରଥମେ ସୁରକ୍ଷିତ ଭାବେ ଥଇଥାନ ଓ ପରେ ଉଚ୍ଛେଦ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର କହିଛନ୍ତି, ସେମାନଙ୍କୁ ଟ୍ରାଞ୍ଜିଟ୍ ହାଉସରେ ରହିବାକୁ କୁହାଯାଇଥିଲା। କିନ୍ତୁ ସେମାନେ ସେଠାକୁ ଯିବା ପାଇଁ ମନା କରିବାରୁ ବସ୍ତିବାସିନ୍ଦାଙ୍କ ପାଇଁ ଅନ୍ୟ ଏକ ସ୍ଥାନ ସ୍ଥିର କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ସେଠାକୁ ସ୍ଥାନାନ୍ତର କରାଯିବ ଓ ଉଚ୍ଛେଦ କରାଯାଇ ରାଜୀବ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ହୋମଗାର୍ଡଙ୍କୁ ମାଡ଼ ମାରି ଯୁବକ କୋର୍ଟ ଚାଲାଣ

**ନିଶ୍ଚିନ୍ତକୋଇଲି, ୨।୧(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନାର ଜଣେ କାର୍ଯ୍ୟରତ ହୋମଗାର୍ଡଙ୍କୁ ରାସ୍ତାରେ ମାଡ଼ ମାରିବା ଅଭିଯୋଗରେ ଗୁରୁବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ବଡକ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମର ଗଣେଶ୍ୱର ସାହୁଙ୍କ ପୁଅ ଅକ୍ଷୟ କୁମାର ସାହୁ(୨୮)। ନିଶ୍ଚିନ୍ତକୋଇଲି ବଜାର ବସଷ୍ଟାଣ୍ଡ ନିକଟରେ ବୁଧବାର ରାତିରେ ନୂଆବର୍ଷ ପାଇଁ ରାସ୍ତାଜାମ ହୋଇଥିଲା। କାର୍ଯ୍ୟରତ ହୋମଗାର୍ଡ ଲିଙ୍ଗରାଜ ସାହୁ ଟ୍ରାଫିକ ନିୟନ୍ତ୍ରଣ କରୁଥିଲେ। ଏହି ସମୟରେ ଅକ୍ଷୟ ସାଧାରଣ ଲୋକଙ୍କୁ ଗାଳିଗୁଲଜ କରୁଥିଲେ। ଲିଙ୍ଗରାଜ ପାଖକୁ ଯାଇ ପଚାରିବାରୁ ଅକ୍ଷୟ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଲିସ ତାଙ୍କୁ କାବୁକରି ଥାନାକୁ ନେଇଥିଲା। ହୋମଗାର୍ଡଙ୍କ ଅଭିଯୋଗକ୍ରମେ ଏନେଇ ଥାନାରେ ମାମଲା (ନଂ.୧/୨୦) ରୁଜୁ କରାଯାଇଛି।

# ୨୦ରୁ ପ୍ରସିଦ୍ଧ ଓଳାଶୁଣୀ ମେଳା

**ଲଳିତଗିରି, ୨।୧(ସ୍ୱ.ପ୍ର)**

ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତ ପାଦଦେଶରେ ଅବସ୍ଥିତ ସନ୍ଥ ଅରକ୍ଷିତ ଦାସଙ୍କ ସାଧନା ପୀଠରେ ଜାନୁୟାରୀ ୨୦ରୁ ପ୍ରସିଦ୍ଧ ଓଳାଶୁଣୀ ମେଳା ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଳାଶୁଣୀ ପୀଠର ଗଣେଶ ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ମଠାଧୀଶ ନାମାନୁଜ ଦାସ ମହାରାଜ ସଭାପତିତ୍ୱ କରିଥିଲେ। ୧୦ ଦିନ ବ୍ୟାପି ହେବାକୁ ଥିବା ଏହି ମେଳାର ଗରିମା ବଜାୟ ରଖିବାକୁ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ତହସିଲଦାର ଦିଲୀପ କୁମାର ନାୟକ,ଆଇଆଇସି ରଞ୍ଜନ କୁମାର ପ୍ରଧାନ, ଯାଜପୁର ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳ,ଦର୍ପଣ ତହସିଲଦାର ବ୍ରଜେନ୍ଦ୍ର ମହାନ୍ତି, ଅତିରିକ୍ତ ତହସିଲଦାର ରତ୍ନାକର ନାୟକ ଓ ବାଲିଚନ୍ଦ୍ରପୁର ଆଇଆଇସି ସୁକାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## କାର-ଅଟୋ ମୁହାଁମୁହିଁ: ଚାଳକ ଗୁରୁତର

**କଟକ ଅଫିସ,୨।୧**



ତ୍ରିଶୂଳିଆ ବ୍ରିଜରେ ଗୁରୁବାର ଏକ କାର ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋ ଚାଳକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ବାରଙ୍ଗ ପୋଲିସ କାର ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୧୦ଟା ୩୫ରେ ଏକ ଅଟୋ ତ୍ରିଶୂଳିଆ ଅଭିମୁଖେ ଯାଉଥିଲା। ଏହି ସମୟରେ ଭୁବନେଶ୍ୱରରୁ ଆସୁଥିବା ଏକ କାର ତ୍ରିଶୂଳିଆ ବ୍ରିଜରେ ଅଟୋକୁ ଧକ୍କା ଦେଇଥିଲା। ଏହି ସମୟରେ ପଛରୁ ଆସୁଥିବା ଦୁଇଟି ବାଇକ୍ ମଧ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ କାର ଚାଳକ ଖସି ପଳାଉଥିଲେ। କେତେଜଣ ବାଇକଆରୋହୀ ତାଙ୍କୁ ପିଛା କରି ଜୁଡିସିଆଲ ଏକାଡେମୀ ନିକଟରେ କାବୁ କରି ମର୍କତନଗର ପୋଲିସ ଜିମା ଦେଇଥିଲେ। ବାରଙ୍ଗ ଥାନା ଅଧୀନରେ ଦୁର୍ଘଟଣା ଘଟିଥିବାରୁ ମର୍କତନଗର ପୋଲିସ କାର ଚାଳକଙ୍କୁ ବାରଙ୍ଗ ଥାନାକୁ ହସ୍ତାନ୍ତର କରିଥିଲା। ରିପୋର୍ଟ ଲେଖା ହେବା ବେଳକୁ କାର ଓ ଅଟୋ ଚାଳକଙ୍କ ପରିଚୟ ମିଳିପାରିନାହିଁ।

## ଏସ୍‌ଏଚ୍‌ଜିକୁ ଜାଗା ଫେରାଇବାକୁ ଦାବି

**ବାରଙ୍ଗ,୨।୧(ଡି.ଏନ୍.ଏ.)**

ଅନ୍ଧାରୁଆ ପଞ୍ଚାୟତର ଅନ୍ଧାରୁଆ ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀର ଘର ସହ ଦଖଲରେ ଥିବା ଜାଗାକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଗ୍ରାମବାସୀ ଉଚ୍ଛେଦକୁ ବିରୋଧ କରିବା ସହ ଜାଗାକୁ ପୁନଃ ଏଚ୍‌ଏଚ୍‌ଜିକୁ ହସ୍ତାନ୍ତର କରିବାକୁ ଦାବି କରିଥିଲେ। ଗ୍ରାମବାସୀଙ୍କ ଦାବିକୁ ପ୍ରଶାସନ ଗୁରୁତ୍ୱ ନ ଦେଇ ଜାଗାକୁ ମାପିବା ସହ ଅନ୍ୟ ଏକ ଏକ ସଂସ୍ଥାକୁ ହସ୍ତାନ୍ତର କରିବାକୁ ଚେଷ୍ଟା କରାଯାଉଛି। ଏହି ଜାଗାକୁ ଏସ୍‌ଏଚ୍‌ଜିକୁ ଫେରାଇବା ବଦଳରେ ଅନ୍ୟ ସଂସ୍ଥାକୁ ହସ୍ତାନ୍ତର କରାଯାଏ, ତେବେ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଦିଲୀପ ତରାଇ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ଅନ୍ଧାରୁଆ ଗ୍ରାମୁଣ୍ଡରେ ଥିବା ୭୫୦ଡେସିମିଲି ଗୋଚର ଜାଗାରେ ଗତ ୧୫ବର୍ଷ ହେବ ଗୋଜାୟାଣୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ୩ବଖରା ଆଜବେଷ୍ଟସ ଘର କରିଥିଲେ। ସେଠାରେ ସଭାସମିତି ସହ ଗଛ ଲଗାଯାଇଛି। କିନ୍ତୁ ଭୁବନେଶ୍ୱର ତହସିଲ ପକ୍ଷରୁ କୌଣସି ସୂଚନା ଦିଆ ନ ଯାଇ ଏହି ଘରକୁ ଭାଙ୍ଗିବା ସହ ବନୀକରଣକୁ ନଷ୍ଟ କରାଯାଇଛି। ପ୍ରାୟ ୫ଲକ୍ଷ ଟଙ୍କାର କ୍ଷତି ହୋଇଛି ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି। ପଞ୍ଚାୟତ ପକ୍ଷରୁ ସରପଞ୍ଚ ମଧ୍ୟ ଏହି ଜାଗା ଗ୍ରାମବାସୀଙ୍କ ପାଇଁ ଆବଶ୍ୟକ ଥିବା ଲିଖିତଭାବେ ପ୍ରଶାସନକୁ ଜଣାଇଛନ୍ତି । ଗ୍ରାମବାସୀଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ପୁନର୍ବାର ଉଚ୍ଛେଦ ହୋଇଥିବା ଜାଗାକୁ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ମପାଯାଇ ଏକ ସଂସ୍ଥାକୁ ହସ୍ତାନ୍ତର କରିବାକୁ ଉଦ୍ୟମ କରାଯାଉଛି ବୋଲି ସରପଞ୍ଚ ତରାଇଙ୍କ ସହ ଆଇନଜୀବୀ କବିରାଜ ସାହୁ, ଗୋଜାୟାଣୀ ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ସୁଲୋଚନା ବେହେରା ଅଭିଯୋଗ କରିଛନ୍ତି।

# ସମ୍ଭାବ୍ୟ ବର୍ଷା ଆଶଙ୍କାରେ ଚାଷୀ ଆତଙ୍କିତ

**ନିଶ୍ଚିନ୍ତକୋଇଲି,୨।୧(ସ୍ୱ.ପ୍ର.)**



ବିଲରେ ଧାନ କଟାଯିବା ପରେ ଗଦା ହୋଇ ରହିଛି।

■ ଶ୍ରମିକ ଅଭାବରୁ ଖଳାକୁ ଆସିପାରୁନି ଧାନ

■ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିଲା ସୂଚନା

ସମ୍ଭାବ୍ୟ ବର୍ଷା ଆଶଙ୍କାରେ ନିଶ୍ଚିନ୍ତକୋଇଲି ବ୍ଲକରେ ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ନିଜ ବର୍ଷକର ଆହାରକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସେମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ପୂର୍ବରୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୪ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି ବୋଲି ସୂଚନା ଦିଆଯାଇଥିଲା। ବୁଧବାର ରାତିରେ ସାମାନ୍ୟ ବର୍ଷା ହେବା ଦେଖି ବ୍ଲକର ବହୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଥିଲା। ଗୁରୁବାର ସକାଳୁ ବହୁ ଚାଷୀ ବିଲକୁ ଯାଇ ଧାନ କାଟିଥିବା ସୂଚନା ମିଳିଛି। ବହୁ ସ୍ଥାନରେ ଧାନ କଟାଯାଇ ବିଲରେ ଗଦା ହୋଇ ରହିଛି। କେତେକ ସ୍ଥାନରେ ବିଲରୁ ପାଣି ଶୁଖି ନ ଥିବାରୁ ଧାନ କଟାଯାଇପାରିନାହିଁ। ଚଳିତ ବର୍ଷ ବହୁ ଘାତ ପ୍ରତିଘାତରେ ବ୍ଲକର ଚାଷୀମାନେ ଧାନଚାଷ କରିଥିଲେ। ଫନୀ ବାତ୍ୟାଠାରୁ ଆରମ୍ଭ କରି ଜଳ ସେଚନର ଅସୁବିଧା ପର୍ଯ୍ୟନ୍ତ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ମାତ୍ର କ୍ଷେତରେ ଫସଲ ଦେଖି ଅମଳ ଠିକ୍ ରହିବ ବୋଲି ଆଶା କରିଥିଲେ।

ମାତ୍ର ହଠାତ୍ ବର୍ଷା ଆଶଙ୍କାରେ ସେମାନେ ଧାନ କାଟିଦେଇଥିଲେ ମଧ ଶ୍ରମିକ ଅଭାବରୁ ବହୁ ଚାଷୀ ଖଳାକୁ ନେଇପାରି ନାହାନ୍ତି। କେତେ ଜଣ ଚାଷୀ ନିଜ କ୍ଷେତରେ ଛୋଟ ଛୋଟ ଧାନ ଗଦା କରି ରଖିଛନ୍ତି । କଟା ହୋଇଥିବା ଧାନ ଅମଳ ହୋଇ ନ ଥିବାରୁ ବହୁ ଚାଷୀ ଚିନ୍ତାରେ ରହିଛନ୍ତି। ବ୍ଲକର ୪୦ ପ୍ରତିଶତ ଉର୍ଦ୍ଧ୍ୱ ଧାନ କ୍ଷେତରେ ପଡିରହିଥିବା ବେଳେ ୫୦ ପ୍ରତିଶତ ଚାଷୀ ଖଳାକୁ ନେଇଛନ୍ତି। ମାତ୍ର ୧୦ ପ୍ରତିଶତ ଲୋକ ମେଶିନ ସାହାଯ୍ୟରେ ଧାନ ଅମଳ କରିଛନ୍ତି। ଏସମ୍ପର୍କରେ ଚାଷୀ ରଞ୍ଜନ ଦାସ କହିଛନ୍ତି,ବର୍ଷା ହେଲେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡ଼ିବ। ଧାନ ବିଲରେ ପାଣି ଶୁଖି ନଥିବାରୁ କାଟିବାରେ ବିଳମ୍ବ ହୋଇଥିଲା। ଏବେ ବର୍ଷା ଆଶଙ୍କା ଥିବାରୁ ଭୟରେ ବିଲରୁ ଧାନ କାଟି ଦେଇଛୁ। ମାତ୍ର କଟାହୋଇଥିବା ଏହି ଧାନକୁ କିପରି ବର୍ଷା ଦାଉରୁ ରକ୍ଷା କରିବୁ ସେନେଇ ଚିନ୍ତା ବଢ଼ିଯାଇଛି ବୋଲି ଦାସ କହିଛନ୍ତି। କେବଳ ଧାନ ଚାଷୀ ନୁହେଁ ପରିବା ଚାଷୀ ମଧ ବର୍ଷା ଆଶଙ୍କାରେ ଚିନ୍ତିତ ହୋଇପଡ଼ିଛନ୍ତି।। ଆଗକୁ ସାମ୍ବଦଶମୀ ଥିବାରୁ ଚାଷୀମାନେ ବଜାର ଚାହିଦା ଅନୁଯାୟୀ, ପରିବା ଅମଳ ନ କରି ରଖିଥିଲେ। ବର୍ଷା ହେଲେ ପରିବାର ଦର କମିବା ଆଶଙ୍କାରେ ସେମାନେ ଚିନ୍ତା ପ୍ରକଟ କରିଛନ୍ତି।